# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୩/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 13/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୨୫୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 259 ମୂଲ୍ୟ ₹୭/-




**ଶିମରନ ହେଟମେୟରଙ୍କ ପ୍ରଭାବୀ ବ୍ୟାଟିଂ**

ଭାରତ ବିପକ୍ଷ ଟି୨୦ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜର ଶିମରନ ହେଟମେୟର ପ୍ରଭାବୀ ବ୍ୟାଟିଂ କରି ୬୧ରନ କରିଛନ୍ତି।

୧୪

୧୨

**ସୁହାନାଙ୍କ ଉଦାରତାକୁ ପ୍ରଶଂସା**

ଶାହରୁଖ ଖାନ୍‌ଙ୍କ ଝିଅ ସୁହାନା ଖାନ୍ ନିକଟରେ ଏକ ରେଷ୍ଟୁରାଣ୍ଟ ବାହାରେ ଜଣେ ଗରିବ ମହିଳାଙ୍କୁ କିଛି ଟଙ୍କା ଦେଇ ପ୍ରଶଂସାର ପାତ୍ର ହୋଇଛନ୍ତି।



# ସ୍କୁଲରେ ବଜ୍ରପାତ, ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗୁରୁତର



ଆହତ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା କରାଯାଉଛି।

**ପାଟକୁରା, ୧୨।୮ (ରବୀନ୍ଦ୍ର କୁମାର ବାରିକ)**

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ କୁହାନଗରୀ ହାଇସ୍କୁଲ ଉପରେ ଶନିବାର ବଜ୍ରପାତ ହୋଇଛି। ଅପରାହ୍ନରେ ଘଟିଥିବା ଏହି ଦୁଃଖଦ ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗୁରୁତର ହୋଇଛନ୍ତି। ସେମାନଙ୍କୁ ନିକଟସ୍ଥ ସିଏଚ୍‌ସିରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ମଧ୍ୟରୁ ଅମ୍ରିତା ପଣ୍ଡା ଓ ଆଦ୍ୟାଶା ଲକ୍ଷ୍ମୀ ସାମଲଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ସିଏଚ୍‌ସିରେ ଥିବା ଛାତ୍ରୀଛାତ୍ର ଚିକିତ୍ସା ପରେ ☞ପୃଷ୍ଠା-୨

# ଜେନେରିକ୍ ଔଷଧ ଲେଖିବାକୁ ଡାକ୍ତର ବାଧ୍ୟ

- **ଏନ୍‌ଏମ୍‌ସି ଜାରିକଲା ନୂଆ ଗାଇଡ୍‌ଲାଇନ୍**
- **ଉଲ୍ଲଂଘନ କଲେ ରଦ୍ଦ ହେବ ଲାଇସେନ୍ସ**

**ନୂଆଦିଲ୍ଲୀ, ୧୨।୮**

ଦେଶର ସମସ୍ତ ଡାକ୍ତର ରୋଗୀଙ୍କ ପାଇଁ ଜେନେରିକ୍ ମେଡିସିନ ଲେଖିବାକୁ ବାଧ୍ୟ। ଏଥିରେ ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରି କି ସମ୍ପୃକ୍ତ ଡାକ୍ତରଙ୍କ ପ୍ରାକ୍ଟିସ୍ ଲାଇସେନ୍ସ ମଧ୍ୟ ରଦ୍ଦ କରାଯିବ ବୋଲି ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ପକ୍ଷରୁ ଜାରି ନୂଆ ନିୟାମକରେ ଉଲ୍ଲେଖ କରାଯାଇଛି।

ପ୍ରଫେସନାଲ କଣ୍ଡକ୍ଟ ଅଫ୍ ରେଜିଷ୍ଟର୍ଡ ମେଡିକାଲ ପ୍ରାକ୍ଟିସନର୍ସ ସମ୍ପର୍କିତ ଏନ୍‌ଏମ୍‌ସି ରେଗୁଲେଶନ୍ସରେ ଡାକ୍ତରମାନଙ୍କୁ ବ୍ରାଣ୍ଡେଡ୍ ଜେନେରିକ୍ ମେଡିସିନ ପ୍ରେସ୍କ୍ରାଇବ୍ କରିବାକୁ ବାରଣ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଡାକ୍ତରମାନଙ୍କୁ ଜେନେରିକ୍ ମେଡିସିନ୍ ଲେଖିବା ପାଇଁ ନିର୍ଦ୍ଦେଶ ରହିଥିଲେ ହେଁ ଏଥିରେ ବିଚ୍ୟୁତି ପରିଲକ୍ଷିତ ହେଲେ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଇଣ୍ଡିଆନ୍ ମେଡିକାଲ୍ କାଉନ୍‌ସିଲ ପକ୍ଷରୁ କୌଣସି ନିୟମ କରାଯାଇ ନ ଥିଲା। ଅଗଷ୍ଟ ୨ରେ ଜାରି ଏନ୍‌ଏମ୍‌ସି ରେଗୁଲେଶନ୍ସ ଅନୁସାରେ ଭାରତରେ ଲୋକେ ସେମାନଙ୍କ ଆୟର ଏକ ବଡ଼ ଅଂଶ ଚିକିତ୍ସା ପାଇଁ ଖର୍ଚ୍ଚ କରିଥାଆନ୍ତି। ଜେନେରିକ୍ ଔଷଧ ବ୍ରାଣ୍ଡେଡ୍ ମେଡିସିନ୍ ତୁଳନାରେ ୩୦-୮୦% ଶସ୍ତା। ତେଣୁ ଦେଶର ସମସ୍ତ ଡାକ୍ତର ଜେନେରିକ୍ ମେଡିସିନ ଲେଖିବା ଅଭ୍ୟାସ କଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରର ଏକ ବଡ଼ ଖର୍ଚ୍ଚ ବଞ୍ଚିଯିବ। ଏଥିସହ ଗୁଣବତ୍ତାଯୁକ୍ତ ଚିକିତ୍ସାରେ



ପରିବର୍ତ୍ତନ ଆସିପାରିବ। ଏନ୍‌ଏମ୍‌ସିର ଏହି ନିୟାମକ ଅଧୀନ ଜେନେରିକ୍ ମେଡିସିନ ଓ ପ୍ରେସ୍କ୍ରିପ୍‌ଶନ ଗାଇଡ୍‌ଲାଇନ ଅନୁସାରେ ଜେନେରିକ୍ ଔଷଧ ହେଉଛି ଏକ ଡ୍ରଗ୍ ଉତ୍ପାଦ, ଯାହାକି ବ୍ରାଣ୍ଡେଡ୍ କିମ୍ବା ରେଫରେନ୍ସ ଦ୍ୱାରା କିଣାଯାଉଥିବା ମେଡିସିନ୍ ସହ ତୁଳନୀୟ। ଅନ୍ୟପକ୍ଷେ ବ୍ରାଣ୍ଡେଡ୍ ଜେନେରିକ୍ ଔଷଧକୁ ଡ୍ରଗ୍ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ପେଟେଣ୍ଟ କରାଯାଇଥିବାରୁ ସେଗୁଡ଼ିକ ଭିନ୍ନ ଭିନ୍ନ ବ୍ରାଣ୍ଡରେ ଉପଲବ୍ଧ ହୋଇଥାଏ। ଏଭଳି ଔଷଧ ବ୍ରାଣ୍ଡେଡ୍ ପେଟେଣ୍ଟ ଭର୍ସନ ତୁଳନାରେ ଅପେକ୍ଷାକୃତ ଶସ୍ତା ହୋଇଥିଲେ ହେଁ ସାଧାରଣ ଜେନେରିକ୍ ଔଷଧଠାରୁ ସାମାନ୍ୟ ଅଧିକ ମହଙ୍ଗା ରହିଥାଏ। ଦେଶରେ ବ୍ରାଣ୍ଡେଡ୍ ଜେନେରିକ୍ ଔଷଧଗୁଡ଼ିକର ମୂଲ୍ୟ ନିୟନ୍ତ୍ରଣ ପାଇଁ ନିୟାମକ ନିୟନ୍ତ୍ରଣ ନାହିଁ।

ପ୍ରତ୍ୟେକ ରେଜିଷ୍ଟର୍ଡ ମେଡିକାଲ ପ୍ରାକ୍ଟିସନର୍ସ (ଆର୍‌ଏମ୍‌ପି) ରୋଗୀଙ୍କ ପାଇଁ ଔଷଧ ଲେଖିବାବେଳେ ଭଲଭାବେ ପଢ଼ିହେବା ଭଳି ଅକ୍ଷରରେ ନାମ ଉଲ୍ଲେଖ କରିବେ। ତ୍ରୁଟି ଏଡ଼ାଇବା ପାଇଁ କ୍ୟାପିଟାଲ ଲେଟରରେ ଲେଖିବେ କିମ୍ବା ଟାଇପ୍ କରି ପ୍ରେସ୍କ୍ରିପଶନ୍ ଦେବେ। କେବଳ ଏତିକି ନୁହେଁ, ଲୋକେ ଯେପରି ଅଯଥା ଖର୍ଚ୍ଚାନ୍ତ ନ ହେବେ ସେଥିଲାଗି ଡାକ୍ତରମାନେ କମ୍ ପରିମାଣର ଔଷଧ ଲେଖିବେ। ତାହା ପୁଣି ବଜାରରେ ଉପଲବ୍ଧ ହେଉଥିବା ଆବଶ୍ୟକ। ଚିକିତ୍ସକମାନେ ଜନ ଔଷଧୀ କେନ୍ଦ୍ର ଓ ଅନ୍ୟ ଜେନେରିକ୍ ଫାର୍ମାସି ଆଉଟ୍‌ଲେଟ୍‌ଗୁଡ଼ିକରେ ଉପଲବ୍ଧ ଜେନେରିକ୍ ମେଡିସିନ କିଣିବାକୁ ରୋଗୀଙ୍କୁ ଉତ୍ସାହିତ କରିବେ। ଏହାକୁ ଉଲ୍ଲଂଘନ କଲେ ସମ୍ପୃକ୍ତ ଡାକ୍ତରଙ୍କୁ ପ୍ରଥମେ ନିୟାମକ ପ୍ରତି ସଚେତନ ହେବାକୁ ଚେତାବନୀ ଦିଆଯିବ ଅଥବା ଏକ କର୍ମଶାଳା କିମ୍ବା ଶୈକ୍ଷିକ କାର୍ଯ୍ୟକ୍ରମରେ ଭାଗନେବା ପାଇଁ ନିର୍ଦ୍ଦେଶ ଦିଆଯିବ। କିନ୍ତୁ ବାରମ୍ବାର ଉଲ୍ଲଂଘନ କଲେ ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ଡାକ୍ତରଙ୍କ ପ୍ରାକ୍ଟିସ୍ ଲାଇସେନ୍ସ ରଦ୍ଦ କରାଯାଇପାରେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

**ଆଜିର ସମ୍ପାଦକୀୟ** ବ୍ୟକ୍ତି ସ୍ୱାଧୀନତାର ବିରୋଧୀ

ନକଲି ସାର୍ଟିଫିକେଟ ଯୋଗାଇ ବାପପୁଅ ଗିରଫ | ପୃଷ୍ଠା-୨







## ସଂକ୍ଷେପରେ

### ଆତିକ୍ ଅହମଦ ହତ୍ୟା ମାମଲା

## ୧୮୩ ପୋଲିସ ଏନ୍‌କାଉଣ୍ଟରର ଷ୍ଟାଟସ୍ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୨।୮:** ପୂର୍ବତନ ଲୋକ ସଭା ସଦସ୍ୟ ଆତିକ ଅହମଦ ଓ ତାଙ୍କ ଭାଇ ଅଶ୍ରଫଙ୍କୁ ଗତ ଏପ୍ରିଲ ୧୫ରେ ପ୍ରୟାଗରାଜଠାରେ ପୋଲିସ ଏନ୍‌କାଉଣ୍ଟରରେ ମାରିଦିଆଯାଇଥିଲା। ଏହା ପଛରେ କେହି ସହଅପରାଧୀ ରହିଥିବା ସୁପ୍ରିମକୋର୍ଟ କହିବା ସହ ଉତ୍ତର ପ୍ରଦେଶ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ୨୦୧୭ରୁ ଉତ୍ତରପ୍ରଦେଶରେ ଘଟିଥିବା ୧୮୩ ପୋଲିସ ଏନ୍‌କାଉଣ୍ଟରର ଷ୍ଟାଟସ୍ ରିପୋର୍ଟ ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ମାଗିଛନ୍ତି। ୨୦୧୭ ମାର୍ଚ୍ଚରେ ଯୋଗୀ ଆଦିତ୍ୟନାଥ ସରକାର କ୍ଷମତାକୁ ଆସିବା ପରେ ପୋଲିସ ଏନ୍‌କାଉଣ୍ଟରରେ ୧୮୩ ଜଣଙ୍କ ମୃତ୍ୟୁ ଘଟିଛି। ସେଥିରୁ ଅଧିକାଂଶ ପ୍ରାୟୋଜିତ। ୟୁପି ସରକାର ୬ ସପ୍ତାହ ମଧ୍ୟରେ ଏନ୍‌କାଉଣ୍ଟରର ସବିଶେଷ ବିବରଣୀ, ତଦନ୍ତର ସ୍ଥିତି ଏବଂ ତଳ କୋର୍ଟରେ ଦାଖଲ ହୋଇଥିବା ଚାର୍ଜଶିଟ୍‌ର ସ୍ଥିତି ସତ୍ୟପାଠ ଜରିଆରେ ଜଣାଇବା ପାଇଁ ଜଷ୍ଟିସ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ଅରବିନ୍ଦ କୁମାରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତ ଆସିବେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୨।୮:** ସେପ୍ଟେମ୍ବର ୯ ଓ ୧୦ରେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜି-୨୦ ସମ୍ମିଳନୀରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ ଯୋଗଦେବେ। ଜି-୨୦ ବିକାଶଶୀଳ ରାଷ୍ଟ୍ରଙ୍କ ଏକ ଫୋରମ। ତେଣୁ ବିଶ୍ୱର ବିଭିନ୍ନ ବିକାଶଶୀଳ ରାଷ୍ଟ୍ରମୁଖ୍ୟମାନେ ଏହା ଉପରେ ଅଧିକ ଫୋକସ କରୁଛନ୍ତି। ଅଷ୍ଟ୍ରେଲିଆ ତା'ର ବୈଦେଶିକ ସହଯୋଗୀଙ୍କ ସହ ମିଶି କାମ କରୁଛି।


ଆନ୍ଥୋନି ଆଲବାନିସ

ଜି-୨୦ ସମ୍ମିଳନୀରେ ଉଦ୍‌ବୋଧନ ଦେବା ଏବଂ ନିଜ ନିଜର ଚାଲେଞ୍ଜକୁ ଉପସ୍ଥାପନ କରିବା ଆମର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଆଲବାନିସ କହିଛନ୍ତି।

## ଭାଜପା ନେତ୍ରୀ ହତ୍ୟା ଘଟଣାରେ ସ୍ୱାମୀ ଗିରଫ


ସାନା ଖାନ୍

**ନାଗପୁର, ୧୨।୮:** ନାଗପୁରର ମହିଳା ଭାଜପା ନେତ୍ରୀ ସାନା ଖାନ୍ ହତ୍ୟା ଘଟଣାରେ ତାଙ୍କ ସ୍ୱାମୀ ଅମିତ ସାହୁଙ୍କୁ ପୋଲିସ ମଧ୍ୟପ୍ରଦେଶର ଜବଲପୁରରୁ ଗିରଫ କରିଛି। ଅମିତ ଏହି ଅପରାଧ ଘଟଣାଇଥିବା ସ୍ୱୀକାର କରିଥିବାବେଳେ ପୋଲିସ ତାଙ୍କୁ ଓ ତାଙ୍କର ଜଣେ ସହଯୋଗୀଙ୍କୁ ଗିରଫ କରିଛି। ହତ୍ୟା ପରେ ସାନାଙ୍କ ଶବକୁ ଅଭିଯୁକ୍ତ ଅମିତ ନଦୀରେ ଫିଙ୍ଗି ଦେଇଥିଲେ। ଯାହା ବର୍ତ୍ତମାନ ସୁଦ୍ଧା ଉଦ୍ଧାର ହୋଇନାହିଁ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ ସାନା ଭାଜପା ସଂଖ୍ୟାଲଘୁ ସେଲର ସଦସ୍ୟା ଥିଲେ। ତେବେ ସେ ଗତ କିଛି ଦିନ ତଳେ ଜବଲପୁରକୁ ବୁଲିବାକୁ ଯାଇଥିବାବେଳେ ସେଠାରୁ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଥିଲା।


ପଶ୍ଚିମବଙ୍ଗର ନଦିଆଠାରେ ମତ୍ସ୍ୟଜୀବୀମାନେ ହୁଗ୍ଲି ନଦୀରେ ଜାଲ ପକାଇ ମାଛ ଧରୁଛନ୍ତି।

## ପାଠ୍ୟପୁସ୍ତକ ପ୍ରସ୍ତୁତି କମିଟିରେ ସୁଧା ମୂର୍ତ୍ତି, ଶଙ୍କର ମହାଦେବନ

ନୂଆଦିଲ୍ଲୀ,୧୨।୮(ପି.ଟି.)





ନୂଆ ପାଠ୍ୟକ୍ରମ ଅନୁଯାୟୀ ସଂଶୋଧିତ ପାଠ୍ୟପୁସ୍ତକ ପ୍ରସ୍ତୁତି ଲାଗି ଏନ୍‌ସିଇଆର୍‌ଟି ଏକ ନୂଆ କମିଟି ଗଠନ କରିଛି। ସେଥିରେ ଇନ୍‌ଫୋସିସ୍ ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ସୁଧା ମୂର୍ତ୍ତି, ସଙ୍ଗୀତ ବିଶାରଦ ଶଙ୍କର ମହାଦେବନ, ଅର୍ଥନୀତିଜ୍ଞ ସଞ୍ଜୀବ ସାନ୍ୟାଲଙ୍କ ସମେତ ୧୯ ସଦସ୍ୟ ରହିଛନ୍ତି। ଜାତୀୟ ଶିକ୍ଷାନୁଷ୍ଠାନ ଯୋଜନା ଓ ପ୍ରଶାସନ (ଏନ୍‌ଆଇଇପିଏ)ର ଚାନ୍‌ସେଲର ଏମ୍.ସି. ପନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୧୯ ସଦସ୍ୟ ବିଶିଷ୍ଟ ନ୍ୟାଶନାଲ ସିଲାବସ୍ ଆଣ୍ଡ ଟିଚିଂ ଲର୍ଣ୍ଣିଂ ମ୍ୟାଟେରିଆଲ୍ କମିଟି ତୃତୀୟରୁ ଦ୍ୱାଦଶ ଶ୍ରେଣୀ ପାଇଁ ପାଠ୍ୟପୁସ୍ତକ ବିକଶିତ କରିବ। ଏହା ବ୍ୟତୀତ ଅନ୍ୟାନ୍ୟ ପାଠ୍ୟୋପକରଣ ମଧ୍ୟ ଉକ୍ତ କମିଟି ପ୍ରସ୍ତୁତ କରିବ। ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ (ଏନ୍‌ସିଇଆର୍‌ଟି) ଉକ୍ତ ପୁସ୍ତକଗୁଡ଼ିକ ପ୍ରକାଶ କରି ବ୍ୟବହାର କରିବ। ପ୍ରତି ଶିକ୍ଷଣ ଅଞ୍ଚଳ ପାଇଁ ଶିକ୍ଷଣ ସହାୟକ ସାମଗ୍ରୀ ପ୍ରସ୍ତୁତିରେ ଏନ୍‌ଏସ୍‌ଟିସିକୁ କରିକୁଲାର ଏରିଆ ଗ୍ରୁପ୍ (ସିଏଜି)ଗୁଡ଼ିକ ସହାୟତା କରିବେ। ସେମାନେ ଏଥିପାଇଁ ଉପଯୁକ୍ତ ବିଶେଷଜ୍ଞଙ୍କୁ ସାମିଲ କରିବେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଜଘନ୍ୟ ଅପରାଧ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

## ପ୍ରସ୍ତାବିତ ଆଇନ: ହତ୍ୟା ଅପରାଧ ନିମନ୍ତେ ରହିବ ଧାରା ୧୦୧

ନୂଆଦିଲ୍ଲୀ,୧୨।୮

ଭାରତୀୟ ଦଣ୍ଡ ସଂହିତା, ୧୮୬୦ ବଦଳରେ ଅଣାଯିବାକୁ ଥିବା ଭାରତୀୟ ନ୍ୟାୟ ସଂହିତାରେ ଆତଙ୍କବାଦ ଏବଂ ସଂଗଠିତ ସିଣ୍ଡିକେଟ୍ ଦ୍ୱାରା କରାଯାଉଥିବା ଜଘନ୍ୟ ଅପରାଧକୁ ରୋକିବା ଲାଗି ଅନେକ ସ୍ୱତନ୍ତ୍ର ବ୍ୟବସ୍ଥା ରଖାଯାଇଛି। ଏଭଳି ଅପରାଧରୁ ହେଉଥିବା ଆର୍ଥିକ ଉପାର୍ଜନକୁ ରୋକିବା ଲାଗି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଚଳିତ ଆଇନ ଅନେକ ସମୟରେ ପଳାତକ ଏବଂ ଦେଶ ବାହାରେ ଥିବା ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ସକ୍ଷମ ହେଉନାହିଁ। ସେଭଳି ପଳାତକମାନଙ୍କୁ ଆଣି ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବା ଓ ଦଣ୍ଡବିଧାନ କରାଇବା ନିମନ୍ତେ ନୂଆ ବିଲ୍ ପୋଲିସକୁ ଅଧିକ କ୍ଷମତା ପ୍ରଦାନ କରିବ। ସେମାନେ ଅପରାଧରେ ସମ୍ପୃକ୍ତ ହୋଇ ଯେଉଁ ଆର୍ଥିକ ଲାଭ ଉଠାଇଥିବେ,



ସେଗୁଡ଼ିକୁ ମଧ୍ୟ ଜବତ କରାଯିବ। ସେହିପରି ଆତଙ୍କବାଦୀ କାର୍ଯ୍ୟ ଓ ସଂଗଠିତ ଅପରାଧ ପାଇଁ ପ୍ରେରିତ କରୁଥିବା ଦେଶ ବାହାର ବ୍ୟକ୍ତି ମଧ୍ୟ ଦଣ୍ଡିତ ହୋଇପାରିବେ।

ନୂଆ ଆଇନରେ ଆପରାଧିକ ଷଡ଼ଯନ୍ତ୍ରର ବିଦେଶୀ ଲିଙ୍କ ଖୋଜି ବାହାର କରିବା ସହ ସଂଗଠିତ ଅପରାଧ ଏବଂ ଆତଙ୍କବାଦ ତଥା ଭାରତରେ ଅପରାଧ ଘଟାଇବା ପାଇଁ ଉସୁକାଉଥିବା ବିଦେଶୀଙ୍କୁ ଦଣ୍ଡ ଦେବା ଲାଗି ପୋଲିସ ସକ୍ଷମ ହେବ। ଆପରାଧିକ ଷଡ଼ଯନ୍ତ୍ରର ସୀମାର ସଂଜ୍ଞା ନିରୂପଣ ଲାଗି ସାଧାରଣ ଲକ୍ଷ୍ୟ ତତ୍ତ୍ୱର ପ୍ରଚଳନ କରାଯାଇଛି।

ସାଧାରଣରେ '୪୨୦' କହିଲେ ଠକେଇ ଓ ପ୍ରତିଶ୍ରୁତି ନ ରଖିବାକୁ ବହୁ ପିଢ଼ି ଧରି ଲୋକେ ବୁଝୁଥିଲେ। ଆଇପିସିର ଏହି ଧାରାକୁ ନେଇ ବଲିଉଡ୍ ଚଳଚ୍ଚିତ୍ର ଶ୍ରୀ ୪୨୦ ପ୍ରସ୍ତୁତ ହୋଇଥିଲା। ଏହି ଧାରାକୁ ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୩୧୬ରେ ରଖାଯାଇଛି। ସେହିପରି ହତ୍ୟାକାଣ୍ଡ ପାଇଁ ଆଇପିସିରେ ରହିଥିବା ଧାରା ୩୦୨କୁ ପ୍ରସ୍ତାବିତ ନୂଆ ଆଇନରେ ଧାରା ୧୦୧ରେ ରଖାଯାଇଛି। ବେଆଇନ ଜନସମାଗମକୁ ରୋକିବା ଲାଗି ରହିଥିବା ଆଇପିସିର ଧାରା ୧୪୪ ଏବେ ପ୍ରସ୍ତାବିତ ନୂଆ ଆଇନରେ ଧାରା ୧୮୭ରେ ରହିଛି। ଦୀର୍ଘବର୍ଷ ଧରି ଆଇପିସିରେ ଅନେକ ନୂଆ ଧାରା ଓ ଉପଧାରା ସଂଯୋଗ ଯୋଗୁ ଦଣ୍ଡ ସଂହିତା ପୃଥୁଳାକାର ହୋଇଛି। ଆଇନକୁ ଅଧିକ ସମସାମୟିକ, ସଶକ୍ତ ଓ ତାଜା କରିବା ପାଇଁ ପୁନର୍ଲିଖନର ଉଦ୍ୟମ କରାଯାଇଛି। ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲା ପରେ ୩ ପ୍ରମୁଖ ଆପରାଧିକ ଆଇନରେ ସଂଶୋଧନ କରାଯାଇଥିଲା। ଏହା ସଂକ୍ଷିପ୍ତ ପରିବର୍ତ୍ତନ ଥିଲା। ଆଇପିସିରେ ୫୧୧ଟି ଧାରା ରହିଥିବାବେଳେ ଭାରତୀୟ ନ୍ୟାୟ ସଂହିତାରେ ୩୫୬ ଧାରା ରହିବ। ସେଥିରୁ ୧୭୫ଟି ସଂଶୋଧିତ ହୋଇଛି। ୮ଟି ନୂଆ ଧାରା ଯୋଡ଼ାଯାଇଥିବାବେଳେ ୨୨ଟିକୁ ରଦ୍ଦ କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ୪୦ ବର୍ଷର ପୁରୁଣା ଅପରାଧ ପ୍ରକ୍ରିୟା ସଂହିତା (ସିଆର୍‌ପିସି) ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ପ୍ରମାଣ ଆଇନ ବଦଳରେ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆସିବ। ଅନେକ ଉପନିବେଶୀୟ ଶବ୍ଦକୁ ହଟାଇଦିଆଯାଇ ଉକ୍ତ ପ୍ରସ୍ତାବିତ ଆଇନକୁ ଅଧିକ ପ୍ରାସଙ୍ଗିକ କରାଯାଇଛି।

ଅନ୍ୟପକ୍ଷରେ ଆଇପିସି ବଦଳରେ ଅଣାଯାଇଥିବା ଭାରତୀୟ ନ୍ୟାୟ ସଂହିତା ବିଲ୍ ରାଜନୀତିକୁ ଶେଷ କରିବା ପାଇଁ ପୋଲିସ କ୍ଷମତାର ଦୁରୁପଯୋଗ ଲାଗି ଅନୁମତି ଦେବ ବୋଲି ପୂର୍ବତନ ଆଇନ ମନ୍ତ୍ରୀ କପିଲ ସିବଲ ଶନିବାର ଅଭିଯୋଗ କରିଛନ୍ତି। ବିରୋଧୀଙ୍କ ମୁହଁ ବନ୍ଦ କରିବା ନୂଆ ଆଇନ ଆଣିବା ପଛରେ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

## ୟୁକ୍ରେନ୍‌ର ୨୦ ଡ୍ରୋନ୍ ଖସାଇଲା ରୁଷିଆ

କିଭ୍, ୧୨।୮

ରୁଷିଆ ବାୟୁସେନା ୟୁକ୍ରେନର ୨୦ଟି ଡ୍ରୋନ୍‌କୁ ଗୁଳିମାଡ଼ କରି ଖସାଇ ଦେଇଛି ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଶନିବାର କୁହାଯାଇଛି। ରୁଷିଆ ବାୟୁ ସେନା ୧୪ଟି ଡ୍ରୋନ୍‌କୁ ଗୁଳିମାଡ଼ କରି ଖସାଇ ଥିବାବେଳେ ଅନ୍ୟ ୬ଟି ଯାନ୍ତ୍ରିକ ତ୍ରୁଟି ଯୋଗୁ କୌଣସି କାମ କରିନଥିଲା ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ଏହି ଘଟଣାରେ କେତେ କ୍ଷୟକ୍ଷତି ହୋଇଛି ସେନେଇ କୌଣସି ସୂଚନା ଦିଆଯାଇନାହିଁ। ସେହିପରି ଏହି ଆକ୍ରମଣରେ ୟୁକ୍ରେନର ସମ୍ପୃକ୍ତି ଅଛି କି ନାହିଁ ସେନେଇ କିଭ୍ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇନାହିଁ।

ରୁଷିଆର ରାଜଧାନୀ ମସ୍କୋ ଉପରେ କ୍ରମାଗତ ୩ ଦିନ ଧରି ଡ୍ରୋନ୍ ଆକ୍ରମଣ କରାଯାଇଥିଲା। ୧୭ ମାସର ଯୁଦ୍ଧ ଅବଧି ମଧ୍ୟରେ ପ୍ରଥମ କରି ଡ୍ରୋନ ଯୋଗେ ଗୁଳିମାଡ଼ କରାଯିବାକୁ ଉଦ୍ୟମ କରାଯାଇଥଲା। କିନ୍ତୁ ସେଗୁଡିକୁ କିଛି ସମୟ ମଧ୍ୟରେ ହିଁ ଖସାଇ ଦିଆଯାଇଥିଲା। ଗତ କିଛି ସପ୍ତାହ ମଧ୍ୟରେ ଉଭୟ ମସ୍କୋ ଓ କ୍ରିମିଆ ଉପରେ ଡ୍ରୋନ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ପୃଥିବୀର ଅଧିକାଂଶ ଦେଶ ବେଆଇନ ବୋଲି ଘୋଷଣା କରିଛନ୍ତି।

## ପାର୍ଲାମେଣ୍ଟ ଅଧା ସମୟ ଚାଲିନାହିଁ

ନୂଆଦିଲ୍ଲୀ,୧୨।୮(ପି.ଟି.)

ମୌସୁମୀ ଅଧିବେଶନରେ ପାର୍ଲାମେଣ୍ଟ ଧାର୍ଯ୍ୟ ସମୟର ଅଧା ମଧ୍ୟ ଚାଲି ନ ଥିଲା। ଲୋକ ସଭା ଧାର୍ଯ୍ୟ ସମୟର ମାତ୍ର ୪୩ ପ୍ରତିଶତ ଚାଲିଥିବାବେଳେ ରାଜ୍ୟ ସଭା ୫୫ ପ୍ରତିଶତ ଚାଲିଥିଲା। ତେବେ ସ୍ୱଳ୍ପ ସମୟରେ ଅଧିକ ବିଧେୟକ ଅନୁମୋଦନ ଲାଭ କରିଥିଲା। ଏହି ସମୟ ମଧ୍ୟରେ ମୋଟ ୨୩ଟି ବିଲ୍ ଗୃହୀତ ହୋଇଥିବା ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ତଥ୍ୟରୁ ଜଣାପଡ଼ିଛି। ତଥ୍ୟ ଅନୁଯାୟୀ ଲୋକ ସଭାରେ ୧୭ଟି କାର୍ଯ୍ୟଦିବସରେ ମୋଟ ୪୪ ଘଣ୍ଟା ୧୫ ମିନିଟ ପାଇଁ ଚାଲିଥିଲା। ସରକାରଙ୍କ ବିରୋଧରେ ବିରୋଧୀ ମେଣ୍ଟ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ୧୯ ଘଣ୍ଟା ୫୯ ମିନିଟ ଆଲୋଚନା ହୋଇଥିଲା ଓ ସମୁଦାୟ ୬୦ ସଦସ୍ୟ ଏଥିରେ ଭାଗ ନେଇଥିଲେ। ବିରୋଧୀଙ୍କ କକ୍ଷତ୍ୟାଗ ମଧ୍ୟରେ ବାଚନିକ ଭୋଟରେ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଥିଲା। ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର (ସଂଶୋଧନ) ବିଲ୍, ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍‌ଶନ ବିଲ୍, ଜଙ୍ଗଲ (ସଂରକ୍ଷଣ) ସଂଶୋଧନ ବିଲ୍, ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍ ସମେତ ମୋଟ ୨୩ ବିଲ୍ ଗୃହୀତ ହୋଇଥିଲା। ୫୬ ପ୍ରତିଶତ ବିଲ୍ ଉଭୟ ଗୃହର ଅନୁମୋଦନ ଲାଭ କରିଥିଲା। ପ୍ରାୟତଃ ବିଲ୍ ଆଗତ ହେବାର ୮ ଦିନ ମଧ୍ୟରେ ଗୃହୀତ ହୋଇଥିଲା। ଆଗତ ବିଲ୍ ମଧ୍ୟରୁ ୩ଟିକୁ କମିଟିର ଅନୁଧ୍ୟାନ ପାଇଁ ପଠାଯାଇଥିଲା। ପାସ୍ ହୋଇଥିବା ୨୩ ବିଲ୍ ମଧ୍ୟରୁ ୭ଟିକୁ ଷ୍ଟାଣ୍ଡିଂ କମିଟି ଅନୁଧ୍ୟାନ କରିଥିଲା ବୋଲି ପିଆର୍‌ଏସ୍ କହିଛି। ଦିଲ୍ଲୀ ସେବା ବିଲ୍ ଉପରେ ଲୋକ ସଭାରେ ସର୍ବାଧିକ ୪ ଘଣ୍ଟା ୫୪ ମିନିଟ ଏବଂ ରାଜ୍ୟ ସଭାରେ ୮ ଘଣ୍ଟା ଆଲୋଚନା ହୋଇଥିଲା। ଡିଜିଟାଲ ଡେଟା ସୁରକ୍ଷା ବିଲ୍ ଲୋକ ସଭାରେ ୫୬ ମିନିଟ ଏବଂ ରାଜ୍ୟ ସଭାରେ ଘଣ୍ଟାଏରୁ ଅଧିକ ସମୟ ଆଲୋଚନା ହୋଇଥିଲା। ସିଜିଏସ୍‌ଟି ଏବଂ ଆଇଜିଏସ୍‌ଟି ସଂଶୋଧନ ବିଲ୍ ମାତ୍ର ୨ ମିନିଟରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ନ୍ୟାଶନାଲ ନର୍ସିଂ ଆଣ୍ଡ ମିଡ୍‌ୱାଇଫେରି କମିଶନ ଏବଂ ନ୍ୟାଶନାଲ ଡେଣ୍ଟାଲ କମିଶନ ଗଠନ ଲାଗି ଅଣାଯାଇଥିବା ବିଲ୍ ୩ ମିନିଟରେ ଗୃହୀତ ହୋଇଥିଲା। ରାଜ୍ୟ ସଭାରେ କ୍ରମାଗତ ୩ ଦିନରେ ୧୦ ବିଲ୍‌କୁ ଅନୁମୋଦନ ମିଳିଥିଲା।

### ନୁହ ଘଟଣାରେ ମିଥ୍ୟା ଟୁଇଟ୍

## ଟିଭି ଚ୍ୟାନେଲ ସମ୍ପାଦକ ଗିରଫ

ନୂଆଦିଲ୍ଲୀ, ୧୨।୮

ସୋସିଆଲ ମିଡିଆରେ ନୁହ ହିଂସାକାଣ୍ଡକୁ ନେଇ ମିଥ୍ୟା ଓ ବିବାଦୀୟ ପୋଷ୍ଟ କରିଥିବା ଜଣେ ଟିଭି ନ୍ୟୁଜ ଚ୍ୟାନେଲ ସମ୍ପାଦକଙ୍କୁ ଗୁରୁଗ୍ରାମ ପୋଲିସ ଗିରଫ କରିଛି। ଅଭିଯୁକ୍ତ ମୁକେଶ କୁମାରଙ୍କୁ କିଛି ଗୁଣ୍ଡାଶ୍ରେଣୀର ଲୋକେ ଅପହରଣ କରିନେଇଥିବା ନେଇ ଏହି ଚ୍ୟାନେଲରେ ଖବର ପ୍ରସାରଣ ହୋଇଥିଲା। ଅପରପକ୍ଷେ ତାଙ୍କୁ ସାଇବର କ୍ରାଇମ ଡିଭିଜନ ପକ୍ଷରୁ ଗିରଫ କରାଯାଇଛି ବୋଲି ପୋଲିସ କହିଥିଲା। କତର ନ୍ୟୁଜ ଚ୍ୟାନେଲ ଚାପରେ ହରିୟାଣା ପୋଲିସ ହିନ୍ଦୁକର୍ମୀଙ୍କୁ ଗିରଫ କରିଛି ଏବଂ ଏହି ସାମ୍ପ୍ରଦାୟିକ ଦଙ୍ଗାରେ ସମ୍ପୃକ୍ତ ହିନ୍ଦୁ ଗୋଷ୍ଠୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବୈଦେଶିକ ନ୍ୟୁଜ ଚ୍ୟାନେଲ ପକ୍ଷରୁ ଗୁରୁଗ୍ରାମ ପୋଲିସ କମିଶନର କାଲା ରାମଚନ୍ଦ୍ରନଙ୍କୁ ଟେଲିଫୋନ ଯୋଗେ କୁହାଯାଇଛି ବୋଲି ମଧ୍ୟ ମୁକେଶ ଟୁଇଟ୍ କରିଥିଲେ। ତେଣୁ ତାଙ୍କ ବିରୋଧରେ ପୋଲିସ ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି।

## ଅନୱାର-ଉଲ୍-ହକ୍ କାମଚଳା ପାକ୍ ପ୍ରଧାନମନ୍ତ୍ରୀ


ଅନୱାର-ଉଲ୍-ହକ୍ କକର

ଇସ୍‌ଲାମାବାଦ,୧୨।୮(ପି.ଟି.)

ସିନେଟର ଅନୱାର-ଉଲ୍-ହକ୍ କକରଙ୍କୁ ଶନିବାର ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ କରାଯାଇଛି। ବର୍ଷ ଶେଷ ଭାଗରେ ପାକିସ୍ତାନରେ ସାଧାରଣ ନିର୍ବାଚନ କକରଙ୍କ ତତ୍ତ୍ୱାବଧାନରେ ହେବ। ବିଦାୟୀ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏବଂ ବିରୋଧୀ ଦଳ ନେତା ରାଜା ରିଆଜ୍ କାମଚଳା ପ୍ରଧାନମନ୍ତ୍ରୀ ଭାବେ କକରଙ୍କୁ ବାଛିଥିଲେ। ବେଲୁଚିସ୍ତାନ ଆୱାମୀ ପାର୍ଟିର ସିନେଟର କକରଙ୍କ ନିଯୁକ୍ତିକୁ ରାଷ୍ଟ୍ରପତି ଆରିଫ୍ ଆଲ୍‌ଭି ଅନୁମୋଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ଶରିଫ ଗତ ୯ ତାରିଖରେ ଜାତୀୟ ଆସେମ୍ବ୍ଲି ଭଙ୍ଗ ପାଇଁ ସୁପାରିସ କରିଥିଲେ।

## ସେପ୍ଟେମ୍ବରରେ ଫେରିବେ ନୱାଜ

ଇସ୍‌ଲାମାବାଦ,୧୨।୮

### ନିର୍ବାଚନରେ ଦଳର ନେତୃତ୍ୱ ନେବେ


ନୱାଜ ଶରିଫ

ସୁପ୍ରିମକୋର୍ଟ (ରାୟ ଓ ନିର୍ଦ୍ଦେଶର ସମୀକ୍ଷା) ଆଇନ, ୨୦୨୩ ଉପରେ ସର୍ବୋଚ୍ଚ ଅଦାଲତଙ୍କ ରାୟର ସମୟକୁ ନେଇ ପାକିସ୍ତାନର ବିଦାୟୀ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଦୁଃଖ ପ୍ରକାଶ କରିଛନ୍ତି। ତେବେ ଅଦାଲତଙ୍କ ଏହି ନିଷ୍ପତ୍ତି ପାକିସ୍ତାନ ମୁସଲିମ୍ ଲିଗ୍ ନୱାଜ (ପିଏମ୍‌ଏଲ୍-ଏନ୍)ର ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ପାକିସ୍ତାନ ଫେରିବା ଯୋଜନାକୁ ପ୍ରଭାବିତ କରିବ ନାହିଁ। ସେ ଆସନ୍ତା ମାସରେ ପାକିସ୍ତାନ ଫେରି ଆଗାମୀ ସାଧାରଣ ନିର୍ବାଚନରେ ପିଏମ୍‌ଏଲ୍-ଏନ୍‌ର ନେତୃତ୍ୱ ନେବେ ବୋଲି ଶେହବାଜ କହିଛନ୍ତି। ବର୍ତ୍ତମାନର ଆଇନ ଅନୁଯାୟୀ ଅଯୋଗ୍ୟ ଘୋଷଣାର ସର୍ବାଧିକ ଅବଧି ୫ ବର୍ଷ। ତେଣୁ ସର୍ବୋଚ୍ଚ ଅଦାଲତଙ୍କ ରାୟ ନୱାଜଙ୍କ ଫେରିବାରେ ବାଧକ ହେବ ନାହିଁ ବୋଲି ସେ କହିଛନ୍ତି। କାମଚଳା ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଶେହବାଜ ଲଣ୍ଡନ ଯାଇ ଭାଇ ନୱାଜଙ୍କୁ ଭେଟିବେ। ତେବେ ନୱାଜ କେତେ ତାରିଖରେ ଫେରିବେ ତାହା ସେ କହିନାହାନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ସେ ଲଣ୍ଡନ ଯାଇ ୨୦୧୯ ନଭେମ୍ବରରୁ ସେଠାରେ ଆତ୍ମନିର୍ବାସନରେ ରହିଛନ୍ତି।

## ହାଇକୋର୍ଟର ୨୪ ବିଚାରପତିଙ୍କ ବଦଳି ପାଇଁ କଲେଜିୟମ୍‌ର ସୁପାରିସ

ନୂଆଦିଲ୍ଲୀ,୧୨।୮(ପି.ଟି.)

ଗୁଜରାଟ ହାଇକୋର୍ଟ ବିଚାରପତି ହେମନ୍ତ ଏମ୍. ପ୍ରଚ୍ଛକଙ୍କ ସମେତ ବିଭିନ୍ନ ହାଇକୋର୍ଟର ମୋଟ ୨୪ ଜଣ ବିଚାରପତିଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। 'ସବୁ ମୋଦି ଚୋର' ମନ୍ତବ୍ୟ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତଳକୋର୍ଟରେ ଦୋଷୀସାବ୍ୟସ୍ତ ହୋଇଥିବାବେଳେ ଏହା ଉପରେ ସ୍ଥଗିତାଦେଶ ଦେବାକୁ ଜଷ୍ଟିସ ପ୍ରଚ୍ଛକ ମନା କରିଦେଇଥିଲେ। ନ୍ୟାୟପାଳିକା ପ୍ରଶାସନରେ ଉନ୍ନତି ଲାଗି ହାଇକୋର୍ଟ ବିଚାରପତିମାନଙ୍କ ବଦଳି


ଜଷ୍ଟିସ୍ ହେମନ୍ତ ଏମ୍. ପ୍ରଚ୍ଛକ

ନିମନ୍ତେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ସଞ୍ଜୟ କିଷନ କୌଲ, ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ କଲେଜିୟମ୍ ଗତ ୩ ତାରିଖ ବୈଠକରେ ନିଷ୍ପତ୍ତି ନେଇଥିଲେ। ବଦଳି ସୁପାରିସ ହୋଇଥିବା ବିଚାରପତିଙ୍କ ମଧ୍ୟରୁ ୪ ଜଣ ଗୁଜରାଟ ହାଇକୋର୍ଟର ହୋଇଥିବାବେଳେ ପଞ୍ଜାବ ହରିୟାଣା ହାଇକୋର୍ଟର ୪ ଜଣ ଏବଂ ଆଲ୍ଲାହାବାଦ ହାଇକୋର୍ଟର ଜଣେ ଅଛନ୍ତି। ଜଷ୍ଟିସ୍ ପ୍ରଚ୍ଛକଙ୍କୁ ଗୁଜରାଟରୁ ପାଟନା ହାଇକୋର୍ଟକୁ ବଦଳି ଲାଗି ସୁପାରିସ କରାଯାଇଛି। ପାଟନା ହାଇକୋର୍ଟର ଜଷ୍ଟିସ ସୁଧୀର ସିଂଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ଭାବେ ବଦଳି କରିବା ଲାଗି କଲେଜିୟମ ପୁନର୍ବାର ସୁପାରିସ କରିଛନ୍ତି।

## ପୋକ୍ସୋ, ଏସ୍‌ସି/ଏସ୍‌ଟି ଆଇନର ଦୁରୁପଯୋଗ କରୁଛନ୍ତି ମହିଳା

ଲକ୍ଷ୍ନୌ,୧୨।୮

ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ଆଇନ ଏବଂ ଅନୁସୂଚିତ ଜାତି, ଜନଜାତି (ଅତ୍ୟାଚାର ନିରାକରଣ) ଆଇନ (ଏସ୍‌ସି/ଏସ୍‌ଟି ଆଇନ)ରେ ଥିବା ଆଇନଗତ ବ୍ୟବସ୍ଥାର ଦୁରୁପଯୋଗ କରାଯିବା ସହ ମିଥ୍ୟା ଅଭିଯୋଗ କରାଯାଉଥିବା ନେଇ ଆଲ୍ଲାହାବାଦ ହାଇକୋର୍ଟ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆର୍ଥିକ ଫାଇଦା ଉଠାଇବା ପାଇଁ ମହିଳାମାନେ ଏହାକୁ ଅସ୍ତ୍ର ଭାବେ ବ୍ୟବହାର କରିବା ଦୁର୍ଭାଗ୍ୟଜନକ। ଆଜିକାଲି ଉକ୍ତ ଆଇନରେ ଅନେକ




ନିରୀହ ଲୋକଙ୍କ ବିରୋଧରେ ମିଥ୍ୟା ଏତଲା ଦାଏର ହେଉଥିବାର ବହୁ ଦୃଷ୍ଟାନ୍ତ ରହିଥିବା ବିଚାରପତି ଶେଖର କୁମାର ଯାଦବ କହିଛନ୍ତି। ଏହା ବନ୍ଦ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଆଇପିସିର ଧାରା ୩୭୬, ୩୧୩, ୫୦୪, ୫୦୬ ଏବଂ ପୋକ୍ସୋ ଆଇନର ଧାରା ୩/୪ରେ ଅଭିଯୁକ୍ତ ଅଜୟ ଯାଦବ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ। ୨୦୧୧ରେ ଆଜମଗଡ଼ରେ ଏହି ବଳାତ୍କାର ଓ ଶିଶୁ ଯୌନ ଅପରାଧ ଘଟଣା ଘଟିଥିଲା। ଏଭଳି ଗମ୍ଭୀର ମାମଲାରେ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ବେଦନଶୀଳ ହେବାର ସମୟ ଆସିଥିବା ସେ ଭାବୁଛନ୍ତି ବୋଲି ଜଷ୍ଟିସ ଯାଦବ କହିଛନ୍ତି। ପୀଡ଼ିତା କରିଥିବା ଅଭିଯୋଗ ମିଥ୍ୟା ବୋଲି ଯଦି ତଦନ୍ତରୁ ଜଣାପଡ଼େ, ତେବେ ତାଙ୍କ ବିରୋଧରେ ସିଆର୍‌ପିସିର ଆନୁଷଙ୍ଗିକ ବ୍ୟବସ୍ଥାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ପୀଡ଼ିତାଙ୍କୁ ଦିଆଯାଇଥିବା ଆର୍ଥିକ ସହାୟତାକୁ ତାଙ୍କଠାରୁ ଫେରାଇ ନିଆଯିବା ଆବଶ୍ୟକ ବୋଲି ବିଚାରପତି କହିଛନ୍ତି।

DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୩/୨୦୨୩ | Bhubaneswar, Sunday, August 13/2023 | ପୃଷ୍ଠା-୧



ସ୍ୱାଧୀନତା ଦିବସ ପୂର୍ବରୁ ଶନିବାର ଜମ୍ମୁ-କଶ୍ମୀରର ପୁଞ୍ଚ୍ ସଂଲଗ୍ନ ନିୟନ୍ତ୍ରଣରେଖା(ଏଲ୍ଓସି)ରେ ପାଟ୍ରୋଲିଂ କରୁଛନ୍ତି ଜଣେ ଭାରତୀୟ ଯବାନ।

# ସବୁ କୋର୍ଟରେ ସୁରକ୍ଷା ବଢ଼ିବ

## ଦେଶର ଅଦାଲତ ପରିସରରେ ବନ୍ଧୁକ ହିଂସାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

**ନୂଆଦିଲ୍ଲୀ,୧୨।୮(ପି.ଟି.)**

ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ଦେଶର ଅନ୍ୟ ଭାଗରେ ଥିବା କୋର୍ଟଗୁଡ଼ିକରେ ବଢ଼ିଚାଲିଥିବା ବନ୍ଧୁକ ସଂସ୍କୃତିକୁ ନେଇ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଏଥିସହ ଦେଶବ୍ୟାପୀ ସମସ୍ତ ଅଦାଲତ ପରିସରରେ ସ୍ଥାୟୀ କୋର୍ଟ ସୁରକ୍ଷା ୟୁନିଟ୍ (ସିଏସ୍ୟୁ) ମୁତୟନ ସହିତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପ୍ରତ୍ୟେକ ରାଜ୍ୟର କୋର୍ଟଗୁଡ଼ିକରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ହାଇକୋର୍ଟ ବିଚାରପତିମାନେ ଉପଯୁକ୍ତ ଯୋଜନା କରିବେ ବୋଲି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ରହିଛି।

ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଅଦାଲତକୁ ଆସୁଥିବା ସମସ୍ତ ପକ୍ଷଙ୍କ ସୁରକ୍ଷା ନିମନ୍ତେ ନ୍ୟାୟିକ ଅନୁଷ୍ଠାନଗୁଡ଼ିକ ବ୍ୟାପକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ନ୍ୟାୟ ପ୍ରଦାନକୁ ସୁନିଶ୍ଚିତ କରିବା ଦାୟିତ୍ୱରେ ଥିବା ଲୋକେ କୋର୍ଟ ପରିସରରେ ଯଦି ନିଜେ ଅସୁରକ୍ଷିତ ତେବେ ନ୍ୟାୟ ପାଇଁ ଧାଉଁଥିବା ପକ୍ଷମାନେ ସେମାନଙ୍କଠାରୁ କ'ଣ ଆଶା କରିବେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି, ଅତୀତରେ ଜାତୀୟ ରାଜଧାନୀର କୋର୍ଟ ପରିସରଗୁଡ଼ିକରେ ଅନେକ ବନ୍ଧୁକ ହିଂସା ଘଟିଛି। ବିଶେଷକରି ଗତ ୩ଟି ଗୁଳିକାଣ୍ଡ ସବୁଠୁ ବେଶି ଚିନ୍ତାଜନକ। ନ୍ୟାୟ ପ୍ରଦାନକାରୀ କୋର୍ଟର ପବିତ୍ରତା ବଜାୟ ରଖିବାରେ କୌଣସି ସାଲିସ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ପ୍ରକାଶ ଯେ, ନିକଟ ଅତୀତରେ ଦିଲ୍ଲୀର ଅନେକ କୋର୍ଟରେ ବନ୍ଧୁକ ହିଂସା ଦେଖିବାକୁ ମିଳିଛି। ଗତ ଜୁଲାଇରେ ତିସ୍ ହଜାରି କୋର୍ଟରେ ଓକିଲ ଓ ସେମାନଙ୍କ ମହକିଲଙ୍କ ମଧ୍ୟରେ ଯୁକ୍ତିତର୍କରୁ ଗୁଳିକାଣ୍ଡ ଘଟିଥିଲା। ସେହି ମାସରେ ସାକେତ୍ କୋର୍ଟରେ ଜଣେ ମହିଳାଙ୍କୁ ଓକିଲ ଗୁଳି କରିଥିଲେ। ୨୦୨୧ ସେପ୍ଟେମ୍ବରରେ ରୋହିଣୀ କୋର୍ଟରେ ୨ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ କୁଖ୍ୟାତ୍ ଗ୍ୟାଙ୍ଗଷ୍ଟର ଜିତେନ୍ଦର ଗୋଗିଙ୍କ ମୃତ୍ୟୁ ଘଟିଥିଲା। ପରେ ତାଙ୍କ ହତ୍ୟାକାରୀମାନଙ୍କୁ ଦିଲ୍ଲୀ ପୋଲିସ ଏନ୍କାଉଣ୍ଟର କରିଥିଲା।

ଅଦାଲତ ପରିସରରେ ସିସିଟିଭି କ୍ୟାମେରା ସଂଲଗ୍ନକରି ସୁରକ୍ଷା ପଦକ୍ଷେପରେ ପରିବର୍ତ୍ତନ ଆଣି ଏଭଳି ସୁରକ୍ଷା ତ୍ରୁଟି ଏଡ଼ାଇବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ବାରମ୍ବାର ବନ୍ଧୁକ ହିଂସା ଘଟିବା ଚିନ୍ତାର ବିଷୟ। ତେଣୁ ହାଇକୋର୍ଟଗୁଡ଼ିକ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଗୃହ ବିଭାଗ ପ୍ରଧାନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ କିମ୍ବା ପୋଲିସ କମିଶନରମାନଙ୍କ ସହ ବିଚାରବିମର୍ଶ କରି ସୁରକ୍ଷା ଯୋଜନା କରିବା ଆବଶ୍ୟକ ☞ପୃଷ୍ଠା-୨

# ୪ ନୂଆ ବିଲ୍କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

## ଆଇନରେ ପରିଣତ ହେଲା ଦିଲ୍ଲୀ ସେବା ବିଲ୍

**ନୂଆଦିଲ୍ଲୀ,୧୨।୮**

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ଗୃହୀତ ହୋଇଥିବା ୪ଟି ବିଲ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଫଳରେ ଉକ୍ତ ବିଲ୍ଗୁଡ଼ିକ ଆଇନରେ ପରିଣତ ହୋଇଛି। ସେଗୁଡ଼ିକ ହେଲା ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ ବିଲ, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ, ଜନବିଶ୍ୱାସ (ବ୍ୟବସ୍ଥାରେ ସଂଶୋଧନ) ବିଲ୍ ଏବଂ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର (ସଂଶୋଧନ) ବିଲ୍। ଦିଲ୍ଲୀ ସେବା ବିଲ୍କୁ ପାର୍ଲାମେଣ୍ଟର ଉଭୟ ଗୃହରେ ବିରୋଧୀ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଜୋର୍ଦାର ବିରୋଧ କରାଯାଇଥିଲା। ଏହା ଉପରେ ଭୋଟ ହେଲାବେଳେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

ଦିଲ୍ଲୀର ସେବା ପ୍ରଶାସନକୁ ନେଇ କେନ୍ଦ୍ର ଏବଂ ଦିଲ୍ଲୀର ଆମ୍ ଆଦ୍ମୀ ପାର୍ଟି ସରକାର ମଧ୍ୟରେ ଦୀର୍ଘ ୮ ବର୍ଷର ବିବାଦ ଲାଗିରହିଥିଲା। ଦିଲ୍ଲୀ ସେବା ପ୍ରଶାସନର ନିଯୁକ୍ତି ଓ ବଦଳି ଦାୟିତ୍ୱ ସୁପ୍ରିମକୋର୍ଟ ଏଏପି ସରକାରଙ୍କୁ ଦେବା ପରେ ଏହାକୁ ଅକାମୀ କରିବା ପାଇଁ କେନ୍ଦ୍ର ସରକାର ଗତ ମେ' ୧୯ରେ ଅଧ୍ୟାଦେଶ ଆଣିଥିଲେ। ଏହାକୁ ଆଇନରେ ପରିଣତ କରିବା ପାଇଁ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର (ସଂଶୋଧନ) ☞ପୃଷ୍ଠା-୨

# ଅଜାଙ୍କ ଦଶାହରେ ପାଣିରେ ବୁଡ଼ି ୨ ନାତି ମୃତ

**ସୋର, ୧୨।୮(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ବ୍ଲକ ନଟାପଡା ପଞ୍ଚାୟତ ୱାଦା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଅଜାଙ୍କ ଦଶାହ କର୍ମରେ ଯୋଗଦେବାକୁ ଆସିଥିବା ୨ ନାତି ପାଣିରେ ବୁଡିଯାଇ ପ୍ରାଣ ହରାଇଛନ୍ତି। ଉଭୟଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୱାଦା ଅଞ୍ଚଳର ସ୍ୱର୍ଗତ ବିଷ୍ଣୁଚରଣ ପାଢ଼ୀଙ୍କ ଶନିବାର ଥିଲା ଦଶାହ କର୍ମ। ଏହି କର୍ମରେ ଯୋଗଦେବା ପାଇଁ ତାଙ୍କର ଦୁଇ ନାତି ୱାଦା ଗ୍ରାମର ପିତାମ୍ବର ପାଢୀଙ୍କ ପୁଅ ସୁଶାନ୍ତ(୨୭) ଓ ବିଦୁ ଅଞ୍ଚଳର ଚନ୍ଦନ କର(୧୬) ପଥରକଟା ଘାଟରେ ତୁଠ ସାରି ନିକଟରେ ଥିବା ଏକ ଗାଡ଼ିଆରେ ଗାଧୋଉଥିଲେ। ଉଭୟଙ୍କର ଗୋଡ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ପରେ ସମ୍ପର୍କୀୟମାନେ ଏହ ଜାଣି ପାରି ଉଭୟଙ୍କୁ ଉକ୍ତ ଗାଡ଼ିଆରୁ ଉଦ୍ଧାର କରିଥିଲେ। ଚନ୍ଦନଙ୍କୁ ବାଗୁଡ଼ି ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସୁଶାନ୍ତଙ୍କୁ ସୋର ଡାକ୍ତରଖାନାକୁ ଅଣାଯାଇଥିଲ। ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ୧୦ ଜିଲାରେ ସ୍ଥିତି ସାଂଘାତିକ

## ଚିନ୍ତା ବଢ଼ାଇଲାଣି ନିଅଣ୍ଟିଆ ବର୍ଷା

**ଭୁବନେଶ୍ୱର,୧୨।୮(ଅନିଲ ଦାସ)**

ଗତ ଜୁଲାଇ ୩୦ରେ ହୋଇଥିବା ଲଘୁଚାପ ଯୋଗୁ ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ବର୍ଷା ହେଲା। କିଛି ଜିଲାରେ ଅଧିକ ବର୍ଷା ହୋଇଥିବା ବେଳେ ଆଉ କେତେକ ଜିଲାରେ ବିଲ ପଡ଼ିଆ ପଡ଼ିଛି। ଧାରା ଶ୍ରାବଣରେ ମଧ ବର୍ଷା ଟୋପାଏ ନାହିଁ। ରାଜ୍ୟରୁ ମୌସୁମୀ ବର୍ଷା ଏକପ୍ରକାର ଗାଏବ ହୋଇଯାଇଛି। ଅନ୍ୟପକ୍ଷରେ ପ୍ରବଳ ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍ସିୟସ ଉପରକୁ ଉଠିଯାଇଛି।

ଅନେକ ଜିଲାର ଅଧିକାଂଶ ବ୍ଲକରେ ଏ ପର୍ଯ୍ୟନ୍ତ ଧାନତଳି ରୁଆ ହୋଇ ପାରିଲା ନାହିଁ। ଆକାଶକୁ ଚାହିଁ ବସିଛନ୍ତି ଚାଷୀ। ବର୍ଷ ସାରା ଖୋରାକ ଯୋଗାଡ଼ ହେବ କି ନାହିଁ ସେହି ଚିନ୍ତା ଏବେ ଚାଷୀ ମନକୁ ଆନ୍ଦୋଳିତ କରୁଛି।

ଅନ୍ୟପକ୍ଷରେ ଆସନ୍ତା ୨୫ ତାରିଖ ଯାଏ ରାଜ୍ୟରେ କୌଣସି ବଡ଼ ବର୍ଷାର ସୂଚନା ନ ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଝାଡ଼ଖଣ୍ଡ ଏବଂ ଉତ୍ତର ଓଡ଼ିଶା ଉପରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୧୬ ଏବଂ ୧୭ ଦୁଇଦିନ ଧରି ଉତ୍ତର, ପଶ୍ଚିମ ଏବଂ ଉପକୂଳ

**୧୬ରେ ହାଲୁକା ବର୍ଷା ସମ୍ଭାବନା**

ଓଡ଼ିଶାର କେତେକ ସ୍ଥାନରେ କାଁ ଭାଁ ବର୍ଷା ହେବାର ସମ୍ଭାବନା ରହିଛି। ମୋଟାମୋଟି ଭାବେ ମାସ ଶେଷ ଯାଏ ଧାନ ଜମିରେ ପାଣି ହେବା ଭଳି ବର୍ଷାର ଆକାର ଜଣାପଡୁ ନାହିଁ।

ଚାଷ କେମିତି ହେବ ସେଇ ଚିନ୍ତା ଚାଷୀଙ୍କୁ ଘାରିଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଜୁନ୍ ପହିଲାରୁ ଅଗଷ୍ଟ ୧୨ ତାରିଖ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୬୯୮.୪ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୬୫୩.୯ ମିଲିମିଟର। ସମଗ୍ର ରାଜ୍ୟରେ ୬ ପ୍ରତିଶତ କମ୍ ବର୍ଷା ହୋଇଛି। ବର୍ଷାଭାବରୁ ରାଜ୍ୟର ଅନେକ ବ୍ଲକ ଏବେ ଭୟଙ୍କର ମରୁଡି ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି।

ରାଜ୍ୟର ୧୦ଟି ଜିଲାରେ ଅନାବୃଷ୍ଟି ପରିସ୍ଥିତି ସୃଷ୍ଟି ହୋଇଛି। ଭାରତୀୟ ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲାରେ ଜୁନ୍ ପହିଲାରୁ ଅଗଷ୍ଟ୧୨ ତାରିଖ ମଧ୍ୟରେ ସ୍ୱାଭାବିକଠାରୁ ୪୨ ପ୍ରତିଶତ କମ୍ ବର୍ଷା ☞ପୃଷ୍ଠା-୨

# ଅଙ୍ଗୁଳି ଯୋଡ଼ିବା ବଦଳରେ କାଟିଦେଲେ

**ସମ୍ବଲପୁର,୧୨।୮(ଶୁଭାଶିଷ ପାଢ଼ୀ)**

ଛତିଶଗଡ଼ ରାୟପୁରର ଏକ ଘରୋଇ ମେଡିକାଲ ଡାକ୍ତରଙ୍କ ଅବହେଳା ଯୋଗୁ ସମ୍ବଲପୁର ମହାନଗର ନିଗମ ହୀରାକୁଦର ଯୁବକ ସନତ କୁମାର ମହାନ୍ତି ତାଙ୍କ ଡାହାଣ ହାତର ବୁଢା ଅଙ୍ଗୁଳି ହରାଇ ବସିଛନ୍ତି। ଅଙ୍ଗୁଳି ଯୋଡିବା ବଦଳରେ ଡାକ୍ତର ବାରମ୍ବାର ଅପରେଶନ କରି ଶେଷରେ କାଟି ଦେଇଥିବା ସନତ ଅଭିଯୋଗ କରିଛନ୍ତି।

ଜିଲା ସାମ୍ବାଦିକ ଭବନରେ ଶନିବାର ସନତ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଗତ ଜୁଲାଇ ୨୧ ତାରିଖରେ ସେ ବାଇକ୍ରେ ଆସୁଥିବା ସମୟରେ ଦୁର୍ଘଟଣା ଯୋଗୁ ତାଙ୍କ ବୁଢା ଅଙ୍ଗୁଳିରେ ଗଭୀର ଆଘାତ ଲାଗିଥିଲା। ଚିକିତ୍ସା ପାଇଁ ପ୍ରଥମେ ସେ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ଭିମ୍ସାରକୁ ଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଅଙ୍ଗୁଳି ଯୋଡିବାକୁ କଟକ ବଡ ମେଡିକାଲ ଯିବାକୁ କହିଥିଲେ। ହେଲେ ଶୀଘ୍ର ସୁସ୍ଥ ହେବା ଆଶାରେ ସେ ରାୟପୁରର ଏକ



ଅଙ୍ଗୁଳି ହରାଇଥିବା ସନତ

ବର୍ନ ଓ ପ୍ଲାଷ୍ଟିକ ସର୍ଜରି ସେଣ୍ଟର (ଘରୋଇ ମେଡିକାଲ)କୁ ଯାଇଥିଲେ। ସେଠାରେ ଆଡ୍ମିଶନ ହେବା ସମୟରେ ପ୍ରଥମେ ମେଡିକାଲ କର୍ତ୍ତୃପକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ଚିକିତ୍ସା ଆରମ୍ଭ କରିବା ପରେ ଆଉ ୫୦ ହଜାର ନେଇଥିଲେ। ଅଙ୍ଗୁଳି

**ଘରୋଇ ମେଡିକାଲ ଡାକ୍ତରଙ୍କ ଅବହେଳା**

ଯୋଡିବା ପାଇଁ ଅପରେଶନ କରିଥିଲେ। ହେଲେ ସେପ୍ଟିକ୍ ହୋଇଯିବାରୁ ପୁଣି ଅପରେଶନ କରିବା ପାଇଁ କହିଥିଲେ। ଛିଣ୍ଡି ଯାଇଥିବା ଅଙ୍ଗୁଳି ନଷ୍ଟ ହୋଇଯାଇଛି, ଆଉ ହୋଇପାରିବ ନାହିଁ ବୋଲି କହିଥିଲେ। ୩ ଲକ୍ଷ ୭୫ ହଜାର ଟଙ୍କାର ବିଲ୍ ହୋଇଥିବାରୁ ତୁରନ୍ତ ପଇଠ ପାଇଁ କହିଥିଲେ। ଟଙ୍କା ଦେବାରେ ଅକ୍ଷମତା ପ୍ରକାଶ କରିବାରୁ ମେଡିକାଲରେ ପ୍ରାୟ ଏକସପ୍ତାହ ବନ୍ଧକ ରଖିଥିଲେ। ବହୁ କଷ୍ଟରେ ଏକ ଘରୋଇ ଫାଇନାନ୍ସ କମ୍ପାନୀରୁ ଋଣ ନେଇ ଟଙ୍କା ଦେଇ ମୁକୁଳିଥିଲି। ଆଉ ୨୫ହଜାର ଟଙ୍କା ନେବା ପାଇଁ ମୋଠାରୁ ଚୁକ୍ତିନାମା ମଧ୍ୟ ରଖିଛନ୍ତି। ଘରୋଇ ମେଡିକାଲ ଚିକିତ୍ସା ସେବା ଦେବା ନାମରେ ଶୋଷଣ କରୁଛନ୍ତି। ଏହାକୁ ନେଇ ଖାଉଟି ଅଦାଲତରେ ମାମଲା କରିବି ବୋଲି ସେ କହିଥିଲେ।



**ଆଜିର ମନ୍ତବ୍ୟ**
ପୂର୍ବ ସରକାରଗୁଡ଼ିକ ଅମଳରେ ଦଳିତ, ଓବିସି ଏବଂ ଆଦିବାସୀମାନେ ଅବହେଳିତ ହୋଇଆସିଥିଲେ। କେବଳ ନିର୍ବାଚନ ବେଳେ ସେମାନଙ୍କୁ ମନେପକାଯାଉଥିଲା। ଏବେ ଏହି ବର୍ଗର ଲୋକେ ଉପଯୁକ୍ତ ସମ୍ମାନ ପାଉଛନ୍ତି। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଳରେ ଖୋସିଲି ଦାଆ;**
**ଏତେ ବଡ଼ ଘରେ ଦେଇଛୁ**
**ଶିଙ୍ଗଟାଳି ମୁହଁ ଯାଆ।।**

ଝିଅଟି ଯେବେ ଘରଯୋଗ୍ୟା ହୁଏ, ତାକୁ ଭଲ ଘର ଭଲ ବର ଦେଖି ହାତକୁ ଦି'ହାତ କରିଦିଆଯାଏ। ପରନ୍ତୁ ଶାଶୁଘରର ସଦସ୍ୟଙ୍କ ସହ ଯଦି ତାର ଭଲ ନ ପଡ଼େ ବା ମନୋମାଳିନ୍ୟ ଘଟେ, ତା'ହେଲେ କଥା କଥାକେ ଉଲୁଗୁଣା ଶୁଣିବାକୁ ପଡିଥାଏ। ଫଳସ୍ୱରୂପ ଅନେକ ଦୁଃଖ କଷ୍ଟ ସହିବା ସାର ହୋଇଥିବା ବେଳେ ଯାଆର ବଦସ୍ୱଭାବରେ ଅତିଷ୍ଠ ହୋଇପଡ଼ିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚଷା କି ଜାଣଇ ପଇଡ଼ ପାଣି,**
**ପିଇଲେ ବୋଲଇ ଥିରି ତୋରାଣି।**

ସାଧାରଣତଃ ଯାହାର ଯେଉଁ ବିଷୟ ଉପରେ ଆଦୌ ଧାରଣା ନ ଥାଏ, ସେହି ବ୍ୟକ୍ତି ଉକ୍ତ ବିଷୟ ଉପରେ ଠାସକ ମାରି ଏଣୁ ତେଣୁ କିଛି କହୁଥିବାର ଦେଖିବାକୁ ମିଳିଥାଏ। ବ୍ୟକ୍ତି ନିଜର ମୂର୍ଖତା ବା ଅଜ୍ଞତାକୁ ଅନ୍ୟ ଆଗରେ ଲୁଚାଇ ରଖିବାର ମିଛ ଅପଚେଷ୍ଟା କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ୪ ମାଓବାଦୀଙ୍କ ଆତ୍ମସମର୍ପଣ




**ମାଲକାନଗିରି, ୧୨।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡା ଜିଲା ଆଇଜିଙ୍କ ନିକଟରେ ଶନିବାର ୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଜିୟାକରତା ପଞ୍ଚାୟତର କେଏଏମ୍‌ଏସ୍ ଅଧ୍ୟକ୍ଷା ହୁଙ୍ଗି ସୋଡି, ଡିଏକେଏମ୍‌ଏସ୍ ସଦସ୍ୟ ଭାମାରାମ କାର୍ତ୍ତାମ, ହିଡମା ଓରଫ ହୀରାଲାଲ ମାଡକାମ, କେ.ଏଏମ୍‌ଏସ୍ ସଦସ୍ୟା ଦେବେ କବାସୀ । ଆତ୍ମ ସମର୍ପଣ ସମୟରେ ଦନ୍ତେୱାଡା ଆଇଜି କମଳଲୋଚନ କଶ୍ୟପ, ସିଆର୍‌ପିଏଫ୍ ଆଇଜି ବିକାଶ କଠୋରିଆ, ଦନ୍ତେୱାଡା ଏସ୍‌ପି ଗୌରବ ରାୟ, ୧୧୧ ବାଟାଲିୟନ କମାଣ୍ଡାଣ୍ଟ ନିରଜ ଯାଦବ ଓ କମାଣ୍ଡାଣ୍ଟ ବିବେକ କୁମାର ସିଂ ଉପସ୍ଥିତ ଥିଲେ । ଏମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଥଇଥାନ ନୀତି, ଉନ୍ନୟନ କାର୍ଯ୍ୟରେ ପ୍ରଭାବିତ ହୋଇ ଆତ୍ମସମର୍ପଣ କରିଥିବା କହିଛନ୍ତି। ମାଓବାଦୀ ସଂଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ସେମାନଙ୍କ ଉପରେ ମାଓବାଦୀ ନେତାମାନେ ବିଭିନ୍ନ ଅତ୍ୟାଚାରକରି ଆସୁଥିଲେ। ଫଳରେ ନିଜ ଅଞ୍ଚଳର ବିକାଶରେ ବାଧା ସୃଷ୍ଟି ହେବା ସହ ଅନେକ ଧନଜୀବନ ନଷ୍ଟ ଏବଂ ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ମୁଖ୍ୟ ସ୍ରୋତକୁ ଫେରି ପୋଲିସକୁ ସହଯୋଗ କରିବା ସହ ବିକାଶ କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ଏମାନଙ୍କୁ ଧରିବା ଲାଗି ୧ ଲକ୍ଷର ପୁରସ୍କାର ଘୋଷଣା କରାଯାଇଥିଲା ।

# ନକଲି ସାର୍ଟିଫିକେଟ ଯୋଗାଇ ବାପପୁଅ ଗିରଫ

**ଭବାନୀପାଟଣା, ୧୨।୮ (ଉତ୍ତମ କୁମାର ଦାଶ)**


ପଦ୍ମନାଭ ମହାନନ୍ଦ


ପ୍ରଭାତ ମହାନନ୍ଦ

କଳାହାଣ୍ଡି ଜିଲାରେ ନକଲି ସାର୍ଟିଫିକେଟ ଯୋଗାଇବା ଅଭିଯୋଗରେ ଭବାନୀପାଟଣା ଟାଉନ ଥାନା ପୋଲିସ ଶନିବାର ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିଛି। ସେମାନେ ହେଲେ ଭବାନୀପାଟଣା ସଦର ଥାନା ଗୁଏପିଟା ଗାଁର ପଦ୍ମନାଭ ମହାନନ୍ଦ ଓ ତାଙ୍କ ପୁଅ ପ୍ରଭାତ। ପଦ୍ମନାଭ ସାପସିଲେଟ ସରକାରୀ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟରତ। ସେ ନକଲି ସାର୍ଟିଫିକେଟ ପୁଅ ପ୍ରଭାତଙ୍କୁ ଦେଇଥିଲେ। ସେହି ସାର୍ଟିଫିକେଟରେ ପ୍ରଭାତ ଗ୍ରାମୀଣ ଡାକସେବକ ଭାବେ ନିଯୁକ୍ତି ପାଇଥିଲେ। ପରେ ବାପପୁଅ ଆଶାୟୀ ପ୍ରାର୍ଥୀଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ନକଲି ସାର୍ଟିଫିକେଟ ଯୋଗାଇ ଦେଉଥିଲେ। ଗତ କିଛିଦିନ ତଳେ କେଗାଁ ଥାନା କୁପଟି ଗ୍ରାମର ଛନିକ ବାଗ ନକଲି ସାର୍ଟିଫିକେଟ ମାମଲାରେ ଧରାପଡ଼ିବା ପରେ ପଦ୍ମନାଭ ୩୦ ହଜାର ଟଙ୍କା ନେଇ ତାଙ୍କୁ ନକଲି ସାର୍ଟିଫିକେଟ ଦେଇଥିଲେ ବୋଲି ତଦନ୍ତବେଳେ ପୋଲିସକୁ କହିଥିଲେ। ଏ ନେଇ ପୋଲିସ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଥିବା ବାପପୁଅଙ୍କୁ ଗିରଫ କରିଥିଲା। ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।

**ପ୍ରଥମ ପୃଷ୍ଠାରୁ...**

## ଜେନେରିକ୍ ଔଷଧ ଲେଖିବାକୁ ...

ପୂର୍ବରୁ ଅନ୍ତର୍ଜାତୀୟ ମେଡିକାଲ କର୍ପସ୍‌ରେ ଡାକ୍ତରମାନେ ବାଧ୍ୟତାମୂଳକ ଭାବେ ଜେନେରିକ ଔଷଧ ପ୍ରେସ୍‌କ୍ରିପଶନ୍ ଲାଗି ନିର୍ଦ୍ଦେଶ ଥିଲା। ବର୍ତ୍ତମାନ ଜାତୀୟ ଚିକିତ୍ସା ଆୟୋଗ(ଏନ୍‌ଏମ୍‌ସି)ରେ ଏହା ବାଧ୍ୟତାମୂଳକ କରାଯାଇଛି। ରାଜ୍ୟରେ ବିଭିନ୍ନ ସରକାରୀ ହସ୍ପିଟାଲରେ ଡାକ୍ତରମାନେ ରୋଗୀଙ୍କୁ ଜେନେରିକ ଔଷଧ ପ୍ରେସ୍‌କ୍ରାଇବ୍ କରିଥାନ୍ତି। ତା'ସହିତ ସମସ୍ତ ସରକାରୀ ହସ୍ପିଟାଲର ନିରାମୟ ଔଷଧ ବିତରଣ କେନ୍ଦ୍ରରେ ରୋଗୀଙ୍କୁ ଜେନେରିକ୍ ଔଷଧ ଦିଆଯାଇଥାଏ। ଅନ୍ୟପକ୍ଷରେ ଅନେକ ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ଶନ୍ ରିପୋର୍ଟର ମଧ୍ୟ ତଦନ୍ତ କରାଯାଇଥାଏ। ଉଦାହରଣ ସ୍ୱରୂପ ସରକାରୀ ଡାକ୍ତରଖାନାରେ କୃମି ନିରାକରଣ ଲାଗି ଆଲ୍‌ବେଣ୍ଡାଲଜୋଲ୍ ଔଷଧ ଦିଆଯାଉଥିବାବେଳେ ବାହାରଔଷଧକେନ୍ଦ୍ରରେବିଭିନ୍ନଫାର୍ମାକମ୍ପାନୀରଔଷଧବିତରଣକରାଯାଏ। ତେବେ ଜାତୀୟ ଚିକିତ୍ସା ଆୟୋଗ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଲାଗୁ ହେବା ଦରକାର।

**-ଡାକ୍ତର ବିଜୟ ମହାପାତ୍ର, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ**

ଜାତୀୟ ଚିକିତ୍ସା ଆୟୋଗ(ଏନଏମସି) ଦ୍ୱାରା ନିଆଯାଇଥିବା ପଦକ୍ଷେପ ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ। କିନ୍ତୁ ଜେନେରିକ୍ ଔଷଧ ବ୍ୟବହାର ରୋଗୀଙ୍କ ଉପରେ ନିର୍ଭର କରୁଛି। କେତେକ ଘଟଣାରେ ରୋଗୀମାନେ ଜେନେରିକ୍ ବଦଳରେ ବ୍ରାଣ୍ଡେଡ୍ ଜେନେରିକ୍ ଔଷଧ ପାଇଁ ଦାବି କରୁଛନ୍ତି। ଜେନେରିକ୍ ଔଷଧ ସହ ବିକଳ୍ପ ଭାବେ ବ୍ରାଣ୍ଡେଡ୍ ଜେନେରିକ୍ ଔଷଧ ରହିବା ଦରକାର। ଏନ୍‌ଏମ୍‌ସି ଦ୍ୱାରା ନିଆଯାଇଥିବା ପଦକ୍ଷେପରେ ଏକ ବିକଳ୍ପ ବ୍ୟବସ୍ଥା ରହିବା ଆବଶ୍ୟକ।

**-ଡାକ୍ତର ନିରୋଜ ମିଶ୍ର, ସ୍ୱାସ୍ଥ୍ୟ ବିଶେଷଜ୍ଞ**

**ନିୟମଗିରି ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ନାଁରେ ଲାଗିଥିବା ୟୁଏପିଏ ପ୍ରତ୍ୟାହାର ଦାବି**

# ୧୬ରେ ଆନ୍ଦୋଳନ ନିଷ୍ପତ୍ତି

**ଭୁବନେଶ୍ୱର, ୧୧।୮ (ଅନୁରାଧା ମହାରଣା)**


ସମ୍ମିଳନୀରେ ନିୟମଗିରି ସୁରକ୍ଷା ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦ ଓ ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରାଙ୍କ ସମେତ ଅନ୍ୟମାନେ।

ନିୟମଗିରି ସୁରକ୍ଷା ସମିତିର କର୍ମକର୍ତ୍ତା ଓ ସମର୍ଥକଙ୍କ ବିରୋଧରେ ଲାଗିଥିବା ୟୁଏପିଏ ପ୍ରତ୍ୟାହାର ଦାବିରେ ବିଭିନ୍ନ ଜନ ଆନ୍ଦୋଳନ ଓ ମାନବାଧିକାର କର୍ମୀ ଆନ୍ଦୋଳନକୁ ଓହ୍ଲାଇବେ। ଶନିବାର ସ୍ଥାନୀୟ ଲୋହିଆ ଏକାଡେମୀରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନର କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ସଂଗଠନର ଅଭିଯୋଗ ଅନୁସାରେ, ଅଗଷ୍ଟ ୫ରେ ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ ହାଟରେ ନିୟମଗିରି ସୁରକ୍ଷା ସମିତିର କୃଷ୍ଣ ସିକକା ଓ ବାରି ସିକକା ବିଭିନ୍ନ ଆଦିବାସୀ ଗାଁ ର ଲୋକଙ୍କୁ ଭେଟି ଖବର ଦେଉଥିଲେ। ଏହି ସମୟରେ ଏକ ବୋଲେରୋରେ ସାଦା ପୋଷାକଧାରୀ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଉଠାଇ ନେଇଥିଲେ। ହେଲେ ଏହି ଅପହରଣ କିମ୍ବା ଗିରଫଦାରୀକୁ ଲାଞ୍ଜିଗଡ଼ ଓ କଲ୍ୟାଣସିଂହପୁର ଥାନା ଅଧିକାରୀ ଏବଂ କଳାହାଣ୍ଡି ଓ ରାୟଗଡ଼ା ଜିଲା ଆରକ୍ଷୀ ଅଧୀକ୍ଷକ ଅସ୍ୱୀକାର କରିଥିଲେ। ଏପରିକି ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପୋଲିସ ଘଟଣାକୁ ଲୁଚାଇଥିଲା। ସମିତିର କର୍ମୀମାନେ କଲ୍ୟାଣସିଂପୁର ଥାନା ସମ୍ମୁଖରେ ବିକ୍ଷୋଭ କରିବା ସହ ସେମାନଙ୍କୁ କେଉଁଠି ରଖାଯାଇଛି ବୋଲି ଜାଣିବାକୁ ଚାହିଁଥିଲେ। ପୋଲିସ ଉଠାଇ ନେଇଥିବା ଦୁଇ କର୍ମକର୍ତ୍ତାଙ୍କୁ ଗାଁରେ ପହଞ୍ଚାଇବା ପାଇଁ ଦାବିକରି ଦାବିପତ୍ର ମଧ୍ୟ ଦେଇଥିଲେ। ଉକ୍ତ ଦିନ କଲ୍ୟାଣସିଂହପୁର ଥାନା ପକ୍ଷରୁ ନିୟମଗିରି ସୁରକ୍ଷା ସମିତିର ନେତା ଲଦ ସିକକା, ଡ୍ରେଞ୍ଜୁ କୃସିକା ଓ ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦ ତଥା ନିୟମଗିରି ଆନ୍ଦୋଳନକୁ ସଂହତି ଜଣାଉଥିବା କବି ଲେନିନ କୁମାରଙ୍କ ସମେତ ୯ ଜଣଙ୍କ ବିରୋଧରେ ୟୁଏପିଏ ସହ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି। ଏପରିକି ଅଗଷ୍ଟ ୬ରେ କଲ୍ୟାଣସିଂହପୁର ଥାନା ସମ୍ମୁଖରେ ଆୟୋଜିତ ପ୍ରତିବାଦରେ ନିୟମଗିରି ସୁରକ୍ଷା ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦ ଅନୁପସ୍ଥିତ ଥିବା ସତ୍ତ୍ୱେ ତାଙ୍କ ନାମରେ ମଧ୍ୟ ମାମଲା ରୁଜୁ କରାଯାଇଛି। ଗତ ଦୁଇ ଦଶନ୍ଧି ଧରି ନିୟମଗିରି ପର୍ବତରୁ ବେଦାନ୍ତ ଓ ଅନ୍ୟ କମ୍ପାନୀଗୁଡିକର ବକ୍ସାଇଟ ଖଣି ଖନନକୁ ବିରୋଧ କରି ଆସୁଥିବା ନିୟମଗିରି ସୁରକ୍ଷା ସମିତି ନେତୃତ୍ୱରେ ଐତିହାସିକ ଜନ ଆନ୍ଦୋଳନ, ସ୍ଥାନୀୟ ବାସିନ୍ଦା ବିଶେଷକରି ଡଙ୍ଗରିଆ କନ୍ଧ ସମୁଦାୟଙ୍କ ପ୍ରତିବାଦର ସ୍ୱରକୁ ଚାପି ଦେବା ପାଇଁ ଏହା ପୋଲିସ ଓ ପ୍ରଶାସନର ଉଦ୍ୟମ ବୋଲି ଦର୍ଶାଯାଇଛି। ଏହି ଖବରଦାତା ସମ୍ମିଳନୀରେ ନିୟମଗିରି ସୁରକ୍ଷା ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦ, ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା, ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ, ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନର ଆବାହକ ନରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଅଭିଭାବକଙ୍କ ଅଂଶଗ୍ରହଣ

**ରାଜ୍ୟବ୍ୟାପୀ ଅଭିଭାବକ-ଶିକ୍ଷକ ବୈଠକ**

**ଭୁବନେଶ୍ୱର, ୧୨।୮ (ଅସମାପିକା ସାହୁ)**

ରାଜ୍ୟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ୨୦୨୩-୨୪ ଶିକ୍ଷା ବର୍ଷର ଦ୍ୱିତୀୟ ଅଭିଭାବକ-ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା/ବିଦ୍ୟାଳୟ ପରିଚାଳନା ଏବଂ ଉନ୍ନୟନ କମିଟି ବୈଠକ ଶନିବାର ରାଜ୍ୟବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କମିଟି ସଭ୍ୟଙ୍କ ସମେତ ୨୮ଲକ୍ଷରୁ ଊର୍ଦ୍ଧ୍ୱ ଅଭିଭାବକ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଶୈକ୍ଷିକ ଅଭିବୃଦ୍ଧି ନିମନ୍ତେ ଶିକ୍ଷଣ ସାମଗ୍ରୀ ଯୋଗାଣ, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି ଓ ମିଲେଟ୍ ମିଶନ ପ୍ରତିଯୋଗିତା, ଅନ୍‌ଲାଇନ୍ ସୁରକ୍ଷା, ସାଇବର ସଚେତନତା ଓ ବିଦ୍ୟାଳୟ/ଛାତ୍ରୀଛାତ୍ରଙ୍କ ନିରାପତ୍ତା ବ୍ୟବସ୍ଥା, ଋତୁକାଳୀନ ଛାତ୍ରାବାସ ଏବଂ ପରିବହନ ଓ ରକ୍ଷଣ ଅନୁଗାମୀ ବ୍ୟବସ୍ଥା, ସ୍ୱଳ୍ପ ଅବଧି ଧନ୍ଦାମୂଳକ କାର୍ଯ୍ୟକ୍ରମ ଓ ପରାମର୍ଶ ଶିବିର, ବାଲ୍ୟ ବିବାହ ଉପରେ ସଚେତନତା, ଛାତ୍ରୀଛାତ୍ରଙ୍କୁ ମାଗଣାରେ ପୋଷାକ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଉପକରଣ ପ୍ରଦାନ, 'ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନା', ମାଧ୍ୟମିକ ବିଦ୍ୟାଳୟରେ ହାଉସ ସିଷ୍ଟମ ପ୍ରଚଳନ, କ୍ୟାରିଅର ଯୋଜନା, ପିଲାଙ୍କ ମାନସିକ ଚାପ ଓ ଏହାର ଦୂରୀକରଣ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ରାଜ୍ୟ ସରକାରଙ୍କ ତରଫରୁ ବିଦ୍ୟାଳୟ ଶିକ୍ଷାର ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ଉପରେ ବିଶଦ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ପଦାଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ସ୍କୁଲରେ ବଜ୍ରପାତ, ...

ଘରକୁ ଫେରିଛନ୍ତି। ଏସମ୍ପର୍କରେ ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ବିଶ୍ୱାଳ ସୂଚନା ଦେଇଛନ୍ତି, ଗୁରୁତର ହୋଇଥିବା ଛାତ୍ରୀଛାତ୍ରମାନେ ଗରଦପୁର ଆଦର୍ଶ ବିଦ୍ୟାଳୟର। ଆଦର୍ଶ ବିଦ୍ୟାଳୟ ନିର୍ମାଣ ଶେଷ ହୋଇ ନ ଥିବାରୁ ୧୫୦ ଛାତ୍ରୀଛାତ୍ର ଏହି ଶିକ୍ଷାନୁଷ୍ଠାନରେ ପଢୁଛନ୍ତି। ସ୍କୁଲ ନିକଟରେ ୧୧ କେଭିରୁ ଏଲଟି ଲାଇନ ପାଇଁ ଟ୍ରାନଫର୍ମର ବସିଛି। ଅପରାହ୍ଣରେ ଏଠାରେ ବଜ୍ରପାତ ହେବାରୁ ଏଲଟି ଲାଇନରେ ଅଧିକ ବିଦ୍ୟୁତ ସରବରାହ ହୋଇ ସ୍କୁଲରେ ଓ୍ୱାରିଂ ହୋଇଥିବା ତାର ଜଳି ଯାଇଥିଲା। ଏଥିସହିତ ବଜ୍ରପାତ ଶବ୍ଦରେ ଭୟଭୀତ ହୋଇ ଛାତ୍ରୀଛାତ୍ରମାନେ ଉପରମହଲାରୁ ତଳକୁ ଓହ୍ଲାଇ ପଡିଥିଲେ । ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଡରି ଯାଇ ଅଚେତ ଅବସ୍ଥାକୁ ଆସି ଯାଇଥିଲେ । ସେମାନଙ୍କୁ ସିଏଚ୍‌ସି ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତେବେ ଏହି ଦୁର୍ଘଟଣାରେ କେହି ପୋଡ଼ି ଆହତ ହୋଇ ନ ଥିବା ପ୍ରଧାନ ଶିକ୍ଷକ କହିଛନ୍ତି।

## ୧୦ ଜିଲାରେ ସ୍ଥିତି ...

ହୋଇଥିବା ବେଳେ କେନ୍ଦ୍ରାପଡ଼ା ୩୫, ଗଞ୍ଜାମ ୩୫, କଳାହାଣ୍ଡି ୩୧, ପୁରୀ ୨୮, ଯାଜପୁର ୨୬, ରାୟଗଡ଼ା ୨୨, ଜଗତ୍‌ସିଂହପୁର ୨୪, କଟକ ୨୨ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକଠାରୁ ୨୪ ପ୍ରତିଶତ କମ୍ ବର୍ଷା ହୋଇଛି। ନବରଙ୍ଗପୁର ବ୍ଲକର ପାପଡ଼ାହାଣ୍ଡି, ଚନ୍ଦାହାଣ୍ଡି, ଉମରକୋଟ, ଡାବୁଗାଁ , ତେନ୍ତୁଲଖୁଣ୍ଟି ବ୍ଲକ ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ଗରଦପୁର, ମହାକାଳପଡ଼ା, ମାର୍ଶାଘାଇ ଏବଂ ଗଞ୍ଜାମ ଜିଲାର ୧୦ରୁ ୧୫ଟି ବ୍ଲକରେ ବର୍ଷାଭାବରୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଗୋଟିଏ ପଟେ ବର୍ଷା ଦାଉ ସାଜିଥିବା ବେଳେ ଉକ୍ତ ଜିଲାଗୁଡ଼ିକରେ ଜଳସେଚନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦରେ ୪୨.୨ ମିଲିମିଟର ବର୍ଷା ହୋଇଥିବା ବେଳେ ଝାରସୁଗୁଡ଼ା ୨୮.୪, ବାରିପଦା ୧୦.୬, କେନ୍ଦୁଝରେ ୨୩.୨, ନୟାଗଡ଼ ୩୭.୪, ଦେବଗଡ଼ ୨୫.୮, ଜଗତ୍‌ସିଂହପୁର ୨୮.୩ ଏବଂ ସୁନ୍ଦରଗଡ଼ରେ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବୌଦ୍ଧ , ଅନୁଗୋଳ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର , ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲାଗୁଡିକ ପାଇଁ ଏଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

## ୪ ନୂଆ ବିଲ୍‌କୁ ...

ବିଲ୍ ଅଣାଯାଇଥିଲା। ଏଏପି ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକର ବିରୋଧ ସତ୍ତ୍ୱେ ସରକାର ରାଜ୍ୟ ସଭାରେ ବିଲ୍ ଗୃହୀତ କରାଇ ନେଇଥିଲେ। ୧୩୧ ଏମ୍‌ପି ବିଲ୍ ସପକ୍ଷରେ ଭୋଟ ଦେଇଥିବାବେଳେ ୧୦୨ ଜଣ ଏହାକୁ ବିରୋଧ କରିଥିଲେ। ଏହା ପୂର୍ବରୁ ଲୋକ ସଭାରେ ବିଲ୍ ପାସ୍ ହୋଇଥିଲା। ସେହିପରି ଡିଜିଟାଲ ପର୍ସନାଲ ଡେଟା ସୁରକ୍ଷା ବିଲ୍ ମଧ୍ୟ ବିରୋଧୀ ସଦସ୍ୟମାନଙ୍କ ହଟ୍ଟଗୋଳ ମଧ୍ୟରେ ଗୃହୀତ ହୋଇଥିଲା। ବିରୋଧୀ କେତେକ ସଂଶୋଧନ ପ୍ରସ୍ତାବ ଆଣିଥିଲେ ହେଁ ତାହା ଧ୍ୱନିମତରେ କାଟ୍ ଖାଇଯାଇଥିଲା। ବ୍ୟକ୍ତିଗତ ଡେଟାର ଅପବ୍ୟବହାର ଜଣାପଡ଼ିଲେ, ସମ୍ପୃକ୍ତ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଉପରେ ୨୫୦ କୋଟି ଟଙ୍କା ଜରିମାନାର ବ୍ୟବସ୍ଥା ଉକ୍ତ ଆଇନରେ ରହିଛି। ଏଭଳି ଆଇନ ଦେଶକୁ ଏକ ସର୍ଭିଲାନ୍ସ ଷ୍ଟେଟ୍‌ରେ ପରିଣତ ହେବ ବୋଲି ବିରୋଧୀ ଅଭିଯୋଗ ଆଣିଥିଲେ। ଜନ୍ମ ମୃତ୍ୟୁ ପଞ୍ଜୀକରଣ(ସଂଶୋଧନ) ଆଇନ ଡିଜିଟାଲ ଜନ୍ମ ପ୍ରମାଣପତ୍ର ଜାରି କରିବାରେ ସହାୟକ ହେବ। ଏହାକୁ ବୟସ ପ୍ରମାଣ ଭାବେ ସବୁ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଜନ ବିଶ୍ୱାସ (ବ୍ୟବସ୍ଥାର ସଂଶୋଧନ) ଆଇନର ୪୨ ଅଧିନିୟମର ୧୮୩ ବ୍ୟବସ୍ଥାରେ ସଂଶୋଧନ କରାଯାଇଛି। ଫଳରେ ସାମାନ୍ୟ ଅପରାଧକୁ ଦୋଷମୁକ୍ତ କରାଯିବା ଦ୍ୱାରା ବ୍ୟବସାୟ ସହଜ ହୋଇପାରିବ।

## ସବୁ କୋର୍ଟରେ ...

ବୋଲି ଖଣ୍ଡପୀଠ କହିଛନ୍ତି। ସମସ୍ତ ଅଦାଲତ ପରିସରରେ କୋର୍ଟ ସିକ୍ୟୁରିଟି ୟୁନିଟ୍ ପ୍ରତିଷ୍ଠା କରାଯିବ। ସେଠାରେ ମୁତୟନ ହେବାକୁ ଥିବା ସୁରକ୍ଷା କର୍ମୀମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ। ଜିଲା ଓ୍ୱାରି ସିସିଟିଭି କ୍ୟାମେରା ସଂଲଗ୍ନ କରିବା ପାଇଁ ସମ୍ପୃକ୍ତ ରାଜ୍ୟ ସରକାରଗୁଡ଼ିକ ସମୟବଦ୍ଧ ଭାବେ ଆବଶ୍ୟକ ପାଣ୍ଠି ଯୋଗାଇଦେବେ। ପ୍ରତ୍ୟେକ କୋର୍ଟର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ପର୍ଯ୍ୟାପ୍ତ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯିବ। ସୁରକ୍ଷା ବ୍ୟବସ୍ଥା ତ୍ୱରାନ୍ୱିତ କରିବା ପାଇଁ କୋର୍ଟ ଆବଶ୍ୟକ ମନେକଲେ ଅଧିକ ସଂଖ୍ୟକ ପୋଲିସ କର୍ମଚାରୀଙ୍କୁ ମୁତୟନ, ଯାନବାହନଗୁଡ଼ିକ ପାଇଁ ସିକ୍ୟୁରିଟି ଷ୍ଟିକର, ମେଟାଲ ଡିଟେକ୍ଟର, ବ୍ୟାଗେଜ୍ ସ୍କାନର, ଏଣ୍ଟ୍ରି ପାସ୍ ଓ ବାୟୋମେଟ୍ରିକ୍ ଉପକରଣ ବ୍ୟବହାର ଲାଗି ନିର୍ଦ୍ଦେଶ ଦେଇପାରିବେ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଖଣ୍ଡପୀଠଙ୍କ ଏହି ନିର୍ଦ୍ଦେଶନାମାର କପି ପ୍ରତ୍ୟେକ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟକୁ ପଠାଯାଇଛି। ଦେଶର କୋର୍ଟଗୁଡ଼ିକରେ ବିଚାରପତିମାନଙ୍କ ସୁରକ୍ଷା ସମ୍ପର୍କିତ ଏକାଧିକ ଆବେଦନର ଶୁଣାଣି କରି ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁ ଓ ପରିବାର ଦିଗରୁ ମଧ୍ୟ ସମୟ ଅନୁକୂଳ ନୁହେଁ, ବରଂ ପ୍ରତିକୂଳତାର ଝଲକ ଦେଖିବାକୁ ପାଇବେ। ସବୁ ସମୟରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ପରିବହନ କ୍ଷେତ୍ରରେ ସମସ୍ୟାଗୁଡ଼ିକର ସମାପ୍ତି ଘଟାଇବେ।

**ବୃଷ** ଦୂରଭିସନ୍ଧି ରଖି ପାଖ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇପାରନ୍ତି। ଅଫିସ୍‌ରେ କିମ୍ବା ଆଲୋଚନା କ୍ଷେତ୍ରରେ ମନ ଅସ୍ଥିର ରହିବ। କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଅନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ମିଥୁନ** ପାରିବାରିକ ଅସ୍ଥିରତା କାରଣରୁ ମନର ଅଶାନ୍ତି ଓ ରାଗକୁ ନିୟନ୍ତ୍ରଣରେ ରଖିବା କଷ୍ଟକର ହେବ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ଆଇନ, ଅଦାଲତ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** ଭାଇ,ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ଆକସ୍ମିକ ଭାବରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** ସମସ୍ୟା ସମାଧାନ କରିବାର ରାସ୍ତା ଖୋଜି ପାଇ ପାରିବେ ନାହିଁ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରି ପରେ ଅନୁତାପ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା** ଆଜି ଦିନଟିରେ କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଶତ୍ରୁତା କରୁଥିବା ଲୋକଟି ଆପଣଙ୍କ ମନକୁ ବାଧିଲା ଭଳି କଥା କହିପାରେ। କର୍ମକ୍ଷେତ୍ରରେ ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଯୋଜନା ବିହୀନ କାମରେ ମୁଣ୍ଡ ପୂରାନ୍ତୁ ନାହିଁ।

**ତୁଳା** ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡ଼ିପାରେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇବେ। ଅପରାହ୍ଣେ ଶୁଭ ଖବର ପାଇବେ।

**ବିଛା** ଯାହ ଦୀର୍ଘଦିନ ହେଲା ହୋଇ ପାରିନଥିଲା ଆଜି ତାହା ଆକସ୍ମିକ ଭାବରେ ହୋଇପାରିବ। ପରିବହନ, ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। ଜମିଜମା କିଣାବିକା କ୍ଷେତ୍ରରେ ନିଜ ପରିବାରର ସଦସ୍ୟ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ପିଲାମାନଙ୍କ ଶିକ୍ଷାର ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** କର୍ମକ୍ଷେତ୍ରରେ ଥିବା ସମୟରେ କୌଣସି ବ୍ୟକ୍ତିଠାରୁ ହଠାତ୍ କିଛି ଖବର ପାଇ ବିଚଳିତ ବୋଧ କରିବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ପରିବାରରେ ଛୋଟ କଥାକୁ ନେଇ ବିବାଦ ବଢ଼ାନ୍ତୁ ନାହିଁ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ଆଜିର କାମ ଓ କଥାରେ ସଂଯମ ରକ୍ଷା କରିବା ଭଲ ନଚେତ୍ କଳହ, ଧନହାନି ଘଟିପାରେ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ତର୍କ, ବିତର୍କ କାରଣରୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ। କଳା, କ୍ରୀଡ଼ା, ସଙ୍ଗୀତ, ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ପାରିବାରିକ ସ୍ତରରେ ପିଲାମାନଙ୍କ ପାଇଁ ଅସ୍ଥିରତା ଜନିତ ମାନସିକ ବ୍ୟଥା ଅନୁଭବ କରିବେ। ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି, ବାସ୍ତବରେ ସେପରି କିଛି ହେବନି। ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ ସିନା କିଛି ଲାଭ ହେବନି। କୌଣସି କଥା ଭଲ ରୂପେ ନବୁଝି ଅନ୍ୟ ଉପରେ ଦୋଷ ଲଦି ପାରନ୍ତି।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ରବିବାର, ଅଗଷ୍ଟ ୧୩ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୯ ଗତେ ଘ.୦୯।୪୪ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୩୭ ଗତେ ଘ.୦୬।୧୩ ମଧ୍ୟେ ରାହୁକାଳ।



सत्यमेव जयते
Government of India
G20
भारत 2023 INDIA
वसुधैव कुटुम्बकम्
ONE EARTH • ONE FAMILY • ONE FUTURE
75 Azadi Ka Amrit Mahotsav
Har Ghar Tiranga
13th-15th August 2023
ହର୍ ଘର୍
ତିରଙ୍ଗା
"ଗତବର୍ଷ ସ୍ୱାଧୀନତା ଦିବସ ଅବସରରେ ସମଗ୍ର ଦେଶ 'ହର୍ ଘର୍ ତିରଙ୍ଗା' ଅଭିଯାନ ନିମନ୍ତେ ଏକଜୁଟ ହୋଇଥିଲା । ସେହିଭଳି, ଏଥର ମଧ ଆମେ ପ୍ରତ୍ୟେକ ଘରେ ତିରଙ୍ଗା ଉତ୍ତୋଳନ କରିବା ଏବଂ ସେହି ପରମ୍ପରାକୁ ଜାରି ରଖିବା ।"
ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ
ଆମେ ସଭିଏଁ ତିରଙ୍ଗାର ଭାବାର୍ଥ ଦ୍ୱାରା ପ୍ରେରିତ ହେବା ଏବଂ ଗର୍ବ ଓ ଏକତାର ମନୋଭାବ ସହିତ
ଘରେ ଜାତୀୟ ପତାକା
ଉତ୍ତୋଳନ କରିବା
୧୩ରୁ ୧୫ ଅଗଷ୍ଟ ୨୦୨୩
ତିରଙ୍ଗା ସହିତ ସେଲ୍‌ଫି ଉଠାଇ
harghartiranga.com
ରେ ଅପ୍‌ଲୋଡ୍ କରନ୍ତୁ
CBC 09101/13/0014/2324
ଆପଣଙ୍କର ନିକଟତମ ଡାକଘରୁ ଆଜି ହିଁ ଜାତୀୟ ପତାକା କିଣନ୍ତୁ!

ବାହାର ଜଗତରେ ଘୂରି ବୁଲୁଥିବା ଉଡ଼ନ୍ତା ଶକ୍ତିଗୁଡ଼ିକ ହାତରେ ନିଜକୁ ଛାଡ଼ି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। – ଶ୍ରୀମା

# ବ୍ୟକ୍ତି ସ୍ୱାଧୀନତାର ବିରୋଧୀ



ଆକାର ପଟେଲ

ଜେଲରେ ଥିବା ଉମର ଖାଲିଦ୍‌ଙ୍କ ପାଖକୁ କିଛି ସପ୍ତାହ ପୂର୍ବରୁ ମୁଁ ଲେଖିଥିବା ଏକ ଚିଠିକୁ ନିମ୍ନରେ ଦର୍ଶାଉଛି। 'ପ୍ରିୟ ଉମର, ଏହି ସମୟରେ ଏବଂ ଏହା ପୂର୍ବରୁ ନିଜକୁ ଯେଉଁଭଳି ଆପଣ ପରିଚାଳନା କରିଛନ୍ତି ସେଥିପାଇଁ ଯେ କେହି ଆପଣଙ୍କୁ ପ୍ରଶଂସା କରିବା ସହ ସମ୍ମାନ ଦେବ। ଆପଣଙ୍କର ନିର୍ଯାତନା ହେଉଛି ତଥାକଥିତ 'ନ୍ୟୁ ଇଣ୍ଡିଆ' ବା ନୂତନ ଭାରତର ଏକ ପ୍ରତୀକ। ପ୍ରତୀକାତ୍ମକ ଏହିଥିପାଇଁ କୁହାଯାଉଛି ଯେ, ଅନେକେ ଆପଣଙ୍କ ବିଷୟରେ ଗଭୀର ଅନୁଭବ କରୁଛନ୍ତି। ଆପଣଙ୍କ ମୁକ୍ତି ପାଇଁ ଦାବିରେ ଅନେକ ଅପମାନଜନକ, ନିର୍ଯାତନା ଏବଂ ଅନେକ ସମୟରେ ଖରାପ ମନ୍ତବ୍ୟ ସାମ୍ନାକୁ ଆସୁଛି। ଏହା ସତ୍ୟ। ତଥାପି ସମ୍ଭବତଃ ଅଧିକ ସଂଖ୍ୟକ ଲୋକ ଅଛନ୍ତି ଯେଉଁମାନେ ଏକତା ଏବଂ ବୁଝାମଣା ପାଇଁ ଚେଷ୍ଟା କରୁଛନ୍ତି। ଏହା ଏକ ଅନୌପଚାରିକ କଥା ଯାହା ପ୍ରାୟତଃ ଯଥେଷ୍ଟ ଏବଂ କ୍ରମାଗତ ଭାବରେ ଘଟିଚାଲିଛି। ଅନେକେ ଆପଣଙ୍କ ସହ ଥିଲେ ଓ ଏବେ ବି ଅଛନ୍ତି। ଆପଣଙ୍କ ପରିବାର ସହିତ, ଆମେ ଆପଣଙ୍କ ମାମଲା ଏବଂ ଏହାର ଶୁଣାଣିକୁ ଅନୁସରଣ କରିଛୁ ଏବଂ କିପରି ଏସବୁ ଘଟିଛି ତାକୁ ନେଇ ଦୃଢ଼ ଆବେଗ ଅନୁଭବ କରିଛୁ। ଆପଣଙ୍କ ପ୍ରତିରୋଧକାରୀ ଟିମ୍‌ର ଗୁଣବତ୍ତା ଅତୁଳନୀୟ ଏବଂ ନ୍ୟାୟିକ ରେକର୍ଡ ଚମତ୍କାର ଥିଲା। ସମ୍ଭବତଃ ଏହା ଏମିତି ଏକ ସ୍ଥିତି ଯାହା ଲାଗି ରହିପାରେ। ଆଗାମୀ ୧୦ ମାସ ଆମ ସମସ୍ତଙ୍କ ପାଇଁ, ବିଶେଷକରି ରାଜନୈତିକ ବନ୍ଦୀମାନଙ୍କ ପାଇଁ କିଭଳି ପ୍ରକଟ ହେବ ତାହାକୁ ନେଇ ମୁଁ ଅଧିକ ଆଗ୍ରହୀ ହୋଇପଡ଼ିଛି। –ମୋର ଶୁଭେଚ୍ଛା ଏବଂ ସ୍ନେହ।

ମୁଁ ଖାଲିଦ୍‌ଙ୍କୁ କିଛି ବର୍ଷ ହେବ ଜାଣିଛି ଏବଂ ସେ ଆମ୍ନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ଦ୍ୱାରା ଆୟୋଜିତ କେତୋଟି ସଭାକୁ ଆସିଛନ୍ତି। ଜଣେ ଯାହା ସେହି ତୁଳନାରେ ତାଙ୍କୁ ଉଭୟ ସରକାର ଏବଂ ବ୍ୟବସ୍ଥା ଓ ଗଣମାଧ୍ୟମ ଦ୍ୱାରା ଅଧିକ ଦୁର୍ବଳ ଓ ଭୟଭୀତ କରିଦିଆଯାଇଛି। କିଛି ସପ୍ତାହ ପୂର୍ବରୁ ଆମ୍ନେଷ୍ଟି ଇଣ୍ଡିଆ ଟୁଇଟ କରି କହିଛି ଯେ, ଉମର ଖାଲିଦ୍ ବିନା ବିଚାରରେ ୧୦୦୦ ଦିନ ଧରି ଜେଲରେ ଅଛନ୍ତି। ଶାନ୍ତିପୂର୍ଣ୍ଣ ଭାବରେ ନିଜର ମତ ପ୍ରକାଶ କରିବା ପାଇଁ ତାଙ୍କୁ ଭାରତର ଆତଙ୍କବାଦ ବିରୋଧୀ ଆଇନ ଅନୁଯାୟୀ ଗିରଫ କରାଯାଇଥିଲା। ତାଙ୍କୁ ତୁରନ୍ତ ଏବଂ ବିନା ସର୍ତ୍ତରେ ମୁକ୍ତ କରାଯିବା ଆବଶ୍ୟକ। ଏହା କେତେଜଣଙ୍କୁ ଏତେ ଅସନ୍ତୁଷ୍ଟ କରିଥିଲା ଯେ ସେମାନେ ଟୁଇଟକୁ ହଟାଇବାକୁ କହିବା ସହ ଟୁଇଟରରେ ଅଭିଯୋଗ କରିଥିଲେ। କିନ୍ତୁ ଏହା ହୋଇ ନ ଥିଲା। ସମ୍ପୂର୍ଣ୍ଣ ଅଧ୍ୟାୟ ଦର୍ଶାଇଛି ଯେ, ଯାହାଙ୍କ ବିରୋଧରେ କଟୁ ମନ୍ତବ୍ୟ ଦିଆଯାଇଛି ତାଙ୍କ ବିଷୟରେ ଲୋକେ କମ୍ ଜାଣନ୍ତି ଏବଂ ଯାହା ବି ଜାଣନ୍ତି ତାହା ମିଥ୍ୟା। ତାଙ୍କର ବନ୍ଧୁ ଓ ସହକର୍ମୀ ଏବଂ ଆମମାନଙ୍କ ମଧ୍ୟରୁ ଯେଉଁମାନେ ତାଙ୍କୁ ଜାଣିଛନ୍ତି, ସେମାନେ ସେହି ପ୍ରକୃତ ମଣିଷ ବିଷୟରେ କହିବାକୁ ଚେଷ୍ଟା କରିଛନ୍ତି। ଦି ଓ୍ୱାୟାରରେ ପ୍ରଫେସର ନନ୍ଦିନୀ ସୁନ୍ଦର ତାଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି, ଯେତେବେଳେ ଉମର ଖାଲିଦ୍‌ଙ୍କ ପରି ଜଣେ ମୁସଲମାନ ସୀମା ଅତିକ୍ରମ କରେ ସେତେବେଳେ ଆତଙ୍କ ଖେଳିଯାଏ। କିନ୍ତୁ ଜଣେ ଯୁବ ମୁସଲମାନ ଯିଏ ଟୋପି ପିନ୍ଧନ୍ତି ନାହିଁ, ଯିଏ ନାସ୍ତିକ, ଯିଏ ଜେଏନ୍‌ୟୁରୁ ଇତିହାସରେ ସିଂହଭୂମ ଆଦିବାସୀଙ୍କ ଉପରେ ପିଏଚ୍.ଡି. କରିଛନ୍ତି, ତାଙ୍କୁ ଆର୍‌ଏସ୍‌ଏସ୍ ସୃଷ୍ଟି କରିବାକୁ ଚାହୁଁଥିବା ଏକ ପୃଥକ୍ ଦୁନିଆରେ ଜଣେ ନିୟମ ବିରୋଧୀ ଭାବେ ଦେଖାଯାଏ। ତା'ପରେ ତାଙ୍କୁ ଜଣେ ହିଂସାତ୍ମକ, ଜାତୀୟ ବିରୋଧୀ ତଥା ଏବଂ ଭାରତର ମୁଖ୍ୟସ୍ରୋତ ପ୍ରତି ବିପଦ ବୋଲି ବିବେଚନା କରାଯାଉଛି। ସେ ଦେଶ ପାଇଁ ଏତେ ବିପଜ୍ଜନକ ଯେ, ବିନା ଜାମିନରେ ୩ ବର୍ଷ ହେଲା ଜେଲରେ ଅଛନ୍ତି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତରେ ଥିବାବେଳେ ଉତ୍ତେଜନାମୂଳକ ବିବୃତି ଦେଇଥିବାରୁ ସେପ୍ଟେମ୍ବର ୨୦୧୯ ରେ ଦିଲ୍ଲୀ ପୋଲିସ ଉମରଙ୍କୁ ଗିରଫ କରିଥିଲା। ସେ ଏବେ ଯାଏ ଜେଲରେ ଅଛନ୍ତି, କାରଣ ନରେନ୍ଦ୍ର ମୋଦି ସରକାର ତାଙ୍କ ଜାମିନକୁ ବିରୋଧ କରି ଆସୁଛନ୍ତି।

ଅନେକ ସମୟରେ ଭାଜପା ଆଇନ ଗଢ଼ି ବିରୋଧୀ ଓ ଅସନ୍ତୁଷ୍ଟ(ବିଶେଷକରି ମୁସଲମାନ)ଙ୍କୁ ଜେଲରେ ରଖୁଛି। ୧୯୫୪ରେ ଦଳ(ଜନସଂଘ) କହିଥିଲା ଯେ ଏହା ସମ୍ବିଧାନର ପ୍ରଥମ ସଂଶୋଧନକୁ ପ୍ରତ୍ୟାହାର କରିବ ଯାହା 'ଯୁକ୍ତିଯୁକ୍ତ ପ୍ରତିବନ୍ଧକ' ଲଗାଇ ବାକ୍ ସ୍ୱାଧୀନତାକୁ ବନ୍ଦକରି ଦେଇଛି। ଅବଶ୍ୟ, ୧୯୫୪ ପରେ, ପ୍ରଥମ ସଂଶୋଧନକୁ ରଦ୍ଦ କରାଯିବା ଏବଂ ବାକ୍, ସଙ୍ଗଠନ ଏବଂ ସମାବେଶ ସ୍ୱାଧୀନତା ଭାରତୀୟଙ୍କୁ ଫେରାଇ ଦିଆଯିବାର ଦାବି ଜନସଂଘର ଇସ୍ତାହାରରୁ ଅଦୃଶ୍ୟ ହୋଇଗଲା। କୌତୂହଳର ବିଷୟ, ଜନସଂଘ ମଧ୍ୟ ବ୍ୟକ୍ତି ସ୍ୱାଧୀନତାର ସମ୍ପୂର୍ଣ୍ଣ ବିରୋଧୀ ପ୍ରିଭେନ୍‌ସନ ଡିଟେନସନ ଲ (ଅଭିଯୋଗ ଲଗାଇ ବିଚାର ପୂର୍ବରୁ ଅଟକ ରଖିବା)କୁ ପ୍ରତ୍ୟାହାର କରିବ ବୋଲି କହିଥିଲା। ଏଭଳି ପ୍ରତିଶ୍ରୁତି ୧୯୫୦ ଦଶକରେ ବାରମ୍ବାର ଦିଆଯାଇଥିଲା। ତେବେ ୧୯୬୭ ସୁଦ୍ଧା କୁହାଗଲା ଯେ ଦେଶର ଶତ୍ରୁଙ୍କ ସମର୍ଥନକାରୀ ଏବଂ ବ୍ୟବସ୍ଥରେ ବ୍ୟାଘାତକାରୀ ତତ୍ତ୍ୱମାନଙ୍କୁ ମୌଳିକ ଅଧିକାରର ଶୋଷଣ ପାଇଁ ଅନୁମତି ନ ଦେବା ପାଇଁ ପଦକ୍ଷେପ ନିଆଯିବ। କିନ୍ତୁ ସମୟକ୍ରମେ ଜନସଂଘ ଏବଂ ଭାଜପା ପ୍ରିଭେନ୍‌ସନ ଡିଟେନସନର ସବୁଠାରୁ ଉତ୍ସାହୀ ହୋଇଗଲା। ଯେତେବେଳେ ଏହା ଦଶନ୍ଧି ଧରି ବିରୋଧୀ ଦଳରେ ଥିଲା, ସେତେବେଳେ ବି ଏହି ସମାନ ଆଇନକୁ ବିରୋଧ କରିଥିଲା। ୧୯୫୪ ମସିହାରେ, ଜନ ସଙ୍ଗଠନ ଭାବରେ ଏହା ପ୍ରଥମ ସଂଶୋଧନକୁ ରଦ୍ଦ କରିବାକୁ ଏବଂ ଭାରତୀୟଙ୍କ ନିକଟରେ ବାକ୍, ସଙ୍ଗଠନ ଏବଂ ସମାବେଶ ସ୍ୱାଧୀନତା ଫେରାଇ ଆଣିବାକୁ ଦାବିକଲା ଭଳି ଭାଜପା ଏହା ମଧ୍ୟ କହିଥିଲା ଯେ, ପ୍ରିଭେନ୍‌ସନ ଡିଟେନସନ ଆଇନ (ଯେପରିକି ୟୁଏପିଏ) କୁ ପ୍ରତ୍ୟାହାର କରିବ, ଯାହା ବ୍ୟକ୍ତିଗତ ସ୍ୱାଧୀନତାର ସମ୍ପୂର୍ଣ୍ଣ ବିରୋଧୀ। ତେବେ ୧୯୬୭ ସୁଦ୍ଧା, ଏହା ତା' ଦୃଷ୍ଟିକୋଣକୁ ବଦଳାଇଦେଲା ଓ ଆଜିର ଦିନରେ ବ୍ୟକ୍ତି ସ୍ୱାଧୀନତାର ବିରୋଧୀ ପାଲଟିଯାଇଛି, ବିଶେଷକରି ଉମର ଖାଲିଦ୍‌ଙ୍କ ସ୍ୱାଧୀନତାର ବିରୋଧୀ ହୋଇଯାଇଛି।

Email:aakar.patel@gmail.com

# ଓଡ଼ିଆ ଅଡୁଆ କାହାକୁ



ଡ. ଭବାନୀ ଶଙ୍କର ଦାଶ

ଓଡ଼ିଆ ଭାଷାକୁ ନେଇ ଓଡ଼ିଶାରେ ରାଜନୀତି ବେଶ୍ ଉଷ୍ମ ହୋଇ ଉଠିଛି ଏଇ କିଛିଦିନ ହେଲା। ଏଥିପାଇଁ ଯିଏ ଯାହା ପାଇଲେ କହିଯାଉଛନ୍ତି ଓ କରିଯାଉଛନ୍ତି। କେତେକ ରାଜନୀତି ବେପାରୀ ବି ଓଡ଼ିଆ ଭାଷାକୁ ନେଇ ସୁନ୍ଦର ପଶାପାଲିଟିଏ ବିଛେଇ ସାରିଲେଣି। କିନ୍ତୁ ସତୁରି ପ୍ରତିଶତ ଓଡ଼ିଆ ଲୋକ ନିଜ ଘରେ ଏବେ ଓଡ଼ିଆରେ କଥାବାର୍ତ୍ତା ହୁଅନ୍ତି ନାହିଁ। ଇଂଲିଶ୍ କିମ୍ବା ହିନ୍ଦୀରେ କଥା ହୁଅନ୍ତି ନିଜ ପିଲାଙ୍କୁ ମଣିଷ କରିବା ପାଇଁ କିମ୍ବା ମର୍ଯ୍ୟାଦାର କଥା ବୋଲି। ଅବଶ୍ୟ ସାରା ଓଡ଼ିଶାର ମାନସିକତାରେ ଏବେ ମଣିଷ ହେବାର ଭାଷା ଇଂଲିଶ୍। ମଣିଷ ହବାର ମାପଦଣ୍ଡ ହେଉଛି ଅର୍ଥ। ଅର୍ଥ ରୋଜଗାର ପାଇଁ ବିଦେଶ ଯିବାକୁ ହବ। ଏଣୁ ଇଂଲିଶ୍ କହି ଲେଖି ଜାଣିବା ଜରୁରୀ। ଏ ସବୁ ଭିତରେ ସତକଥାଟି ହେଉଛି, ଓଡ଼ିଶାର ଜନସାଧାରଣ ପ୍ରାୟତଃ ଓଡ଼ିଆକୁ ଅଡୁଆ ମନେକଲେଣି। ଓଡ଼ିଆରେ ଅନର୍ଗଳ କହିପାରିଲେ, ଲେଖିପାରିଲେ ବି ଯଦି ଇଂଲିଶ୍ ଜଣାନାହିଁ, ତେବେ ଅଜ୍ଞ। ଏଠି ଲୋକେ ଇଂଲିଶ୍‌ରେ ଝାଡ଼ିଦେଇପାରନ୍ତି। ଓଡ଼ିଆରେ ଯେତେ ବାଗରେ କହିଲେ ବି ଝାଡ଼ିଦେଲା ବୋଲି କେହି କହନ୍ତି ନାହିଁ। ଆମ ଓଡ଼ିଆ ଭାଷାର ବ୍ୟବହାରକାରୀ ସଂଖ୍ୟା ହ୍ରାସ ଏବେ ଉଦ୍‌ବେଗଜନକ ସ୍ଥିତିରେ।

ଆମ ପୂର୍ବ ପୁରୁଷମାନଙ୍କର ଅସମ୍ଭବ ତ୍ୟାଗ ଓ ତପସ୍ୟାର ଫଳ ଓଡ଼ିଶା, ଯାହା ଭାଷାଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ। ପ୍ରାଚୀନ ଉଡ୍ର ବା ଓଡ୍ର ବା ଉଡ୍ଡୀୟାନ ହିଁ ଆମର ଆଜିର ଓଡ଼ିଶା। ସାରା ବିଶ୍ୱରେ ନାଟ୍ୟକଳାର ସର୍ବପ୍ରାଚୀନ ନମୁନା ବହନକାରୀ ରାଜ୍ୟ। ମାତ୍ର ଦୁଃଖ ଓ ପରିତାପର କଥା ଯେ, ଐତିହ୍ୟସମ୍ପନ୍ନ ଏ ରାଜ୍ୟରେ ମାତୃଭାଷାକୁ ବଞ୍ଚାଇରଖିବା ପାଇଁ ଏବେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଦେଖାଦେଲାଣି। ପ୍ରାୟ ପାଞ୍ଚ ହଜାର ବର୍ଷରୁ ଅଧିକ ପ୍ରାଚୀନ ଭାଷାଟା ନିଜ ଜନ୍ମମାଟିରେ ଆଜି ବଞ୍ଚି ରହିବା ପାଇଁ ସଂଗ୍ରାମ କରୁଛି । ସ୍ୱଦେଶ ପ୍ରଦେଶ ଗଠନ ହେବାଠାରୁ ଓଡ଼ିଶା ଆଜି ଛୟାଅଶୀ ବର୍ଷରେ ପହଞ୍ଚିଗଲାଣି। ଆମ ରାଜ୍ୟର ବୟସ୍କ ବ୍ୟକ୍ତିମାନେ ଯେପରି ଉପେକ୍ଷା ଓ ଉତ୍ପୀଡ଼ନର ଶିକାର, ଠିକ୍ ସେଇ ଅବସ୍ଥା ଘୋଟିଛି ଆମ ଭାଷା କ୍ଷେତ୍ରରେ। ଦେଶ ସ୍ୱାଧୀନ ହେଲାବେଳେ ସଚ୍ଚା ଓଡ଼ିଆଙ୍କ ଉଦ୍ୟମ ବଳରେ ସୌଭାଗ୍ୟବଶତଃ ଏକ ଭାରତୀୟ ଭାଷା ଭାବେ ଓଡ଼ିଆ ଭାଷା ସାମ୍ବିଧାନିକ ସ୍ୱୀକୃତି ଲାଭ କଲା। ତା'ପରେ ଶାସ୍ତ୍ରୀୟ ମାନ୍ୟତା ପାଇବା ପାଇଁ ପଞ୍ଚସ୍ତରି ବର୍ଷ ଲାଗିଲା। ଭାଷା ବିଶାରଦମାନେ ନିର୍ଣ୍ଣୟ କଲେ ଯେ, ଅଢ଼େଇ ହଜାର ବର୍ଷର ପ୍ରାଚୀନ ଭାଷାକୁ ହିଁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯିବ। ସେଇ ତରାଜୁରେ ତଉଲି ହୋଇ ଶାସ୍ତ୍ରୀୟ ଯୋଗ୍ୟତା ହାସଲ କଲା। ଏ ପର୍ଯ୍ୟନ୍ତ ଆମେ ଓଡ଼ିଆଏ ସୁପ୍ତ ଥିଲୁ। ଏଇଠୁ ଜାଗି ଉଠିଲୁ। ମାତ୍ର ଦୁର୍ଭାଗ୍ୟ ଯେ, ଆମ ଭାଷା ସାହିତ୍ୟର ସୁପ୍ରାଚୀନ ବୁନିଆଦୀ ଓ ବିଶେଷତ୍ୱ ସମ୍ପର୍କରେ ଭାରତର ଅନ୍ୟ ଭାଷାଭାଷୀ ଲୋକେ ଜାଣି ହିଁ ନାହାନ୍ତି। ଏପର୍ଯ୍ୟନ୍ତ ଆନ୍ତଃରାଜ୍ୟ ତୁଳନାତ୍ମକ ଭାଷା ସାହିତ୍ୟ ଅଧ୍ୟୟନ ଆମ





ଦେଶରେ ବ୍ୟାପକ ହୋଇନାହିଁ। ଫଳତଃ ସଂସ୍କୃତ ଜନନୀଠାରୁ ଜନ୍ମଲାଭ କରିଥିବା ଭାରତୀୟ ଭାଷାଗୁଡ଼ିକ ମଧ୍ୟରେ କିଏ ଅଗ୍ରଜ ଶ୍ରେଣୀୟ, ତାହା ନିର୍ଦ୍ଦିଷ୍ଟ ଭାବେ ନିର୍ଣ୍ଣିତ ହୋଇ ପାରିନାହିଁ। କିନ୍ତୁ ଭାରତରେ ପ୍ରଚଳିତ ଭାଷାଗୁଡ଼ିକ ମଧ୍ୟରେ ବ୍ୟବହୃତ ହେଉଥିବା ଶବ୍ଦସବୁରେ ଅନେକ ସାମ୍ୟତା ରହିଛି।

ଇଂରେଜମାନେ ସିନା ଦେଶ ଛାଡ଼ି ଚାଲିଗଲେ, ହେଲେ ତାଙ୍କ ଭାଷା ସଂସ୍କୃତିକୁ ଆମ ଉପରେ ଏମିତି ଲଦି ଦେଇଛନ୍ତି ଯେ, ଆମେ ଅଖା ଧୋଉଛୁ ଗୁଣ ଗାଉଛୁ। ସମାନ ଅବସ୍ଥା ଓଡ଼ିଶାରେ। ସବୁ ଓଡ଼ିଆ ଏଠି ସାହେବ ଓ ଓଡ଼ିଆଣୀ ସାହେବାଣୀ ବନିଗଲେଣି। କାଁ ଭାଁ କିଛି ଓଡ଼ିଆ ଯିଏ ଗାଁ ଗଣ୍ଡାରେ ଅଛନ୍ତି, ତାଙ୍କରି ମୁହଁରେ କେବଳ ଓଡ଼ିଆ ଭାଷା ଯାହା ବଞ୍ଚିଛି। ବ୍ୟବହାରକାରୀ କମିଯିବାରୁ ଓଡ଼ିଆ ଭାଷାର ସ୍ଥିତିକୁ ନେଇ ଚିନ୍ତା ବଢ଼ିଲାଣି। କାରଣ ସରକାରୀ ଓ ବେସରକାରୀ ଉଭୟ ସ୍ତରରେ ଓଡ଼ିଶାର ମାତୃଭାଷା ସ୍ୱାଧୀନତାପରଠୁ ଖୁବ୍ ଉପେକ୍ଷିତ ଓ ହତାଦର ହୋଇ ଚାଲିଛି। ୨୦୧୪ରେ ଶାସ୍ତ୍ରୀୟ ମାନ୍ୟତା ପାଇ ମଧ ଏଯାଏ ସରକାରୀ ସ୍ତରରେ ପୂର୍ଣ୍ଣତଃ ବ୍ୟବହାର ହୋଇ ପାରିଲା ନାହିଁ ଏହା ହିଁ ତା'ର ପ୍ରମାଣ। ସରକାର ଓ ବ୍ୟବହାରକାରୀଙ୍କ ଇଚ୍ଛାଶକ୍ତିର ଅଭାବ ପାଇଁ ଆଜି ଏଭଳି ଅବସ୍ଥା ଉପୁଜିଛି।

ଇତିହାସ କହେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଓଡ଼ିଆକୁ ସରକାରୀ ଭାଷା ଭାବେ ଗ୍ରହଣ କରିବା ନିର୍ଦ୍ଦେଶ ଜାରି ହୋଇଥିଲା। ମାତ୍ର ଏହାକୁ ଉଲ୍ଲଂଘନ କଲେ ଦଣ୍ଡ ବ୍ୟବସ୍ଥା ନ ଥିବାରୁ ଓଡ଼ିଶାର ଅମଲା ଅଫିସରମାନେ ମାନିଲେ ନାହିଁ। ଏ ସବୁକୁ ଲକ୍ଷ୍ୟ କରି ଜାନକୀବଲ୍ଲଭ ପଟ୍ଟନାୟକ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଦ୍ୱିତୀୟ ଉଦ୍ୟମ କଲେ ସରକାରୀକରଣ ପାଇଁ। ତା' ବି ଫସରଫାଟିଲା। ୨୦୧୪ର ଶାସ୍ତ୍ରୀୟ ପଇତା ଖିଏ ଯାହା ସାନ୍ତ୍ୱନା। ଅତଏବ ଆନ୍ତରିକତାଶୂନ୍ୟ, ନିଷ୍ଠାହୀନ ପ୍ରଚେଷ୍ଟା ଯେଉଁ ଫଳ ଭୋଗିବା କଥା ତାହା ଭୋଗୁଚି ଆମ ମାତୃଭାଷା। ଏଇ ପରିପ୍ରେକ୍ଷୀରେ ସ୍ମରଣ କରାଇଦିଏ ଯେ, ଏକଦା ଓଡ଼ିଆ ଭାଷାର ସରକାରୀକରଣକୁ ନେଇ ବିଧାନସଭା ଭିତରେ ଓ ବାହାରେ ବେଶ୍ ତୁମ୍ଭିତୋଫାନ ଦେଖିବାକୁ ମିଳିଥିଲା। ବିଭିନ୍ନ ଦଳର ରାଜନୈତିକ ନେତାମାନେ ଓଡ଼ିଆ ଭାଷା ସମ୍ପର୍କରେ ବିବୃତି ଦେବା ପ୍ରତିଯୋଗିତାରେ ଲାଗିପଡ଼ିଲେ। କିନ୍ତୁ ଏହା ସତ୍ୟ ଯେ, ୧୯୫୪ ଭାଷା ଆଇନ ପ୍ରଣୟନ ପରେ ଦୀର୍ଘ ଦଶନ୍ଧି ଧରି କୌଣସି ସରକାର ଏଥିଲାଗି ଉଦାହରଣ ଶ୍ରେଣୀୟ ପଦକ୍ଷେପ ନେଇନାହାନ୍ତି। ନେଇଥିଲେ କେବେଠୁ ସରକାରୀ ଭାଷା ରୂପେ ବ୍ୟବହାର ହୁଅନ୍ତାଣି।

ଚଳିତ ସରକାର ସମୟରେ ହିଁ ଶାସ୍ତ୍ରୀୟ ମାନ୍ୟତା ପାଇଥିଲା ଓଡ଼ିଆ ଭାଷା। ଭାଷା ସୁରକ୍ଷା ପାଇଁ ସରକାର ସରକାରୀସ୍ତରରେ ଯାହା କରିବା କଥା କରିଛନ୍ତି। ମାତ୍ର ପରିତାପର ବିଷୟ, ଓଡ଼ିଶାର ଦୋକାନ ବଜାରର ନାମଫଳକରେ ଓଡ଼ିଆ ଭାଷା ତଥାପି ସ୍ପଷ୍ଟ ଦେଖାଯାଏ ନାହିଁ। ଉଲ୍ଲଂଘନକାରୀଙ୍କୁ ଜବତ କରିବା ଲକ୍ଷ୍ୟରେ ସରକାର ଏକଦା ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ। କମିଟିର ରିପୋର୍ଟ ବୋଧେ ଦନ୍ତହୀନ ଥିଲା। ସେପଟେ ଓଡ଼ିଆ ଭାଷାର ବ୍ୟବହାର ମୂଳତଃ ଶିକ୍ଷାୟତନରୁ ସଙ୍କୁଚିତ କରିଦିଆଯାଉଛି। କଲେଜସ୍ତରରେ +୩ ବାଣିଜ୍ୟ, +୩ ବିଜ୍ଞାନରୁ ମାତୃଭାଷାକୁ ଉଚ୍ଛେଦ କରାଗଲା। +୩ କଳା ଶେଷବର୍ଷରୁ ବାଧ୍ୟତାମୂଳକ ମାତୃଭାଷା ଶିକ୍ଷା ବି ବିଦା ହୋଇଗଲା। ଓଡ଼ିଶାରେ ଏକ ମାନସିକତା ବଳବତ୍ତର ରହିଚି ଯେ, କେବଳ ଅନୁନ୍ନତ ମସ୍ତିଷ୍କର ପିଲାମାନେ ଓଡ଼ିଆ ବିଷୟ ନେଇ ପାଠ ପଢ଼ନ୍ତି। ଓଡ଼ିଶାର ବିଦ୍ୟାଳୟଗୁଡ଼ିକରେ ପି.ଇ.ଟି. ଶିକ୍ଷକମାନେ ମଧ ଓଡ଼ିଆ ପଢ଼େଇ ଦେଇ ପାରନ୍ତି ବୋଲି ଶୁଣାଯାଏ। ସେଥିରେ ପୁଣି କଲେଜସ୍ତରୀୟ ପାଠ୍ୟକ୍ରମ ବିଚିତ୍ର ଭାବେ ନିର୍ମିତ, ଯାହାକୁ ଦେଖିଲେ ଓଡ଼ିଆ ବିଷୟ ନେଇ ପଢ଼ିବାକୁ ପିଲାର ଆଗ୍ରହ ଭାଙ୍ଗିଯିବ। ଅଦ୍ଭୁତ ଷଡ଼ଯନ୍ତ୍ର ଏ ସବୁ।

ସବୁଠୁ ବଡ଼ କଥା ହେଲା ମାତୃଭାଷାକୁ ସ୍କୁଲ କଲେଜ ପାଠ୍ୟକ୍ରମ ଭାବେ ଗ୍ରହଣ କରିବାର ନିର୍ଣ୍ଣୟ ନେଉଥିବା ସେହି ତଥାକଥିତ ବିଶାରଦମାନଙ୍କର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି, ଯାହା ମାତୃଭାଷା ଶିକ୍ଷା ଲୋପର ପ୍ରମୁଖ କାରଣ। ଏ ପର୍ଯ୍ୟନ୍ତ ମଧୁ ବର୍ଣ୍ଣବୋଧର ସମକକ୍ଷ ହେଲାଭଳି କୌଣସି ଆଗ୍ରହ ସୃଷ୍ଟିକାରୀ ଓ ଆବେଗଧର୍ମୀ ଆଦ୍ୟ ପାଠ୍ୟକ୍ରମ ଏଯାଏ ଏଠି ଜନ୍ମ ନେଇ ନାହିଁ। ଓଡ଼ିଆ କାହାକୁ ଅଡୁଆ ଲାଗୁଚି ଖୋଜା ନ ଯାଇ ପ୍ରତିବିଧାନ କରାଯିବା ଆବଶ୍ୟକ। ଯିଏ ଯେଉଁଠି ଯେମିତି ଥାଆନ୍ତୁ, ପ୍ରତ୍ୟେକ ସଚ୍ଚା ଓଡ଼ିଆ ଜାଗି ଉଠିବା ଉଚିତ ଏଇ ବେଳାରେ। ନଚେତ୍ ଏତେ ଗରିମାମୟ, ଏତେ ପ୍ରାଚୀନ ଭାଷାର ଯେ ଅକାଳରେ କାଳ ନ ହେବ, କିଏ କହିବ!

ଜି.କେ.ଜି.–୨୧୩
ଗତିକୃଷ୍ଣ ଗ୍ରୀନ୍, ଅଲାରପୁର, ବାଲିଅନ୍ତା, ଖୋର୍ଦ୍ଧା
ମୋ: ୮୯୧୭୬୨୪୩୮୬

# ଟେସ୍‌ଲା ସିଏଫ୍‌ଓ

ବ୍ୟକ୍ତିତ୍ୱ



ବୈଭବ ତାନେଜା

ବିଶ୍ୱ କର୍ପୋରେଟ ବଜାରରେ ଭାରତୀୟଙ୍କ ଜୟଯାତ୍ରା ବଜାୟ ରହିଛି। ସଦ୍ୟ ଯୋଡ଼ି ହୋଇଥିବା ବ୍ୟକ୍ତି ହେଲେ ବୈଭବ ତାନେଜା। ଆମେରିକୀୟ ବହୁରାଷ୍ଟ୍ରୀୟ ଯାନ ନିର୍ମାଣକାରୀ କମ୍ପାନୀ 'ଟେସ୍‌ଲା'ର ମୁଖ୍ୟ ବିତ୍ତୀୟ ଅଧିକାରୀ (ସିଏଫ୍‌ଓ) ଭାବେ ୭ ଅଗଷ୍ଟରେ ତାଙ୍କୁ ନିଯୁକ୍ତି ମିଳିବା ପରେ ସେ ସଂସ୍ଥାର ମାଲିକ ଏଲନ ମସ୍କଙ୍କ ନିକଟତର ହୋଇଛନ୍ତି। ଦୀର୍ଘ ୧୩ ବର୍ଷ ଧରି ସିଏଫ୍‌ଓ ରହିଆସିଥିବା ଜାଚାରି କିରଖୋର୍ନଙ୍କ ସ୍ଥାନରେ ବୈଭବଙ୍କୁ ଅବସ୍ଥାପିତ କରାଯାଇଥିବାରୁ ତାଙ୍କ କର୍ପୋରେଟ୍ ଯାତ୍ରା ବିଷୟରେ ଯୁବପିଢ଼ି ଜାଣିବାକୁ ଆଗ୍ରହ ରଖିବା ସ୍ୱାଭାବିକ।

୪୫ ବର୍ଷ ବୟସରେ ବୈଭବ ବିଶ୍ୱର ଶ୍ରେଷ୍ଠ ଧନୀ ଏଲନ ମସ୍କଙ୍କ 'ଟ୍ରେସଲା' କମ୍ପାନୀର ସିଏଫଓ ହେବା ନିଶ୍ଚିତ ଭାବେ ତାଙ୍କ କ୍ୟାରିୟରକୁ ଆହୁରି ପୁଷ୍ଟ କରିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସେ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ତା' ପରେ ସେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ୍‌ସ ଅଫ୍ ଇଣ୍ଡିଆରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଉତ୍ତୀର୍ଣ୍ଣ ହେଲେ। ଜୁଲାଇ ୧୯୯୯ରୁ ପ୍ରାଇସ୍‌ୱାଟରହାଉସ୍ କୁପର୍ସରେ ଚାକିରି ଜୀବନ ଅରମ୍ଭ କରି ମାର୍ଚ୍ଚ ୨୦୧୬ ଯାଏ ଭାରତ ଓ ଆମେରିକାରେ କାର୍ଯ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ, ଭାରତ ଓ ଆମେରିକାରେ ଥିବା ୪ ବୃହତ୍ ଆକାଉଣ୍ଟିଂ ଫାର୍ମ ମଧ୍ୟରେ ପ୍ରାଇସ୍‌ୱାଟରହାଉସ୍ କୁପର୍ସ ରହିଛି। ଯୋଗ୍ୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବା ପରେ ଅନେକ ବୃତ୍ତିଧାରୀ ସେଠାରେ ସୁଯୋଗ ପାଇବା ଲାଗି ଆବେଦନ କରିଥାଆନ୍ତି। ବୈଭବଙ୍କ ଦକ୍ଷତା ଯୋଗୁ ସେ ସେହି କର୍ପୋରେଟ୍‌ର ଆସ୍ୟୁରାନ୍ସରେ ସିନିୟର ମ୍ୟାନେଜର ହୋଇଥିଲେ। କାଲିଫର୍ନିଆର ସାନ୍ ଜୋସେଠାରେ ୧୨ ବର୍ଷ କାର୍ଯ୍ୟ କରିବା ବେଳେ ସେ ଅନ୍ତର୍ଜାତୀୟ କର୍ପୋରେଟ୍ ଜଗତର ବ୍ୟକ୍ତିବିଶେଷଙ୍କ ସହ ମିଶିବାର ସୁଯୋଗ ପାଇଥିଲେ। ୨୦୧୬ରେ ସେ ସୋଲାରସିଟିରେ ଯୋଗ ଦେଇଥିଲେ। ତେବେ ଯୋଗକୁ ସେହିବର୍ଷ ଟେସ୍‌ଲା ୨.୫ ବିଲିୟନ ଡଲାରରେ ସୋଲାରସିଟିକୁ ଅଧିଗ୍ରହଣ କରିଥିଲା। ଫଳରେ ବୈଭବଙ୍କୁ ଗୁରୁଦାୟିତ୍ୱ ମିଳିଥିଲା। ଏପରିକି ଗୋଟିଏ ବର୍ଷରେ ସେ ଭାଇସ୍ ପ୍ରେସିଡେଣ୍ଟ, ଆକାଉଣ୍ଟିଂ ଅପରେସନ୍ସ ଏବଂ କର୍ପୋରେଟ୍ କଣ୍ଟ୍ରୋଲର ପଦବୀ ଧାରଣ କରି ଉତ୍ତମ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତେବେ ଫେବୃୟାରୀ ୨୦୧୭ରେ ସେ ବିଧିବଦ୍ଧ ଭାବେ ଟେସ୍‌ଲା ଇଙ୍କ୍‌ରେ ଆସିଷ୍ଟାଣ୍ଟ କର୍ପୋରେଟ୍ କଣ୍ଟ୍ରୋଲର ପଦବୀ ପାଇଥିଲେ। କାର୍ଯ୍ୟ ପ୍ରତି ନିଷ୍ଠା ଯୋଗୁ ମେ' ୨୦୧୮ରେ ତାଙ୍କୁ କର୍ପୋରେଟ୍ କଣ୍ଟ୍ରୋଲର ଭାବେ ପଦୋନ୍ନତି ମିଳିଥିଲା। ପରେ ମାର୍ଚ୍ଚ ୨୦୧୯ରେ ସଂସ୍ଥା ତାଙ୍କୁ ଚିଫ୍ ଆକାଉଣ୍ଟିଂ ଅଫିସର କରିଥିଲା। ସିଏଫ୍‌ଓ ପଦବୀକୁ ଯିବା ପୂର୍ବରୁ ସେ ଟେସ୍‌ଲାର ଭାରତୀୟ ଶାଖା, ଟେସ୍‌ଲା ଇଣ୍ଡିଆ ମୋଟର୍ସ ଆଣ୍ଡ୍ ଏନାର୍ଜୀ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ରହିଥିଲେ। ବୈଭବ ଏଭଳି ଏକ ସମୟରେ ଟେସ୍‌ଲାରେ ଯୋଗଦେଇଥିଲେ ଯେତେବେଳେ କମ୍ପାନୀ ଲାଭ ଅପେକ୍ଷା ବିକ୍ରିକୁ ଅଧିକ ଗୁରୁତ୍ୱ ଦେଉଥିଲା। ପ୍ରଯୁକ୍ତି, ଅର୍ଥ, ରିଟେଲିଂ ଓ ଟେଲିକମ୍ୟୁନିକେଶସନ୍ସ ଆଦି କ୍ଷେତ୍ରରେ ପ୍ରଚୁର ଅଭିଜ୍ଞତା କମ୍ପାନୀକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥିଲା। ଲିଙ୍କ୍‌ଡ୍‌ଇନ୍‌ରେ ସେ ତାଙ୍କ ଦକ୍ଷତା ଓ ଶକ୍ତି ବିଷୟରେ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି–'ୟୁଏସ୍ ଜେନେରାଲି ଆକ୍‌ସେପ୍ଟବଲ୍ ଆକାଉଣ୍ଟିଂ ପ୍ରିନ୍ସିପଲ୍ସ ବିଷୟକୁ ସେ ଭଲ ଭାବେ ବୁଝିଥିବାରୁ ଏବଂ ୧୭ ବର୍ଷରୁ ଅଧିକ କାଳ ବିଭିନ୍ନ ଅର୍ଥ ସମ୍ବନ୍ଧୀୟ ଶିଳ୍ପରେ ଅଭିଜ୍ଞତା ରଖିଥିବାରୁ ଉତ୍ତମ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଛନ୍ତି। ନୂଆ ବ୍ୟବସାୟ ସ୍ଥାପନ, ସ୍ଥାୟୀ ଶିଳ୍ପକୁ ଆଗକୁ ନେବାରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକକୁ ଦୂର କରିବା ଲାଗି ଯେଉଁ ଦକ୍ଷତାର ଆବଶ୍ୟକତା ରହିଥାଏ, ସେହି ଦିଗରେ ସେ ଅନେକ କସରତ କରିଥିବାରୁ ତାଙ୍କୁ ସଫଳତା ମିଳିଛି'। ପୂର୍ବତନ ସିଏଫ୍‌ଓ ଜାଚାରି କିରଖୋର୍ନ ମଧ୍ୟ ଲିଙ୍କ୍‌ଡ୍‌ଇନ୍‌ରେ ବୈଭବଙ୍କୁ ସିଏଫ୍‌ଓ ଭାବେ ଅବସ୍ଥାପିତ କରାଯାଇଥିବା ଘୋଷଣା କରିବା ସହ ତାଙ୍କୁ ପ୍ରଶଂସା କରିଥିଲେ। ଉଭୟ ମିଶି କାମ କରିବାର ଅବଧି ଗର୍ବର ସମୟ ଥିଲା ବୋଲି କହିଥିଲେ। ପ୍ରତିଭାସମ୍ପନ୍ନ ତଥା କଠିନ ପରିଶ୍ରମୀ ହୋଇଥିବାରୁ ବୈଭବ ଏଭଳି ସ୍ଥାନରେ ପହଞ୍ଚିପାରିଲେ ବୋଲି ସେ କହିଥିଲେ। ଏଥିସହିତ ଏଲନ ମସ୍କଙ୍କ ନେତୃତ୍ୱ ଓ ଆଶାବାଦୀ ଆଭିମୁଖ୍ୟ ଯୋଗୁ ବହୁ ଲୋକ ଆଗକୁ ବଢ଼ିବା ଲାଗି ଅନୁପ୍ରାଣିତ ହୋଇଥାଆନ୍ତି ବୋଲି କିରଖୋର୍ନ କହିଛନ୍ତି। ଜଣେ ବିଦାୟୀ ସିଏଫ୍‌ଓ ନବନିଯୁକ୍ତ ସିଏଫ୍‌ଓଙ୍କୁ ପ୍ରଶଂସା କରିବା ସହିତ ମାଲିକଙ୍କ ସକାରାତ୍ମକ କାର୍ଯ୍ୟଧାରାକୁ ସାର୍ବଜନୀନ କରିବା ଆମେରିକାର ଉଚ୍ଚ କର୍ପୋରେଟ୍ ସଂସ୍କୃତିକୁ ଦର୍ଶାଉଛି।

ପ୍ରତିଭା ଓ କଠିନ ଅଧ୍ୟବସାୟ ବଳରେ ଜଣେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ ହୋଇଥାଏ ବୋଲି ବୈଭବ ତା'ର ପ୍ରମାଣ ଦେଇଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଶୋଭାଯାତ୍ରା ସମୟରେ ହରିୟାଣା ନୁହ ଜିଲାରେ ହିଂସା ଦେଖାଯାଇଥାଇପାରେ, କିନ୍ତୁ ସେହି ଜିଲାର ବିଛୋର ଏବଂ ନିମକା ଗ୍ରାମରେ ଭାଇଚାରାର ଉଦାହରଣ ସାମ୍ନାକୁ ଆସିଛି। ଉତ୍ତରପ୍ରଦେଶରୁ ହିନ୍ଦୁମାନେ ୮୪ କୋସ ପରିକ୍ରମା କରୁଥିବା ସମୟରେ ଏହି ଗାଁ ବାଟ ଦେଇ ଯାଉଛନ୍ତି। ଏହି ସମୟରେ ଭକ୍ତଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ଗ୍ରାମବାସୀଙ୍କ ଦ୍ୱାରା ଶିବିର ସ୍ଥାପନ କରାଯାଇଛି। ଭକ୍ତଙ୍କ ସକାଶେ ଖାଦ୍ୟ, ପାନୀୟ ବ୍ୟବସ୍ଥା ବି କରାଯାଇଛି। କେବଳ ଏତିକି ନୁହେଁ, ଯେତେବେଳେ ଖାଲି ପାଦରେ ଚାଲୁଥିବା ହିନ୍ଦୁ ସମ୍ପ୍ରଦାୟର ଲୋକଙ୍କ ପାଦରେ ଫୋଟକା ହୋଇଯାଉଛି ସେତେବେଳେ ମୁସଲମାନ ସମ୍ପ୍ରଦାୟର ଲୋକମାନେ ସେମାନଙ୍କ ପାଦରେ ମେହେନ୍ଦି ଲଗାଇ ଦେଉଛନ୍ତି। ଏଭଳି ଭାଇଚାରାକୁ ଉଭୟ ସମ୍ପ୍ରଦାୟର ଲୋକେ ସ୍ୱାଗତ କରୁଛନ୍ତି। ନୁହ ଡେପୁଟି କମିଶନର ତଥା ପୋଲିସ ଅଧୀକ୍ଷକ ମଧ୍ୟ ଏହାକୁ ପ୍ରଶଂସା କରିଛନ୍ତି। ବିଛୋର ଗାଁର ସରପଞ୍ଚ ଇମତିଆଜ ଖାନ୍ କହିଛନ୍ତି, ୮୪ କୋସ ପରିକ୍ରମା ପାଇଁ ଚାରିଆଡ଼ୁ ଶତାଧିକ ଶ୍ରଦ୍ଧାଳୁ ଏଠାରେ ପହଞ୍ଚିବା ପରେ ସେମାନଙ୍କ ସୁବିଧା ପାଇଁ ବିଶେଷ ଯତ୍ନ ନିଆଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଅଗଷ୍ଟ ୧୯୯୮

- ଆଫଗାନିସ୍ତାନର ତାଲିବାନ ଇସଲାମୀୟ ଗେରିଲାମାନଙ୍କ ଦ୍ୱାରା ବିରୋଧୀଦଳ କବଳରୁ ଦେଶରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସହର ଦଖଲ।
- ବିଶ୍ୱବିଦ୍ୟାଳୟ ଅନୁଦାନ କମିଶନ ଦ୍ୱାରା ନିର୍ଦ୍ଧାରିତ ଦରମାହାରକୁ ତୁରନ୍ତ ଲାଗୁ କରାଇବାକୁ ଦାବି ଜଣାଇ ଦେଶର ବିଭିନ୍ନ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ୪ ଲକ୍ଷ ଶିକ୍ଷକଙ୍କ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧର୍ମଘଟ।

## ପାଠକ ଶ୍ରେଷ୍ଠ ବିଚାରକ

### ଜନତାଙ୍କ ସେବାରେ ଅବହେଳା

ମହାଶୟ,
ପ୍ରତିଦିନ ଖବରକାଗଜ ଖୋଲିଲେ ସାପ କାମୁଡ଼ାରେ ଓ ଭାଲୁ, ବାଘ, କୁମ୍ଭୀର, ହାତୀ ଆଦି ଆକ୍ରମଣରେ ମୃତ୍ୟୁଖବର ଦେଖି ଲାଗୁଛି ବୋଧହୁଏ ସରକାରୀ କଳ ଶୋଇପଡ଼ିଛି। ବାତ୍ୟା ଓ ବନ୍ୟା ପାଇଁ ଜିରୋ କାଜୁଆଲିଟିର ଡିଣ୍ଡିମ ପିଟୁଥିବା ସରକାର କ'ଣ ଏସବୁ ମୃତ୍ୟୁଖବର ଦେଖୁନାହାନ୍ତି ନା ନିଦାବିଷ୍ଟୁ ପରି ରହିଛନ୍ତି। କେବଳ କିଛି ଅର୍ଥ ଦେଇଦେଲେ ସମସ୍ୟାର ସମାଧାନ ହୋଇପାରିବ କି? ଅଧିକାଂଶ ଅଞ୍ଚଳରେ ସାଧାରଣ ଡାକ୍ତରଖାନାରେ ସାପକାମୁଡ଼ା ଇଞ୍ଜେକ୍‌ଶନ ମିଳୁନାହିଁ। ଗୋଟିଏ ଉତ୍ତର କଟକ ନେଇଯାଅ। ସେତେବେଳକୁ ରୋଗୀ ସେପାରିରେ। ଗୁଣିଆ ପାଖକୁ ନ ଯାଇ ଗରିବ ଲୋକଟି ଆଉ ବା କ'ଣ କରିପାରିବ। ଏସବୁ ଅନାବଶ୍ୟକ ମୃତ୍ୟୁକୁ କ'ଣ ରୋକାଯାଇ ପାରିବନି। ମାନସିକତାରେ ପରିବର୍ତ୍ତନ ଲୋଡ଼ା। ତା' ସହ ଗାଁ ଗହଳିର ଡାକ୍ତରଖାନାକୁ ବି ଉନ୍ନତ କରିବାକୁ ହେବ। କେବଳ ରୂପାନ୍ତରଣ ରଙ୍ଗରେ ଲୋକଙ୍କର କିଛି ଲାଭ ହେବନି। ସହାୟତା କେମିତି ମିଳିବ ସେ ବ୍ୟବସ୍ଥା କରାଯାଉ। ସବୁ ଡାକ୍ତରଖାନାରେ ଡାକ୍ତର ଅଭାବ ପୂରଣ ହୋଇ ପାରୁ ନ ଥିବା ବେଳେ ଖାଲି ପ୍ରଚାର ପାଇଁ ମେଡିକାଲ କଲେଜ ଖୋଲା ଚାଲିଛି। ଏପର୍ଯ୍ୟନ୍ତ କଟକ, ଭୁବନେଶ୍ୱରରେ ଡିଏନ୍‌ଏ ଟେଷ୍ଟ ହୋଇପାରୁ ନାହିଁ। ତେବେ ଏସ୍‌ସିବି ବିଶ୍ୱସ୍ତରୀୟ କହିବା ପ୍ରବଞ୍ଚନା ଛଡ଼ା ଆଉ କିଛି ନୁହେଁ। କଟକରେ ନକଲି ଡାକ୍ତରଖାନା ଓ ନର୍ସିଂହୋମ୍ ମାଳ ମାଳ। ତେବେ ଗାଁ ଗହଳି ଓ ଅପହଞ୍ଚ ଜିଲାଗୁଡ଼ିକରେ କେତେକ ଠକ ଡାକ୍ତର ଲୋକଙ୍କୁ ଠକୁଛନ୍ତି ତା'ର ହିସାବ କିଏ ଦେବ? ସରକାର ଜନତାଙ୍କ ସେବାରେ ନା ଜନତାଙ୍କ ମୃତ୍ୟୁର ତାଣ୍ଡବ ଦେଖିବାକୁ?

– ଡ. ରାଜୀବ ଷଡ଼ଙ୍ଗୀ, ସୂର୍ଯ୍ୟ ନିଳୟମ୍, କୁଣ୍ଡି, କୁମୁଡ଼ା ଜୟପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଉଦ୍‌ବେଳିତ କରେ ତାହା ! ତେସନ
ନାରୀର ଅନ୍ତସ୍ଥଳେ
ଦେହ ମନ ଅବୟବେ ସୃଜନ ବ୍ୟଥାର
ରକ୍ତଗଳେ।
ଯେଉଁ କାଳୁ ଆଦି ନାରୀ ଲଭିଛି ଜନମ,
ଏ ବ୍ୟଥାରେ ବ୍ୟଥିଛି ମରମ।
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | 3 | | 7 |
| 2 | 3 | | | | | 1 | | |
| 6 | | | 1 | 7 | | | 2 | |
| | 8 | | | 2 | | | | |
| | 6 | | | 4 | | | | 3 |
| 7 | | 5 | | | | 6 | | 9 |
| | | | 3 | | 4 | 5 | | |
| | 7 | | | 6 | | | | |
| 3 | | | 2 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 6 | 2 | 3 | 7 | 9 | 1 | 8 |
| 7 | 1 | 8 | 4 | 9 | 6 | 3 | 5 | 2 |
| 3 | 2 | 9 | 8 | 5 | 1 | 6 | 4 | 7 |
| 8 | 3 | 7 | 9 | 2 | 5 | 4 | 6 | 1 |
| 9 | 6 | 2 | 1 | 8 | 4 | 7 | 3 | 5 |
| 1 | 5 | 4 | 6 | 7 | 3 | 2 | 8 | 9 |
| 4 | 9 | 5 | 3 | 1 | 2 | 8 | 7 | 6 |
| 2 | 7 | 3 | 5 | 6 | 8 | 1 | 9 | 4 |
| 6 | 8 | 1 | 7 | 4 | 9 | 5 | 2 | 3 |

ଗତ କାଲିର ଉତ୍ତର

## ହାତୀ ପ୍ରବଣ ଅଞ୍ଚଳରେ ସୋଲାର ଲାଇଟ୍ ପ୍ରଦାନ

ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନି): ଜମନକିରା ବ୍ଲକ ହାତୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ବାମରା ଡିଭିଜନ ଅନ୍ତର୍ଗତ ଜମନକିରା ରେଞ୍ଜ କାର୍ଯ୍ୟାଳୟ ତରଫରୁ ଶନିବାର ଶିରିଡ଼ି ଗ୍ରାମପଞ୍ଚାୟତ ଗୋପାଳପାଲି ଗ୍ରାମରେ ୨୮ ପରିବାରକୁ ସୋଲାର ଲାଇଟ୍ ପ୍ରଦାନ କରାଯାଇଛି। ପ୍ରକାଶଥାଉ କି ଶିରିଡ଼ି ପଞ୍ଚାୟତକୁ ଅଧିକାଂଶ ସମୟରେ ଜଙ୍ଗଲି ହାତୀ ଗାଁକୁ ପଶି ଫସଲ ନଷ୍ଟ କରିବା ସହ ଲୋକଙ୍କୁ ଆକ୍ରମଣ କରିବା ନଜିର ରହିଛି। ତେଣୁ ହାତୀ ଘଉଡ଼ାଇବା ପାଇଁ ରେଞ୍ଜର ଲକ୍ଷ୍ମୀନାରାୟଣ ନାୟକ, ଶିରିଡ଼ି ସରପଞ୍ଚ ଗଜେନ୍ଦ୍ର ନାଏକ, ଡିମିରିମୁଣ୍ଡା ସରପଞ୍ଚ ପ୍ରହ୍ଲାଦ ଧୁରୁଆ ପ୍ରମୁଖ ଲୋକଙ୍କୁ ସୋଲାର ଲାଇଟ ପ୍ରଦାନ କରିଛନ୍ତି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ପୂର୍ଣ୍ଣାଙ୍ଗ ଶିକ୍ଷା ନୂତନ ଜାତୀୟ ଶିକ୍ଷାନୀତି -୨୦୨୦ ଶୀର୍ଷକ ଜାତୀୟ ସମ୍ମାନ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୯ଟା
- ସମ୍ବଲପୁରୀ ରାମାୟଣ କଥା ପୁସ୍ତକ ଉନ୍ମୋଚନ, ବୁଢ଼ିହିଲସ୍ଥିତ ରାମ ମନ୍ଦିର ପରିସର, ପୂର୍ବାହ୍ନ ୧୧ଟା ।
- ନେହେରୁ ଯୁବକେନ୍ଦ୍ର ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ, ବୁଢ଼ାରଜା କଲେଜ, ସକାଳ ୭ଟା ।

# ମନ୍ଦଲିଆ ଯୋରରେ ହେବ ସ୍ଲୁଇସ୍ ଗେଟ୍

ସମ୍ବଲପୁର,୧୨।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ସହରରେ ଅନେକ ବସ୍ତି ଅଞ୍ଚଳ ରହିଛି। ବର୍ଷାଋତୁ ଆସିଲେ ଉକ୍ତ ଅଞ୍ଚଳରେ ପାଣି ଜମିବା ସହ ମହାନଦୀର ପିଛିଲା ପାଣି ମାଡ଼ିଯାଇଥାଏ। ସେଠାରୁ ଜଳ ନିଷ୍କାସନ ଓ ବନ୍ୟା ସ୍ଥିତିକୁ ରୋକିବା ପାଇଁ ମହାନଗର ନିଗମ (ଏସ୍‌ଏମ୍‌ସି) ପକ୍ଷରୁ ମନ୍ଦଲିଆ ଯୋରଠାରେ ସ୍ଲୁଇସ୍ ଗେଟ୍ ସ୍ଥାପନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ କରିବାକୁ ଯୋଜନା ରହିଛି। ଜଳସେଚନ ବିଭାଗ ଅଧୀନରେ ଏହି ଯୋର ଆସୁଥିବାରୁ ଉକ୍ତ ବିଭାଗ ପାଖରେ ରିପୋର୍ଟ ଦାଖଲ କରାଯାଇଛି। ଅନୁମତି ମିଳିଲେ ଏସ୍‌ଏମ୍‌ସି କିମ୍ବା ଜଳସେଚନ ବିଭାଗ ପକ୍ଷରୁ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯିବ।

ଏସ୍‌ଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି କହିଛନ୍ତି, ହୀରାକୁଦ ଅଞ୍ଚଳରୁ ଏହି ଯୋର ବାହାରି ମନ୍ଦଲିଆଠାରେ ମହାନଦୀରେ ମିଶିଛି।


ସମ୍ବଲପୁର ମନ୍ଦଲିଆ ଯୋର ।

ପ୍ରବଳ ବର୍ଷା ହେଲେ ମହାନଦୀର ଜଳସ୍ତର ବଢ଼ିବା ପରେ ମନ୍ଦଲିଆ ଯୋରର ଜଳ ମହାନଦୀକୁ ନିର୍ଗତ ହୋଇପାରି ନ ଥାଏ । ଫଳରେ ପଛୁଆ ଜଳ ତଳି ଅଞ୍ଚଳରେ ପ୍ରବେଶ କରେ। ଏହାଦ୍ୱାରା ତାଲଭଟାପଡ଼ା, ଚନ୍ଦନନଗର ସହ ପାର୍ଶ୍ୱରେ ଥିବା ବହୁ ବସ୍ତି ବାସିନ୍ଦା ପ୍ରଭାବିତ ହୋଇଥାନ୍ତି। ପ୍ରତିବର୍ଷ ସେଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ପୂର୍ବରୁ ଅବଶ୍ୟ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଇଥାଏ। ସେମାନଙ୍କୁ ଆଶ୍ରୟସ୍ଥଳରେ ରଖିବା ସହ ଖାଇବାକୁ ଦିଆଯାଇଥାଏ। ଏଠାରେ ସ୍ଲୁଇସ୍ ଗେଟ୍ ନିର୍ମାଣ ହେଲେ ମହାନଦୀର ପଛୁଆ ଜଳ ସହରର ତଳି ଅଞ୍ଚଳରେ ପ୍ରବେଶ କରିବ ନାହିଁ। ଫଳରେ ଦୀର୍ଘଦିନ ଧରି ଉକ୍ତ

### ବନ୍ୟାଜଳ ନିୟନ୍ତ୍ରଣ

ଅଞ୍ଚଳରେ ଲାଗିରହିଥିବା ପାଣି ଜମିବା ସମସ୍ୟାର ସମାଧାନ ହୋଇପାରିବ। ମନ୍ଦଲିଆ ଯୋର ଜଳସେଚନ ବିଭାଗ ଅଧୀନରେ ଆସୁଥିବାରୁ ଆମେ ସ୍ଲୁଇସ୍ ଫାଟକ ପାଇଁ ଉକ୍ତ ବିଭାଗ ନିକଟରେ ପ୍ରସ୍ତାବ ଦାଖଲ କରିଛୁ। ସେଠାରେ ଜଳ ପରିଚାଳନା ଯାଞ୍ଚ ପାଇଁ ବସ୍ତି ଅଞ୍ଚଳରେ ଏକ ଛୋଟ ସ୍ଲୁଇସ୍ ଗେଟ୍ ମଧ୍ୟ ବିକଶିତ ହେବ। ବନ୍ୟା ଓ ବର୍ଷାଜଳ ପରିଚାଳନା ପାଇଁ ମନ୍ଦଲିଆଠାରେ ଏକ ସ୍ଲୁଇସ୍ ଗେଟ୍ ନିହାତି ଆବଶ୍ୟକ। ଖୁବ୍‌ଶୀଘ୍ର ଏହା ସ୍ଥାପନ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ସରକାରୀ ସୂତ୍ରରୁ ପ୍ରକାଶ ଯେ, ସହରର ବିନଖଣ୍ଡି ଓ ବାଲିବନ୍ଧା ସମେତ ବିଭିନ୍ନ ନଦୀ, ନାଳ, ଯୋରରୁ ୧୭ ସ୍ଲୁଇସ୍‌ଗେଟ୍ ଦେଇ ଜଳ ମହାନଦୀକୁ ଛଡ଼ାଯାଉଛି।

# ବ୍ୟବହାରିକ ଶିକ୍ଷା ଚରିତ୍ରରେ ପରିବର୍ତ୍ତନ ଆଣିବ



ସମ୍ବଲପୁର, ୧୨।୮(ଶୁଭାଶିଷ ପାଢ଼ୀ)

ସ୍କୁଲରେ ଛାତ୍ରୀଛାତ୍ର ଯେତେ ସମୟ ରହୁଛନ୍ତି ଘରେ ପରିବାର ସହିତ ତା'ଠାରୁ ଅଧିକ ସମୟ ରହୁଛନ୍ତି। ସ୍କୁଲ ଶିକ୍ଷାରେ ପିଲାମାନଙ୍କ ଭବିଷ୍ୟତ ଗଠନ ହୋଇପାରିବ। ହେଲେ ପରିବାର ସଦସ୍ୟଙ୍କ ସାମାଜିକ, ବ୍ୟବହାରିକ ଶିକ୍ଷା ଚରିତ୍ରରେ ପରିବର୍ତ୍ତନ ଆଣିବ ବୋଲି ମାନେଶ୍ୱର ବ୍ଲକ ବୀର ସୁରେନ୍ଦ୍ର ସାଏ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଗୋପିରଞ୍ଜନ ବେହେରା କହିଥିଲେ। ସେ ଆହୁରି କହିଥିଲେ, ଅଭିଭାବକମାନେ ବିଦ୍ୟାଳୟ ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ରହିବା ଆବଶ୍ୟକ। ସରକାରୀ ସ୍ତରରେ ସ୍କୁଲର ବିକାଶ କରାଯାଉଛି। ହେଲେ ପିଲାମାନେ ଯେଭଳି ଭଲ ପଢିବେ ସେଥିପାଇଁ ଶିକ୍ଷକ ଓ ଅଭିଭାବକ ଦାୟିତ୍ୱ ବହନ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ଅରବିନ୍ଦ ପାଣିଗ୍ରାହୀ ଅଧ୍ୟକ୍ଷତା କରି ଅଭିଭାବକମାନେ ସିଧାସଳଖ ତାଙ୍କ ସହ ଯୋଗାଯୋଗ ରଖିବା ପାଇଁ ଅନୁରୋଧ କରିଥିଲେ। ଶେଷରେ ହିନ୍ଦୀ ଶିକ୍ଷକ ଯୋଗେଶ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ତପସ୍ୱିନୀ ପ୍ରେକ୍ଷାଳୟରେ ଜାତୀୟ ସମ୍ମାନ



ଜାତୀୟ ସମ୍ମାନରେ ଅତିଥି ଓ ବକ୍ତାମାନେ ।

ସମ୍ବଲପୁର,୧୨।୮(ବି.ଶଙ୍କର)

ପୂର୍ଣ୍ଣାଙ୍ଗ ଶିକ୍ଷା ନୂତନ ଜାତୀୟ ଶିକ୍ଷାନୀତି ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମାନ ଶନିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଉଦ୍‌ଘାଟିତ ହୋଇଛି। ସମ୍ବଲପୁର ପବ୍ଲିକ ଲାଇବ୍ରେରି ଓ ନୂଆଦିଲ୍ଲୀର ରାମାନୁଜନ କଲେଜ ମିଳିତ ସହଯୋଗରେ ଆୟୋଜିତ ସମ୍ମାନରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ଅଭାଷୀ ମାଧ୍ୟମରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନେ ତତ୍ପରତା ପ୍ରକାଶ କରି ନିଜକୁ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଫେସର ଭି.ଏନ୍. ମାଗରେ, ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟର ପ୍ରଫେସର କ୍ରିଷ୍ଣ ପ୍ରସାଦ ଶିକ୍ଷା ପଦ୍ଧତିରେ ମାନବିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନର ଅନ୍ୟତମ ଆୟୋଜକ ରାମନୁଜନ କଲେଜ ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ପ୍ରଫେସର ସୁମତ ଅଗ୍ରୱାଲ ଶିକ୍ଷକମାନଙ୍କ ତାଲିମ ଓ ପ୍ରଶିକ୍ଷଣ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ପ୍ରଫେସର ହୃଷୀକେଶ ସେନାପତି ଓ ପ୍ରଫେସର ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ରବିନାରାୟଣ ମିଶ୍ର ସଂଯୋଜନା କରିଥିବାବେଳେ ବରିଷ୍ଠ ସଭ୍ୟ ଅରବିନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଜ୍ଞାନ ଶିକ୍ଷା ଓ ଶିକ୍ଷା ଡିଜିଟାଇଜେସନ ଏବଂ ଗୁରୁ ଶିଷ୍ୟ ପରମ୍ପରା ଆଧାରିତ ଆଲୋଚନାରେ ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ଡ. ନିରୂପମା ବଡ଼ପଣ୍ଡା, ପ୍ରଫେସର ନିଖିଳ ରାଜପୁତ, ପ୍ରଫେସର ସାହିଲ ପାଠକ, ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, ରୁପଶ୍ରୀ ଗୋସ୍ୱାମୀ, ଡ. ଜେ.ଏନ୍. ଚୌଧୁରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଡା. ନାରାୟଣୀ ପଣ୍ଡା, ଡା. ବିନୋଦ ଚନ୍ଦ୍ର ନାୟକ, ଆଇନ କଲେଜ ଅଧ୍ୟକ୍ଷ ଡ.ବିଜୟନନ୍ଦ ବେହେରା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡ. ଉମାଚରଣ ପତି, ପ୍ରଫେସର କାମଦେବ ସାହୁ, ଗୋଲକ ବିହାରୀ ମିଶ୍ର ନିମନ୍ତ୍ରିତ ଅତିଥି ଥିଲେ।

# ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ

ଜମନକିରା,୧୨।୮
(ରବୀନ୍ଦ୍ର ପ୍ରସାଦ ଦାନି)

ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଶନିବାର ସ୍ଥାନୀୟ କିରାଶାସନସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ସହ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ତେଜରାଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକୃତିବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଉଦ୍ୟାନ ଅଧିକାରୀ ପ୍ରକୃତିବନ୍ଧୁ ରବୀନ୍ଦ୍ର କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଙ୍ଗଲ ନଷ୍ଟ ଯୋଗୁ ବନ୍ୟପ୍ରାଣୀ ବିଶେଷ କରି ହାତୀମାନେ ଜନବସତିକୁ ମାଡି ଆସୁଛନ୍ତି। ଏଣୁ ବନ ସୁରକ୍ଷା ସହ ବ୍ୟାପକ ବୃକ୍ଷ ରୋପଣ କରି ପ୍ରକୃତିର ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ମୁଖ୍ୟ ଅତିଥି ନାୟକଙ୍କୁ ପରିବେଶବିତ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ନବୀନ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ସସ୍ମିତା ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିକ୍ଷୟିତ୍ରୀ ଲିନା ପଟେଲ, ପଙ୍କଜିନୀ ନାୟକ, କ୍ଷୀରୋଦିନୀ ରାଉତ, ତରୁଲତା ବାଗଙ୍କ ସମେତ ଛାତ୍ରୀଛାତ୍ର ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସ୍କୁଲ ପରିସରରେ ବିଭିନ୍ନ ପ୍ରଜାତିର ୭୫ଟି ଚାରା ରୋପଣ କରିଥିଲେ।

# ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ



ଦେବଗଡ଼,୧୨।୮
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ମଡେଲ ଡିଗ୍ରୀ କଲେଜରେ ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ କଲେଜ ସେମିନାର ହଲରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଓ ଶତାଧିକ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଗାଁ ର ବିକାଶ, ଦେଶର ବିକାଶ 'ଶୀର୍ଷକ ପାଠଚକ୍ରର ବିଷୟ ବସ୍ତୁ ଉପରେ ଅଧ୍ୟାପିକା ଶତରୁପା ମିଶ୍ର, ଅଧ୍ୟାପକ ଅନାଦି ଚରଣ ଦାସ, ବିକ୍ରମ କୁମାର ଜେନା ଓ ଅଧ୍ୟାପିକା ପ୍ରଜ୍ଞପ୍ତି ସାହୁ ପ୍ରମୁଖ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣା ତାଙ୍କ ଅଭିଭାଷଣରେ ଗାଁ ର ବିକାଶରେ ଦେଶର ଯଥାର୍ଥ ବିକାଶ ନିହିତ ରହିଛି ବୋଲି ବିଦ୍ୟାର୍ଥୀଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ମୁଖପାତ୍ର ଦେବପ୍ରଭା ମାଗାଜିନ ଅଧ୍ୟକ୍ଷଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଏନ୍‌ଏଲ୍‌ସି କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

### ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

ରେଙ୍ଗାଲି,୧୨।୮(ଦେବବ୍ରତ ପଣ୍ଡା): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଖନନ କରୁଥିବା ଏନ୍‌ଏଲ୍‌ସି କମ୍ପାନୀ କାର୍ଯ୍ୟାଳୟକୁ ଶନିବାର ବିସ୍ଥାପିତ ଗ୍ରାମବାସୀ ଘେରାଉ କରିଥିଲେ। ଖିଣ୍ଡା ଉଚ୍ଚ ବିଦ୍ୟାଳୟରେ କମ୍ପାନୀ ପକ୍ଷରୁ ଶିକ୍ଷକ ନିଯୁକ୍ତି ଦାବି କରାଯାଇ ଏହି ଆନ୍ଦୋଳନ କରାଯାଇଥିଲା। ସେମାନେ ଦର୍ଶାଇଥିଲେ, ଖିଣ୍ଡା ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟରେ ଏବେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୩ ଜଣ ଶିକ୍ଷକ ଅଛନ୍ତି। ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ଥିବାବେଳେ କଳା ଶିକ୍ଷକ, ପିସିଏମ୍ ଶିକ୍ଷକ ପଦ ଖାଲି ପଡ଼ିଛି। ପରେ ଗ୍ରାମବାସୀ ଏ ନେଇ କମ୍ପାନୀ ଡିଜିଏମ୍ ଏଚ୍‌ଆର୍ ନିରାଜ କୁମାର ସିହ୍ନାଙ୍କୁ ଦାବିପତ୍ର ଦେଇଥିଲେ। ଆସନ୍ତା ୨୨ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ସେମାନେ କମ୍ପାନୀ ଗେଟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣ ଦେବେ ବୋଲି ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ କମଳିନି ରାୟ, ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଅକୁଳା ପ୍ରଧାନ, ଫକିରା ବୁଢିଆ, ସରିତ ବିଶ୍ୱାଳ, କୃଷ୍ଣଚନ୍ଦ୍ର ମେହେରଙ୍କ ସମେତ ଛାତ୍ର ଅଭିଭାବକ ସାମିଲ ଥିଲେ।


କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଆନ୍ଦୋଳନ।

# ଶହୀଦ ଖୁଦିରାମ ବୋଷଙ୍କ ତିରୋଧାନ ଦିବସ

ସମ୍ବଲପୁର,୧୨।୮(ବି.ଶଙ୍କର)

ଶହୀଦ ଖୁଦିରାମ ବୋଷଙ୍କ ୧୧୫ତମ ତିରୋଧାନ ଦିବସ ଶନିବାର ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଆସଫ ଅଲ୍ଲୀ ଖାଁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଶହୀଦଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ଜିଲା କଂଗ୍ରେସର ପ୍ଳାବନ ବହିଦାର, ସୁମିତ ଷଡ଼ଙ୍ଗୀ, ସୁରେଶ ପ୍ରଧାନ, ଦୀନବନ୍ଧୁ ପରିଡ଼ା, ଜୟରାମ ବନିଆ, ଓକିଲ ଚୌଧୁରି, ସଦାନନ୍ଦ ବରାଡ, ସଞ୍ଜୀବ ସୁନା, ମହମ୍ମଦ ରହିମ ଜାକିର ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# କମ୍ୟୁନିଷ୍ଟ ନେତ୍ରୀଙ୍କ ପରଲୋକ

ସମ୍ବଲପୁର,୧୨।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁରର ବର୍ଷୀୟାନ କମ୍ୟୁନିଷ୍ଟ ନେତ୍ରୀ ଶକୁନ୍ତଳା ଷଡ଼ଙ୍ଗୀଙ୍କ ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ବର୍ଷ ହୋଇଥିଲା। ସ୍ୱାମୀ ଖବରଦାତା ଭକ୍ତପ୍ରସାଦ ଷଡ଼ଙ୍ଗୀଙ୍କର ୭ବର୍ଷ ପୂର୍ବେ ବିୟୋଗ ଘଟିଥିଲା। ଶେଷ ସମୟରେ ତାଙ୍କ ବୁଢ଼ାରଜା ବାସଭବନରେ ପୁଅ, ଝିଅ, ଜ୍ୱାଇଁ ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ। ଖବର ପାଇ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, କମ୍ୟୁନିଷ୍ଟ ନେତା ଅଶୋକ ବିଶି, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ସାମାଜିକ କର୍ମୀ ସୁଧୀର ପୂଜାରୀ, ଚାଷୀନେତା ଅଶୋକ ପ୍ରଧାନ, ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସିପିଆଇ ଜିଲା ସମ୍ପାଦକ ଏନ୍. ଗୋପାଳ ଓ ଏଆଇଟିୟୁସି ଜିଲା ସଭାପତି ରବୀନ୍ଦ୍ର ମହାନ୍ତି ମରଶରୀରକୁ ଲାଲପତାକାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉତ୍ସର୍ଗ ଅନୁଷ୍ଠାନ ଜରିଆରେ ସେ କରିଥିବା ଇଚ୍ଛାପତ୍ର ଅନୁଯାୟୀ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପାଇଁ ପରିବାର ଲୋକେ ତାଙ୍କ ମରଶରୀରକୁ ବୁର୍ଲା ଭିମ୍‌ସାର ଆନାଟୋମି ବିଭାଗକୁ ହସ୍ତାନ୍ତର କରିଥିଲେ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଅବିଭକ୍ତ ସମ୍ବଲପୁର ଜିଲାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସମ୍ପାଦକ ଦୟାନନ୍ଦ ଶତପଥୀ ଓ ମେନକା ଦେବୀଙ୍କ ବଡ଼ଝିଅ ହେଉଛନ୍ତି ଶକୁନ୍ତଳା। ପିଲାଦିନୁ ସ୍ୱାଧୀନତା ସଂଗ୍ରାମ ଓ ଶୋଷଣ ବିହୀନ ସମାଜ ପାଇଁ ବାପା ଦୟାନନ୍ଦଙ୍କ ତ୍ୟାଗ ଓ ସଂଘର୍ଷକୁ ପ୍ରତ୍ୟକ୍ଷ କରିଥିବା ଶକୁନ୍ତଳା ନିଜକୁ ମଧ୍ୟ ସେହି ଛାଞ୍ଚରେ ଗଢ଼ିଥିଲେ। ୧୯୮୩ ମସିହାରେ ସେ ବିଧିବଦ୍ଧ ଭାବେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ସଦସ୍ୟତା ଗ୍ରହଣ କରି ଅସଙ୍ଗଠିତ ଶ୍ରମିକ ଓ ହୀରାକୁଦ ବିସ୍ଥାପିତଙ୍କ ଆନ୍ଦୋଳନରେ ସକ୍ରିୟ ହୋଇଥିଲେ । ସେ ସିପିଆଇର ରାଜ୍ୟ ପରିଷଦ ତଥା ରାଜ୍ୟ କଣ୍ଟ୍ରୋଲ କମିଶନର ପ୍ରଥମ ମହିଳା ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ନ୍ୟାଶନାଲ ଫେଡେରେଶନ ଅଫ୍ ଇଣ୍ଡିଆନ ଓମେନର ଜାତୀୟ ପରିଷଦ ସଭ୍ୟ, ଉତ୍କଳ ମହିଳା ସମିତିର ରାଜ୍ୟ ଉପସଭାନେତ୍ରୀ ତଥା ସମ୍ବଲପୁର ଜିଲା ସଭାନେତ୍ରୀ ଭାବେ ସେ ମହିଳା ଆନ୍ଦୋଳନର ନେତୃତ୍ୱ ନେଉଥିଲେ। ଲେଖିକା ଭାବେ ତାଙ୍କ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି। ଜଣେ ସମାଜସେବୀ ଭାବେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ମାନିତ ହୋଇଛନ୍ତି।

### ଅଧ୍ୟୟନ ପାଇଁ ଭିମ୍‌ସାରକୁ ମୃତ ଶରୀର ଦାନ


ଶକୁନ୍ତଳା ଦେବୀ ।

# ଦେଶୀ ବନ୍ଧୁକ ଜବତ: ଜଣେ ଗିରଫ

କୁଚିଣ୍ଡା,୧୨।୮(ବିରଞ୍ଚି ଦର୍ଭା)

ମହୁଲପାଲି ଥାନା ବନ୍ଧକାନି ଗ୍ରାମର କୁଞ୍ଜବନ ରଣା ଓ ତାଙ୍କ ପୁଅଙ୍କୁ ବନ୍ଧୁକ ଦେଖାଇ ଜୀବନରୁ ମାରିବାକୁ ଧମକ ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କୁଞ୍ଜବନଙ୍କ ଲିଖିତ ରିପୋର୍ଟ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମହୁଲପାଲି ଥାନା ବାଉରୀଗୋଡା (ଭୁଲୁପଡା) ଗ୍ରାମର ବେଦବ୍ୟାସ ଶବର (୨୮)। ଏ ନେଇ ମହୁଲପାଲି ଥାନାରେ ଆଇପିସି ଧାରା ୨୯୪/୩୦୭/୨୫ ଆର୍ମ୍ସ ଆକ୍ଟରେ ମାମଲା (ନଂ.୯୨/୨୩) ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ କୁଞ୍ଜବନଙ୍କ ଏକମାତ୍ର ଝିଅ ରୁବି ରଣାଙ୍କୁ ଅଭିଯୁକ୍ତ ବେଦବ୍ୟାସ ୬ବର୍ଷ ତଳେ ବିବାହ ନ କରି ସ୍ତ୍ରୀ ଭାବରେ ରଖିଥିଲେ। ପରିବାର ଲୋକ ବିରୋଧ କରିବାରୁ ସେମାନେ ଘରଛାଡି ସେହି ଥାନାର କୁର୍ମୀମୁଣ୍ଡାରେ ରହୁଥିଲେ। ସେମାନଙ୍କର ୫ବର୍ଷ ଓ ୩ବର୍ଷର ଦୁଇ ସନ୍ତାନ ଅଛନ୍ତି। ମାତ୍ର ବେଦବ୍ୟାସ ବିଭିନ୍ନ ସମୟରେ ମଦ୍ୟପାନ କରି ରୁବିଙ୍କୁ ନିର୍ଯାତନା ଦେଉଥିଲେ। କୌଣସି କାରଣକୁ ନେଇ ଅଭିଯୁକ୍ତ ମଦ୍ୟପାନ କରି ଶୁକ୍ରବାର ରାତିରେ ବନ୍ଧକାନି ଗ୍ରାମକୁ ଯାଇ କୁଞ୍ଜବନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସେ ଧରିଥିବା ଏକ ଦେଶୀ ବନ୍ଧୁକରୁ ଗୋଟିଏ ରାଉଣ୍ଡ ଗୁଳି ଚଳାଇ ତାଙ୍କ ପୁଅ ନିର୍ମଳଙ୍କୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ପୁଣି ଶନିବାର ସକାଳୁ ଆସି ସେହିପରି ଆତଙ୍କ ସୃଷ୍ଟି କରିଥିବା ଥାନା ରିପୋର୍ଟରୁ ଜଣାଯାଇଛି। ପ୍ରକାଶଥାଉ କି, ବେଦବ୍ୟାସ ଏକ ଦେଶୀ ବନ୍ଧୁକ ରଖିଛନ୍ତି। ସେଥିରେ ସେ ଛରଲା ଓ ବାରୁଦ ଭର୍ତ୍ତି କରି ଚଢେଇ ଶିକାର କରି ପେଟ ପୋଷନ୍ତି। ପୋଲିସ ତାଙ୍କଠାରୁ ଦେଶୀ ବନ୍ଧୁକ, ୨ଶହ ଗ୍ରାମ ଗନ୍ ପାଉଡର ସହ ୨୦ ରାଉଣ୍ଡ ଛରଲା ଜବତ କରିଛି। ମହୁଲପାଲି ଥାନା ଏସ୍‌ଆଇ ଦିଲିପ ବେହେରା ଘଟଣାର ତଦନ୍ତ କରୁଛନ୍ତି।


ଗିରଫ ବେଦବ୍ୟାସ ।

# ରୋଗୀ କଲ୍ୟାଣ ସମିତି ବୈଠକ

କୁଚିଣ୍ଡା,୧୨।୮(ବିରଞ୍ଚି ଦର୍ଭା)

କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଶନିବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆମ ଡାକ୍ତରଖାନା କାର୍ଯ୍ୟର ସମୀକ୍ଷା କରାଯାଇ ୨୦୨୩-୨୪ରେ ହେବାକୁ ଥିବା ଚାଇଲ୍ଡ ମଦର କେୟାର ସେଣ୍ଟର, ଟ୍ରମା କେୟାର ସେଣ୍ଟର, ଅସ୍ତ୍ରୋପଚାର କକ୍ଷ, ୧୦୦ଶଯ୍ୟା ବିଶିଷ୍ଟ ନୂତନ କୋଠା, ନୂତନ ରକ୍ତଭଣ୍ଡାର କୋଠା ନିର୍ମାଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହାର ଅନୁମୋଦନ ଓ ଜମି ଅଧିଗ୍ରହଣ ସକାଶେ ସରକାରଙ୍କୁ ପତ୍ରାଳାପ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ସହକାରୀ ଜିଲାପାଳ ଲୋଚନ ଶବର, ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଏସ୍‌ଡିଏମ୍‌ଓ ଡା. ସୁବୋଧ ନାୟକ, ମ୍ୟାନେଜର ଦୀପକ ନନ୍ଦ, ସଭ୍ୟ ରବୀନ୍ଦ୍ର ନାୟକ, ବିଜୁ ସାହୁ, ପ୍ରଶାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର କିଷାନ ପ୍ରମୁଖ ଉପସ୍ଥିତ ଥିଲେ।

# ସାଗର ହାଇସ୍କୁଲରେ ହସ୍ତକଳା ପ୍ରଦର୍ଶନୀ

ଜମନକିରା,୧୨।୮(ରବୀନ୍ଦ୍ର ଦାନି)

ବାମରା ବ୍ଲକ ଅନ୍ତର୍ଗତ ସାଗର ଜନତା ହାଇସ୍କୁଲରେ ଶନିବାର ହସ୍ତକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମୁଦାୟ ୮୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରପତି ଭାବେ ପ୍ରଶାନ୍ତ ମିଶ୍ର, ବିନୟ ପଣ୍ଡା, ପ୍ରଦୀପ କିଶୋର ବେହେରା, ଚେତନା ନାୟକ, ଶୋଭା କୁସୁମ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ପ୍ରଜାପତି ପ୍ରଥମ, ପ୍ରଦୀପ ନାୟକ ଦ୍ୱିତୀୟ ଓ ସାଇପ୍ରସନ୍ନ ଦେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିସହ ରୋଶ୍‌ନୀଙ୍କୁ ସତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଅମିତ୍ର କୁମାର ବିଶାଳ ପିଲାମାନଙ୍କୁ ମାର୍ଗଦର୍ଶନ କରିଥିଲ।



ହସ୍ତକଳା ପ୍ରଦର୍ଶନ କରୁଛନ୍ତି ଛାତ୍ରୀଛାତ୍ର।

# ଅସୁସ୍ଥ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

### ନବୋଦୟ ଆବାସିକ ବିଦ୍ୟାଳୟ

ସମ୍ବଲପୁର, ୧୨।୮(ଶୁଭାଶିଷ ପାଢୀ)

ସମ୍ବଲପୁର ଗୋଶାଳାସ୍ଥିତ ନବୋଦୟ ଅବାସିକ ବିଦ୍ୟାଳୟରେ ଏକ ଡାକ୍ତରୀ ଦଳ ପହଞ୍ଚି ଅସୁସ୍ଥ ଥିବା ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ପ୍ରାୟ ୩୦ ଜଣ ପିଲା ଗତକାଲି ଖାଇବା ପରେ ଅସୁସ୍ଥତା ଅନୁଭବ କରିଥିଲେ। ପେଟ ବ୍ୟଥା ହେବା ସହ ଝାଡାବାନ୍ତି ହୋଇଥିଲା। ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ଗଠନ ହୋଇଥିବା ଡାକ୍ତରୀ ଦଳ ପରୀକ୍ଷା କରି ଫେରିଛନ୍ତି । ସ୍କୁଲରେ ଦୁଇଜଣ ନର୍ସ ରହି ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ପିଲାମାନେ ହଷ୍ଟେଲରେ ରାତ୍ର ଭୋଜନ ଖାଇ ଶୋଇଥିଲେ। ଶୁକ୍ରବାର ସକାଳେ କେତେଜଣ ପିଲା ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପ୍ରଥମେ ସେମାନଙ୍କୁ ହଷ୍ଟେଲରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ହେଲେ ପିଲାମାନେ ଅଧିକ ଅସୁସ୍ଥ ଅନୁଭବ କରିବାରୁ ସ୍କୁଲ ଅଧ୍ୟକ୍ଷ ଡାକ୍ତରୀ ଟିମକୁ ଖବର ଦେଇଥିଲେ। ପ୍ରାୟ ୮୦ଜଣ ଅସୁସ୍ଥ୍ୟ ହୋଇଥିବା ବେଳେ ଶନିବାର ସନ୍ଧ୍ୟା ସୁଦ୍ଧା ସେଥିରୁ ୭୦ ଜଣ ସୁସ୍ଥ ହୋଇଛନ୍ତି। ଆଉ ୧୦ ଜଣ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ସ୍କୁଲ ଅଧ୍ୟକ୍ଷ ସୁଧାଂଶୁ କୁମାର ଦାସ କହିଛନ୍ତି, ଶନିବାର ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତେ ଭଲ ଅଛନ୍ତି। ଖାଇବା ପରେ ଅସୁସ୍ଥ ଅନୁଭବ କରିଥିଲେ। ସିଡିଏମ୍‌ଓଙ୍କୁ ଜଣାଇବା ପରେ ଡାକ୍ତରୀଦଳ ପହଞ୍ଚି ଚିକିତ୍ସା କରିଥିଲେ। ଦୁଇଦିନ ଧରି ଚିକିତ୍ସା କରାଯାଉଛି ବୋଲି ସେ କହିଥିଲେ।



ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଡାକ୍ତର।

# ବର୍ଷା ନାହିଁ, ଆଗଉନି ଚାଷ

- କୋକସରା ବ୍ଲକର ୭ପଞ୍ଚାୟତର ଚାଷୀ ଆଶଙ୍କିତ
- ମୋଟର ଲଗାଇ ତଳିଘରା ବଞ୍ଚାଇବାକୁ ଚେଷ୍ଟା କରୁଛି ଚାଷୀ
- ପ୍ରଭାବିତ ଚାଷଜମି ପରିଦର୍ଶନ କଲେ କୃଷି ଅଧିକାରୀ

କୋକସରା,୧୨।୮
(ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

ନିଆଣ୍ଟିଆ ବର୍ଷା ଯୋଗୁ କଳାହାଣ୍ଡି ଜିଲା କୋକସରା ବ୍ଲକର ଅନେକ ପଞ୍ଚାୟତରେ ଏବେ ସମ୍ଭାବ୍ୟ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଅନିୟମିତ ବର୍ଷା କାରଣରୁ ବଡ଼ ପୋ ଆମପାଣି, ବରାଡଙ୍ଗା, ମହିମା, ସାନ ପୋ କାଉଡୋଳା ଆଦି ପଞ୍ଚାୟତର ଚାଷୀ ଚିନ୍ତାରେ ପଡ଼ିଛି। କିଛିଦିନ ତଳେ ଲଘୁଚାପଜନିତ ବର୍ଷା ପରେ ଚାଷୀ ଚାଷକାମ ଆରମ୍ଭ କରିଥିଲା। ଚାଷୀଙ୍କୁ ନିରାଶ କରି ବର୍ଷା ଏବେ ଉଭାନ ହୋଇଯାଇଛି ଯେମିତି। ଏହି ପଞ୍ଚାୟତମାନଙ୍କରେ ଜଳସେଚନ ସୁବିଧା ନାହିଁ। ଯେଉଁ ସବୁ ଚେକଡ୍ୟାମ ରହିଛି ବର୍ଷା ଅଭାବରୁ ଶୁଖିଲା ପଡ଼ିଛି। କୋକସରା ବ୍ଲକର ଅଣ ଜଳସେଚିତ ଚାଷଜମି ପାଇଁ ୨୦୨୧ ରେ ମେଗାଲିଫ୍ଟ କେନାଲରୁ ଜଳସେଚନ ଆରମ୍ଭ ହୋଇଥିଲେ ମଧ୍ୟ ଏହି ସବୁ ପଞ୍ଚାୟତ ଏଥିରୁ ବାଦ ପଡ଼ିଛି। ସାନ ପୋ ପଞ୍ଚାୟତ ଦେଇ ମେଗାଲିଫ୍ଟ କେନାଲ ଯାଇଥିଲେ ମଧ୍ୟ ଦୀପ ତଳ ଅନ୍ଧାର ପରି ପାଣି ମାଡୁନାହିଁ ବୋଲି ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି। ଅଣଜଳସେଚିତ ଏହି ଅଞ୍ଚଳର ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ଫାଇନାନ୍ସ କମ୍ପାନୀ ଓ ମହାଜନି ଋଣ ଆଣି ଖରିଫ ଚାଷ ପାଇଁ ଜମି ପ୍ରସ୍ତୁତ କରି ଧାନ ବିହନ, ଖତସାର ଆଣି ଚାଷ କରିଥିଲେ। ହେଲେ ବର୍ଷାର ଅନିୟମିତତା ଯୋଗୁଁ କୋଉଠି ମଧ୍ୟ ଚାଷ କାର୍ଯ୍ୟ ସମ୍ପାଦନ ହୋଇ ପାରିନାହିଁ। କେଉଁଠି ଚାଷୀ ପାଣି ମୋଟର ଲଗାଇ ତଳି ଘରାକୁ ବଞ୍ଚାଇବାକୁ ଚେଷ୍ଟା କରୁଛି ତ କେଉଁଠି ପୋଖରୀରୁ ମୋଟର ପମ୍ପରେ ପାଣି ଉଠାଇ ରୁଆପୋତା କରୁଥିବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଆଗାମୀ ଏକ ସପ୍ତାହ ମଧ୍ୟରେ ଭଲ ବର୍ଷା ନ ହେଲେ ଏହି ୭ ପଞ୍ଚାୟତରେ ମରୁଡ଼ି ହେବା ନିଶ୍ଚିତ। ଗତ ବୁଧବାର ଚାଷୀଙ୍କ ଅଭିଯୋଗ ପରେ ଏହି ଅଞ୍ଚଳକୁ କଳାହାଣ୍ଡି ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଗସ୍ତ କରି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। କୃଷି ବିଭାଗକୁ ଜଣାଇବା ପରେ ଶୁକ୍ରବାର କୃଷି ଜିଲା ଅଧିକାରୀ ଜାମି ସୂର୍ଯ୍ୟା ରାଓ, ବ୍ଲକ କୃଷି ଅଧିକାରୀ ରାକେଶ ମାଝି, ସହକୃଷି ଅଧିକାରୀ ଅର୍ଦ୍ଧେନ୍ଦୁ କୁମାର ନାଏକ, କୃଷି ଅଧିଦର୍ଶକ ରଘୁନାଥ ଜାଲ, ଗ୍ରାମ୍ୟ କୃଷି କର୍ମଚାରୀ ଅଜିତ କୁମାର ସାହୁ, ଅବିନାଶ ଠାକୁର ପରିଦର୍ଶନ କରି ପ୍ରଭାବିତ କୃଷକଙ୍କ ସହିତ ଆଲୋଚନା କରିଥିଲେ। ଏନେଇ ଲକ୍ଷ୍ମୀଧର ପୂଝାରି, ସୂର୍ଯ୍ୟ କୁମାର ମେହର, ତ୍ରିଶୁଳ କ୍ରୁଏଡ଼, ଗୌରାଙ୍ଗ ନିଆଲ, କ୍ଷିତିରାମ ନିଆଲ, ଦିପେନ୍ଦ୍ର ମେହେର, କେଶବ ଧରୁଆ, ବିକ୍ରମ ବେମାଲ, କୁଞ୍ଜ ସୌରୀ, ତ୍ରିନାଥ କ୍ରୁଏଡ଼, ପାର୍ଥବ ମାଝି, ପୂର୍ଣ୍ଣଚନ୍ଦ୍ର ନାଏକ, ଘନଶ୍ୟାମ ନାଏକ ପ୍ରମୁଖ ଚାଷୀ ନିଜର କ୍ଷତିଗ୍ରସ୍ତ ଚାଷ ଜମି ଦେଖାଇବା ସହ ରାଜ୍ୟ ସରକାର ଚାଷୀଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।


ଅଧିକାରୀମାନେ ମରୁଡ଼ି ଅଞ୍ଚଳ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଗାଈ, ଛେଳି ଫାର୍ମ ଅଧ୍ୟୟନ ପରାମର୍ଶ କର୍ମଶାଳା

ଲୋଇସିଂହା, ୧୨।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଆକ୍ସେସ୍ ଲାଇଭଲିହୁଡ୍ସ ପକ୍ଷରୁ ଗାଈ ଓ ଛେଳି ଫାର୍ମ ଅଧ୍ୟୟନ ଉପରେ ପରାମର୍ଶ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱରଞ୍ଜନ ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ନାବାର୍ଡ ଡିଡିଏମ ବିବେକ କୁମାର ନାୟକ ଯୋଗଦେଇ ଉତ୍ପାଦ କମ୍ପାନୀର ଗୁରୁତ୍ୱ, ଭୂମିକା ଏବଂ ପରିସର ଉପରେ ଆଲୋକପାତ କରିଥିଲେ। ଏହାବ୍ୟତୀତ ଦୁଗ୍ଧ କମ୍ପାନୀର ଅଭିବୃଦ୍ଧି ଏବଂ ବ୍ୟବସାୟ ସହିତ ଜଡିତ ଅନେକ ଯୋଜନା ଉପରେ ଆଲୋକପାତ କରିଥିଲେ। ସେହିପରି ଏଡିଓ ଡ. ପି.କେ.ମହାନ୍ତି ଉତ୍ପାଦ କମ୍ପାନୀଗୁଡିକ ପାଇଁ ସମନ୍ତରାଳ ବ୍ୟବସାୟର ଗୁରୁତ୍ୱ ବିଷୟରେ କହିଥିଲେ। ଜିଲା ଶିଳ୍ପକେନ୍ଦ୍ର ଜେନେରାଲ ମ୍ୟାନେଜର ବି.ପି.ଦାସ ଉତ୍ପାଦ କମ୍ପାନୀ ପାଇଁ ବ୍ୟବସାୟ ପୋର୍ଟଫୋଲିଓରେ ବିବିଧକରଣର ଗୁରୁତ୍ୱକୁ ସୂଚିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀ ଚିକିତ୍ସକ ଡା.ଜଳନ୍ଧର ପଧାନ, ଡ.ତପନ ପଲେଇ, କେବିକେ ଓମଫେଡର ଡ.ରଜନୀକାନ୍ତ ପଣ୍ଡା, ଇରିର ଏମ୍.ଡି ସୁଲତାନ, ଦିଲୀପକୁମାର ରାଉତ, ସୁଚୈତ୍ରା ତେନେଟି ଆଲୋଚନାରେ ଭାଗ ନେଇଥିଲେ। ବ୍ଲକ ମହିଳା ଚାଷୀ ସଂଗଠନ ପକ୍ଷରୁ ଲୋଇସିଂହାରେ ଦୁଗ୍ଧ ପ୍ରକ୍ରିୟାକରଣର ଆବଶ୍ୟକତା ଓ ଆଗାମୀ ଦିନରେ ସ୍ଥାନୀୟ ଦୁଗ୍ଧ ଚାଷୀମାନଙ୍କୁ ନେଇ ଦୁଗ୍ଧ ଓ ଛେଳି ବ୍ୟବସାୟ ପାଇଁ କାର୍ଯ୍ୟାନ୍ୱୟନ ପ୍ରସ୍ତୁତ କରଯାଇଥିଲା।

### ବ୍ଲକସ୍ତରୀୟ ବିଜ୍ଞାନ ସମ୍ମିଳନୀ ପାଇଁ ପ୍ରସ୍ତୁତି

ଲୋଇସିଂହା,୧୨।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସ୍ଥିତ ୫-ଟି ହରେକୃଷ୍ଣ ମହତାବ ହାଇସ୍କୁଲରେ ବ୍ଲକର ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ବିଜ୍ଞାନ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆବାହକ ଅଶୋକ କୁମାର ତ୍ରିପାଠୀ ଅଧ୍ୟକ୍ଷତା ଏବଂ ରାଜକୁମାର ଭୋଇଙ୍କ ସଂଯୋଜନା କରିଥିଲେ। ଚଳିତବର୍ଷର ବିଜ୍ଞାନ ଆଲୋଚନାଚକ୍ର ହୀରାପୁର ରାଧାକ୍ରିଷ୍ଣା ଉଚ୍ଚ ବିଦ୍ୟାଳୟ ଓ ବିଜ୍ଞାନ ପ୍ରଦର୍ଶନୀ କୁଶଙ୍ଗ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଆୟୋଜନ ହେବାକୁ ସ୍ଥିରୀକୃତ ହୋଇଛି। ବିଭିନ୍ନ ପ୍ରକଳ୍ପ ତିଆରି ପାଇଁ ୱାର୍କଶପ କୁଟୁରାପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଯୋଗୀସର୍ଡ ୫-ଟି ହରିହର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିଇଓ ରୀନାକୁମାରୀ ବେହେରା, ଏବିଓ ଟଙ୍କଧର ଭୋଇ, ସ୍ଥାନୀୟ ସ୍କୁଲ ପ୍ରଧାନଶିକ୍ଷକ ଉଦ୍ଧବ ଚରଣ ପଟେଲ, ସହସଂଯୋଜକ କରୁଣାକର ପଟେଲ, ପୂର୍ବତନ ବ୍ଲକ ସଂଯୋଜକ ଶିବପ୍ରସାଦ ତ୍ରିପାଠୀ, ପର୍ଶୁରାମ ସୁନା, ଓଷ୍ଟା ବ୍ଲକ ସମ୍ପାଦକ ସାରଥୀ ସାହୁ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବ୍ଲକ ସଂଯୋଜକ ଶିବପ୍ରସାଦ ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇ ସର୍ବସମ୍ମତିକ୍ରମେ ବିଷ୍ଣୁପ୍ରସାଦ ମିଶ୍ରଙ୍କୁ ନୂତନ ସଂଯୋଜକ ଚୟନ କରାଯାଇଥିଲା ।

### ସ୍ୱାଧୀନତା ଦିବସ ସମାରୋହ ପାଇଁ ପ୍ରତିଯୋଗିତା

ମୁରିବାହାଲ, ୧୨।୮(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ପାଇଁ ଶନିବାର ପଞ୍ଚାୟତ ହାଇସ୍କୁଲ ପରିସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ବ୍ଲକର ୨୨ପଞ୍ଚାୟତର ସମସ୍ତ ହାଇସ୍କୁଲ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ ଓ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁରିବାହାଲ ହାଇସ୍କୁଲ ପ୍ରଧାନଶିକ୍ଷକ ସୁନିଲ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାର ବକ୍ତୃତାରେ ମୁରିବାହାଲ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଜ୍ଞାନେନ୍ଦ୍ର ନାଗ ପ୍ରଥମ, ଗୁଡିଘାଟ ହାଇସ୍କୁଲର ଶୁଭମ ପଧାନ ଦ୍ୱିତୀୟ, ଗୁରୁଣ୍ଡା ହାଇସ୍କୁଲର କମଳ ସରାଫ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରଚନା ବିଭାଗ ପ୍ରତିଯୋଗୀତାରେ ଶୁଭସ୍ମିତା ମହାକୁର ପ୍ରଥମ, ବିଜୟ ଘିଭେଲା ଦ୍ୱିତୀୟ, ଓ ରାକ୍ଷୀ ହଂସ ତୃତୀୟ ହୋଇଛନ୍ତି । ସଙ୍ଗୀତ ପ୍ରତିଯୋଗୀତରେ ଲବଣି ପୁଟେଲ ପ୍ରଥମ, ବନ୍ଦିତା ବାଗ ଦ୍ୱିତୀୟ ଓ ନର ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀ ପ୍ରୀତିଯୋଗୀମାନଙ୍କୁ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ପୁରସ୍କୃତ କରାଯିବ।

## ଟ୍ରାକ୍ଟର ଚାପାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମୃତ

ନୂଆପଡା,୧୨।୮ (ମକାରୁ ବେମାଲ)


ସତ୍ୟ କୁମାର ମାଝିଙ୍କ ଫାଇଲ ଫଟୋ।

ନୂଆପଡ଼ା ଜିଲା ସିନାପାଲି ଥାନା ମହଗାଁ ରାସ୍ତାରେ ଟ୍ରାକ୍ଟର ଚାପାରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବୋଡେନ ଥାନା କର୍ଲାକୋଟ ପଞ୍ଚାୟତ କିରେଝୋଲା ପଣ୍ଡରିପାଣି ଗାଁର ସତ୍ୟ କୁମାର ମାଝି (୪୨)। ଶନିବାର ପୂର୍ବାହ୍ନରେ ଏକ ବାଇକ୍ ନମ୍ବର ଓଡି ୨୬ଜି ୨୬୬୩ ଯୋଗେ ନିଜ କର୍ମକ୍ଷେତ୍ର କୁସୁମଯୋର ପଞ୍ଚାୟତକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ସିନାପାଲି ବିଜୁ ଏକ୍ସପ୍ରେସ ୱେ ମହଗାଁ ଦେଇ କୁସୁମଜୋର ପଞ୍ଚାୟତକୁ ଯାଉଥିବା ସମୟରେ ମହଗାଁ ଠାରେ ବିପରୀତ ଦିଗରୁ ଦୃତ ଗତିରେ ଆସୁଥିବା ଟ୍ରାକ୍ଟର ସତ୍ୟଙ୍କ ଉପରକୁ ମାଡି ଯାଇ ମୁଣ୍ଡ ଚକ ତଳେ ଚାପି ହୋଇ ଯାଇଥିଲା। ଫଳରେ ସତ୍ୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା । ସ୍ଥାନୀୟ ଲୋକେ ଉଦ୍ଧାର କରି ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ସିନାପାଲି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ଭାଇ ଭାଗ୍ୟବାନ ମାଝି ସିନାପାଲି ଥାନାରେ ଲିଖିତ ଅଭିଯୋଗ କଲା ପରେ ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଓଡି ୨୬ଇ ୪୦୫୬ ନମ୍ବର ଟ୍ରାକ୍ଟର ଓ ବାଇକକୁ ଜବତକରି ତଦନ୍ତ କରୁଛି। ମୃତକ ସତ୍ୟ କୁମାର ମାଝି ଦୀର୍ଘ ବର୍ଷ କାଳ ବୋଡେନ ବ୍ଲକ ଧରିତ୍ରୀ ପ୍ରତିନିଧି ଭାବରେ କାର୍ଯ୍ୟ କରି ପରେ ଗ୍ରାମ ରୋଜଗାର ସେବକ ଭାବରେ କାର୍ଯ୍ୟ କରି ଆସୁଥିଲେ। କିଛି ବର୍ଷ କାର୍ଯ୍ୟ କଲା ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଭାବରେ ପଦୋନ୍ନତି ପାଇ ସିନାପାଲି ବ୍ଲକକୁ ବଦଳି ହୋଇ କୁସୁମଜୋର ଓ କରଣବାହାଲି ପଞ୍ଚାୟତରେ କାର୍ଯ୍ୟରତ ଥିଲେ। ତାଙ୍କର କିଛି ବର୍ଷ କାର୍ଯ୍ୟକାଳ ଭିତରେ ଅଧିକାଂଶ ଲୋକଙ୍କ ପ୍ରିୟଭାଜନ ହୋଇସାରିଥିଲେ। ସେ ଜଣେ ସଚ୍ଚୋଟ, ମିଷ୍ଟଭାଷି, ପରୋପକାରୀ ଓ ଦାୟୀତ୍ୱବାନ ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁ ଖବର ଶୁଣିଲା ପରେ ସମସ୍ତେ ମର୍ମାହତ ହୋଇ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି। ନିଜ ଗାଁ ପଣ୍ଡରିପାଣିରେ ଶେଷକୃତ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି।

## ୬ ଜଣଙ୍କୁ ମିଳିଲା ଆର୍ଥିକ ସହାୟତା

ଲୋଇସିଂହା,୧୨।୮(ସୁଶାନ୍ତ ବାରିକ)

ଲୋଇସିଂହା ବ୍ଲକର ୩ଜଣ ଏଚ୍ଆଇଭି ସଂକ୍ରମିତ ଏବଂ ୩ ଜଣ ଭିନ୍ନକ୍ଷମଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବ୍ଲକ ଅନ୍ତର୍ଗତ ସରଗାଡ ପଞ୍ଚାୟତ ଅଞ୍ଚଳର ୩ ଜଣ ଏଚଆଇଭି ସଂକ୍ରମିତଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ ହଜାର ଲେଖାଏ ପ୍ରଦାନ କରାଯାଇଛି। ସେହିପରି ଭିନ୍ନକ୍ଷମ ଘୁଷୁରାମୁଣ୍ଡାର ଦିପ୍ତିମୟୀ ହୋତା, କୁଟେନପାଲିର ସୁଚିତ୍ରା ଧରୁଆ ଓ ବୁର୍ଡା ଗ୍ରାମର ପ୍ରଫୁଲ୍ଲ ବାଗଙ୍କୁ ରେଡକ୍ରସରୁ ୨୦ ହଜାର ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏ ନେଇ ବିଡିଓ ଆକାଶ ରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଗତ ୭ ତାରିଖରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଲୋଇସିଂହା କଲେଜ ପଡିଆରେ ଆୟୋଜିତ ଅଭିଯୋଗ ଶୁଣାଣି ଶିବିରରେ ଉପରୋକ୍ତ ବ୍ୟକ୍ତିମାନେ ଅଭିଯୋଗ ପତ୍ର ଦାଖଲ କରି ଆର୍ଥିକ ସହାୟତା ଦାବି କରିଥିଲେ। ୫-ଟି ସଚିବଙ୍କ ନିର୍ଦ୍ଦେଶ ମୁତାବକ ୩ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟାର ସମାଧାନ କରାଯାଇଥିବା ବିଡିଓ ସାହୁ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ରଶ୍ମିତା


@ ସରୋଜ


@ ସଞ୍ଜୀବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର



ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନୂଆପଡ଼ା,୧୨।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆର ରୋଡ ଏଫ୍ସିଆଇ ଗୋଦାନ ପରିସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ନୂଆପଡା ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଭଗତ ସିଂ ମାଝି, ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୋନିଆ ଜୈନ, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ସାଂସଦ ପ୍ରତିନିଧି ଗୋଲଡି ଅଗ୍ରୱାଲ, ସମାଜସେବୀ ଧନୀରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ନିର୍ମାଣ ଶ୍ରମିକ କଲ୍ୟାଣ ସହାୟତା ଶିବିରରେ ଜିଲାର ନୂଆପଡା ବ୍ଲକ, ଏନଏସି, ଖରିଆରରୋଡ ଏନ୍ଏସି ଓ କୋମନା ବ୍ଲକର ମୋଟ ୩୭୭ ଜଣଙ୍କୁ ଶିକ୍ଷା ସହାୟତା ବାବଦକୁ ୧୫ ଜଣଙ୍କୁ ୮ ଲକ୍ଷ ୮୦ ହଜାର, ବିବାହକାଳୀନ ସହାୟତା ୧୭୮ ଜଣଙ୍କୁ ୮ କୋଟି ୮ ଲକ୍ଷ ୭୫ ହଜାର, ମାତୃତ୍ୱ ସୁବିଧା ସହାୟତା ୮ ଜଣଙ୍କୁ ୮୦ ହଜାର, ଅନ୍ତିମ ସଂସ୍କାର ସହାୟତା ୩ ଲକ୍ଷ ୮୦ ହଜାର ଓ ମୃତ୍ୟୁକାଳିନ ସହାୟତା ବାବଦକୁ ଶହେ ଜଣଙ୍କୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ମୋଟ ୩୭୭ ଜଣଙ୍କୁ ୨ କୋଟି ୯୪ ଲକ୍ଷ ୨୩ ହଜାର ଟଙ୍କା ପ୍ରଦାନ କରାଯାଇଛି । ପରବର୍ତ୍ତୀ ସମୟରେ ବୋଡେନ ଓ ସିନାପାଲି ବ୍ଲକର ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ବାର୍ଲା ସୂଚନା ଦେଇଛନ୍ତି।

## ଶିକ୍ଷକ, ଅଭିଭାବକ ବୈଠକ

ଖଡ଼ିଆଳ,୧୨।୮(ସୁଜିତ କୁମାର ପ୍ରଧାନ)

ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ, ଶିକ୍ଷକ ବୈଠକ ପ୍ରଧାନଶିକ୍ଷକ ପ୍ରଦୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଅଧ୍ୟକ୍ଷ ସମ୍ରାଟ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଅଶୋକ କୁମାର ବେହେରା, ସୁରବିଜୟକାନ୍ତ ତାଣ୍ଡି, ଗୌରାଙ୍ଗ କୁମାର ସାହୁ, ଗୌରୀଶଙ୍କର ଦୁବେ, ପ୍ରଶାନ୍ତ କୁମାର ପଣ୍ଡା, ରତନ ସିଂ ବାରିକ ସ୍ୱଚ୍ଛତା ପକ୍ଷ ପାଳନ, ବାଲ୍ୟ ବିବାହ ଉପରେ ସଚେତନତା, ସୁରଭି ଓ ମିଲେଟସ ମିଶନ ପ୍ରତିଯୋଗିତା, ପିଲାମାନଙ୍କର ମାନସିକ ଚାପ ଓ ଦୂରୀକରଣ, ଧନ୍ଦାମୂଳକ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ କହିଥିଲେ। ଶ୍ୟାମ ନାରାୟଣ ମୁଣ୍ଡ, ପ୍ରଭୁଦତ୍ତ ପୁରୋହିତ, ନୀଳିମାରାଣୀ ସାଗର, ରାଜଶ୍ରୀ ଦଣ୍ଡସେନା, ନିରଞ୍ଜନ ବିଶ୍ୱାଳ, ଧନଞ୍ଜୟ ମଲ୍ଲିକ, ସାଗର ବାଗ, ପୁଷ୍ପାଞ୍ଜଳି ମହାପାତ୍ର ଉପସ୍ଥିତ ଥିଲେ।

## ରୂପାନ୍ତରଣ ପାଇଁ ଘୋଷିତ ଅନୁଦାନ ରାଶି ଯଥେଷ୍ଟ ନୁହେଁ

ଲାଠୋର, ୧୨।୮(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ପଞ୍ଚାୟତ ଡ଼ିଗ୍ରୀ ମହାବିଦ୍ୟାଳୟର ଉନ୍ନୟନ କାମ ପାଇଁ ୨୫ଲକ୍ଷ ଟଙ୍କା ଲେଖାଏ ଅନୁଦାନ ରାଶି ଘୋଷିତ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କୁ ୫-ଟିରେ ସାମିଲ କରି ରୂପାନ୍ତରୀକରଣ ପାଇଁ ଗତ ଅଗଷ୍ଟ ତାରିଖରେ ବଲାଙ୍ଗୀର ଗସ୍ତ ବେଳେ ୫-ଟି ସଚିବ ଭି.କେ.ପାଣ୍ଡିଆନ ସରକାରଙ୍କ ପକ୍ଷରୁ ଏହି ଅନୁଦାନ ରାଶି ଘୋଷଣା କରିଛନ୍ତି। ଏହି ଅନୁଦାନ ରାଶିରେ ସମ୍ପୃକ୍ତ ଅନୁଷ୍ଠାନମାନଙ୍କରେ ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ, ଷ୍ଟଡ଼ିରୁମ,ଶୌଚାଳୟ, ପାନୀୟ ଜଳ, ବଗିଚା ନିର୍ମାଣ ସହ ଖେଳ ପଡ଼ିଆର ଉନ୍ନତିକରଣ ଇତ୍ୟାଦି ଆସନ୍ତା ଡ଼ିସେମ୍ବର ସୁଦ୍ଧା ଶେଷ କରାଯିବ। ହେଲେ ଲାଠୋର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏବଂ ଡ଼ିଗ୍ରୀ ମହାବିଦ୍ୟାଳୟକୁ କେବଳ ୨୫ ଲକ୍ଷ ଲେଖାଏ ଟଙ୍କା ଅନୁଦାନ ଦେବା ଉପହାସର ବିଷୟ ବୋଲି ମତପ୍ରକାଶ ପାଇଛି। ଦୁଇଟି ଭଲ କ୍ଲାସରୁମ ନିର୍ମାଣ କଲେ ୨୫ ଲକ୍ଷ ଟଙ୍କା ନିଅଣ୍ଟ ପଡିବ। ସେହି ପରିସ୍ଥିତିରେ ଏତେ ଗୁଡ଼ିଏ କାମ କେମିତି ହେବ ବୋଲି ମତପ୍ରକାଶ ପାଇଛି। ଜିଲାର ଅନାନ୍ୟ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟକୁ ୫୦ ଲକ୍ଷରୁ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ରାଶି ଘୋଷଣା କରାଯାଇଥିବା ବେଳେ ଲାଠୋରକୁ ଉପେକ୍ଷିତ କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି। ବର୍ତ୍ତମାନ ଏହି ଦୁଇ ଅନୁଷ୍ଠାନରେ ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ଆବଶ୍ୟକ କ୍ଲାସରୁମ ନାହିଁ। ଏହାକୁ ଦୃଷ୍ଟିରେ ରଖି ଅନୁଦାନ ରାଶି ବୃଦ୍ଧି କରିବାକୁ ସାଧାରଣରେ ଦାବି ହେଉଛି।

## ବେଙ୍ଗାଲୁରୁରେ ଶ୍ରମିକଙ୍କ ମୃତ୍ୟୁ

ଟିଟିଲାଗଡ଼, ୧୨।୮(ଶରତ ମିଶ୍ର)


ଦୁଃଖିଶ୍ୟାମ ଖର୍ସେଲ।

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଖୋଲାଣ ପଞ୍ଚାୟତ ସଦର ଗାଁର ଜଣେ ଶ୍ରମିକଙ୍କ ବେଙ୍ଗାଲୁରୁଠାରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଦୁଃଖିଶ୍ୟାମ ଖର୍ସେଲ (୨୯)। ସ୍ଥାନୀୟ ସରପଞ୍ଚ ନରେଶ ଅଗ୍ରୱାଲଙ୍କ ସୂଚନା ଅନୁସାରେ ଖୋଲାଣ ଗ୍ରାମର ଦୁଃଖିଶ୍ୟାମ ବାଙ୍ଗାଲୋରରେ କୋଠା ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବରେ କାମ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ରୋଷେଇ କରିବା ପାଇଁ ପାଣି ଆଣିବାକୁ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାତିରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁଃଖିଶ୍ୟାମ ଦୁଇବର୍ଷ ତଳେ ବିବାହ କରିଥିଲେ। ମୃତଦେହ ଏଠାକୁ ଆଣିବା ବ୍ୟବସ୍ଥା କରିବାକୁ ସରପଞ୍ଚ ଅଗ୍ରୱାଲ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଜ୍ଞାନବିଜ୍ଞାନ ମେଳାରେ ୪୦ପ୍ରକଳ୍ପ

ଲୋଇସିଂହା, ୧୨।୮(ସୁଶାନ୍ତ ବାରିକ)


ମେଳାରେ ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା, କୁଶଙ୍ଗ, ଭରସୁଜା, ଆଗଲପୁର, ସାଲେଭଟା, କୁଟାସିଂହା ଓ ରୁଗୁଡିଖାଲ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ୪୦ଟି ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହାବ୍ୟତୀତ ଗଣିତ, ବିଜ୍ଞାନ ଓ ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ନିବନ୍ଧ, ପତ୍ରବାଚନ, କଥାକଥନ, ମୂର୍ତ୍ତିକଳା, ଲୋକନୃତ୍ୟ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ବିଭାଗ ସମ୍ଭାଗ, ପ୍ରାନ୍ତସ୍ତର ଏବଂ ବିଦ୍ୟାଭରତୀସ୍ତରରେ ହେଉଥିବା ସର୍ବଭାରତୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପାରିବେ ବୋଲି ପ୍ରଧାନ ଆଚାର୍ଯ୍ୟ ଶିବପ୍ରସାଦ ବାରିକ କହିଛନ୍ତି। କାହ୍ନୁଚରଣ ଦର୍ଜି, ଗୌରୀଶଙ୍କର ବେଜ, ରାମଚନ୍ଦ୍ରପଟେଲ, ପ୍ରତାପ କୁମାର ବହିଦାର, ତମନା ଅଗ୍ରୱାଲ, ସ୍ନିଗ୍ଧସଂଘମିତ୍ରା ସାହୁ, ସୁଦୀପ ବହିଦାର ପ୍ରମୁଖ ବିଚାରକଭାବେ ଯୋଗଦେଇଥିଲେ। ଉଦ୍ଯାପନୀ ସମାରୋହରେ ଅଧାପକ ବୈବଶୃତ ବିଶ୍ୱାଳ ଓ ରାମଚନ୍ଦ୍ର ପଟେଲ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍ଘାଟନ କରିଥିଲେ। ମେଳାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ସେମିନାର ଓ ପ୍ରୟୋଗ ଶାଳାରୁ ସେମାନଙ୍କ ବୈଜ୍ଞାନିକ ଚିନ୍ତାଧାର ପ୍ରତିଫଳିତ ହେଉଥିଲା । ଏହି ଅବସରରେ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସ୍କୁଲର ପୁରାତନ ଛାତ୍ରୀ ଅନୁସୟା ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦମ୍ପତିଙ୍କ ସମେତ ୫ ଗିରଫ



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।



ଜବତ ନିଶା ଇଞ୍ଜେକ୍ସନ ଏବଂ ଅନ୍ୟ ସାମଗ୍ରୀ ।

**ବରଗଡ଼ରେ ନିଶା କାରବାର**
- ୩୫୦ ନିଶା ଇଞ୍ଜେକ୍ସନ ଜବତ
- ନଗଦ ଟଙ୍କା, ୨ ବାଇକ୍ ଜବତ

ବରଗଡ଼,୧୨।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୋଲିସ ନିଶା କାରବାର ଦମନ ଅଭିଯାନକୁ ଜୋରଦାର୍ କରିଛି। ଏହି କ୍ରମରେ ପୋଲିସ ଏକ ଦମ୍ପତିଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମେଲଛାମୁଣ୍ଡା ଥାନା କେଲେଣ୍ଡା ଗ୍ରାମର ଅମୂଲ୍ୟ ସାହୁ (୨୮), ହରେଶ କୁମାର ସାହୁ (୨୯), ଇନ୍ଦ୍ରମଣି ପାଣ୍ଡେ (୩୨), ବରଗଡ଼ ଟାଉନ ଥାନା ଅନ୍ତର୍ଗତ ମାଳପଡ଼ାର ବୁଲୁ ସାହୁ (୩୨) ଏବଂ ତାଙ୍କ ସ୍ତ୍ରୀ ସସ୍ମିତା ସିଂ ଓରଫ ବେହେରା (୨୭)। ସେମାନଙ୍କ ପାଖରୁ ୧୨ବୋତଲ କଫ୍ ସିରପ୍, ୪୫୦ଟି ନିଶା ଇଞ୍ଜେକ୍ସନ, ୧୦ଟି ସିରିଞ୍ଜ, ୨ଷ୍ଟ୍ରିପ୍ ନିଶା ବଟିକା, ୩୫ଟି ପ୍ଲାଷ୍ଟିକ ଗ୍ଲାସ, ୨ଟି ପ୍ଲାଷ୍ଟିକ ଜାରକିନ୍, ନଗଦ ୩୫ହଜାର ୬୦୦ ଟଙ୍କା, ଏକ ବାଇକ୍ (ନଂ.ଓଡ଼ି୧୭ଏଲ/୨୭୪୬). ଗୋଟିଏ ସ୍କୁଟି (ନଂ.ଓଡ଼ି୧୭କେ/୭୪୫୫), ୬ ମୋବାଇଲ ଆଦି ଜବତ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୫୧୬/୨୩) ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି।

ବରଗଡ଼ ଟାଉନ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି କହିଥିଲେ, ଶୁକ୍ରବାର ଅମୂଲ୍ୟ, ହରେଶ ଏବଂ ଇନ୍ଦ୍ରମଣି ସହର ଉପକଣ୍ଠ ଜିରା ବ୍ରିଜ ନିକଟରେ ନିଶାଦ୍ରବ୍ୟ ବିକ୍ରି କରୁଥିବା ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଏସ୍‌ପି ପି.ଏସ ମୀନାଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଟାଉନ ଥାନା ପୋଲିସ ସେମାନଙ୍କୁ ସେଠାରୁ ଗିରଫ କରିବା ସହିତ ନିଶାଦ୍ରବ୍ୟ ଜବତ କରିଥିଲା। ଗିରଫ ଏହି ୩ ଅଭିଯୁକ୍ତଙ୍କୁ ଜେରା କରିବା ପରେ ସେମାନେ ମାଳପଡ଼ାର ଉକ୍ତ ଦମ୍ପତିଙ୍କ ସମ୍ପୃକ୍ତି ନେଇ କହିଥିଲେ। ଏହାପରେ ସେହି ଦମ୍ପତିଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇ ନିଶାଦ୍ରବ୍ୟ ସହିତ ନଗଦ ଟଙ୍କା ଜବତ କରାଯାଇଥିଲା। ଏହାର ଅଧିକ ତଦନ୍ତ ଚାଲିଛି ଏବଂ ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ଅତିରିକ୍ତ ଏସ୍‌ପି ମହାନ୍ତି କହିଥିଲେ। ସେହିପରି ବରଗଡ଼ ଜିଲାରେ ଏଭଳି ନିଶା କାରବାର ବନ୍ଦ କରିବାକୁ ପୋଲିସ ପକ୍ଷରୁ ଆଗକୁ ମଧ୍ୟ ଉଦ୍ୟମ ଜାରି ରହିବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ, ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଇନ ଛାତ୍ରୀଙ୍କ ଅକାଳ ବିୟୋଗ

ପାଇକମାଳ,୧୨।୮(ବଡ ଶତପଥି)

ସମ୍ବଲପୁର ଲାଲା ଲଜପତ ରାୟ ଆଇନ ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଅକାଳ ବିୟୋଗ ହୋଇଛି। ମୃତା ଛାତ୍ରୀ ହେଲେ ବରଗଡ ଜିଲା ପାଇକମାଳ ବ୍ଲକ ଜର୍ଜଗଡ଼ ଗ୍ରାମର ଅନିତା ପ୍ରଧାନ (୨୨)। ସେ ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ସାନ ଝିଅ। ଅନିତା ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବୁଧବାର ପ୍ରଥମେ ବରଗଡ ଏବଂ ପରେ ବୁର୍ଲା ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ହୋଇଛି। ଜର୍ଜଗଡ଼ ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜ୍ଞାନ ବିଜ୍ଞାନ ମେଳାରେ ୧୪୬ ପ୍ରକଳ୍ପ

ଭେଡ଼େନ,୧୨।୮(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଖୁଣ୍ଟୁଲିପାଲି ଶିଶୁ ବିଦ୍ୟାମନ୍ଦିରରେ ଶନିବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ୧୪୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ କାଦୋବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଦାଶ ମୁଖ୍ୟ ଅତିଥି, ଅଧ୍ୟାପକ ମାନଭଞ୍ଜନ ପୁରୋହିତ ମୁଖ୍ୟବକ୍ତା, ସମ୍ପାଦକ ମଦନ ଦାଶ, ସଭାପତି ସୁରେନ୍ଦ୍ର କୁମାର ଦାଶ, ସଂଯୋଜକ ନରେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶିବାନନ୍ଦ ଦାଶ, ଶଙ୍କର୍ଷଣ ମିଶ୍ର, ଅଶୋକ କୁମାର ଧର, ନରେନ୍ଦ୍ର ରଣା, ମୁକୁନ୍ଦ ମହାରଣା, ରିଙ୍କୁ ଦାଶ ଯୋଗ ଦେଇଥିଲେ। ବିଜ୍ଞାନ ପ୍ରମୁଖ ପୂର୍ଣ୍ଣିମା ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସୁରେନ୍ଦ୍ର କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

### ଯବାନଙ୍କ ବିୟୋଗରେ ଗ୍ରାମରେ ଶୋକ

ଭେଡ଼େନ,୧୨।୮(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ବାଘପାଲି (ସୁନାଲରମ୍ଭା) ଗ୍ରାମର ଯବାନ ନୀଳାଚଳ



ନୀଳାଚଳ ପଟେଲ।

ପଟେଲ (୪୮) ଆସାମ ରାଇଫଲ୍‌ରେ କାର୍ଯ୍ୟରତ। ସେ ମଣିପୁରରେ ଥିବା ସମୟରେ ଶୁକ୍ରବାର ରାତିରେ ତାଙ୍କର ଆକସ୍ମିକ ବିୟୋଗ ଘଟିଛି। ଏହି ଖବର ପ୍ରସାରିତ ହେବା ପରେ ଗ୍ରାମବାସୀ ସ୍ତବ୍ଧ ହୋଇଯାଇଛନ୍ତି। ତେବେ ଶୁକ୍ରବାର ରାତିରେ ପାଟ୍ରୋଲିଂ ସମୟରେ ଗାଡ଼ି ଧକ୍କାରେ ସେ ପ୍ରାଣ ହରାଇଥିବା କେତେକ କହୁଥିବା ବେଳେ ପଥର ଧସିଯିବାରୁ ସେ ଗାଡ଼ି ତଳେ ଚାପି ହୋଇଯାଇଥିବା ଶୁଣିବାକୁ ମିଳୁଛି । ତାଙ୍କର ଶହୀଦ ହେବାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ପ୍ରକାଶ ଯେ, ସୁନାଲରମ୍ଭା ଗ୍ରାମର ଆଦି ପଟେଲଙ୍କ ସାନ ପୁଅ ନୀଳାଚଳ ୨୦୦୪ରେ ଆସାମ ରାଇଫଲ୍‌ରେ ଯୋଗଦାନ କରିଥିଲେ। ସେ ଆଜିକୁ ପ୍ରାୟ ୫ ବର୍ଷ ହେବ ବରଗଡ଼ ନିକଟସ୍ଥ ତାଙ୍କ ଗ୍ରାମରେ ପତ୍ନୀ ରାଜେଶ୍ୱରୀ ଏବଂ ଦୁଇ ଝିଅ ରାନୀ (୧୩), ରାନୁ (୭)ଙ୍କ ସହିତ ଏକ ଭଡ଼ା ଘରେ ରହୁଥିଲେ। ତାଙ୍କ ବାପାଙ୍କ ଦେହାନ୍ତ ହୋଇଥିବା ବେଳେ ବିଧବା ମା' ଗୁରୁବାରୀ (୭୦) ବଡ଼ଭାଇ ନୀଳାମ୍ବରଙ୍କ ପାଖରେ ରହୁଥିଲେ। ରବିବାର ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବ ବୋଲି ଜଣାଯାଇଛି । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଭବାନୀପାଟଣା,୧୨।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବଡ଼ଘୁମର ଗ୍ରାମର ଜଣେ ଯୁବକ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ଭୋଦେ ଗୋପାଳ(୩୦)। ଶୁକ୍ରବାର ରାତିରେ ଗଣେଷ ପୂଜା ମିଟିଂ ସାରି ଘରକୁ ଫେରୁଥିବା ସମୟରେ ଗାଁ ସ୍କୁଲ ନିକଟରେ ୩ଟି ଭାଲୁ ଭୋଦେଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ପିଠିରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନମେଳା

ଡୁଙ୍ଗୁରିପାଲି,୧୨।୮(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ବିଭୂତିଭୂଷଣ ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ । ଶିଶୁ ମନ୍ଦିରର ପରିଚାଳନା ସମିତିର ସଭାପତି ଡାକ୍ତର ବାରିକ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମେହେର ଯୋଗଦେଇ ଜ୍ଞାନବିଜ୍ଞାନ ମେଳା ଉଦ୍‌ଘାଟନ କରିଥିଲେ । ମେଳାରେ ସଂକୁଳ ଅନ୍ତର୍ଗତ ୮ଟି ଶିଶୁ ମନ୍ଦିରରୁ ମୋଟ ୨୬୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରକଳ୍ପ ପ୍ରଦର୍ଶନ, ପ୍ରଶ୍ନ ମଞ୍ଚ, ନିବନ୍ଧ ଲିଖନ, ପତ୍ରବାଚନ, ଆଶୁ ଭାଷଣ, ମୂର୍ତ୍ତି କଳା, କଥା କଥନ, ଲୋକ ନୃତ୍ୟ,



ଜ୍ଞାନବିଜ୍ଞାନ ମେଳାରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂକୁଳ ପ୍ରମୁଖ ବଳରାମ ପ୍ରଧାନ ମୁଖ୍ୟଅତିଥି ଓ ବିଜ୍ଞାନ ଶିକ୍ଷକ ତଥା ପରିଚାଳନା ସମିତିର ଉପ ସଭାପତି ଲକ୍ଷ୍ମୀଧର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଚାଳନା ସମିତିର ସଦସ୍ୟାସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଗୁରୁଜୀ ଗୁରୁମା, ସେବିକା, ସେବକଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା।

# ଝାରବନ୍ଧ କଲେଜରେ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ

ଝାରବନ୍ଧ,୧୨।୮(ଦେବେନ୍ଦ୍ର ସାହୁ)

ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଶନିବାର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରବନ୍ଧ ଥାନାଧିକାରୀ ସୁଚିସ୍ମିତା ମହାନ୍ତି ମୁଖ୍ୟ ଅତିଥି, କଲେଜ ପରିଚାଳନା କମିଟି ସଭାପତି ନନ୍ଦଲାଲ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗଗନ ବିହାରୀ ଉନସନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାର୍ଥକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଏନ୍‌ଏସ୍‌ଏସ୍ ୟୁନିଟ୍‌ର ପ୍ରୋଗ୍ରାମ ଅଫିସର ରୀତାଞ୍ଜଳି ଗୁରୁଙ୍କ ନେତୃତ୍ୱରେ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କ ସହ ବୃକ୍ଷରୋପଣ କରିଥିଲେ। ଏହାସହ ଦିଲ୍ଲୀକୁ ଝାରବନ୍ଧ ମାଟି ପ୍ରେରଣ ପାଇଁ କଳସୀରେ ସଂଗ୍ରହ କରିଥିଲେ। ରଶ୍ମିରଞ୍ଜନ ମହାନ୍ତି, ଯାଜ୍ଞସେନୀ ନାଏକ, ନବୀନ କୁମାର ମେହେର, ଖ୍ୟାତିମୟ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିମାନେ ବୃକ୍ଷଚାରା ରୋପଣ କରୁଛନ୍ତି।

# ପାଇକମାଳ ହାଇସ୍କୁଲରେ ଅଭିଭାବକ ବୈଠକ



ବୈଠକରେ ଉପସ୍ଥିତ ଅଭିଭାବକଗଣ।

ପାଇକମାଳ, ୧୨।୮(ବଡ ଶତପଥି)

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନଙ୍କୁ ନେଇ ଏକ ବୈଠକ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି। ବୈଠକରେ ୧୧୫ଜଣ ସଦସ୍ୟ ଉପସ୍ଥିତ ଥିଲେ। କମିଟି ସଦସ୍ୟ ବିନୋଦ କୁମାର କାଳିଆ, ମମତା ବାରିକ, ଜ୍ୟୋତିର୍ମୟୀ ପଟ୍ଟନାୟକ, ବବିତା ବେହେରା, ଲଳିତ କୁମାର ବିଶ୍ୱାଳ, ମଧୁସ୍ମିତା ମେହେର ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ସରକାରଙ୍କ ଯୋଜନା, ଛାତ୍ରବୃତ୍ତି, ପରୀକ୍ଷା ବିଷୟରେ ଉଲ୍ଲେଖ କରିଥିଲେ। ଅଭିଭାବକମାନେ ବିଦ୍ୟାଳୟର ବିକାଶ ପାଇଁ ମତାମତ ପ୍ରଦାନ କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ରଞ୍ଜନ ବାଗ ଉତ୍ତମ ଛାତ୍ର ଗଠନରେ ଅଭିଭାବକଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ତ୍ରିଲୋଚନ ନାଏକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅମିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

ବରପାଲି,୧୨।୮(ଚିତ୍ତରଞ୍ଜନ ସାହୁ)

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ବରପାଲିରେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗଙ୍ଗାଧର ମେହେର କ୍ଲବକୁ ସ୍ୱୀକୃତି ପତ୍ର ଆସିଛି। ଚଳିତ ବର୍ଷ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର କ୍ଲବର ମିଳିତ ଆନୁକୂଲ୍ୟରେ ଆସନ୍ତା ୩୧ ତାରିଖ ଶ୍ରାବଣ ପୂର୍ଣ୍ଣିମା ତିଥିରେ କବିଙ୍କ ଜୟନ୍ତୀ ପାଳନ କରାଯିବ। ଉକ୍ତ ଦିନ ସକାଳେ କବିଙ୍କ କବି ଭବନଠାରେ ଦୀପ ପ୍ରଜ୍ୱଳନ କରାଯିବ। ସନ୍ଧ୍ୟା ୬ଟା ସମୟରେ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ହେବାକୁ ଥିବା ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ରୀତା ସାହୁ, ସମ୍ମାନିତ ଅତିଥି ଭାବେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରପାଲି ନଗରପାଳ ଦୀନେଶ ଗହୀର ଓ ମୁଖ୍ୟ ବକ୍ତା ଭାବେ ଡକ୍ଟର ଛାୟକାନ୍ତ ଷଡଙ୍ଗୀ ଓ ସମ୍ମାନିତ ବକ୍ତା ଭାବେ ପ୍ରଫେସର ବବ୍ରୁବାହନ ମହାପାତ୍ର ଯୋଗଦାନ କରିବେ। ଏହି ଅବସରରେ ଆସନ୍ତା ୨୩ ତାରିଖରେ ବକ୍ତୃତା ଓ ୨୪ ତାରିଖରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କ୍ଲବର ସଭାପତି ଡକ୍ଟର ଘନଶ୍ୟାମ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ବଦଳି ବାତିଲ ଦାବିରେ ଫେରାଦ



ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ଗ୍ରାମବାସୀ ।

ଭେଡ଼େନ,୧୨।୮(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବୁର୍ଦ୍ଧା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶ ବାତିଲ କରିବାକୁ ଦାବି ହୋଇଛି । ଏ ନେଇ ସ୍କୁଲ ପରିଚାଳନା କମିଟିର ରଞ୍ଜୁ ସୁନା, ବିରେନ୍ଦ୍ର ଦୀପ, ରୋହିତ ମଲ୍ଲିକ, ସୁବାସ ମହାନନ୍ଦ, ମିଲି ମହାରଣାଙ୍କ ସମେତ ସମସ୍ତ ଅଭିଭାବକା ଅଭିଭାବକ ଶୁକ୍ରବାର ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି।

## ମଦ କାରବାର ଅଭିଯୋଗରେ ୨ ଗିରଫ

ଅମରପାଲି, ୧୨।୮(ପୀତାମ୍ବର ସାହୁ)

ଶନିବାର ସୁବର୍ଣ୍ଣପୁର ଜିଲା ସୁବଲୟା ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରା ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ଖଣ୍ଡହତା ଗ୍ରାମ ପଞ୍ଚାୟତର ଅଡାଳ ଗ୍ରାମରେ ବେଆଇନ ଭାବେ ରନ୍ଧା ମଦ କାରବାର କରୁଥିବା ଅଭିଯୋଗରେ ଗ୍ରାମର କିଶୋର ପଧାନଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ୧୦ ଲିଟର ମଦ ଜବତ ହୋଇଛି। ସେହିପରି ଅମ୍ବସରଭଟ୍ଟା ଗ୍ରାମର ଶ୍ରୀରାମ ଦେହୁରିଙ୍କ ଠାରୁ ୧୦ ଲିଟର ମଦ ଜବତ ସହ ତାଙ୍କୁ ଗିରଫ କରାଯାଇଛି। ଏନେଇ ସୁବଲୟା ଥାନାରେ ନଂ ୧୩୧/୨୩ ଓ ୧୩୨/୨୩ରେ ଦୁଇଟି ମାମଲା ରୁଜୁ ହୋଇଛି। ଚଢାଉ ସମୟରେ ଏଏସଆଇ କୈଳାସଚନ୍ଦ୍ର ସାହୁ, ହାବିଲଦାର ସୁଧୀର ଷାଣ୍ଡଙ୍କ ସହିତ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିବା ଥାନା ଅଧିକାରୀ ଶୁଶାନ୍ତ ପଧାନ ସୂଚନା ଦେଇଛନ୍ତି ।

# ମା' ବାଉତି ଫୁଟବଲ, ଟିହିକିପାଲି ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିଗଣ।

ଭେଡ଼େନ,୧୨।୮(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ହାଇସ୍କୁଲ ପଡ଼ିଆରେ ମା' ବାଉତି ସ୍ପୋର୍ଟିଂ ଆନୁକୂଲ୍ୟରେ ଶୁକ୍ରବାର ଅନୁଷ୍ଠିତ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଟିହିକିପାଲି ଦଳ ଚାମ୍ପିୟନ ହୋଇଛି। ସେମିଫାଇନାଲ ମ୍ୟାଚ୍‌ରେ ଟିହିକିପାଲି ଦଳ ଭେଜିପାଲି ଦଳକୁ ଏବଂ ଲୁଇଶିରା ଦଳ ସିଂଘିଯୁବା ଦଳକୁ ପରାସ୍ତ କରି ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିଲେ। ଲୁଇଶିରା ଓ ଟିହିକିପାଲି ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ଉତ୍କର୍ଷପୂର୍ଣ୍ଣ ରହିଥିଲା। ଖେଳର ପ୍ରଥମାର୍ଦ୍ଧ ସୁଦ୍ଧା କେହି କାହାରିକୁ ଗୋଲ ସ୍କୋର କରିବାରେ ଅସମର୍ଥ ରହିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୭ ମିନିଟ ପରେ ଟିହିକିପାଲି ଦଳର ୧୦ ନମ୍ବର ଖେଳାଳି ପପୁ ଏକ ଗୋଲ ସ୍କୋର କରି ଦଳକୁ ଚାମ୍ପିୟନ କରିଥିଲେ।

## ଉଲୁଣ୍ଡା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

ଉଲୁଣ୍ଡା,୧୨।୮(ଉରୁକ୍ରମ ପାଣ୍ଡିଆ):

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନାରେ ଶନିବାର ନୂତନ ଆଇଆଇସି ଭାବରେ ପଞ୍ଚାନନ ନାଏକ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ବଲାଙ୍ଗୀର ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ଏଠାରେ ଥିବା ଆଇଆଇସିଙ୍କ ପଦୋନ୍ନତି ପରେ ବଲାଙ୍ଗୀର ଡିଏଭିକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ନାଏକ ଯୋଗଦାନ କରିଛନ୍ତି। ଉଲୁଣ୍ଡା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ସହ ଆଇନଶୃଙ୍ଖଳା ଦିଗରେ ବିଶେଷ ଧ୍ୟାନ ଦେବେ ବୋଲି ଗଣମାଧ୍ୟମକୁ ସେ ସୂଚନା ଦେଇଛନ୍ତି।

**ଫାଇଲେରିଆ ଔଷଧ ଖାଇ ମେଡିକାଲରେ ଭର୍ତ୍ତି ହେବା ଘଟଣା**

## ସୁସ୍ଥ ହୋଇ ଘରକୁ ଫେରିଲେ ଛାତ୍ରୀଛାତ୍ର

ଡୁଙ୍ଗୁରିପାଲି,୧୨।୮(ଦୀନବନ୍ଧୁ ସୁନା)

ଫାଇଲେରିଆ ଔଷଧ ଖାଇ ଅସୁସ୍ଥ ହୋଇ ପଡିଥିବା ଡୁଙ୍ଗୁରିପାଲି ବ୍ଲକ କପାସିରା ବିଦ୍ୟାଳୟର ୫ ଛାତ୍ରୀଛାତ୍ର ସୁସ୍ଥ ହୋଇ ଶନିବାର ଘରକୁ ଫେରିଥିବା ଜଣାଯାଇଛି । କପାସିରା ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଶୁକ୍ରବାର ଅଙ୍ଗନବାଡି ଓ ଆଶା କର୍ମୀ ଫାଇଲେରିଆ ଔଷଧ ଖାଇବାକୁ ଦେଇଥିଲେ । ସେଥିମଧ୍ୟରୁ ୫ ଜଣ ଛାତ୍ରୀଛାତ୍ର ଘରକୁ ଆସିଲା ପରେ ସନ୍ଧ୍ୟାରେ ଅସୁସ୍ଥ ହୋଇ ପଡ଼ିଥିଲେ । ସେମାନଙ୍କ ମୁଣ୍ଡ ବୁଲାଇଥିଲା । ପରିବାର ଲୋକେ ପିଲାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ସକାଳୁ ଛାତ୍ରୀଛାତ୍ରମାନେ ଘରକୁ ଫେରିଥିବା ଡାକ୍ତର ପ୍ରକାଶ କରିଛନ୍ତି। ସୁସ୍ଥ ହୋଇ ଫେରିଥିବା ଛାତ୍ରୀଛାତ୍ରମାନେ ହେଲେ କପାସିରା ଗାଁର ରାନୁ ପ୍ରଧାନ, ରାଜିନୀ ପୁଟେଲ, ଆୟୁଷ ପୁଟେଲ, ଅଙ୍କିତା ପଧାନ ଓ ଶୁଭମ ପ୍ରଧାନ।

# ସମନ୍ୱୟ ରକ୍ଷା ବିଦ୍ୟାଳୟ ପ୍ରଗତିର ମୂଳମନ୍ତ୍ର

ବରଗଡ଼/ପଦ୍ମପୁର, ୧୨।୮
(ପ୍ରେମାନନ୍ଦ ଖମାରୀ/ପ୍ରଦୀପ୍ତ ଦାଶ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବିଦ୍ୟାଳୟର ସାମଗ୍ରିକ ବିକାଶରେ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ପରସ୍ପର ସମନ୍ୱୟ ହିଁ ମୂଳମନ୍ତ୍ର ବୋଲି ବରଗଡ଼ ରାଣାପ୍ରତାପ ସ୍କୁଲରେ ଶନିବାର ଅନୁଷ୍ଠିତ ଶିକ୍ଷକ, ଅଭିଭାବକ ସଂଘ ବୈଠକରେ ମତପ୍ରକାଶ ପାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ବିଦ୍ୟାଳୟର ସାମଗ୍ରିକ ବିକାଶରେ ସମସ୍ତଙ୍କ ମିଳିତ ଉଦ୍ୟମ ଦରକାର ବୋଲି କହିଥିଲେ। ଏହାସହିତ ବିଭିନ୍ନ ସରକାରୀ ଯୋଜନା ସମ୍ବନ୍ଧରେ ସେ ଆଲୋକପାତ କରିଥିଲେ। ସମଗ୍ର ଶିକ୍ଷା ସଂଯୋଜକ ମିଥୁନ ପ୍ରଧାନ ମୁଖ୍ୟମନ୍ତ୍ରୀ ପରିଧାନ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡ଼ତିଆ, ଅଭିଭାବକ ସୁବୋଧ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଗଠନ ମୂଳକ ପ୍ରସ୍ତାବ ଆଗତ କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ବବିତା ନାଏକ, ଗୀତା ଜାଲ, ତପସିନୀ ତ୍ରିପାଠୀ, ନିଳୀମା ପ୍ରଧାନ ପ୍ରମୁଖ ପୂର୍ବରୁ ଦିଆଯାଇଥିବା ବୈଠକର ବିଭିନ୍ନ କାର୍ଯ୍ୟସୂଚୀ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୧୭୫ ଜଣ ଅଭିଭାବକ ଯୋଗଦାନ କରିଥିଲେ। କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ସୁରେନ୍ଦ୍ର ଭୋଇ ରାଜ୍ୟ ସରକାରଙ୍କ ଶୈକ୍ଷିକ ଅଭିବୃଦ୍ଧି ପାଇଁ ଶିକ୍ଷଣ ସାମଗ୍ରୀ ଯୋଗାଣ ବିଷୟରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିମଳତା ସାହୁ, ଉପସଭାପତି ନମିତା ସାହା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ଭୋଇ, ମାନସ ରଞ୍ଜନ ଶତପଥି, ଜ୍ୟୋତିରେଖା ମହାନନ୍ଦ, ବୃନ୍ଦାବନ ଦାସ, ଜୀବନାନନ୍ଦ ସାହୁ, ରବୀନା ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ସାହୁ ସ୍କୁଲ ବିଷୟରେ ଆଲୋଚନା କରିଥିଲେ। ଚକ୍ରଧର ନାୟକ, ମମତା ମିଶ୍ର, ପ୍ରଭାତୀ ପଟ୍ଟନାୟକ, ନୀଳିମା ରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, ନନ୍ଦିନୀ ବାଗ, କମଳା କୁମ୍ଭାର ସହଯୋଗ କରିଥିଲେ। ସେହିପରି ରାଜବୋଡାସମ୍ବର ଉଚ୍ଚବିଦ୍ୟାଳୟ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଲୋଭାଦିନୀ ସାହୁ ଓସେପା ଗାଇଡ ଲାଇନ ଉପସ୍ଥାପନା କରିଥିଲେ। ଶିକ୍ଷକ ଅଭିଲାଷ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ମୋହନ ବନଛୋର, ହରେକୃଷ୍ଣ ମେହେର, ପ୍ରଭାସିନୀ ସା, ତୃପ୍ତିମୟୀ ଝଗରା, ରୁଦ୍ରାଙ୍ଗଦ ବାରିକ, ପ୍ରୀତିରଶ୍ମି ସେଠ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ବୋଡାସମ୍ବର ବ୍ଲକ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ବୈଠକ ପ୍ରଧାନ ଶିକ୍ଷକ ମାଧବ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ଓ ବିଦ୍ୟାଳୟର ଉନ୍ନତି ପାଇଁ ଅଭିଭାବକମାନେ ପ୍ରସ୍ତାବ ଆଗତ କରିଥିଲେ। ଶିକ୍ଷୟତ୍ରୀ ସାବିତ୍ରୀ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ହେମଗିର,(ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ରେଳଷ୍ଟେଶନ ନିକଟରେ ଜଣେ ଗୁରୁତର ଅଜଣା ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେମଗିର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ(ସନ୍ଧ୍ୟା ୭ଟା) ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ।

### ସଂକ୍ଷେପରେ

## ଟ୍ରେଲର ଓଲଟି ଡ୍ରାଇଭର ଗୁରୁତର

ବଡ଼ଗାଁ,୧୨।୮( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ମରଚିମୁଣ୍ଡାଠାରେ ମଧ୍ୟାହ୍ନ ସମୟରେ ଏକ କୋଇଲା ବୋଝେଇ ଟ୍ରେଲର ରାସ୍ତା ଉପରେ ଓଲଟି ଯିବାରୁ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଝାଡଖଣ୍ଡ ରାଜ୍ୟ ପଲାମା ଜିଲା ଗରବା ଗ୍ରାମର ପବନ ଯାଦବ(୨୭)। ତାଙ୍କୁ ବଡ଼ଗାଁ ମେଡିକାଲାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ପବନ କୋଇଲା ବୋଝେଇ ଟ୍ରେଲର ନେଇ ରାଉରକେଲା ଯାଉଥିବାବେଳେ ହଠାତ୍ ଚକ ଫାଟି ଯିବାରୁ ଟ୍ରେଲର ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା।

## ଲାଠିକଟା ବ୍ଲକ ପକ୍ଷରୁ ବୃକ୍ଷରୋପଣ

ଲାଠିକଟା,୧୨।୮(ରାମେଶ୍ୱର ଖାଡ଼ାଙ୍ଗା)

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଲାଠିକଟା ବ୍ଲକ ପକ୍ଷରୁ ବିଡିଓ ଓ ଅନ୍ୟମାନେ ଅମୃତ ସରୋବର ନିକଟରେ ଗୁରୁବାର ବୃକ୍ଷରୋପଣ କରିଛନ୍ତି। ଲିମ୍ବ , ଚାକୁଣ୍ଡା, ୟୁକାଲିପଟାସ ପ୍ରଭୃତି ବୃକ୍ଷରୋପଣ କରାଯାଇଥିଲା। ବିଡିଓ ମନସ୍ୱିନୀ ଦାଶ, ପ୍ରଶାନ୍ତ ଜେନା, ଜିତୁନ ଅଧିକାରୀ, କୁନା କିଷାନ, ଲିଙ୍ଗରାଜ ସା, ଫରେଷ୍ଟ ଗାର୍ଡ ସବିତା କିଷାନଙ୍କ ସମେତ ଅନ୍ୟମାନେ ଏହି ଚାରାରୋପଣ କରିଥିଲେ।

## ଛୁରାମାଡ଼ରେ ଜଣେ ଗୁରୁତର

ହେମଗିର,୧୨।୮(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନାସ୍ଥିତ ଗଙ୍ଗିଆଡ଼ିପାଠାରେ ଜଣେ ବ୍ୟକ୍ତିଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଛୁରାମାଡ ହୋଇଛି। ସେ ହେଲେ ସେହି ଗ୍ରାମର ଅକୁର ପାଣ୍ଡେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦିଆଯାଇଛି। ଏନେଇ ଅକୁରଙ୍କ ସ୍ତ୍ରୀ ହେମଗିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ରମେଶ ଓରାମଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ଅକୁର ଓ ରମେଶଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ରମେଶ ଉତ୍କ୍ଷିପ୍ତ ହୋଇ ଅକୁରଙ୍କୁ ଅତର୍କିତ ଆକ୍ରମଣ କରିଥିଲେ।

## ବଜ୍ରପାତରେ ନାବାଳିକାଙ୍କ ମୃତ୍ୟୁ

କୁତ୍ରା,୧୨।୮(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଡୁନମୁରା ଗ୍ରାମରେ ବଜ୍ରପାତରେ ଶନିବାର ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତା ନାବାଳିକା ହେଲେ ଡୁନମୁରା କନ୍ଧପଡ଼ାର ଗାୟତ୍ରୀ ପଙ୍ଗା। ସେ କୁତ୍ରା କେନ୍ଦ୍ରୀୟ ବିଦ୍ୟାଳୟରେ ୨ୟ ଶ୍ରେଣୀରେ ପାଠପଢୁଥିଲେ। ଅପରାହ୍ଣ ସମୟରେ ସେ ଘରପାଖରେ ବୁଲୁଥିବା ସମୟରେ ହଠାତ୍ ତାଙ୍କ ଉପରେ ବଜ୍ରପାତ ପଡିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପୂରଣ ହୋଇପାରୁନି ପ୍ରତିଶ୍ରୁତି

- ନୂଆଗାଁରେ ନାହିଁ ଥାନା, ତହସିଲ, କାରଖାନା
- ଅସୁବିଧା ଭୋଗୁଛନ୍ତି ଅଞ୍ଚଳବାସୀ

ନୂଆଗାଁ,୧୨।୮(ବିଜୟ ତ୍ରିପାଠୀ )

ପୂରଣ ହୋଇପାରୁନି ପ୍ରତିଶ୍ରୁତି। ଅସୁବିଧା ଭୋଗୁଛନ୍ତି ଲୋକେ। ସୁନ୍ଦରଗଡ଼ ଜିଲା ନୂଆଗାଁ ଆଦିବାସୀ ଅଧ୍ୟୁଷିତ ବ୍ଲକ ପ୍ରତି ଅଣଦେଖା କରୁଛନ୍ତି ସରକାର ଓ ପ୍ରଶାସନ। ବ୍ଲକର ୨୦ ପଞ୍ଚାୟତର ଲୋକେ ଆଜି ପ୍ରଶ୍ନ କରୁଛନ୍ତି କୁଆଡ଼େ ଗଲା ତହସିଲ କାର୍ଯ୍ୟାଳୟ, ଫାଣ୍ଡିରୁ ଥାନାର ମାନ୍ୟତା ଦେବା ପ୍ରତିଶ୍ରୁତି। ଏପରିକି ପୁରୁଣାପାଣିରେ ଥିବା ଖଣି ପୁନରୁଦ୍ଧାର ପ୍ରସ୍ତାବିତ ସିମେଣ୍ଟ କାରଖାନା ନିର୍ମାଣ କେବଳ ପ୍ରତିଶ୍ରୁତିରେ ସୀମିତ ରହିଯାଇଛି। ଉକ୍ତ ପ୍ରସଙ୍ଗ ଆଜିର ନୁହେଁ, ବିଗତ ଅନେକ ବର୍ଷ ହେଲା ଏହି ଦାବି ହୋଇ ଆସୁଛି। ହେଲେ ଏଥିପ୍ରତି କାହାର ନଜର ପଡୁନାହିଁ। ଫଳରେ ସାଧାରଣ ଲୋକେ ସମସ୍ୟା ଭୋଗୁଛନ୍ତି। ନୂଆଗାଁ ବ୍ଲକରେ ତହସିଲ, ଥାନା, କାରଖାନା କିଛି ହୋଇପାରୁନାହିଁ। ଜିଲାର ୧୭ ବ୍ଲକ ମଧ୍ୟରୁ ୧୬ ବ୍ଲକରେ ତହସିଲ କାର୍ଯ୍ୟାଳୟ କରାଗଲା। ହେଲେ ନୂଆଗାଁ ବ୍ଲକ ଏଥିରୁ ବାଦ୍ ପଡ଼ିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲାଯିବା ନେଇ ଘୋଷଣା ସତ୍ତ୍ୱେ ନୂଆଗାଁ ବ୍ଲକ ପ୍ରତି ଅଣଦେଖା କରାଯାଉଛି। ଏହି ବ୍ଲକର ୨୦ ପଞ୍ଚାୟତରେ ବସବାସ କରୁଥିବା ଲୋକେ ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ବୀରମିତ୍ରପୁର ତହସିଲଠାରୁ ଅଧିକାଂଶ ଗ୍ରାମର ଦୂରତା ୩୦ ରୁ ୪୦ କି.ମି. ହେବ । ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶାସକ ଦଳର ନେତାଙ୍କଠାରୁ ଆରମ୍ଭକରି ବିରୋଧୀ ଦଳର ନେତାମାନେ ନୂଆଗାଁରେ ତହସିଲ କାର୍ଯ୍ୟାଳୟ ଖୋଲିବା ନେଇ ଦାବି ଉପସ୍ଥାପନ କରି ଆସୁଛନ୍ତି, ହେଲେ ଫଳ ଶୂନ । ସେହିଭଳି ନୂଆଗାଁ ଫାଣ୍ଡିକୁ ଥାନାର ମାନ୍ୟତା ଦିଆଯିବ ବୋଲି ୨୦୧୩ ମେ ୨୫ରେ ତତ୍କାଳୀନ ଆଇଜି ଆର୍. କେ. ଶର୍ମା କହିଥିଲେ । ହେଲେ ଫାଣ୍ଡି ଥାନାର ମାନ୍ୟତା ପାଇଲାନାହିଁ । ପୁରୁଣାପାଣି ଚୂନପଥର ଖଣି ଯାହାକି ୨୦୦୧ରୁ ସମ୍ପୂର୍ଣ୍ଣ ବନ୍ଦ ହୋଇପଡିଛି । ସେଠାରେ କୋଟି କୋଟି ଟଙ୍କାର ଯନ୍ତ୍ର ଖତ ଖାଉଛି । ସେଲ୍ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟ କେନ୍ଦ୍ର,ସ୍କୁଲ ସବୁ ବନ୍ଦ। ସରକାରଙ୍କ ପକ୍ଷରୁ ବହୁ ପ୍ରତିଶ୍ରୁତି ମିଳିଲା କି ଚୂନପଥର ଖଣିର ପୁନରୁଦ୍ଧାର ହେବ ଓ ସେଠାରେ ସିମେଣ୍ଟ କାରଖାନା କରାଯିବ। ହେଲେ ଏ ସବୁ କେବଳ ପ୍ରତିଶ୍ରୁତିରେ ସୀମିତ ରହିଲା।



ନୂଆଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ।

## 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମରେ ଶହୀଦଙ୍କ ସ୍ତ୍ରୀ ସମ୍ମାନିତ

କୁଆଁରମୁଣ୍ଡା,୧୨।୮(ମହେନ୍ଦ୍ର କୁମାର ସାହୁ)

ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ଯବାନଙ୍କ ତ୍ୟାଗ ଲାଗି ସେମାନଙ୍କ ପରିବାରକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମ୍ମାନିତ କରାଯାଉଛି। ଏହି କ୍ରମରେ ଶୁକ୍ରବାର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କୁଆଁରମୁଣ୍ଡା ଚୁଟିଆଟୋଲିରେ ରହୁଥିବା ଶହୀଦ ଅନିଲ ଟପ୍ପୋଙ୍କ ସ୍ତ୍ରୀ ପ୍ରଭା ମିଞ୍ଜଙ୍କୁ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ ପାଳନ ଅବସରରେ ଉପଢୌକନ ଦେଇ ସମ୍ମାନିତ କରାଯାଇଛି। ଏହାସହ ୧୯୯୬ରେ ଶହୀଦ ହୋଇଥିବା ଯବାନ ଅନିଲ ଟପ୍ପୋଙ୍କ ସ୍ମୃତି ଫଳକକୁ ସିଆଇଏସ୍ଏଫ୍ କମାଣ୍ଡାଣ୍ଟ ଅଶୋକ ଜାଲ୍ୱାନିକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜାଲ୍ୱାନିକ ଜାତୀୟ ପତାକା ଉତ୍ତୋଳନ କରିବା ସହ ଜାତୀୟ ସଙ୍ଗୀତ ଗାନ କରିବା ପରେ ଧରିତ୍ରୀର ମାଟି ଧରି ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ବରିଷ୍ଠ ନାଗରିକଙ୍କୁ ଦେଶରକ୍ଷା ନିମନ୍ତେ ୭ଟି ଶପଥ ପାଠ କରାଇଥିଲେ। ଏଥିସହ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉପସ୍ଥିତ ଯବାନମାନେ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ। ଏଥିରେ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେର୍କେଟା, ସରପଞ୍ଚ ରାଜେଶ ହାଁସଦା, ଏବିଡିଓ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସହକାରୀ କମାଣ୍ଡାଣ୍ଟ ଗୌତମ ଗୌଡନାଲି ଓ ତାଙ୍କ ସହଯୋଗୀ ସଞ୍ଚାଳନ କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହାୟତା କରିଥିଲେ।


ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ ପାଳନରେ ଉପସ୍ଥିତ ଅତିଥିମାନେ।

## ମାରପିଟ ଘଟଣା,୨ ପୃଥକ ମାମଲା ରୁଜୁ

ହେମଗିର,୧୨।୮(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ଥାନା ସ୍ଥିତ ଏକ ମାଇକ୍ରୋ ଫାଇନାନ୍ସ କାର୍ଯ୍ୟାଳୟକୁ ଲୋନ ନବାକୁ ଆସି ଅଫିସର ବିଏମ ହରେନ୍ଦ୍ର କିଶୋର ବେହେରାଙ୍କୁ ବରପାଲି ଗ୍ରାମର ଲିନୁ ଅମାତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ମାରପିଟ କରିଥିଲେ। ଏଥିସହ ମୋବାଇଲ ଛଟେଇ ନେଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ହେମଗିର ଥାନାରେ ଅଭିଯୋଗ ହୋଇଛି। ଅପର ପକ୍ଷରେ ଲିନୁଙ୍କୁ ହରେନ୍ଦ୍ର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ହେମଗିରି ପୋଲିସ ୨ ଟି ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଦାବି ପୂରଣ ନ ହେଲେ ୧୬ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମୂହ ଛୁଟି


ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ।

କୁତ୍ରା,୧୨।୮(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିଖିଳ ଉତ୍କଳ ଶିକ୍ଷକ ଫେଡେରେଶନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପୁଲିନ୍ଦ୍ର ଦେହୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ସରକାର ସବୁବେଳେ ସେମାନଙ୍କୁ ଭୂଆଁ ବୁଲାଇ ବିଭିନ୍ନ ଆଳ ଦେଖାଇ ଦାବିଗୁଡିକୁ ପୂରଣ କରୁ ନ ଥିବା ଅଭିଯୋଗ କରିଛନ୍ତି। ଗତବର୍ଷ ନଭେମ୍ବର ମାସରେ ଦାବି ପୂରଣ ନେଇ ବିଧାନସଭା ସମ୍ମୁଖରେ ରାଜ୍ୟର ଲକ୍ଷାଧିକ ଶିକ୍ଷୟିତ୍ରୀ ଶିକ୍ଷକ ୪ ଦିନ ଧରି ଧାରଣାରେ ବସିଥିଲେ। ପରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚ ସ୍ତରୀୟ କମିଟି ଗଠନ କରି ବିଭିନ୍ନ ପ୍ରକାର ଆଲୋଚନା କରି ସେମାନଙ୍କ ଦାବି ଗୁଡିକ ପୂରଣ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଗଲା। ଦୀର୍ଘ ୮ ମାସ ବିତିଯାଇଥିଲେ ମଧ୍ୟ ସେମାନଙ୍କ ଦାବି ପୂରଣ ହୋଇ ନାହିଁ। ତେଣୁ ଆସନ୍ତା ୧୫ ମଧ୍ୟରେ ସରକାର ତାଙ୍କର ଦାବି ଗୁଡିକୁ ପୂରଣ ନ କଲେ ୧୬ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସବୁ ବର୍ଗର ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ସମୂହ ଛୁଟିରେ ରହି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି କହିଛନ୍ତି।

## ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଟିଟିଲାଗଡ଼, ୧୨।୮(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଖୋଲାଣ ପଞ୍ଚାୟତ ସଦର ଗାଁର ଜଣେ ଶ୍ରମିକଙ୍କ ବେଙ୍ଗାଲୁରୁଠାରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଦୁଃଖିଶ୍ୟାମ ଖର୍ସେଲ(୨୯)। ସ୍ଥାନୀୟ ସରପଞ୍ଚ ନରେଶ ଅଗ୍ରୱାଲଙ୍କ ସୂଚନା ଅନୁସାରେ ଖୋଲାଣ ଗ୍ରାମର ଦୁଃଖିଶ୍ୟାମ ବାଙ୍ଗାଲୋରରେ କୋଠା ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବରେ କାମ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ରୋଷେଇ କରିବା ପାଇଁ ପାଣି ଆଣିବାକୁ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାତିରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁଃଖିଶ୍ୟାମ ଦୁଇବର୍ଷ ତଳେ ବିବାହ କରିଥିଲେ। ମୃତଦେହ ଏଠାକୁ ଆଣିବା ବ୍ୟବସ୍ଥା କରିବାକୁ ସରପଞ୍ଚ ଅଗ୍ରୱାଲ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ରଶ୍ମିତା


@ ସରୋଜ


@ ସଞ୍ଜିବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିନିଧି ମଣ୍ଡଳୀର ଲେଫ୍ରିପଡ଼ା ପରିଦର୍ଶନ

ସୁନ୍ଦରଗଡ,୧୨।୮(ଜୟ ନାରାୟଣ ମେଣ୍ଡୁଲି)

ସ୍ୱଚ୍ଛ ଭାରତ ମିଶନ ତରଫରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି, ଗୁଣାତ୍ମକ ମାନ, ଲୋକଙ୍କ ମଧ୍ୟରେ ଏହାର ଗ୍ରହଣୀୟତା, ପରିଚାଳନା ବ୍ୟବସ୍ଥାର ମୂଲ୍ୟାୟନ କରିବା ନିମନ୍ତେ ଭାରତ ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ (ଗ୍ରାମୀଣ)-୨୦୨୩ର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ଲେଫ୍ରିପଡ଼ା ବ୍ଲକ ଗିରିଙ୍ଗକେଲା ପଞ୍ଚାୟତ କରାଡେଗା ଗ୍ରାମ ପରିଦର୍ଶନ କରିଛନ୍ତି। ସ୍ୱଚ୍ଛ ସର୍ବେକ୍ଷଣକାରୀ ଲତିକା ରାଉତଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳ ଗିରିଙ୍ଗକେଲା ପଞ୍ଚାୟତ ଓ କରାଡେଗା ଗ୍ରାମରେ ନିର୍ମିତ ହୋଇଥିବା ଶୌଚାଳୟ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, କମ୍ପୋଷ୍ଟ ଖାତ, ଲିଚ ପିଟ, ସ୍କୁଲ, ଆଙ୍ଗନବାଡି କେନ୍ଦ୍ର, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ମନ୍ଦିର ଓ ସାପ୍ତାହିକ ବଜାର ପରିଦର୍ଶନ କରିଥିଲେ। ଏହାପରେ ହିତାଧିକାରୀ ଓ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ଲେଫ୍ରିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମଜୟ ବେହେରା, ସହକାରୀ କାର୍ଯ୍ୟକାରୀ ଯନ୍ତ୍ରୀ ବୃଷଭାନୁ ଭୋଇ, ଜିଲା ପରାମର୍ଶଦାତା ରଞ୍ଜନ କୁମାର ସାହୁ, ଗ୍ରାମ ପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ ଲିତୁନ ମହାନନ୍ଦିଆ, କନିଷ୍ଠ ଯନ୍ତ୍ରୀ ଦମୟନ୍ତୀ ହାସଦା, ବ୍ଲକ ସଂଯୋଜକ ରୋଶନ କୁମାର ଉପାଧ୍ୟାୟ, ଜିଆର୍ଏସ ସଞ୍ଜୀବ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ଷେତ୍ରକୁ ପରିଦର୍ଶନ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ସ୍ୱଚ୍ଛ ସର୍ବେକ୍ଷଣକାରୀ ଲତିକା ରାଉତ ଏବଂ ତାଙ୍କ ଦଳ ଆଲୋଚନାରେ ସନ୍ତୋଷ ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ସ୍ୱଚ୍ଛ ଭାରତ ମିଶନ ତୃଣମୂଳ ସ୍ତରରେ ଲୋକଙ୍କ ଜୀବନଜୀବିକାମାନରେ ଉନ୍ନତି ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମତାପ୍ରଦାନ କରିଥିଲେ।

## ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଜନସମ୍ପର୍କ ଅଭିଯାନ

ସୁନ୍ଦରଗଡ,୧୨।୮(ଜୟନରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଭାଜପା ସାଙ୍ଗଠନିକ ଜିଲା ଶାଖା ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା ଜନ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଝାପଡ଼ା ମଣ୍ଡଳ ଅନ୍ତର୍ଗତ ମଝାପଡ଼ା ଗ୍ରାମରେ ମଣ୍ଡଳ ସଭାପତି ହେମନ୍ତ କିଷାନ, ମଙ୍ଗସପୁର ମଣ୍ଡଳ ଗୁଲଠାଗ୍ରାମରେ ମଣ୍ଡଳ ସଭାପତି ଉଦିତ ଖରସେଲ, ତଳସରା ନିର୍ବାଚନ ମଣ୍ଡଳୀ ସରଫଗଡ଼ ମଣ୍ଡଳ ଅନ୍ତର୍ଗତ ଭେଡ଼ିବାହାଲ ଆଶ୍ରମ ସ୍କୁଲଠାରେ ମଣ୍ଡଳ ସଭାପତି ହୀରାଧର ମାଝି ଏବଂ ସବ୍ଡେଗା ମଣ୍ଡଳ ଅନ୍ତର୍ଗତ ସବ୍ଡେଗା ଗ୍ରାମରେ ମଣ୍ଡଳ ସଭାପତି ସୁଜିତ ପଟେଲ, କାର୍ଯ୍ୟକାରୀ ମଣ୍ଡଳ ସଭାପତି ସତ୍ୟବାନ ସାଙ୍କ ନେତୃତ୍ୱରେ ଏହି ତ୍ରିରଙ୍ଗା ଯାତ୍ରା ଜନ ସମ୍ପର୍କ ଅଭିଯାନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସାଂସଦ ତଥା ସଂସଦୀୟ ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ଜୁଏଲ ଓରାମ, ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ବିଧାୟିକା କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ଜିଲା ସାଧାରଣ ସଂପାଦକ ସୁଖଲାଲ ମୁଣ୍ଡା, ଯଶୋବନ୍ତ ନାଏକ, ଅମୀର ନାଏକ, ଜିଲା ସମ୍ପାଦକ ଗୁଲସନ ବରୁଆ, ଜିଲା କୋଷାଧ୍ୟକ୍ଷ ଦିନେଶ କର, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁରେଶ ପଟେଲ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ବିକାଶ ନାଏକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁଦାମ ହୋତା, ସୁଜିତ ନାଏକ, ସାଂସଦଙ୍କ ବ୍ଲକ ପ୍ରତିନିଧି ପ୍ରଶାନ୍ତ ସେଠ, ଟାଙ୍ଗରପାଲି ମଣ୍ଡଳ ସଭାପତି ଧ୍ରୁବରାଜ ନାଏକ, ମଣ୍ଡଳ ସାଧାରଣ ସଂପାଦକ କୈଳାସ ବରଡ଼ିଆ, ରଜତ କର, ଜୟରାମ କିଷାନ, ସରପଞ୍ଚ ମୁଣ୍ଡା ଆରତୀ ଧୁଆ, ସମିତି ସଭ୍ୟ ତୁଲେନ୍ଦ୍ର କୁସୁମ, ସନକ ଭୋଇ, ଭରତ ଚନ୍ଦ୍ର କାଲୋ, ପଦ୍ମନ ମାଝି, ରୁଦ୍ର ସାହୁ, ରାଜେଶ ପଟେଲଙ୍କ ସମେତ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।


ଭାଜପା ପକ୍ଷରୁ ବାହାରି ଥିବା ତ୍ରିରଙ୍ଗା ଯାତ୍ରା ଜନସମ୍ପର୍କ ଅଭିଯାନ।

## ଯୁବ ରେଡକ୍ରସ୍‌ର ଜିଲା କାର୍ଯ୍ୟ କାରିଣୀ ବୈଠକ

ସୁନ୍ଦରଗଡ,୧୨।୮(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ କଲେଜରେ ଯୁବ ରେଡକ୍ରସର ଜିଲା କାର୍ଯ୍ୟ କାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ଯୁବ ରେଡକ୍ରସର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। କଲେଜ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନସାହୁ ବୈଠକରେ ଅଧ୍ୟକ୍ଷତା କରି ସମାଜ ପ୍ରତି ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ରେଡକ୍ରସର ଆଜୀବନ ସଦସ୍ୟ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ଆପାଦକାଳୀନ ଅଧିକାରୀ କୁନ୍ତୀରାଣୀ ନାଏକ ରେଡକ୍ରସର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଆବାହକ ସମ୍ପାଦକ ସରୋଜ କୁମାର ପୂଜାରୀ ଆଗାମୀ ଦିନରେ ହେବାକୁ ଥିବା ରେଡକ୍ରସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରେଡକ୍ରସର ଜିଲା ସଂଯୋଜକ ସୁମନ୍ତ ଦ୍ୱିବେଦୀ ରେଡକ୍ରସ ସଙ୍ଗୀତ ଗାନ କରିବାସହ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସୁନ୍ଦରଗଡ ଜିଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ରେଡକ୍ରସ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ରେଡକ୍ରସ ସ୍ୱେଚ୍ଛାସେବୀ ଶୁଭଶ୍ରୀ ପାଣ୍ଡେ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଡ.ସାହୁ, ସତ୍ୟ ନାରାୟଣ ରାଉତ, ଜିତେନ୍ଦ୍ର କୁମାର ମହାପାତ୍ର, ହେମନ୍ତ କୁମାର ପଟେଲ,ଉଷାରାଣୀ ସେଠୀ, ଡ.ସ୍ମୃତି ସ୍ନିଗଧା ମିଶ୍ର, ପୌଲସ୍ତି ସାହୁ, ପ୍ରିୟଙ୍କା ପୁର୍ଟି, ନୀତୁ ମାରାଣ୍ଡି, କୁଳଦୀପ ସୋରେନ ପ୍ରମୁଖ ରେଡକ୍ରସର ଆଜୀବନ ସଦସ୍ୟଭାବେ ନାମ ପଞ୍ଜୀକରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ସ୍ୱେଚ୍ଛାସେବୀ, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ଶମ୍ଭୁଶଙ୍କର ଦୀପ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ପ୍ରଜ୍ଞାପରମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଅଭିଭାବକ କମିଟି ବୈଠକ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ କୁଲତାପଡ଼ା ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଭିଭାବକ, ଶିକ୍ଷକ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଧାନଶିକ୍ଷକ ମଧୁ ଦାସ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ, ସରପଞ୍ଚ ପ୍ରତିନିଧି ସୁବାସ ଛୁରା, ଉମାକାନ୍ତ ପ୍ରଧାନ ଯୋଗଦେଇଥିଲେ। ବୈଠକରେ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା।

# କଳାହାଣ୍ଡି ଜିଲାରେ ଚହଟିବ କଫି ଚାଷ

ଭବାନୀପାଟଣା,୧୨।୮
(ଉତ୍ତମ କୁମାର ଦାଶ)

କଫି ମହକରେ ପୁଣି ମହକିବ କଳାହାଣ୍ଡି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି କଫି ଚାଷ। ଜିଲାରେ ପୁଣି ଥରେ ଚହଟିବ କଫି ଚାଷ । ୧୯୮୦ ମସିହାରେ ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଥୁଆମୂଳ ରାମପୁର କଫି ଚାଷକୁ ନେଇ ରାଜ୍ୟ ତଥା ଦେଶରେ ଚର୍ଚ୍ଚାରେ ରହିଆସିଥିଲା । କିନ୍ତୁ ସେ ସମୟର ସଚେତନତାର ଅଭାବ ଯୋଗୁ ଅଞ୍ଚଳରେ ଲୋପ ପାଇବାକୁ ବସିଥିଲା କଫି ଚାଷ। ଯାହାର ଉଦାହରଣ ଥୁଆମୂଳ ରାମପୁର ରାସ୍ତା ଉପରେ ଥିବା କଫି ଗଛ। ବର୍ତ୍ତମାନ ମଧ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ୨୦ରୁ ଊର୍ଦ୍ଧ୍ୱ କଫି ଗଛ ଏହି ଅଞ୍ଚଳର କଫି ଇତାହାସର ମୁକସାକ୍ଷୀ। ତେବେ ଦୀର୍ଘ ବର୍ଷ ପରେ ପୁଣି କଫି ଚାଷ ଆରମ୍ଭ ହୋଇଛି। ଏନେଇ ରାଜ୍ୟ ସରକାର କଳାହାଣ୍ଡି ଜିଲାପାଳଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ପରେ ଥୁଆମୂଳ ରାମପୁର ବ୍ଲକରେ ଏବେ ପ୍ରଥମ ପର୍ଯ୍ୟାୟରେ ୩ଶହ ଏକର ଜମିରେ କଫି ଚାଷ ଆରମ୍ଭ ହୋଇଛି। ସେହିପରି ୨ଶହ ଏକର ଜମିରେ କଫି ଚାରା ଉତ୍ପାଦନ କରାଯାଉଛି। ଓଡ଼ିଶାର କୋରାପୁଟ କଫି


ମହିଳାମାନେ କଫି ଚାରାର ଯତ୍ନ ନେଉଛନ୍ତି।

■ପ୍ରଥମ ପର୍ଯ୍ୟାୟରେ ୩ଶହ ଏକର ଜମିରେ ହୋଇଛି କଫି ଚାଷ
■ସ୍ଥାନୀୟ ଲୋକଙ୍କୁ ଦେଉଛି ରୋଜଗାର

ଦେଶ ତଥା ବିଦେଶରେ ବେଶ ସୁନାମ ଅର୍ଜନ କରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ବିପଣନ ବ୍ୟବସ୍ଥା ଯୋଗୁ ଏହା ବେଶ ଆଦର ଲାଭ କରିଛି। କୋରାପୁଟ କଫି ପରେ କଳାହାଣ୍ଡି ଜିଲାରେ ପୁଣି କଫି ଚାଷ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଉଦ୍ୟମରେ ଜଳଛାୟା ବିଭାଗର ଅଧିକାରୀମାନଙ୍କୁ ଡାକି କଫି ଚାଷର ଆରମ୍ଭ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ସରକାର। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା, କଫି ବୋର୍ଡ, ଡିଏମ୍‌ଏଫ୍ ଫଣ୍ଡ ଦ୍ୱାରା ଜଳଛାୟା ବିଭାଗ ପକ୍ଷରୁ କଫି ଚାଷ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯେଉଁଥିରେ ଅଞ୍ଚଳରେ ଲୋକେ ରୋଜଗାର ପାଇବା ସହ ସେହି ଅଞ୍ଚଳରେ ଥିବା ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏଥିରେ ନିୟୋଜିତ କରାଯାଇ କଫି ବଗିଚାର ରକ୍ଷଣାବେକ୍ଷଣ କରାଯାଉଛି। ଜିଲାର ଥୁଆମୂଳ ରାମପୁର ବ୍ଲକର କାଣିଗୁମା, ଗୋପିନାଥପୁର ପଞ୍ଚାୟତର ବଡବଫ୍ଲା, ମହୁଲପାଟଣା ପଞ୍ଚାୟତର ଉପର ଚବରି ଓ ମହୁଲପାଟଣାରେ କଫି ଚାଷ ଆରମ୍ଭ ହୋଇଛି। କଫି ଚାଷ କରିବା ପାଇଁ ଆଗ୍ରହ ଥିବା ଚାଷୀଙ୍କ ପ୍ରଡ୍ୟୁସର ଗୋଷ୍ଠୀ ଗଠନ କରି ଜଳଛାୟା ବିଭାଗର ମୃତ୍ତିକା ସଂରକ୍ଷଣ କମିଟି ଦାରା କଫି ଚାଷ ନିମନ୍ତେ ଆହୁରି ପଦକ୍ଷେପ ଗ୍ରହଣ କରାଯିବା ସହ ସେମାନଙ୍କୁ ବିନା ମୂଲ୍ୟରେ କଫି ଚାରା ରାଜ୍ୟ ସରକାର ଯୋଗାଇ ଦେବାର ମଧ୍ୟ ବ୍ୟବସ୍ଥା କରାଯିବ ବୋଲି ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ପ୍ରକାଶ କରିଛନ୍ତି। ସେପଟେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ଅଞ୍ଚଳବାସୀଙ୍କ ପାଇଁ ରୋଜଗାରର ଏକ ମାଧ୍ୟମ ପାଲଟିଥିବା ସେମାନେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଭବାନୀପାଟଣା,୧୨।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବଡ଼ଘୁମର ଗ୍ରାମର ଜଣେ ଯୁବକ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ଭୋଦେ ଗୋପାଳ(୩୦)। ଶୁକ୍ରବାର ରାତିରେ ଗଣେଷ ପୂଜା ମିଟିଂ ସାରି ଘରକୁ ଫେରୁଥିବା ସମୟରେ ଗାଁ ସ୍କୁଲ ନିକଟରେ ୩ଟି ଭାଲୁ ଭୋଦେଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ପିଠିରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ଅରବିନ୍ଦ ସାହୁ କଳାହାଣ୍ଡି ଛାତ୍ର ବିଜେଡିର ସମ୍ପାଦକ ମନୋନୀତ

ଭବାନୀପାଟଣା,୧୨।୮(ଉତ୍ତମ କୁମାର ଦାଶ)

ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଛାତ୍ର ବିଜେଡ଼ି ସଭାପତି ଦେବୀରଞ୍ଜନ ତ୍ରିପାଠି କଳାହାଣ୍ଡି ଜିଲା ଛାତ୍ର ବିଜେଡିର ନୂଆ କର୍ମକର୍ତ୍ତା ଘୋଷଣା କରିଛନ୍ତି। ଏଥିରେ ସାମାଜିକ କର୍ମୀ ତଥା ଲଡୁଆ ଛାତ୍ର ନେତା ଅରବିନ୍ଦ ସାହୁ କଳାହାଣ୍ଡି ଛାତ୍ର ବିଜେଡିର ଜିଲା ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଭବାନୀପାଟଣା ସ୍ୱୟଂ ଶାସିତ ମହାବିଦ୍ୟାଳୟ (କଳାହାଣ୍ଡି ବିଶ୍ୱବିଦ୍ୟାଳୟ) ର ପୂର୍ବତନ ଛାତ୍ର ସଂସଦ ସହସମ୍ପାଦକ ଅରବିନ୍ଦ ସାହୁ ପୂର୍ବରୁ ଥୁଆପଦର ପଞ୍ଚାୟତର ବିଜୁ ଯୁବ ବାହିନୀ କୋଷାଧ୍ୟକ୍ଷ ଓ ଭବାନୀପାଟଣା ଛାତ୍ର ବିଜେଡି ସଭାପତି ଭାବରେ ରହି ଅନେକ ଉନ୍ନତି କାର୍ଯ୍ୟ କରିଛନ୍ତି। ସେ ଜିଲା ଛାତ୍ର ବିଜେଡିର ସମ୍ପାଦକ ହୋଇଥିବାରୁ ଯୁବ ଛାତ୍ର ଓ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଉତ୍ସାହ ପ୍ରକାଶ ପାଇଛି।

### ଅନୁପ ସିଂଦେଓ ଫୁଟବଲ: ଜୋରାବନ୍ଧ ଫାଇନାଲରେ

ଖଡ଼ିଆଳ,୧୨।୮(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଚାଲିଥିବା ୧୪ତମ ରାଜା ଅନୁପ ସିଂଦେଓ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଜୋରାବନ୍ଧ ଏବଂ ତରବୋଡ଼ ମଧ୍ୟରେ ଶନିବାର ଖେଳା ଯାଇଥିଲା। ଏଥିରେ ଜୋରାବନ୍ଧ ୨-୦ଗୋଲରେ ତରବୋଡକୁ ହରାଇ ପ୍ରଥମ ଦଳଭାବେ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବସ ମାଲିକ ସଂଘ ସଭାପତି ସୁଶାନ୍ତ ତାଣ୍ଡି, ଉପସଭାପତି ମୁନା ତାଣ୍ଡି, ବସ ମାଲିକ ସଂଘ ବରିଷ୍ଠ ସଦସ୍ୟ ଲାଲ ସାହେବ, ବଣ୍ଟି ଖଣ୍ଡୁଜା ଯୋଗଦେଇ ଥିଲେ। ରବିବାର ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ଜାମଖୁଣ୍ଟା ଏବଂ ଖଡ଼ିଆଳ ମଧ୍ୟରେ ହେବ।

### ବିଜେଡିର ମିଶ୍ରଣ ପର୍ବ, ସାମିଲ ହେଲେ କଂଗ୍ରେସ, ଭାଜପା ନେତା

ଲାଞ୍ଜିଗଡ଼,୧୨।୮(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ଅନ୍ୟ ଦଳର ୩ଜଣ ସଦସ୍ୟ ବିଜୁ ଜନତା ଦଳ (ବିଜେଡି)ରେ ସାମିଲ ହୋଇଛନ୍ତି। ରାଜ୍ୟର ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଜଣେ ମହିଳା ନେତ୍ରୀଙ୍କ ସମେତ ଜଣେ କଂଗ୍ରେସ ନେତା ଏବଂ ଜଣେ ଭାଜପା ନେତା ଶନିବାର ବିଜେଡିରେ ସାମିଲ ହୋଇଛନ୍ତି। ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ବାସଭବନରେ ଶୁକ୍ରବାର ଏହି ନେତାମାନେ ଦଳରେ ସାମିଲ ହୋଇଥିବା ସୂଚନା ମିଳିଛି। ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଜଣେ ସଫଳ ନାରୀନେତ୍ରୀ, ସମାଜସେବୀ ଫୁଲମେ ମାଝୀ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଥିବାବେଳେ କୁମଖାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁଲୁ ମାଝୀ ଓ ଭାଜପାର ପ୍ରଫୁଲ୍ଲ ଦଳପତି ପ୍ରମୁଖ ବିଜେଡିରେ ଯୋଗଦେଇଥିବା ଜଣାପଡ଼ିଛି। ବିଧାୟକ ଦିଶାରୀଙ୍କ ହୀରାପୁରସ୍ଥିତ ବାସଭବନରେ ଅନୁଷ୍ଠିତ ଏକ ଔପଚାରିକ ମିଶ୍ରଣ ପର୍ବରେ ବିଧାୟକ ଦିଶାରୀଙ୍କ ସହିତ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ, ଲାଞ୍ଜିଗଡ଼ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବିଜେଡି ଜିଲା ସମ୍ପାଦକ ଜଗଦୀଶ ବେନିଆଁ, ବ୍ଲକ ଯୁବ ବିଜେଡି ସଭାପତି ଡିଲେଶ କୁମାର ନାଗ, ବିଜେଡି ଜୋନ ସଭାପତି ଚନ୍ଦ୍ରଶେଖର ମହାପାତ୍ର, ବିଜେଡ଼ି ନେତା ହରିଶଙ୍କର ପାତ୍ର, ଯୁବନେତା ହିମାଦ୍ରୀ ପେସନିଆ, ତରୁଣ କୁମାର ଦାସ, ମନୋରଞ୍ଜନ ବିଶି, ବନମାଳୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅପହଞ୍ଚ ଇଲାକାରେ ମିଳିବ ବ୍ୟାଙ୍କ ସେବା

ଭବାନୀପାଟଣା,୧୨।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ଅନେକ ଗାଁରେ ନାହିଁ ବ୍ୟାଙ୍କ ସେବା। ଯାହା ଫଳରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବାର୍ଦ୍ଧକ୍ୟ ଭତ୍ତା ପାଇଁ ବୟସ୍କ ଲୋକେ ହଟହଟା ହେଉଛନ୍ତି। ହେଲେ ଏବେ ଆଉ ହେବ ନାହିଁ ଅସୁବିଧା। କାରଣ ରାଜ୍ୟର ୪୩୭୩ ପଞ୍ଚାୟତରେ ଖୋଲିବ ବ୍ୟାଙ୍କ ସେବା। ଫଳରେ ଲୋକଙ୍କୁ ଆଉ ଯିବାକୁ ପଡ଼ିବ ନାହିଁ ମାଇଲମାଇଲ ବାଟ। ଶୁକ୍ରବାର ରାଜ୍ୟ ସରକାର କ୍ୟାବିନେଟରେ ଏହା ମଞ୍ଜୁରି କରିଛନ୍ତି। ୬ଟି ରାଷ୍ଟ୍ରାୟତ ବ୍ୟାଙ୍କ ତାଙ୍କର ବ୍ୟାଙ୍କିଙ୍ଗ ଆଉଟଲେଟ ଖୋଲିବା ଯୋଜନାକୁ ରାଜ୍ୟ କ୍ୟାବିନେଟ ସବୁଜ ସଙ୍କେତ ଦେଇଛି। ଯାହାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ କଳାହାଣ୍ଡି ବିଜୁ ଜନତା ଦଳ ପକ୍ଷରୁ ଭବାନୀପାଟଣାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣାରେ ଥିବା ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଜିଲା ସାଧାରଣ ସମ୍ପାଦକ ଭବାନୀ ମିଶ୍ର,



ଖବରଦାତା ସମ୍ମିଳନୀରେ ବିଧାୟକ ଦିବ୍ୟଶଙ୍କର ମିଶ୍ର ଓ ଅନ୍ୟମାନେ।

**ବିଜେଡିର ଖବରଦାତା ସମ୍ମିଳନୀ**

ମାଇନରିଟି ସେଲ ସଭାପତି ଅବଦୁଲ କାଦିର, ଜିଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଲଳିତା ନାଏକ, ପୌର ଅଧ୍ୟକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡି ଜିଲାରେ ସିଏସ୍‌ସି ପ୍ଲସ ବ୍ୟାଙ୍କିଙ୍ଗ ଆଉଟଲେଟ ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ ବ୍ୟାଙ୍କିଙ୍ଗ ସେବା ଯୋଗାଇବା ପାଇଁ ଓଡିଶା ସରକାର ଏକ ଉଚ୍ଚାଭିଳାସୀ ଲକ୍ଷ୍ୟ ନେଇ ଆଗେଇ ଆସିଛନ୍ତି। ଚଳିତ ଆର୍ଥିକବର୍ଷ ୨୦୨୩-୨୪ରେ ସିଏସସି ପ୍ଲସ ବ୍ୟାଙ୍କିଙ୍ଗ ଆଉଟଲେଟ ମାଧ୍ୟମରେ ରାଜ୍ୟ ସମେତ ଜିଲାରେ ଥିବା ସମସ୍ତ ବ୍ୟାଙ୍କ ବିହୀନ ପଞ୍ଚାୟତରେ ବ୍ୟାଙ୍କିଙ୍ଗ ସେବା ଯୋଗାଇବା ପାଇଁ ଏହି ଯୋଜନା ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ । ଏହି ସେବା ପାଇଁ ଓଡିଶା ସରକାର ୫ ବର୍ଷ ପର୍ଯ୍ୟନ୍ତ ମାଗଣାରେ ଘର ଯୋଗାଇ ଦେବେ। ଏହା ବାଦ ରାଜ୍ୟ ସରକାର ମଧ୍ୟ ଏକକାଳୀନ ସ୍ଥାୟୀ ଖର୍ଚ୍ଚ ଓ ୩ ବର୍ଷ ପାଇଁ ଚଳନ୍ତି ଖର୍ଚ୍ଚ ବହନ କରିବେ। ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ଓ ଗର୍ଭବତୀ ମହିଳାମାନେ ସେମାନଙ୍କ ଘର ଦୁଆର ମୁହଁରେ ଡିବିସି ଯୋଜନାର ସୁବିଧା ସହିତ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ ସେବା ପାଇପାରିବେ ବୋଲି ବିଧାୟକ ମିଶ୍ର କହିଥିଲେ। ସେହିପରି ୬ ରାଷ୍ଟ୍ରାୟତ ବ୍ୟାଙ୍କ ଯଥା ଭାରତୀୟ ଷ୍ଟେଟ ବ୍ୟାଙ୍କ, ପଞ୍ଜାବ ନେସନାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ବରୋଦା ଓ ବ୍ୟାଙ୍କ ଅଫ ଇଣ୍ଡିଆ ସହିତ ସମନ୍ୱୟ ରକ୍ଷା କରି ସିଏସସି ପ୍ଲସ ବ୍ୟାଙ୍କିଙ୍ଗ ଆଉଟଲେଟ ଖୋଲିବ ବୋଲି ଖବରଦାତା ସମ୍ମିଳନୀ ରେ ସୂଚନା ଦିଆଯାଇଛି।

## ପଞ୍ଚପ୍ରାଣ କାର୍ଯ୍ୟକ୍ରମ

ଖଡ଼ିଆଳ,୧୨।୮(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ ପରିସର ମଧ୍ୟରେ ନୂଆପଡ଼ା ନେହେରୁ ଯୁବକେନ୍ଦ୍ର ଏବଂ ସାଇ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ପଞ୍ଚପ୍ରାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଖଡିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଯୋଗଦେଇଥିଲେ। ସଭାରେ ସାଇ ସଂସ୍ଥା ସଂଯୋଜକ ଜିତେନ୍ଦ୍ର ନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ନେହେରୁ ଯୁବ କେନ୍ଦ୍ର ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର, ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବୋଡ଼େନ କଲେଜ ଅଧ୍ୟାପକ ଡ଼.ସାମୁଏଲ ଦାନୀ, ଡ.ସୁଶାନ୍ତ କୁମାର ବିଶ, ମୁଖ୍ୟବ୍ୟକ୍ତଭାବେ ପୁରୁତମ ସୁନାନି ଯୋଗ ଦେଇଥିଲେ। ପଞ୍ଚ ପ୍ରାଣ ନେଇ ଦେଶର ଯୁବକ ଆଗାମୀ ୨୦୪୭ ମସିହାରେ ଭାରତକୁ ଏକ ବିକଶିତ ରାଷ୍ଟ୍ର ଗଠନ ନିଜର ଦାୟିତ୍ୱ ଏବଂ ଭାଗିଦାରିତା ଜାହିର କରିବାକୁ ଶପଥ ନେଇଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଝଲସିବ ଗୁଡ଼ହାଣ୍ଡି ଡୋକରୀଚଞ୍ଚରା

କୋକସରା,୧୨।୮
(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

**ଡବ୍ଲ୍ୟୁଓଡିସି ପକ୍ଷରୁ ୧ କୋଟି ୨ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା**

କଳାହାଣ୍ଡିର ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଅନନ୍ୟ ହେଉଛି କୋକସରା ବ୍ଲକର ଗୁଡହାଣ୍ଡି ଡୋକରୀଚଞ୍ଚରା। ପ୍ରାକ ଐତିହାସିକ ଯୁଗର ଗୁଡହାଣ୍ଡି ଗୁମ୍ଫାଚିତ୍ର ଏହି ପର୍ଯ୍ୟଟନସ୍ଥଳୀକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ ମିଶ୍ର ବିଗତ ଦିନରେ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିବାକୁ ଆସିଥିବା ବେଳେ ସ୍ଥାନୀୟ ବିଧାୟକ ମୌଷଧି ବାଗ ଓ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଅନୁଦାନ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଡୋକରୀଚଞ୍ଚରାର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲୁଓଡିସି) ତରଫରୁ ୧ କୋଟି ୨ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଯାହାକୁ ନେଇ ଧର୍ମଗଡ଼ ବିଧାୟକ ଓ କୋକସରା ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସ୍ଥାନୀୟ ନେତୃବୃନ୍ଦ ଓ ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତି ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ


ତାଲିମ ନେଇଥିବା ଶିକ୍ଷାର୍ଥୀଙ୍କ ସହ ଅତିଥିଗଣ।

ଭବାନୀପାଟଣା, ୧୨।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଜନକଲ୍ୟାଣ ସଂସ୍ଥାଠାରେ ଗତ ୫ ଦିନ ଧରି ଚାଲିଥିବା ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଫର ଏଣ୍ଟରପ୍ରାଇଜର୍ସିପ, କ୍ଷୁଦ୍ର ବ୍ୟବସାୟ ବିକାଶ ଓ ଜେଏସ୍‌ଏସ୍ ଦ୍ୱାରା ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜନ ଶିକ୍ଷଣ ସଂସ୍ଥା କଳାହାଣ୍ଡିର ନିର୍ଦ୍ଦେଶକ ସୁବ୍ରତ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଫର ଏଣ୍ଟରପ୍ରାଇଜର୍ସିପ ଓ କ୍ଷୁଦ୍ର ବ୍ୟବସାୟ ବିକାଶର ପ୍ରଶିକ୍ଷକ ଶୈଳେସ ରାଓ୍ୱତ ବଜାରର ଶକ୍ତି ଦୁର୍ବଳତା, ମାର୍କେଟିଂ ସର୍ଭେ, ଉତ୍ପାଦ ଚୟନ ପ୍ରଡକ୍ସନ ଟେକ୍ନିକ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଧାରଣା ପରି ଯେକୌଣସି ପ୍ରକଳ୍ପକୁ ସଫଳତାର ସହ କିପରି କାର୍ଯ୍ୟକାରୀ କରାଯାଇପାରିବ ସେ ନେଇ ଉପସ୍ଥିତ ସମସ୍ତ ଶିକ୍ଷାର୍ଥୀଙ୍କୁ ଅବଗତ କରିଥିଲେ। ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଫର ଏଣ୍ଟରପ୍ରାଇଜର୍ସିପ ଓ କ୍ଷୁଦ୍ର ବ୍ୟବସାୟ ବିକାଶ ସଂଯୋଜକ ରାହୁଲ ଭଟ ଡିଜିଟାଲ, ଟେକ୍ନୋଲୋଜି ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଲିଡ଼ ବ୍ୟାଙ୍କ ମ୍ୟାନେଜର ଧ୍ରୁବ ପ୍ରସାଦ ସିଂ ଯୋଗଦେଇ ବିଭିନ୍ନ ସବସିଡ ସ୍କିମ ବିଷୟରେ ସୂଚନା ଦେଇଥିଲେ। ସେହିପରି ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ପାଇଁ ଏକ ଭଲ ଆର୍ଥିକ ଅବସ୍ଥା ବଜାୟ ରଖିବାକୁ ଉପଦେଶ ଦେଇଥିଲେ। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ଜନଶିକ୍ଷଣ ସଂସ୍ଥା କଳାହାଣ୍ଡିର ବୁଲୁ ପୁଲେଇ, ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ଗଙ୍ଗାଧର ନାଏକ, ଫିଲ୍ଡ ଆସିଷ୍ଟାଣ୍ଟ କ୍ଷୀରମଣୀ କୁମାର, କମ୍ପ୍ୟୁଟର ଅପରେଟର ଲିପାମଣୀ ନାଗ, ଆକାଉଣ୍ଟଟେଣ୍ଟ ଅମ୍ବେ ପ୍ରସାଦ ପ୍ରଧାନୀ ପ୍ରମୁଖ ସହଯୋଗ କରିଥିଲେ।

## ଜଳଛତ୍ର ଶ୍ରମିକଙ୍କୁ ମିଳିନି ପାଉଣା

ଖପ୍ରାଖୋଲ, ୧୨।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ୨୧ପଞ୍ଚାୟତରେ ଗତ ଗ୍ରୀଷ୍ମଋତୁରେ ଜଳଛତ୍ର ଖୋଲା ଯାଇଥିଲା। ହେଲେ ପାଣି ଦେଇଥିବା ଶ୍ରମିକମାନଙ୍କୁ ଏ ଯାଏ ପାଉଣା ମିଳି ନ ଥିବା ଅଭିଯୋଗ ହୋଇଛି। ଏପ୍ରିଲ ପହିଲାରୁ ଖୋଲା ଯାଇଥିବା ଜଳଛତ୍ର ଶ୍ରମିକମାନଙ୍କୁ ସିଏଫସି ଅନୁଦାନରୁ ପଞ୍ଚାୟତ କର୍ତ୍ତୃପକ୍ଷ ମଜୁରି ଦେଇଥାନ୍ତି। ହେଲେ ସିଏଫସି ଅନୁଦାନ ମିଳି ନ ଥିବାରୁ କେତେକ ପଞ୍ଚାୟତରେ ଟାଣ ଖରାରେ ପାଣି ବଣ୍ଟନ କରିଥିବା ଶ୍ରମିକମାନଙ୍କୁ ପାଉଣା ମିଳିନାହିଁ। ଅନୁଦାନ ଅର୍ଥ ମିଳି ନ ଥିବାରୁ କେତେକ ପଞ୍ଚାୟତ ନିଜସ୍ୱ ପାଣ୍ଠିରୁ ଅଧାଲେଖାଏ ପାଉଣା ଦେଇଥିବା ଜଣାଯାଇଛି। ଏନେଇ ଖପ୍ରାଖୋଲ ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିକାଶ ବାର୍ଲାଙ୍କୁପଚାରିବାରୁସିଏଫସିଅନୁଦାନଆସି ନ ଥିବାରୁ ନିଜସ୍ୱ ପାଣ୍ଠିରୁ ଶ୍ରମିକ ପାଉଣା ଦେବାକୁ ପଞ୍ଚାୟତମାନଙ୍କୁ କୁହାଯାଇଛି। କେତେକ ପଞ୍ଚାୟତରେ ଶ୍ରମିକ ଙ୍କୁ ପାଉଣା ମଧ୍ୟ ଦିଆଯାଇଛି ବୋଲି ସେ କହିଛନ୍ତି।

## ଜାତୀୟତାବୋଧକୁ ଉଜ୍ଜୀବିତ କଲା ନାଟକ ବଳିଦାନ

ଭବାନୀପାଟଣା, ୧୨।୮
(ଉତ୍ତମ କୁମାର ଦାଶ)

କୃଷକ ଓ ସୈନିକ ଦେଶର ଦୁଇଟି ପ୍ରମୁଖ ଅଙ୍ଗ। ଏମାନଙ୍କର କାର୍ଯ୍ୟ ଦେଶ ପାଇଁ ସବୁବେଳେ ମହତ୍ତ୍ୱପୂର୍ଣ୍ଣ ହୋଇଆସିଛି। ତେବେ ବର୍ତ୍ତମାନ ସମୟର ଚ୍ୟାଲେଞ୍ଜପୂର୍ଣ୍ଣ ଜୀବନରେ କୃଷକ ଓ ସୈନିକ କିଭଳି ଅଧିକ ମାତ୍ରାରେ ସଶକ୍ତ ହେବେ ଓ ଦେଶକୁ ବିକାଶ ପଥରେ ଆଗେଇ ନେବେ ତାହାକୁ ଆଧାରକରି ଭବାନୀପାଟଣା ଇରିଗେଶନ ଛକଠାରେ ଗତିଶୀଳ ପଥପ୍ରାନ୍ତ ନାଟକ 'ବଳିଦାନ' ନାଟ୍ୟସଂସ୍ଥା ସ୍ମାରକୀ ଦ୍ୱାରା ପରିବେଷିତ ହୋଇଛି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଆୟୋଜିତ ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମରେ ଏହା ମଞ୍ଚସ୍ଥ ହୋଇଥିଲା। ନାଟକ ପ୍ରାରମ୍ଭରେ ଉପସ୍ଥିତ ସାଧାରଣ ନାଗରିକଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେ ଜାତୀୟ ସଙ୍ଗୀତ ଗାନ ହୋଇଥିଲା। ଉପସ୍ଥିତ ସମସ୍ତ ଦର୍ଶକ ସେହି ସ୍ଥାନରୁ ମାଟିକୁ ଅମୃତ କଳସରେ ଏକତ୍ରିତ କରିଥିଲେ। ତାହା ରାଜଧାନୀ ଦିଲ୍ଲୀରେ ପହଞ୍ଚିବ ବୋଲି ଜଣାପଡିଛି। ତାହାପରେ ଦର୍ଶକମାନଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟତାବୋଧକୁ ଉଦବୁଦ୍ଧ କରିବା ପାଇଁ ନାଟକ ପ୍ରଦର୍ଶିତ ହେଇଥିବା ବେଳେ କଳାହାଣ୍ଡିର ଭିନ୍ନଭିନ୍ନ ସ୍ଥାନରେ ପରିବେଷିତ ହୋଇଥିଲା। ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ସୌରଭ ମହାପାତ୍ର। ଏଥିରେ ଆଲୋକ ସାହୁ, ଧନଞ୍ଜୟ ସାହୁ, ଦିବାକର ସାହୁ, ମାନସୀପ୍ରଭା ନାୟକ, ସୌରଭ ମହାପାତ୍ର ପ୍ରମୁଖ ଅଭିନୟ କରିଥିଲେ। ଯୁବ ଲେଖକ ଡିଲେଶ୍ୱର ରଣା, ରାମେଶ୍ୱର ତ୍ରିପାଠୀ, କେ. ଗୋପୀ ନାୟର, ସୁମିତ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମରେ ପରିବେଶିତ ନାଟକର ଏକ ଦୃଶ୍ୟ।

## ବିଜ୍ଞାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗର ତଦନ୍ତ କଲେ ସିଡବ୍ଲ୍ୟୁସି

ଭବାନୀପାଟଣା,୧୨।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କଲମପୁର ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ପଣ୍ଡାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ଆରମ୍ଭ କରିଛି ଜିଲା ଶିଶୁ ସୁରକ୍ଷା ସମିତି (ସିଡବ୍ଲୁସି)। ଶନିବାର ଜିଲା ଶିଶୁ ସୁରକ୍ଷା ସମିତିର ଏକ ଟିମ୍ କଲମପୁର ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟକୁ ଯାଇ ବିଜ୍ଞାନ ଶିକ୍ଷକଙ୍କ ନାମରେ ଆସିଥିବା ଅଭିଯୋଗର ତଦନ୍ତ କରିଥିଲେ। ତଦନ୍ତ ସମୟରେ ସେମାନେ ବିଦ୍ୟାଳୟର ଛାତ୍ରୀଛାତ୍ର, ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସହ ପୃଥକ ପୃଥକ ଭାବେ ଅଭିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ତଦନ୍ତର ରିପୋର୍ଟ ପ୍ରସ୍ତୁତ କରି ଜିଲାପାଳ ଓ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପ୍ରଦାନ କରିବେ ବୋଲି ସିଡବ୍ଲ୍ୟୁସିର ତଦନ୍ତକାରୀ ଦଳ ମତ ପ୍ରକାଶ କରିଥିଲେ। ଏହି ଟିମ୍‌ରେ ସିଡବ୍ଲ୍ୟୁସିର ଭାରତ ଭୂଷଣ ପଣ୍ଡା, ରୁପେଶ କୁମାର ହୋତା, ସଞ୍ଜୟ କୁମାର ଓ ଅଶୋକ ରଞ୍ଜନ ଚୌଧୁରୀ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ, କଲମପୁର ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ପଣ୍ଡା ବିଦ୍ୟାଳୟର ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍କୁଲ ଛାତ୍ରୀମାନେ ସ୍ଥାନୀୟ ପ୍ରଧାନଶିକ୍ଷକ ଓ ପରେ ଥାନାର ଦ୍ୱାରସ୍ତ ହୋଇଥିଲେ। ପରେ ବିଦ୍ୟାଳୟ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ପରେ ସମ୍ପୃକ୍ତ ବିଜ୍ଞାନ ଶିକ୍ଷକଙ୍କୁ ଜିଲା ଶିକ୍ଷା ଅଧିକାରୀ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ନାକରୁଣ୍ଡି ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର କରିଥିଲେ। ନିର୍ଦ୍ଦେଶ ପାଇବା ପରେ ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ପଣ୍ଡା ନାକରୁଣ୍ଡି ଉଚ୍ଚ ବିଦ୍ୟାଳୟରେ ଯୋଗଦାନ କରିସାରିଛନ୍ତି। ଏପଟେ ତଦନ୍ତ ପ୍ରକ୍ରିୟା ସରିବା ପରେ ଜିଲା ଶିଶୁ ସୁରକ୍ଷା ସମିତି କି ପଦକ୍ଷେପ ନେଉଛି ତାରି ଉପରେ ରହିଛି ସଭିଙ୍କ ନଜର ।


କଲମପୁର ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରୁଛି ସିଡବ୍ଲ୍ୟୁସି ଟିମ୍।

**ସଂକ୍ଷେପରେ**

## କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜରଙ୍କ ନାମରେ ଥାନାରେ ଜାତିଆଣ ମାମଲା

ବୌଦ୍ଧ,୧୨।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜର ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ନାମରେ ହରଭଙ୍ଗା ଥାନାରେ ଜାତିଆଣ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

ନୟାଗଡ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଥିବା କୁଶଙ୍ଗ ରେଞ୍ଜର ପଦ୍ମତୋଳା ଗ୍ରାମର ଉତ୍ତମ ପ୍ରଧାନଙ୍କ ଘରେ ନିକଟରେ ବନ୍ୟ ପ୍ରାଣୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଗୋଟିଏ ଦେଶୀ ବନ୍ଧୁକ, ବଜ୍ରକାପ୍ତା କାତି, ଫାଶ ଇତ୍ୟାଦି ଜବତ କରାଯାଇଥିଲା। ଏନେଇ ବିଭାଗ ପକ୍ଷରୁ ହୋଇଥିବା ଦୁଇଟି ପୃଥକ ପୃଥକ ମାମଲାରେ ଉତ୍ତମ ଓ ତାଙ୍କ ଝିଅଙ୍କ ସମେତ ପରିବାରର ଅନ୍ୟ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ମାତ୍ର ଚଢାଉ ସମୟରେ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ସେମାନଙ୍କୁ ମାଡ ମାରିବା ସହିତ ମିଥ୍ୟା ମାମଲା ରୁଜୁ କରି ଓ ଜାତିଆଣ ଆକ୍ଷେପ କରିଥିବା ଉତ୍ତମଙ୍କ ସ୍ତ୍ରୀ ସଇଁତା ପ୍ରଧାନ ହରଭଙ୍ଗା ଥାନାରେ ଗତ ଗୁରୁବାର ଦିନ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗପତ୍ରରେ କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜର ଲକ୍ଷ୍ମୀ ନାରାୟଣ ପଣ୍ଡା ଏବଂ ବନ ବିଭାଗ ଟିମ୍ ତାଙ୍କ ଘର ଚଢାଉ କରିବା ସମୟରେ ଝିଅ, ଜ୍ୱାଇଁ, ପୁଅ ଏବଂ ସ୍ୱାମୀଙ୍କୁ ମାଡ ମାରିବା ସହିତ ଜାତିଆଣ ଆକ୍ଷେପ କରିଥିବା ଏତଲାରେ ଦର୍ଶାଇଥିଲେ। ତାଙ୍କ ଏତଲା ଆଧାରରେ ହରଭଙ୍ଗା ପୋଲିସ ନଂ ୯୩/୨୩ରେ ଏକ ଜାତିଆଣ ମାମଲା ରୁଜୁ କରି ତଦନ୍ତ କରୁଥିବା ଭାରପ୍ରାପ୍ତ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର କିଷାନ ସୂଚନା ଦେଇଛନ୍ତି।

# ୬୫ ହଜାର ଜାତୀୟ ପତାକା ପ୍ରସ୍ତୁତ କଲେ ମହିଳା



ବିନିକା ଜୟ ଜଗନ୍ନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଜାତୀୟ ପତାକା ପ୍ରସ୍ତୁତ କରୁଛନ୍ତି।

ସୋନପୁର,୧୨।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ୧୦୦ରୁ ଊର୍ଦ୍ଧ୍ୱ ମହିଳା ୬୫ ହଜାର ଜାତୀୟ ପତାକା ପ୍ରସ୍ତୁତ କରିଛନ୍ତି। ମାତ୍ର ୫ ଦିନ ଭିତରେ ମହିଳାମାନେ ୮/୧୨ ଇଞ୍ଚ ସାଇଜର କପଡା ପତାକା ପ୍ରସ୍ତୁତି କରିବାରେ ସକ୍ଷମ ହୋଇଛନ୍ତି। ଆସନ୍ତା ସୋମବାର ସୁଦ୍ଧା ସମସ୍ତ ପତାକା ଜିଲା ପ୍ରଶାସନକୁ ଦିଆଯିବ। ପ୍ରଶାସନ ଏହି ପତାକାଗୁଡିକୁ ଲୋକଙ୍କୁ ମାଗଣରେ ପ୍ରଦାନ କରିବ ବୋଲି ଜଣାପଡିଛି। ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ

**ସୁବର୍ଣ୍ଣପୁର ଜିଲାର ସମସ୍ତଙ୍କ ଘରେ ଉଡିବ ତ୍ରିରଙ୍ଗା**

କରୁଛି। ଏହି କ୍ରମରେ ଆସନ୍ତା ଅଗଷ୍ଟ ୧୫ ତାରିଖ ୭୭ତମ ସ୍ୱାଧୀନତା ଦିବସ ଅବସରରେ ସମସ୍ତଙ୍କ ଘରେ ତ୍ରିରଙ୍ଗା ଉଡାଇବା ପାଇଁ ଯୋଜନା ରହିଛି। ରାଜ୍ୟ ସରକାର ଜାତୀୟ ପତାକା ପ୍ରସ୍ତୁତି ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଦେଇଛନ୍ତି। ସୁବର୍ଣ୍ଣପୁର ଜିଲାର ୬ଗୋଟି ବ୍ଲକ ଲେଭେଲ ଫେଡେରଶନ(ବିଏଲଏଫ)କୁ ଏହି ଦାୟିତ୍ୱ ଦିଆ ଯାଇଥିଲା। ଟେଲରିଂ ଜାଣିଥିବା ସମ୍ପୃକ୍ତ ବ୍ଲକର ଏସଏଚ୍‌ଜି ଓ ପ୍ରଡ୍ୟୁସର ଗ୍ରୁପ୍‌କୁ ବିଏଲଏଫ ଏହି ଦାୟିତ୍ୱ ଦେଇଥିଲା। ୮ ତାରିଖରୁ ସିଲାଇ କାମ ଆରମ୍ଭ ହୋଇଥିଲା। ୧୨ ତାରିଖ ଶନିବାର ସୁଦ୍ଧା ଜିଲା ପାଇଁ ଆବଶ୍ୟକ ଥିବା ୬୫ ହଜାର ଜାତୀୟ ପତାକା ପ୍ରସ୍ତୁତ ହୋଇଛି। ସରକାର ଏ ବାବଦରେ ବିଏଲଏଫଗୁଡିକୁ ପତାକା ପ୍ରତି ୨୫ ଟଙ୍କା ଲେଖାଏଁ ପ୍ରଦାନ କରିବେ ବୋଲି ସ୍ଥିର ହୋଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ରଶ୍ମିତା



@ ସରୋଜ



@ ସଞ୍ଜୀବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାଙ୍ଗିଛି ସୁରବାଲି ଯୋର ପଥର ଆଡ଼ିବନ୍ଧ

ଅମରପାଲି,୧୨।୮ (ପୀତାମ୍ବର ସାହୁ)



ଭାଙ୍ଗି ଯାଇଥିବା ଆଡି ବନ୍ଧ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ଗ୍ରାମପଞ୍ଚାୟତର ସୁନାରିବେର୍ଣ୍ଣୀ ସପ୍ତେଶ୍ୱର ଶିବ ମନ୍ଦିର ସୁରୁବାଲି ଯୋର ଖଣ୍ଡିରେ ରହିଛି। ଯୋର ଖଣ୍ଡିରେ ମନ୍ଦିର ଥିବାରୁ ଯୋର ପାର୍ଶ୍ୱରେ ପଥର ତିଆରି ଆଡିବନ୍ଧ ଦିଆଯାଇଥିଲା। ମାତ୍ର ଗତ ଲଗାଣ ବର୍ଷାରେ ବନ୍ୟାପାଣି ପ୍ରବାହିତ ଫଳରେ ଉକ୍ତ ଆଡିବନ୍ଧ ଭାଙ୍ଗି ପଡିଛି। ଫଳରେ ମନ୍ଦିରକୁ ଲାଗି କରି ଥିବା ଭୋଗ ମଣ୍ଡପ, ରୋଷେଇ ଘର ଏବଂ ମନ୍ଦିର ପରିସରର ଗୋଟିଏ ପାର୍ଶ୍ୱର ମାଟି ଧୋଇ ନେଇଛି। ଏବେ ବିପଦରେ ସୁନାରିବେର୍ଣ୍ଣୀର ବାବା ସପ୍ତେଶ୍ୱର ଶିବ ମନ୍ଦିର । ଯଦି ଉକ୍ତ ଆଡିବନ୍ଧ ମରାମତି

**ବିପଦରେ ସୁନାରୀବେର୍ଣ୍ଣୀ ସପ୍ତେଶ୍ୱର ଶିବ ମନ୍ଦିର**

କରା ନ ଯାଏ ତେବେ ଯେ କୌଣସି ମୂହୁର୍ତ୍ତରେ ମନ୍ଦିରର ବାଡା, ରୋଷେଇ ଘର ଓ ଭୋଗ ମଣ୍ଡପ ଭାଙ୍ଗି ଯିବାର ଆଶଙ୍କା ରହିଛି। ଉକ୍ତ ଶିବମନ୍ଦିର ବୀରମହାରାଜପୁର ଅଞ୍ଚଳର ପ୍ରାଚୀନ ଶୈବପୀଠଗୁଡିକ ମଧ୍ୟରୁ ଅନ୍ୟତମ । ଏହି ମନ୍ଦିରକୁ ପ୍ରତ୍ୟହ ଶତାଧିକ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥାନ୍ତି। ଏବେ ଏହି ପ୍ରାଚୀନ ଶୈବପୀଠର ସୁରକ୍ଷା ନିହାତି ଜରୁରୀ ହୋଇପଡିଛି। ଭାଙ୍ଗିଯାଇଥିବା ଆଡିବନ୍ଧ ପୁଣି ଥରେ ନିର୍ମାଣ କରି ମନ୍ଦିରର ସୁରକ୍ଷା କରିବାକୁ ସାଧାରଣରେ ଦାବି ହେଉଛି ।

# ରେଞ୍ଜ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

**ଦୁର୍ନୀତିରେ ଲିପ୍ତ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର ଦାବି**

ଅମରପାଲି,୧୨।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ହାତିଲିମୁଣ୍ଡା ବିଟ୍‌ର ଘିଚାପାଲି ଗ୍ରାମବାସୀ ଜଣେ ବନ କର୍ମଚାରୀ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗ କରି ରେଞ୍ଜ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସମ୍ପୃକ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ବହିଷ୍କାର କରିବାକୁ ଦାବି କରାଯାଇଛି।

ପ୍ରକାଶ ଯେ, ଘିଚାପାଲି ଗ୍ରାମର ଉତ୍ତର ସୀମାକୁ ଲାଗି ରହିଛି ଭାଲୁଡୁଙ୍ଗୁରୀ ଜଙ୍ଗଲ । ଉକ୍ତ ଜଙ୍ଗଲକୁ ୨୦୦୦ ମସିହାରୁ ଘିଚାପାଲି ଗ୍ରାମବାସୀ ପାଳି କରି ଜଗିବା ସହିତ ଏହାର ରକ୍ଷଣାବେକ୍ଷଣ କରି ଆସୁଛନ୍ତି। ଅନେକ ସମୟରେ ଗ୍ରାମବାସୀ ବନ ବିଭାଗର ସହଯୋଗରେ ଚାରାରୋପଣ ମଧ୍ୟ କରିଥାନ୍ତି। ମାତ୍ର ବନ ବିଭାଗରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ବିଶାଳପାଲି ଗ୍ରାମର ଜଣେ କର୍ମଚାରୀ ଉକ୍ତ ଜଙ୍ଗଲ ଜମିକୁ ନିଜ ପରିବାର ଲୋକଙ୍କ ନାମରେ ବେଆଇନ ଭାବେ ପଟ୍ଟା କରି ନେଇଥିବା ଅଭିଯୋଗ କରିଛନ୍ତି । ଏପରି କି କିଛି ଦିନ ହେଲା ଉକ୍ତ ଜଙ୍ଗଲ ଜମିକୁ ଆବଦ୍ଧ କରି ରଖିଛନ୍ତି। ଏଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହିତ କାର୍ଯ୍ୟରୁ ବହିଷ୍କାର କରିବାକୁ ଦାବି କରି ଗ୍ରାମବାସୀ ବୀରମହାରାଜପୁର ରେଞ୍ଜ ଅଧିକାରୀ ଅବିନାଶ ବରିହାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଘିଚାପାଲି ଗ୍ରାମର ରାଜକୁମାର ସାହୁ, ଶ୍ୟାମ ସୁନ୍ଦର ନନ୍ଦ, ପୀତାମ୍ବର ବିଶ୍ୱାଳ, ନବୀନ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଭାବକ ଓ ଶିକ୍ଷକ ବୈଠକ



ଘଣ୍ଟାପଡା,୧୨।୮ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ଘଣ୍ଟାପଡ଼ା ଟି.ଏମ.ଓ. ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ଲୁହାଙ୍କ ତତ୍ତ୍ୱାବଧାନରେ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟି ସଭାପତି ଅଭିମନ୍ୟୁ ମଲିକ ସଭାପତିତ୍ୱ କରିଥିଲେ। ଶିକ୍ଷା, ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ଉଦ୍ୟମରେ ଜଣେ ଶିଶୁ ଉପଯୁକ୍ତ ଶିକ୍ଷା ପାଇପାରିବା ନେଇ ଆଲୋଚନା କରାଯାଇଥିଲା। ସହକାରୀ ଶିକ୍ଷକ ସୁଶାନ୍ତ କୁଅଁର ବୈଠକ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ମୁକୁନ୍ଦଦେବ ସାହୁ ଓ ଶିକ୍ଷୟିତ୍ରୀ ସସ୍ମିତା ଜାନୀ ସହଯୋଗ କରିଥିଲେ। ଉକ୍ତ ବୈଠକରେ ବହୁ ଅଭିଭାବକ ଉପସ୍ଥିତ ରହିଥିଲେ।

# ଜୁନିୟର ରେଡ୍‌କ୍ରସ୍ ୟୁନିଟ୍ ଗଠିତ

ସୋନପୁର,୧୨।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଶନିବାର ଜୁନିୟର ରେଡ୍‌କ୍ରସ ୟୁନିଟ ଗଠନ କରାଯାଇଛି । ୨୫୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଏହି ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରୁ ୯୨ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଦୁଇଟି ୟୁନିଟ ଗଠନ ହୋଇଛି । ସୁବର୍ଣ୍ଣପୁର ଜିଲା ଜୁନିୟର ରେଡ଼କ୍ରସ ଅଫିସର ରବିଚନ୍ଦ୍ର ପଶାୟତ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ କିପରି ପ୍ରାଥମିକ ଚିକିତ୍ସା ଦିଆଯାଇ ସୁରକ୍ଷିତ ଭାବେ ଡାକ୍ତରଖାନାକୁ ପଠାଯାଇ ପାରିବ, ଦେହରେ ନିଆଁ ଲାଗିଲେ କିପରି ଲିଭା ଯାଇପାରିବ, ବଜ୍ରପାତ ସମୟରେ କିପରି ସୁରକ୍ଷିତ ରହି ପାରିବା ଆଦି ଜୀବନ କୌଶଳ ତାଲିମ ପ୍ରଦାନ କରିଥିଲେ । ସେହିପରି ସେବା କ୍ଷେତ୍ରରେ ଉତ୍ସର୍ଗୀକୃତ ହେବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଓ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ ।



ଛାତ୍ରୀଛାତ୍ରଙ୍କ ଗହଣରେ ଜୁନିୟର ରେଡ଼କ୍ରସର କର୍ମକର୍ତ୍ତା।

ସମ୍ମାନିତ ଅତିଥି ଭାବେ ଗୋପେଶ ପଣ୍ଡା, ସାଧନ କର୍ମୀ ଚନ୍ଦ୍ରଶେଖର ମହାପାତ୍ର ଓ ହେମନ୍ତ ମେହେର ଯୋଗଦେଇ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ରାଜ୍ୟ ରେଡ଼କ୍ରସ କାର୍ଯ୍ୟାଳୟରୁ ଅଣାଯାଇଥିବା ସ୍କାର୍ଫ, ୱାଗଲ ଓ ବ୍ୟାଚ୍ ବଣ୍ଟନ କରାଯାଇଥିଲା । ପ୍ରଧାନଶିକ୍ଷକ ଭରତ ହରିପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ପରାମର୍ଶଦାତା ହୃଷିକେଶ ଚାନ୍ଦ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ବାମଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ମହଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରାମର୍ଶଦାତା ଜଗଦୀଶ ଦାଶ ଓ କୈରାଝୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରାମର୍ଶ ଦାତା ଜିତେନ୍ଦ୍ର ପରଡିଆ, ଶିକ୍ଷକ ଦିଲୀପ ପଣ୍ଡା, ଶିବରାମ ଚାନ୍ଦ, ନରେନ୍ଦ୍ର ନାଗ, ସତ୍ୟ ନାରାୟଣ ମେହେର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜନ ପଧାନ, ସଭ୍ୟ କୁମାର ଖୁରା ଓ ବିନୋଦ ମହାପାତ୍ର ପ୍ରମୁଖ ସାହାଯ୍ୟ ସହଯୋଗ କରିଥିଲେ। ଜୁନିୟରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାଛଡା ଲୋକଙ୍କ ମଧ୍ୟରେ ରେଡ଼କ୍ରସ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ଶାନ୍ତି ଶୋଭାଯାତ୍ରାର ଆୟୋଜନ କରା ଯାଇଥିଲା

# ଶୌଚ ପାଇଁ ଯାଇ ସୁରବାଲି ଯୋରରେ ଭାସିଗଲେ ନାବାଳକ

ଅମରପାଲି,୧୨।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଲୟାଠାରେ ଶନିବାର ଅପରାହ୍ନରେ ଶୌଚ ପାଇଁ ଯାଇଥିବା ଜଣେ ନାବାଳକ ସୁରୁବାଲି ଯୋରର ପ୍ରଖର ସୋତ୍ରରେ ଭାସିଯାଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ତାଙ୍କୁ ବୁର୍ଲା ବଡଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

ପ୍ରକାଶ ଯେ, ସୁବଲୟା ଗ୍ରାମ କୁମ୍ଭାରପଡାର ଭିକାରି ମେହେରଙ୍କ ପୁଅ ତନ୍ମୟ (୧୨) ସାଙ୍ଗମାନଙ୍କ ସହିତ ଖେଳୁଥିବା ବେଳେ କେତେଜଣ ସାଙ୍ଗଙ୍କ ସହିତ ସୁରୁବାଲି ଯୋରକୁ ଶୌଚ ପାଇଁ

**ଗୁରୁତର ଅବସ୍ଥାରେ ଉଦ୍ଧାର, ଡାକ୍ତରଖାନାରେ ଭର୍ତ୍ତି**

ଯାଇଥିଲେ । ଯୋରରେ ଶୌଚ ହେବା ବେଳେ ପାଣି ସୁଅରେ ଭାସି ଯାଇଥିଲେ। ପାଖରେ ଥିବା ସାଙ୍ଗମାନେ ଚିତ୍କାର କରି ଡାକିବାରୁ ଆଖପାଖରେ ଥିବା ଲୋକେ ପହଞ୍ଚି ତନ୍ମୟଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପାଣିରୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ । ତାଙ୍କୁ ତୁରନ୍ତ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ତାଙ୍କର ଚେତା ଫେରିନାହିଁ ବୋଲି ପରିବାର ସୂତ୍ରରୁ ଜଣାଯାଇଛି।

# ଝୁଲଣଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଅମରପାଲି,୧୨।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଲୟାଠାରେ ହେବାକୁ ଥିବା ପ୍ରସିଦ୍ଧ ଝୁଲଣ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସୁବଲୟା ବଜରଙ୍ଗ ଦଳର ସମ୍ପାଦକ ଶିଲୁ ରଥଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ବୈଠକରେ ସୁବଲୟା ବଜରଙ୍ଗ ଦଳର ସଭାପତି ସଞ୍ଜୟ ବାଘ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଧିବରପଡାର ବାବା ଅବଧୂତ ସାଂସ୍କୃତିକ କ୍ଲବ, ବଡଦାଣ୍ଡ ବୀର ବଜରଙ୍ଗ ଦଳ, ସାନଦାଣ୍ଡ ଶ୍ରୀ ରାମଚନ୍ଦ୍ର କ୍ଲବ, ବଳଦେବ କ୍ଲବ ଏବଂ ଗଡଭିତର ଭଗବତ କ୍ଲବର କର୍ମ କର୍ତ୍ତା ଯୋଗ ଦେଇଥିଲେ। ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ହେବାକୁ ଥିବା ପ୍ରସିଦ୍ଧ ଝୁଲଣ ଯାତ୍ରାକୁ ଆକର୍ଷଣୀୟ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ଆଲୋଚନା ହୋଇଥିଲା। ଝୁଲଣଯାତ୍ରାର ପୂର୍ବ ରାତିରେ ମେଲୋଡ଼ି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଝୁଲଣ ଯାତ୍ରା ମେଢ଼ ସକାଳ ୫ ଟାରୁ ବାହାରି ସନ୍ଧ୍ୟା ପର୍ଯ୍ୟନ୍ତ ସୁବଳୟା ଗ୍ରାମ ଭ୍ରମଣ କରିବ । ଏହି ବୈଠକରେ ଅବଧୂତ କ୍ଲବର ସମ୍ପାଦକ ସୁଦାମ ମେହେର, ଶ୍ରୀ ରାମଚନ୍ଦ୍ର କ୍ଲବର ସଭାପତି ବୈକୁଣ୍ଠ ମେହେର, ବଜରଙ୍ଗ କ୍ଲବର ସଭାପତି ମାଧବ ମେହେର, ବଳଦେବ କ୍ଲବର ସମ୍ପାଦକ ଓ ଗଡଭିତର ଭାଗବତ କ୍ଲବର ସଭାପତି ନେତ୍ରାନନ୍ଦ ମାଝି ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସଦସ୍ୟ।

# ନିର୍ମାଣ ଅବଧି ସରିବ, ସରିନି ସେତୁକାମ

ବୌଦ୍ଧ,୧୨।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ଜଗନ୍ନାଥ ସଡକ ଏକ ମୁଖ୍ୟରାସ୍ତା। ଏହି ରାସ୍ତା ଉପରେ ୭-୮ ପଞ୍ଚାୟତର ଲୋକେ ମୁଖ୍ୟତଃ ନିର୍ଭର କରିଥାନ୍ତି। କିନ୍ତୁ ବର୍ଷା ହେଲେ ରାସ୍ତାରେ ଯାତାୟତ ଠପ୍ ହୋଇ ଯାଇଥାଏ। ବର୍ତ୍ତମାନ ପୂର୍ତ୍ତ ବିଭାଗ ପକ୍ଷରୁ ବୌଦ୍ଧ ଧଳପୁର ଜଗନ୍ନାଥ ସଡକର ବଙ୍କାପଡା ନିକଟରେ ବଲାଟ ନାଳ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି। ସେତୁ ନିର୍ମାଣ ପାଇଁ ୨୦କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ତେବେ ଆସନ୍ତା ୩୦ ତାରିଖରେ ନିର୍ମାଣର ସମୟ ସୀମା ସରିବାକୁ ବସିଥିବା ବେଳେ ସେତୁ କାମ ଅଧାପନ୍ତରିଆ ହୋଇ ପଡିରହିଛି। ସେତୁର ଉଭୟ ପାର୍ଶ୍ୱ ଆପ୍ରୋଚ୍ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇନାହିଁ। ସେତୁ କାମ ନ



ଅଧାପନ୍ତରିଆ ସେତୁ।

ସରିବାରୁ ବର୍ଷା ହେଲେ ପାଣି ଯୋଗୁ ଯାତାୟତ ବାଧାପ୍ରାପ୍ତ ହେଉଛି। ବାଧ୍ୟ ହୋଇ ଲୋକେ ବିପଦଶଙ୍କୁଳ ଭାବେ ପୁରଣା ପୋଲ ଦେଇ ଯିବା ଆସିବା କରୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



## ଆଜି କ'ଣ କେଉଁଠି

ରାଉରକେଲା
- ଉଚ୍ଚ ନ୍ୟାୟାଳୟ ପୁସ୍ତିକା ଉନ୍ମୋଚନ, ସେକ୍ଟର-୭, ପୂର୍ବାହ୍ନ ୧୦ଟା।
- ସିଆଇଟିୟୁର କାର୍ଯ୍ୟକ୍ରମ, ଆଦର୍ଶ ପାଠାଗାର, ପୂର୍ବାହ୍ନ ସାଢେ ୧୦ଟା ।
- ଶ୍ରୀ ଅରବିନ୍ଦ ସ୍କୁଲରେ ପ୍ରତିଯୋଗିତା, ସେକ୍ଟର-୫, ପୂର୍ବାହ୍ନ ସକାଳ ୧୦ଟା।

# ରେଳ ଲାଇନରେ ବିପଦସଙ୍କୁଳ ଯାତାୟାତ

ରାଉରକେଲା,୧୨।୩(ବିପ୍ଳବ ରଞ୍ଜନ ଦାଶ)

ଲୋକମାନେ ବିପଦସଙ୍କୁଳ ଭାବେ ରେଲୱେ ଲାଇନ ପାରି ହେଉଥିବାରୁ ଓଭରବ୍ରିଜ୍ ନିର୍ମାଣ କରାଗଲା। ଏହାସତ୍ତ୍ୱେ ସେମାନେ ପୂର୍ବବତ୍ ସେହି ରେଲୱେ ଲାଇନ ପାର ହୋଇ ଯାତାୟାତ କରୁଛନ୍ତି। କେତେବେଳେ ଯେ ଅଘଟଣ ନ ଘଟିବ କହିହେବନାହିଁ। ଏଭଳି ଦେଖିବାକୁ ମିଳିଛି ରାଉରକେଲା ସହରର ଏସ୍‌ଟିଆଇ ଛକ ରେଲୱେ କ୍ରସିଂରେ।

ଏସ୍‌ଟିଆଇ ଛକ ସହରର ବ୍ୟସ୍ତବହୁଳ ଛକ। ଏହି ଛକ ଦେଇ ଦୈନିକ ହଜାର ହଜାର ଲୋକ ଛେଣ୍ଡ, ବାସନ୍ତୀ କଲୋନୀ ଆଦି ଅଞ୍ଚଳକୁ ଯାତାୟତ କରିଥାନ୍ତି। ଏଠାରେ ହେଉଥିବା ପ୍ରବଳ ଭିଡ ଯୋଗୁ ଟ୍ରାଫିକ୍ ଜାମ୍ ହେଉଥିଲା। ଏଥିସହ ଏଫ୍‌ସିଆଇ ବସ୍ତି, ଲେବର ଟେନାମେଣ୍ଟ ବସ୍ତି, ଗଙ୍ଗାଧରପାଲ୍ଲୀ ବସ୍ତି ଅଞ୍ଚଳରେ ଥିବା ୟୁଜିଆଇ କଲେଜ ଓ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାତାୟାତ କରିବାକୁ ହେଲେ ଏସ୍‌ଟିଆଇ ଛକ ରେଳ ଲାଇନ ପାର ହେବାକୁ ପଡୁଥିଲା। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏସ୍‌ଟିଆଇ ଛକ କ୍ରସିଂ ସ୍ଥଳରେ ଫାଟକ ଏବଂ ଗାର୍ଡ ମୁତୟନ ରହୁଥିଲେ। ୨୦୧୮-୧୯ରେ ଏସଟିଆଇ ଛକରୁ ଛେଣ୍ଡ ବାସନ୍ତୀ କଲୋନୀକୁ ୪ କି.ମି ବିଶିଷ୍ଟ ଏକ ଓଭରବ୍ରିଜ ରାସ୍ତା ତିଆରି ହେଲା। ତେବେ ଓଭରବ୍ରିଜ ନିର୍ମାଣ ପରେ ମଧ୍ୟ ବିପଦଜନକ ଭାବେ ରେଳ ଲାଇନ ପାର ହୋଇ ଯାତାୟାତ କରିବା ବନ୍ଦ ହୋଇନାହିଁ।



ଛାତ୍ରମାନେ ବିପଦସଙ୍କୁଳ ଭାବେ ରେଳ ଲାଇନ ପାର ହେଉଛନ୍ତି।

ପ୍ରତିଦିନ ଉକ୍ତ ବସ୍ତି ଅଞ୍ଚଳର ଲୋକ ଓ କଲେଜ ଛାତ୍ରୀଛାତ୍ର ରେଳ ଲାଇନ ପାର ହୋଇ ଏସ୍‌ଟିଆଇ ଛକକୁ ଆସୁଛନ୍ତି। ଏଭଳି ବିପଦଜନକ ଭାବେ ରେଳ ଲାଇନ ପାରି ହେବା ବିଷୟରେ ପଚାରିଲେ ଓଭରବ୍ରିଜ ପାଦଚଲା ଓ ସାଇକେଲ ଚାଳକଙ୍କ ପାଇଁ ନୁହେଁ, କେବଳ ଦୁଇଚକିଆ ଓ ଚାରିଚକିଆ ଯାନ ପାଇଁ ଉପଯୁକ୍ତ। ଏତେଦୂର ରାସ୍ତା ଚାଲି ଚାଲି ପାର ହୋଇ ଏସ୍‌ଟିଆଇ ଛକକୁ ଆସିବା ମୁସ୍କିଲ ବୋଲି ସେମାନେ କହିଛନ୍ତି। ତେବେ ଏଠାରେ ଜଣେ ଗାର୍ଡଙ୍କୁ ମୁତୟନ କରାଗଲେ ଭଲ ହୁଅନ୍ତା ବୋଲି ଲୋକେ ମତ ଦେଇଛନ୍ତି। ଏ ନେଇ ରେଲୱେ ବୋର୍ଡ ସଦସ୍ୟ ପ୍ରଫେସର ସୁବାଷ ଚନ୍ଦ୍ର ଲେଙ୍କା କୁହନ୍ତି, ଶର୍ଟକଟ୍ ରାସ୍ତା ଯୋଗୁ ଦୈନିକ ଏହି ରେଳ ଲାଇନରେ ୩ହଜାରରୁ ଊର୍ଦ୍ଧ୍ୱ ଲୋକ ଯାତାୟତ କରୁଛନ୍ତି । ଆଗରୁ ଫାଟକ ଥିଲା ଓ ଗାର୍ଡ ମଧ୍ୟ ରହୁଥିଲେ। ମାତ୍ର ଓଭରବ୍ରିଜ ନିର୍ମାଣ ହେବା ପରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ଉଠାଇ ଦିଆଯାଇଛି। ଏଣୁ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏଠାରେ ଜଣେ ଗାର୍ଡ ମୁତୟନ ଜରୁରୀ ବୋଲି ଲେଙ୍କା କହିଥିଲେ। ସେହିପରି ରାଉରକେଲା ରେଳ ଷ୍ଟେଶନ ପରିଚାଳକ ପ୍ରଭାଶ ଦାସଙ୍କୁ ପଚାରିବାରୁ ସେ କହିଲେ, ଓଭରବ୍ରିଜ ନିର୍ମାଣ ହେବା ପରେ ଫାଟକ ଓ ଗାର୍ଡ ମୁତୟନ ବନ୍ଦ କରାଯାଇଛି। ଲୋକଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ପୋଲିସ ଜଣେ ଗାର୍ଡ ରଖିବା କଥା ବୋଲି ଦାସ କହିଥିଲେ।

# ୧୫ ଦିନ ଭିତରେ ଶକ୍ତିବଜାର ଖୋଲ

ରାଉରକେଲା,୧୨।୮(ଦିନେଶ ମିଶ୍ର)

ଏସ୍ଏଚ୍‌ଜିର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆର୍‌ଏମ୍‌ସି ପକ୍ଷରୁ କୋଏଲନଗର ଅଞ୍ଚଳରେ ୨୦୧୯ରେ ଶକ୍ତିବଜାର ଖୋଲାଯାଇଥିଲା। ଏହି ବଜାର ପରିସରରେ ସମୁଦାୟ ୪୫ଟି ଦୋକାନ ରହିଥିବାବେଳେ କୋଏଲନଗର ଅଞ୍ଚଳର ଏସ୍ଏଚ୍‌ଜିର ମହିଳାମାନେ ଏହି ଦୋକାନ ପାଇ ବ୍ୟବସାୟ କରୁଥିଲେ। ସେମାନେ ବଜାରରେ ଜଳଖିଆ ଦୋକାନ ଠାରୁ ଆରମ୍ଭ କରି ବିଭିନ୍ନ ଘରୋଇ ଉପକରଣ ତିଆରି କରି ବେଶ୍ ଭଲ ଅର୍ଥ ଉପାର୍ଜନ କରୁଥିଲେ। ବଜାର ଉଦ୍‌ଘାଟନର ବର୍ଷକ ପରେ କରୋନା ମହାମାରି ଯୋଗୁ ସମସ୍ତ ଦୋକାନ ବନ୍ଦ ହୋଇଗଲା। ଦୀର୍ଘ ଦୁଇ ବର୍ଷ ଧରି ଉକ୍ତ ବଜାର ବନ୍ଦ ପଡିବାରୁ ରକ୍ଷଣାବେକ୍ଷଣ ଅଭାବରୁ ଦୋକାନ ଗୃହ ଗୁଡ଼ିକରେ କେଉଁଠି ଛାତରୁ ପାଣି ଝରିଲା ତ ଆଉ କେଉଁଠି କବାଟ ଭାଙ୍ଗିଗଲା। ଏହାକୁ ନେଇ ଏସ୍ଏଚ୍‌ଜିର ମହିଳାମାନେ ବାରମ୍ବାର ଅଭିଯୋଗ କରିଥିଲେ। ମାତ୍ର ଏହାର କୌଣସି ସମାଧାନ ହୋଇପାରି ନ ଥିଲା। ବର୍ତ୍ତମାନ କରୋନା ପରିସ୍ଥିତିରେ ସୁଧାର ଆସିଥିବାବେଳେ ଶକ୍ତି ବଜାରକୁ ପୁନଃ ଖୋଲିବା ପାଇଁ ୭ଟି ଏସ୍ଏଚଜିର ମହିଳା ଶନିବାର ଆର୍‌ଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଦାବି କରିଥିଲେ। ଆରଏମ୍‌ସି କମିଶନର ଡ. ମହାପାତ୍ର ଉକ୍ତ ବଜାରରେ ଥିବା ସମସ୍ୟାକୁ ଯଥାଶୀଘ୍ର ଦୂର କରି ଆଗାମୀ ୧୫ ଦିନରେ ବଜାର ଖୋଲିବାକୁ ନେଇ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସମାଜସେବୀ ଆନନ୍ଦ ଚନ୍ଦ୍ର ମହାନ୍ତି ଓ ଜ୍ୟୋତ୍ସ୍ନା ନାୟକଙ୍କ ନେତୃତ୍ୱରେ ସାରଦା ସିଂ, ନିରୁପମା ପ୍ରଧାନ, ମନୋରମା ଧଳ, ସୁଜାତା ବାରିକ, ସରୋଜିନୀ ନାୟକ, ରାଜଶ୍ରୀ ମିଶ୍ରଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

ରାଉରକେଲା,୧୨।୮(ଦିନେଶ ମିଶ୍ର)

ସାପ କାମୁଡାରେ ସମ୍ବଲପୁର ଜିଲା ମହୁଲମୁଣ୍ଡା ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଷ୍ଟିଫେନ ସଏ(୩୭)। ଶୁକ୍ରବାର ରାତିରେ ସେ ଖାଇସାରି ଘର ଖଟ ଉପରେ ଶୋଇଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଶନିବାର ସକାଳେ ତାଙ୍କୁ ଅଚେତ ଅବସ୍ଥାରେ ପରିବାର ଲୋକେ ପ୍ରଥମେ ଗୋବିନ୍ଦପୁର ଡାକ୍ତରଖାନା ଏବଂ ପରେ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଷ୍ଟିଫେନଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ରଘୁନାଥପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬୨।୨୩) ରୁଜୁ ହୋଇଛି।

## ଢାବାରୁ ବିଦେଶୀ ମଦ ଜବତ, ୧ ଗିରଫ

ରାଉରକେଲା, ୧୨।୮(ସଙ୍ଗୀତା ଜେନା)

୧୪୩ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମା' ତାରିଣୀ ଢାବାରେ ସ୍ପେଶାଲ ସ୍କ୍ୱାଡ୍ ଓ ରଘୁନାଥପାଲି ଥାନା ଜଲଦା ଫାଣ୍ଡି ପକ୍ଷରୁ ମିଳିତ ଭାବେ ଶନିବାର ଚଢାଉ କରାଯାଇଛି। ଚଢାଉ ବେଳେ ଢାବାରୁ ୨୦ ଲିଟର ବିଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ଉକ୍ତ ଢାବାର ରମେଶ ସାହୁ(୫୦)ଙ୍କୁ ଗିରଫ କରାଯାଇଛି। ଏ ନେଇ ରଘୁନାଥପାଲି ଥାନା ପୋଲିସ ମାମଲା (ନଂ.୨୫୩/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ସ୍ମାର୍ଟସିଟି ନିର୍ମାଣସ୍ଥଳୀରୁ ଚୋରି, ୧ ଗିରଫ

ରାଉରକେଲା, ୧୨।୮(ସଙ୍ଗୀତା ଜେନା)

ସିଭିଲଟାଉନଶିପ୍ ସ୍ଥିତ ଜିଏସ୍‌ଟି କାର୍ଯ୍ୟାଳୟ ସମ୍ମୁଖରେ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌ର ନିର୍ମାଣ ସାମଗ୍ରୀ ଗତ ୭ ତାରିଖରେ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ସିଭିଲଟାଉନଶିପ୍ ଅଞ୍ଚଳରୁ ଶନିବାର ଅଜଗର ଅଲ୍ଲୀ ଖାନ(୩୫)ଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୪୮।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ଲୁହା ରଡ୍ ଚୋରି ଅଭିଯୋଗ

ରାଉରକେଲା, ୧୨।୮(ସଙ୍ଗୀତା ଜେନା)

ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲଟାଉନଶିପ୍ ଅଞ୍ଚଳରେ ଥିବା ଏକ ହାର୍ଡୱେର ଦୋକାନ ସମ୍ମୁଖରୁ ଲୁହା ରଡ୍ ଚୋରି ଅଭିଯୋଗ ହୋଇଛି। ଏ ନେଇ ଦୋକାନ ମାଲିକ ପଙ୍କଜ ରତି ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୨୫୨/୨୩) ରୁଜୁକରିତଦନ୍ତକରୁଛି।

## କଂଗ୍ରେସ ନେତାଙ୍କ ସ୍ତ୍ରୀଙ୍କ ବିୟୋଗରେ ଶୋକ

ରାଉରକେଲା, ୧୨।୮(ସଙ୍ଗୀତା ଜେନା)

ରାଉରକେଲା ଜିଲା କଂଗ୍ରେସର ୭ ନମ୍ବର ବ୍ଲକର ପୂର୍ବତନ ସଭାପତି ଶରତ ମହାନ୍ତିଙ୍କ ସ୍ତ୍ରୀ ପ୍ରମିଳା ମହାନ୍ତିଙ୍କ ବିୟୋଗରେ ଜିଲା କଂଗ୍ରେସ ତରଫରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ତାଙ୍କ ବିୟୋଗ ଖବର ପାଇ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି, ୭ନମ୍ବର ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ଛେଣ୍ଡ ୱାର୍ଡ କଂଗ୍ରେସ ସଭାପତି ବସନ୍ତ ସାମଲ, ସେବାଦଳର ବୁଲୁ ଦାସ ପ୍ରମୁଖ ତାଙ୍କ ଛେଣ୍ଡ ସ୍ଥିତ ବାସଗୃହରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ ଜିଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ପିସିସି ସଭ୍ୟ ରବି ରାୟ, ମୁଖପାତ୍ର ଗିରିଜା ଶଙ୍କର ମିଶ୍ର, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସୁବଳ ବାସୁରୀ, ଡିସିସି ସମ୍ପାଦକ ଧର୍ମେନ୍ଦ୍ର ପରମାର, ରାଜେନ୍ଦ୍ର ବାରିକ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅଶୋକ ପାଢୀ, ଏମ୍‌ଡି ନିଜାମ, ବେଣୁଧର ସେଠୀ, ଦେବେନ୍ଦ୍ର ବାରିକ, ଦୀପକ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତି ପାଇଁ ତାଲିମ

ରାଉରକେଲା,୧୨।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମ୍ୟୁନିସିପାଲ କଲେଜ ପରିସରରେ ଶନିବାର ରଘୁନାଥପାଲି ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କୁ ଯୁବ ମତଦାତା ଚୟନ ପାଇଁ ତାଲିମ ଦିଆଯାଇଛି। ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ୧୯୩ଜଣ ବୁଥସ୍ତରୀୟ ଅଧିକାରୀ ଏବଂ ୧୭ଜଣ ସୁପରଭାଇଜର ପ୍ରଶିକ୍ଷଣ ନେଇଛନ୍ତି। ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି, ଆପ୍‌ର ଉପଯୋଗ ଓ ଯୁବ ମତଦାତା ଚୟନ ପାଇଁ ଉପସ୍ଥିତ ସମସ୍ତ ବିଏଲ୍‌ଓ ଏବଂ ସୁପରଭାଇଜରମାନଙ୍କୁ ଉପଜିଲାପାଳ ପ୍ରଶିକ୍ଷଣ ଦେଇଥିଲେ।



ଉପଜିଲାପାଳ ବିଏଲଓମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

ବିଏଲଓ ଆପ୍‌ରେ କିଭଳି ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ହେବ, ଅଧିକରୁ ଅଧିକ ଯୁବ ମତଦାତା ସାମିଲ ହେବେ ଏବଂ ପ୍ରତି ଘରକୁ ଯାଇ ଭୋଟର ତାଲିକା ପ୍ରସ୍ତୁତି ଉପରେ ମାର୍ଗଦର୍ଶନ କରିଥିଲେ। ଉପଜିଲାପାଳ ଅଗଷ୍ଟ ୨୧ ତାରିଖ ମଧ୍ୟରେ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଶିବିରରେ ସହକାରୀ ଜିଲାପାଳ ଗୋପବନ୍ଧୁ ନାଇକ, ବରିଷ୍ଠ ରାଜସ୍ୱ ସହକାରୀ ଅଧିକାରୀ ବେଦପ୍ରକାଶ ପଶାୟତ ଓ ହାସିମ ଖାନ ପ୍ରମୁଖ ସହଯୋଗ କରିଥିଲେ।

## ଛାତ୍ର ଜୀବନରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା,୧୨।୮(ଦିନେଶ ମିଶ୍ର)

ସଲଙ୍ଗାବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ଓଡିଶା ସରକାରଙ୍କ ଅର୍ଥ ବିଭାଗର ସଞ୍ଚୟ ଅଧିକାରୀ କୌଶଲ୍ୟା ଭିଟ୍ରିଆ ମୁଖ୍ୟ ଅତିଥି, ଦେବେନ୍ଦ୍ର ଅମାତ, ସ୍କୁଲ ପରିଚାଳନା କମିଟି ସଭାପତି ଦଶରଥ ବାଦି, ରାମଚନ୍ଦ୍ର ଅମାତ, କୃଷ୍ଣଚନ୍ଦ୍ର ରାଉତ, ବାବୁଲାଲ ସାହୁ, ଚନ୍ଦ୍ରମଣି ସାହୁ, ସୁମନ୍ତ ସାହୁ, ଯଶୋଦା ଅମାତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା କୋଇଲି ଭଗତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ର ଜୀବନରେ ମା'ଙ୍କ ଭୂମିକା ଓ ଅବଦାନ ଉପରେ ଅତିଥି ଭିଟ୍ରିଆ ଆଲୋଚନା କରିଥିଲେ। ରାମନାଥ ବଡାଇକ, ସୁରେଶ ଏକ୍କା ଓ ବିଦ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ। ସଭାପତି ଦଶରଥ ବାଦି ଧନ୍ୟବାଦ ଅର୍ପଣ କରିଥିଲେ।

# ସଂସ୍କୃତ ଭାଷା ସବୁ ଭାଷାର ଜନନୀ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୧୨।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ଶନିବାର ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡା. ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ କଲ୍ୟାଣ ସେବାଶ୍ରମ ସଂସ୍ଥାପକ ସ୍ୱାମୀ ଅଗ୍ନିବାବା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ସଭାପତି ସୂର୍ଯ୍ୟମଣି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷା ସବୁ ଭାଷାର ଜନନୀ ବୋଲି ମତ ଦେଇଥିଲେ। ସମାଜସେବୀ ପି. ପି. ରାୟ, କବି କୁଞ୍ଜ ବିହାରୀ ରାଉତ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ଦାସ ମଞ୍ଚ ପରିଚାଳନା ଓ ଡା. ପରମେଶ୍ୱର ଶତପଥି ବେଦମନ୍ତ୍ର ପଠନ କରିଥିଲେ। ଅଧ୍ୟାପକ ଶିବ ପ୍ରସାଦ ପାଠୀ, ଉଦ୍ଧବ ପ୍ରଧାନ, ଡ. କାଳୀକିଙ୍କର ପଣ୍ଡା, ସନ୍ତୋଷ ଲେଙ୍କା ସହଯୋଗ କରିଥିଲେ। ଉପଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଛାତ୍ରୀ ରେଶମା ମାଝୀ ଏବଂ ସହଯୋଗୀ ନୃତ୍ୟ ପରିବେଷଣ କରିଥିଲେ।

# ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

ରାଉରକେଲା,୧୨।୮(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି କାର୍ମିକ ବିଭାଗ ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଏକ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ସମାଧାନ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ଉପସ୍ଥିତିରେ କାର୍ମିକ ଏବଂ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ ଶତପଥିଙ୍କ ଦ୍ୱାରା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, ସାମଗ୍ରୀ ପ୍ରବନ୍ଧନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ ତଥା କାରଖାନାର ଅନ୍ୟସବୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଭୌମିକ ନିଜ ବକ୍ତବ୍ୟରେ ନୂତନ ସମ୍ମିଳନୀ କକ୍ଷ ପାଇଁ ପି ଏଣ୍ଡ ଏ ସାମୂହିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମାଧାନ ନାମ ଅନୁଯାୟୀ ଉକ୍ତ ସମ୍ମିଳନୀ କକ୍ଷରେ ଉପସ୍ଥାପିତ ସମସ୍ତ ସମସ୍ୟାର ସମାଧାନ ହେବା ସହିତ ଯୁକ୍ତିଯୁକ୍ତ ସିଦ୍ଧାନ୍ତରେ ଉପନୀତ ହୋଇପାରିବ। ଏହାପୂର୍ବରୁ ପି. କେ. ଶତପଥି ସମାବେଶକୁ ସ୍ୱାଗତ କରିବା ସହିତ କାର୍ମିକ ଓ ପ୍ରଶାସନିକ ଅଞ୍ଚଳର ଦୃଷ୍ଟିକୋଣରେ ନୂତନ ସମ୍ମିଳନୀ କକ୍ଷ କିପରି ପ୍ରଜ୍ଞ୍ୟୁଜ୍ୟ ହେବ ତାହା ଉପରେ ଉଲ୍ଲେଖ କରିଥିଲେ। ଏହି ଅବସରରେ କାର୍ମିକ ଓ ପ୍ରଶାସନିକ ଅଞ୍ଚଳରେ ଥିବା ବିଭିନ୍ନ ବିଭାଗ ଏବଂ ୟୁନିଟ ଗୁଡିକର କାର୍ଯ୍ୟଧାରା ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ମିକ ଓ ପ୍ରଶାସନ ବିଭାଗର ସିଜିଏମ୍ ବିରେନ୍ଦ୍ର କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ସିମ୍ପି ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ସମାଧାନ କକ୍ଷ ଉଦ୍‌ଘାଟନ କରାଯାଉଛି।

## ଯାତ୍ରୀଙ୍କ ମୋବାଇଲ ଚୋରି, ଜଣେ ଗିରଫ

ରାଉରକେଲା, ୧୨।୮(ସଙ୍ଗୀତା ଜେନା)

ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନଂ-୨ରୁ ଶୁକ୍ରବାର ବିଳମ୍ବିତ ରାତିରେ ତପସ୍ୱିନୀ ଏକ୍ସପ୍ରେସ ଟ୍ରେନରେ ରଘୁନାଥପାଲି ଅଞ୍ଚଳର ପବନ କାରୁଆଙ୍କ ମୋବାଇଲ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ଜିଆର୍‌ପି ପୋଲିସ ଗୋପୀନାଥ କାରୁଆ (୩୦)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏ ନେଇ ଏକ ମାମଲା (ନଂ.୧୦୫/୨୩) ରୁଜୁ କରି ଚୋରି ମୋବାଇଲ ଜବତ ହୋଇଛି। ରଘୁନାଥପାଲି ଅଞ୍ଚଳର ପବନ କାରୁଆ ଏହି ଅଭିଯୋଗ କରିଥିଲେ।

# ୬ କଏଦୀଙ୍କ ସମ୍ପର୍କୀୟଙ୍କୁ ଆର୍ଥିକ ସହାୟତା ପ୍ରଦାନ




କାରାଗାର ସୁପରିଣ୍ଟେଣ୍ଡେଣ୍ଟ କଏଦୀଙ୍କ ସମ୍ପର୍କୀୟଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ରାଉରକେଲା,୧୨।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ସ୍ୱତନ୍ତ୍ର କାରାଗାର କଏଦୀଙ୍କ ସମ୍ପର୍କୀୟଙ୍କୁ ଜେଲ ପ୍ରଶାସନ ପକ୍ଷରୁ ଶନିବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡାଙ୍କ ତତ୍ତ୍ୱାବଧାନ ଏବଂ ରତିକାନ୍ତ ଶୁକ୍ଳାଙ୍କ ପରିଚାଳନାରେ କାରାଗାରର ୬ଜଣ ଗରିବ ବିପିଏଲଭୁକ୍ତ କଏଦୀଙ୍କ ପରିବାରକୁ ୫ହଜାର ଟଙ୍କା ଲେଖାଏଁ ସହାନୁଭୂତି ଅର୍ଥରାଶି ପ୍ରଦାନ କରାଯାଇଥିଲା। ପ୍ଲାଣ୍ଟସାଇଟ୍ ଥାନା ଅଧୀନ ସେକ୍ଟର-୨୧ର ଥୁଡୁ ଗୋପଙ୍କ ସ୍ତ୍ରୀ ଲାଖି ଗୋପ, ବ୍ରାହ୍ମଣୀତରଙ୍ଗ ଥାନା ରୁତକୁପୁଡାର ବନ୍ଦନା ଟିଗାଙ୍କ ପୁଅ ମାଙ୍ଗ ଟିଗା, ଲାଠିକଟା ଥାନା ଅଞ୍ଚଳର ରାଜେଶ ଗୁଡିଆଙ୍କ ମା' କୀରନ ଗୁଡିଆ, ଉଦିତନଗର ଥାନା ଆମ୍ବେଦକର ନଗରର ସୁଶୀଲ ଦାସଙ୍କ ମା' ସାବିତ୍ରୀ ଦାସ, ବଣ୍ଡୋମୁଣ୍ଡା ଥାନା କୁଣ୍ଡୁ ବାନ୍ଦ୍ରାଙ୍କ ମା' ପଙ୍ଗିଲା ବାନ୍ଦ୍ରା, ବଣାଇ ଥାନା ଅଞ୍ଚଳର ମନୋଜ ନାଏକଙ୍କ ମା' ବୁଟା ନାଏକଙ୍କୁ ଏହି ସାହାଯ୍ୟ ରାଶି ପ୍ରଦାନ କରାଯାଇଛି।

# ଏଆଇଏସ୍‌ଏଫ୍‌ର ପ୍ରତିଷ୍ଠା ଦିବସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୧୨।୮(ସଙ୍ଗୀତା ଜେନା)

ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସଏଫ୍)ର ୮୭ତମ ପ୍ରତିଷ୍ଠା ଦିବସ ଶନିବାର ଉଦିତନଗରସ୍ଥିତ ଆଇଡିଏ ହଲ୍‌ରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ବିଏଡ୍ କଲେଜର ପ୍ରାକ୍ତନ ଅଧ୍ୟକ୍ଷା ତଥା ଶିକ୍ଷାବିତ୍ ଡ. କିଶୋରୀ ଦାଶ, କମ୍ରେଡ୍ ଛବି ମହାନ୍ତି, ଯୁବ ଉଦ୍ୟୋଗୀ ନିହାରିକା ବଡ଼ିଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଭାରତୀୟ ଆଇନଜୀବୀ ସଂଘ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଦାନନ୍ଦ ସାହୁ, ଶିକ୍ଷକ ନେତା ବ୍ରଜେନ୍ଦ୍ର ଦାଶ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିମାନେ ସ୍ୱାଧୀନତା ଆନ୍ଦୋଳନରେ ଛାତ୍ରସଂଘର ଅବଦାନ ଉପରେ ଆଲୋଚନା କରିଥିଲେ। ଅପର୍ଣ୍ଣା ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାପିନା ବେହେରା, ପଞ୍ଚାନନ ସୁନା, ମହେଶ୍ୱର ଦୀପ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବରିଷ୍ଠ ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶ ଓ ଛବି ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଜିଠୁ ତ୍ରିଦିବସୀୟ ସାମୂହିକ ଜାଗରଣ କାର୍ଯ୍ୟକ୍ରମ

ରାଉରକେଲା,୧୨।୮(ସଙ୍ଗୀତା ଜେନା)

ସିଟୁ ପକ୍ଷରୁ ରବିବାରଠାରୁ ତ୍ରିଦିବସୀୟ ସାମହୂହିକ ଜାଗରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ୩ ଦିନ ବ୍ୟାପୀ ସାମୂହିକ ଜାଗରଣ କରାଯିବ। ରବିବାର ଭଞ୍ଜ ଭବନରେ ଭାରୋତ୍ତୋଳନ ପ୍ରତିଯୋଗିତା, ଆମ୍‌କୋ ସିମ୍‌କୋ ଶହୀଦ ପୀଠରୁ ମଶାଲ ଯାତ୍ରା ଆରମ୍ଭ, ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋ ପ୍ରଦର୍ଶନୀ ଆଦି ଆୟୋଜିତ ହେବ। ଏ ନେଇ ଶନିବାର ପୂର୍ବାହ୍ନରେ ସିଟୁ ଏଆଇକେଏସ୍ ଏଆଇଏଡବ୍ଲ୍ୟୁ ପକ୍ଷରୁ ସେକ୍ଟର-୧୬ ଶ୍ରମିକ ଭବନରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ତଥା ରାଜ୍ୟ କମିଟି ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି କହିଥିଲେ, କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ନେତୃମଣ୍ଡଳୀ।

ନେତୃତ୍ୱାଧୀନ ସରକାରକୁ ୯ ବର୍ଷ ପୂର୍ଣ୍ଣ ହେବାକୁ ଯାଉଛି। ଏହି ସମୟ ମଧ୍ୟରେ ସରକାରଙ୍କ ଜନବିରୋଧୀ ତଥା ଦେଶ ବିରୋଧୀ ନୀତି ଯୋଗୁ ଦାରିଦ୍ର୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ସହ ଜନସାଧାରଣଙ୍କ ଆର୍ଥିକ ପରିସ୍ଥିତି ଦୟନୀୟ ହୋଇପଡିଛି। ବିମୁଦ୍ରୀକରଣ ଲୋକଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଛି। ୪୪ଟି ଶ୍ରମ ଆଇନକୁ ଅଗଣତାନ୍ତ୍ରିକ ଭାବେ ବାତିଲ କରିଦିଆଯାଇଛି। ସେହିପରି ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ଘରୋଇକରଣ, ଜମି, ଜଳ, ଜଙ୍ଗଲକୁ ବିଦେଶୀ କର୍ପୋରେଟମାନଙ୍କ ହାତରେ ଟେକି ଦିଆଯାଉଛି। ଲୌହ ଇସ୍ପାତ, କୋଇଲା, ରେଳବାଇ, ଜଳପଥ, ସ୍ଥଳପଥ, ଆକାଶ ପଥ, ବିମାନ ବନ୍ଦର ସମେତ ଅନ୍ୟ ସଂସ୍ଥାକୁ ଘରୋଇକରଣ କରାଯାଉଛି। ସମ୍ପ୍ରତି ୧୪ କୋଟି ଶିକ୍ଷିତ ବେକାରି ଥିବା ବେଳେ ୮ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଚାକିରୀ ପଦବୀ ଖାଲି ପଡିଛି। ଏହାକୁ ବିରୋଧ କରିବାକୁ ଯୁବ ବର୍ଗଙ୍କ ସମେତ ସମସ୍ତେ ଆଗେଇ ଆସିବାକୁ ପଡ଼ିବ ବୋଲି ମହାନ୍ତି କହିଥିଲେ। ସିଟୁ ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ଉପସଭାପତି ଶ୍ରୀମନ୍ତ ବେହେରା, ରାଜ୍ୟ ସମ୍ପାଦକ ହୃଦାନନ୍ଦ ଯାଦବ, ଜିଲା ସମ୍ପାଦକ ରାଜକିଶୋର ପ୍ରଧାନ, ଅଜୟ ଶର୍ମା, ବି. ପି. ମହାପାତ୍ର, ଏଆଇକେଏସ୍ ସମ୍ପାଦକ ବିନୟ ବେହୁରିଆ ଏଆଇକେଡବ୍ଲ୍ୟୁର ଆବାହକ ରଜତ ମୁଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।




# ସବୁବର୍ଗର ଦର୍ଶକଙ୍କୁ ପସନ୍ଦ ଆସିବ 'କମାଣ୍ଡୋ'

ଭୁବନେଶ୍ୱର,୧୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଡିଜ୍‌ନି+ ହଟ୍‌ଷ୍ଟାରରେ ୱେବ୍‌ସିରିଜ୍ 'କମାଣ୍ଡୋ' ଶୁକ୍ରବାର ରିଲିଜ୍ ହୋଇଛି। ଶନିବାର ସିରିଜ୍‌ର ପ୍ରମୋଶନ ପାଇଁ ଓଡ଼ିଶା ଆସିଛନ୍ତି ଏହାର ଅଭିନେତା ଓଡ଼ିଆ ପୁଅ ପ୍ରେମ୍। ସିରିଜ୍‌ରେ ମୁଖ୍ୟ ଭୂମିକା ନିଭାଇଥିବା ପ୍ରେମ୍ ନିଜର ବଲିଉଡ୍‌ର ଯାତ୍ରା ସହ 'କମାଣ୍ଡୋ'ର ଅନୁଭୂତିକୁ ନେଇ ଖବରଦାତାଙ୍କ ସହ ଆଲୋଚନା କରିଥିଲେ। ରସୁଲଗଡ଼ସ୍ଥିତ କନକ ସାଉଥ୍ କ୍ୟାମ୍ପସଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରେମ୍ କହିଛନ୍ତି, କମାଣ୍ଡୋର ଲଞ୍ଚିଂ ଇଭେଣ୍ଟ ପରେ ମୁଁ ଓ ପ୍ରଯୋଜକ ବିପୁଲ ସାର୍ ଦେଶ ଲାଗି ଜୀବନ ଦେଇଥିବା ବୀର କମାଣ୍ଡୋମାନଙ୍କ ସ୍ମୃତି ବହନ କରୁଥିବା ଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ

## ଜଗନ୍ନାଥଙ୍କ କୃପାରୁ ସମ୍ଭବ ହେଲା

କରିଛୁ। ଏହି ସିରିଜ୍ ସବୁ ବର୍ଗର ଦର୍ଶକଙ୍କୁ ରୋମାଞ୍ଚିତ କରିବ। ମୁଁ ଯେଉଁସ୍ଥାନକୁ ଯାଉଛି, ମୋତେ ବହୁତ ଶ୍ରଦ୍ଧା ଓ ଆଶୀର୍ବାଦ ମିଳୁଛି। ଆଉ ମୋ ଜନ୍ମମାଟି ଓଡ଼ିଶାରୁ ମଧ୍ୟ ମୋତେ ସେଭଳି ଭଲପାଇବା ମିଳିବ ବୋଲି ଆଶା କରୁଛି। ବଲିଉଡ୍ ଯାତ୍ରା ସମ୍ପର୍କରେ ସେ କହିଛନ୍ତି, କିଛି ବର୍ଷ ହେଲା ମୁମ୍ବାଇରେ ରହି ଅଭିନୟର ପ୍ରଶିକ୍ଷଣ ନେଉଥିଲି ଏବଂ ବିଭିନ୍ନ ଫିଲ୍ମ ଓ ସିରିଜରେ ସହକାରୀ ନିର୍ଦ୍ଦେଶକ ଭାବେ କାମ କରୁଥିଲି। ବିପୁଲ ଅମୃତଲାଲ ଶାହଙ୍କ 'କମାଣ୍ଡୋ' ପାଇଁ ଅଡିଶନ ହେଉଥିବା ଜାଣି ସେଥିରେ ଅଂଶଗ୍ରହଣ କଲି। ମୋ ଭଳି ୧୧ହଜାର କଳାକାର ମୁଖ୍ୟ ଭୂମିକା ପାଇଁ ଅଡିଶନ ଦେଇଥିଲେ। ଯଦିଓ ମୋର ପୂରା ପ୍ରସ୍ତୁତି ଥିଲା, କିନ୍ତୁ ମୋତେ ଯେ ଅଭିନେତା ବାଛିବେ ତାହା ମୁଁ ଭାବି ପାରୁ ନ ଥିଲି। ଶେଷରେ ମୁଁ ସଫଳ ହେଲି। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଏହା ସମ୍ଭବ ହେଲା। ଆଜି ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି କୃତଜ୍ଞତା ଜଣାଇଛି। ପିଲାଦିନେ ଟିଭି ସାମ୍ନାରେ ବସି ଘରେ କହୁଥିଲି କି ଦିନେ ମୁଁ ହିରୋ ହେବି, ଆଉ ଆଜି ମୋର ସେ ସ୍ୱପ୍ନ ସଫଳ ହୋଇଛି। ଏହି ୱେବ୍‌ସିରିଜର ନିର୍ଦ୍ଦେଶନା ଓ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ବିପୁଲ ସାର୍। ଅଭିନେତ୍ରୀ ଅଦା ଶର୍ମା, ଅମିତ ସିଆଲ, ତିଗ୍ମାଂଶୁ ଧୁଲିଆ, ମୁକେଶ ଛାବ୍ରା ପ୍ରମୁଖ ଏଥିରେ ପ୍ରମୁଖ ଭୂମିକାରେ ନଜର ଆସିବେ। ସେହିପରି ବୈଭବ ତତ୍ତ୍ୱବାଦୀ, ଶ୍ରେୟା ସିଂହ ଚୌଧୁରୀ ଓ ଇସ୍ତେୟାକ ଖାନ ମଧ୍ୟ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# 'ବାବା ଥିଲେ ବହୁତ ଖୁସି ହୋଇଥାନ୍ତେ'

ଓଡ଼ିଆ ପୁଅ ପ୍ରେମ ପରିଜାଙ୍କୁ ନେଇ ଏବେ ସବୁଠି ଚର୍ଚ୍ଚା। ଭୁବନେଶ୍ୱରର ସେଣ୍ଟ ଜୋସେଫ ସ୍କୁଲରେ ଅଧ୍ୟୟନ ପରେ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଯାଇ ସେଠାରୁ ସେ ଆରମ୍ଭ କରିଥିଲେ ବଲିଉଡ୍‌ର ଯାତ୍ରା। ନାଟକରେ ମଧ୍ୟ ପ୍ରେମଙ୍କର ରହିଛି ବେଶ୍ ଦଖଲ। ଦିଲ୍ଲୀ ହଂଶରାଜ କଲେଜର ଡ୍ରାମାଟିକ ସୋସାଇଟି ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ନାଟକରେ ସେ ଅଭିନୟ କରିଛନ୍ତି। ଜଣେ ସହନିର୍ଦ୍ଦେଶକ ଭାବେ ବଲିଉଡ୍‌ରେ ସେ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ। ଚଳଚ୍ଚିତ୍ର 'ୱେଲ୍‌କମ୍ ଟୁ କରାଚୀ', 'ସତ୍ୟମେବ ଜୟତେ', 'ବାଜାର', ନେଟ୍‌ଫ୍ଲିକ୍ସର ହଲିଉଡ ସିରିଜ୍ 'ସେନ୍ସ ୮' ଏବଂ 'ବାଟ୍‌ଲା ହାଉସ'ରେ ପରଦା ପଛରେ କାମ କରିଛନ୍ତି ପ୍ରେମ। ଅଗଷ୍ଟ ୧୧ରେ ଡିଜ୍‌ନି+ ହଟ୍‌ଷ୍ଟାର ଓଟିଟି ପ୍ଲାଟ୍‌ଫର୍ମରେ ତାଙ୍କ ଅଭିନୀତ ଆକ୍ସନ-ଥ୍ରୀଲର ୱେବ୍‌ସିରିଜ୍ 'କମାଣ୍ଡୋ' ରିଲିଜ ହୋଇସାରିଛି। ଶନିବାର ସେ ଭୁବନେଶ୍ୱର ଆସିଥିବାବେଳେ ତାଙ୍କ ସହ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ସାକ୍ଷାତ୍‌କାର।

– ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ


ବଲିଉଡ୍ ଅଭିନେତା ପ୍ରେମ ପରିଜା

■ **ବଲିଉଡ୍‌କୁ ଯାତ୍ରା କିଭଳି ଥିଲା?**

୧୧ବର୍ଷ ବୟସରେ ଡିସାଇଡ୍ କରିଥିଲି ଯେ, ମୋତେ ଅଭିନେତା ହେବାର ଅଛି। ଆଉ ଖୁସିର କଥା କି ସେ ବୟସରୁ ମୋ ଘର ଲୋକ ମୋ କଥାକୁ ଗୁରୁତ୍ୱ ଦେଇଥିଲେ। ମୋତେ କେହି କେବେ ମନା କରି ନ ଥିଲେ। ସ୍କୁଲ ପାଠପଢ଼ା ପରେ ଦିଲ୍ଲୀରେ ନାଟକ ବିଭାଗରେ ପାଠପଢ଼ିଲି। ସେଠାର ଥିଏଟର୍ କଲଚର ବହୁତ ଭଲ। ୨୦୧୩ରେ ବମ୍ବେ ଗଲା ପରେ ଭାବିଲି ମୁଁ ଏବେ ଫିଲ୍ମରେ ସୁଯୋଗ ପାଇଯିବି। କିନ୍ତୁ ସେମିତି ହେଲାନି। ବହୁତ ବର୍ଷ ପରଦା ପଛରେ କାମ କଲି। ଦୀର୍ଘ ୧୦ ବର୍ଷ ପରେ ପରଦା ଆଗକୁ ଆସିବାର ସୁଯୋଗ ମିଳିଲା, ପିଲାବେଳର ନିଷ୍ପତ୍ତି ଆଜି ସାକାର ବି ହେଲା। 'କମାଣ୍ଡୋ' ପାଇଁ ୧୧ହଜାରରୁ ଊର୍ଦ୍ଧ୍ୱ କଣ୍ଟେଷ୍ଟାଣ୍ଟ ଥିଲେ। ଯେତେବେଳେ ପ୍ରଯୋଜକ ବିପୁଲ ଅମୃତଲାଲ ଶାହ ସାର୍ ମୋତେ ଡାକି କହିଲେ, ପ୍ରେମ ତୁମେ କମାଣ୍ଡୋ କରୁଛ, ସେବେ ମୁଁ ପୂରା ଆଶ୍ଚର୍ଯ୍ୟ ହୋଇଥିଲି। ଖୁସିରେ ଲୁହ ଆସିଗଲା। ସତରେ ଏମିତି ଏକ ବଡ଼ ସୁଯୋଗ ମିଳିବ ବୋଲି ଆଜି ବି ବିଶ୍ୱାସ କରିପାରୁନି।

■ **ପୂର୍ବରୁ ସୈନିକଙ୍କ କାହାଣୀ ବା ଯୁଦ୍ଧକୁ ନେଇ ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି। ଆପଣଙ୍କ ଅଭିନୀତ ଚଳଚ୍ଚିତ୍ରରୁ ଦର୍ଶକ କ'ଣ ନୂଆ ପାଇପାରିବେ ବୋଲି ଭାବୁଛନ୍ତି?**

– ପ୍ରଥମ କଥା କମାଣ୍ଡୋ ଭିରାଟର ଚରିତ୍ର ଆଗରୁ ହୋଇଥିବା ଚଳଚ୍ଚିତ୍ରଗୁଡ଼ିକଠାରୁ ଭିନ୍ନ। କେବଳ ଆକ୍ସନ ନୁହେଁ, ତା'ର ଇମୋଶନାଲ ପାର୍ଟ ଏଠାରେ ଦେଖିବାକୁ ମିଳିବ। ତାଙ୍କ ମା'ଙ୍କ ସହ, ଫିଆନ୍ସେ ଓ ବନ୍ଧୁମାନଙ୍କ ସହ ସମ୍ପର୍କ ଏହି ସିରିଜ୍‌ରେ ଦର୍ଶକଙ୍କୁ ଭଲ ଲାଗିବ।

■ **ସିରିଜ୍‌ରେ ଆପଣଙ୍କୁ କେଉଁ ପାର୍ଟ ବେଶି ଭଲ ଲାଗିଛି?**

କ୍ଲାଇମାକ୍ସ।

■ **ସିରିଜ୍ ରିଲିଜ୍ ପରେ ଘର ଲୋକଙ୍କ ପ୍ରତିକ୍ରିୟା କିଭଳି ଥିଲା?**

ଘରେ ସମସ୍ତେ ଖୁସିରେ କାନ୍ଦୁଥିଲେ। ବାବା ଥିଲେ ବହୁତ ଖୁସି ହୋଇଥାନ୍ତେ। ତାଙ୍କୁ ମୁଁ ବହୁତ ମିସ୍ କରୁଛି।

■ **ବଲିଉଡ୍‌ରେ ନେପଟିଜିମ୍ ହୁଏ ବୋଲି ଶୁଣିବାକୁ ମିଳିଥାଏ। ଆପଣ ସାମ୍ନା କରିଛନ୍ତି?**

ନେପଟିଜିମ୍ କେଉଁଠି ବା ନାହିଁ। କିନ୍ତୁ ଟ୍ୟାଲେଣ୍ଟ ବୋଲି ଗୋଟିଏ ଜିନିଷ ସବୁବେଳେ ରହିଛି ଆଉ ରହିବ। କିଛି ନେପୋଟିଜିମ୍‌ରେ ସୁଯୋଗ ପାଇଥାନ୍ତି, କିନ୍ତୁ ଯିଏ ଟ୍ୟାଲେଣ୍ଟ ପାଇଁ ଆଗକୁ ବଢ଼େ ସେ ଦର୍ଶକଙ୍କ ନିକଟତର ହୋଇପାରନ୍ତି। ସମ୍ମାନ ବି ମିଳେ। କଷ୍ଟ କଲେ କୃଷ୍ଣ ମିଳେ। ଆଉ ଯଦି ବଲିଉଡ୍‌ରେ ଆଗକୁ ବଢ଼ିବାର ଅଛି ତା'ହେଲେ କଷ୍ଟ ତ ନିହାତି କରିବାକୁ ପଡ଼ିବ। କିନ୍ତୁ ମୁଁ ଏସବୁ କେବେ ଭାବିନି। ମୋ କାମ ପ୍ରତି ମୁଁ ସବୁବେଳେ ଧ୍ୟାନ ଦେଇଥାଏ। ଭଗବାନ ସାଙ୍ଗରେ ଥିଲେ ସବୁ ହୋଇଯିବ।

■ **ସହ ଅଭିନେତ୍ରୀ ଅଦା ଶର୍ମାଙ୍କ ସହ ପ୍ରଥମ ପ୍ରୋଜେକ୍ଟର ଅନୁଭୂତି କିପରି ରହିଲା?**

ଅଦାଙ୍କ ପରି ଜଣେ ବହୁତ ଭଲ କୋ ଷ୍ଟାର୍ ପ୍ରଥମ ପ୍ରୋଜେକ୍ଟରେ ମିଳିବା ନିହାତି ଭାବେ ଖୁସିର କଥା। ସେ କେବେ ଜଣେ ଆଗଧାଡ଼ିର ଅଭିନେତ୍ରୀ ଭଳି ମିଶନ୍ତିନି। ସେ ପୂରା ଛୁଆ ବେଳର ସାଙ୍ଗ ଭଳି ମିଶନ୍ତି। ଯେମିତି ମୁଁ ଗୋଟେ ବଡ଼ ଷ୍ଟାର୍, ସେଭଳି ଅନୁଭବ କରାନ୍ତି।

■ **ବଲିଉଡ୍‌ରେ ଯିବାକୁ ଚାହୁଁଥିବା ଯୁବପିଢ଼ିଙ୍କୁ କ'ଣ କହିବାକୁ ଚାହିଁବେ?**

-କଷ୍ଟ କର, ଟ୍ରେନିଂ ନିଅ, ପ୍ରାକ୍ଟିସ୍ କର। କାରଣ ଆମ ଭଳି ଆଉଟ୍ ସାଇଡର୍‌ଙ୍କ ପାଇଁ ସବୁକିଛି ଜଣାଥିବା ଆବଶ୍ୟକ। ସେ ଆକ୍ସନ ହେଉ କି ଡ୍ୟାନ୍ସ, ଅବା ଆଉ କିଛି। ଭଗବାନ ଯେତେବେଳେ ଲକ୍‌ର ସାଥ୍ ଦେବାକୁ ଚାହିଁବେ ସେତେବେଳେ ବାସ୍ ପ୍ରସ୍ତୁତ ରହିଥିବା ଦରକାର।

■ **ଘରକୁ ବହୁତ କମ୍ ଆସନ୍ତି। ଏମିତି କାହିଁକି?**

ଘରକୁ ଆସିବାକୁ ତ ସବୁବେଳେ ଇଚ୍ଛା ଥାଏ। 'କମାଣ୍ଡୋ' ଯଦି ସୁପରହିଟ୍ ହେଲା, ଆଉ ମୋ ପାଖେ ପଇସା ରହିଲା ତାହାଲେ ମୁଁ ସବୁ ସପ୍ତାହରେ ଘରକୁ ଆସିବି। ଆଉ ସେମିତିରେ ସମୟ ବି କମ୍ ମିଳେ। ପାଠ ପଢ଼ିବା ବେଳେ ପ୍ରାୟ ଆସୁଥିଲି। ତା'ଛଡା ଘରକୁ ଆସିଲେ ଗୋଟେ କମ୍ଫର୍ଟ ମାଇଣ୍ଡ୍ ସେଟ୍ ହୋଇଯାଏ; ଯାହା କାମରେ ଡିଷ୍ଟ୍ରାକ୍ସନ ଆଣେ।

■ **କ'ଣ ଖାଇବାକୁ ଭଲ ପାଆନ୍ତି?**

-ବଟର ଚିକେନ୍ ବେଶି ପ୍ରିୟ। ମାଂସ କଷା, ଇଲିଶି ମାଛ ଆଉ ବଡ଼ିଚୁରା ବି ବହୁତ ଭଲ ଲାଗେ।

# ପ୍ୟାଲେସ୍, ଥାନାରୁ ନିରାଶରେ ଫେରିଲେ ଅଦ୍ରିଜା

ବଲାଙ୍ଗୀର ଅଫିସ, ୧୨।୮ (ବୀରେନ୍ଦ୍ର ଝାଙ୍କର)


ଖବରଦାତା ସମ୍ମିଳନୀରେ ଅଦ୍ରିଜା ମଞ୍ଜରୀ।

## ଅର୍କେଶ-ଅଦ୍ରିଜା ବିବାଦ ଘନଉଛି

■ **ବଲାଙ୍ଗୀରରେ ଖବରଦାତା ସମ୍ମିଳନୀ କରି ନିର୍ଯାତନା କଥା ଦୋହରାଇଲେ**

■ **ଶୈଳଶ୍ରୀ ପ୍ୟାଲେସ୍‌ରେ ତାଲା ପଡ଼ିବା ଦେଖି ଫେରିଆସିଲେ**

ବଲାଙ୍ଗୀର ରାଜପରିବାର ସଦସ୍ୟ ତଥା ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଓ ତାଙ୍କ ସ୍ତ୍ରୀ ଅଦ୍ରିଜା ମଞ୍ଜରୀ ସିଂଦେଓଙ୍କ ବିବାଦ ଦିନକୁ ଦିନ ଘନେଇବାରେ ଲାଗିଛି। ମାମଲା କୋର୍ଟରେ ବିଚାରାଧୀନ ଥିଲେ ମଧ୍ୟ ବିଭିନ୍ନ ଘଟଣା ଗଣମାଧ୍ୟମର ଶିରୋନାମା ପାଲଟିଛି। ଶନିବାର ଅଦ୍ରିଜା ମଞ୍ଜରୀ ବଲାଙ୍ଗୀରରେ ପହଞ୍ଚି ଟାଉନ୍ ଥାନାର ଦ୍ୱାରସ୍ଥ ହେବା, ଶୈଳଶ୍ରୀ ପ୍ୟାଲେସ୍‌ରେ ତାଲା ପଡ଼ିଥିବାରୁ ଫେରିଆସିବା ଏବଂ ସହରର ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି ନିଜ ପକ୍ଷ ରଖି କିଭଳି ତାଙ୍କୁ ଶ୍ୱଶୁରଘର ଲୋକେ ମାନସିକ ନିର୍ଯାତନା ଦେଉଛନ୍ତି ତାହା କହିଥିଲେ। ଏପରିକି ସେ ପୋଲିସ ସୁରକ୍ଷା ମାଗିଥିଲେ ମଧ୍ୟ ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇ ନ ଥିବା କହିଥିଲେ। ଖବରଦାତା ସମ୍ମିଳନୀରେ ଅଦ୍ରିଜା କହିଥିଲେ ଯେ, ବୈବାହିକ ବିବାଦକୁ ନେଇ ସେ ବହୁତ ହଇରାଣ ହୋଇସାରିଛନ୍ତି। ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସ୍ ତାଙ୍କ ଶ୍ୱଶୁରାଳୟ। ଏଠାରେ ସେ ବହୁତ ସମୟ ବିତାଇଛନ୍ତି। ପ୍ୟାଲେସ୍ ଭିତରେ ତାଙ୍କର ବହୁ ଜିନିଷପତ୍ର ସହ ଅନ୍ୟାନ୍ୟ ସାମଗ୍ରୀ ରହିଛି। ଏସବୁକୁ ନେବାକୁ ସେ ଆସିଥିଲେ। ବୈବାହିକ ବିବାଦକୁ ନେଇ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ବଲାଙ୍ଗୀର ଟାଉନ୍ ଥାନାର ଦ୍ୱାରସ୍ଥ ହୋଇ ସୁରକ୍ଷା ଲୋଡ଼ିଥିଲେ। ମାତ୍ର ଥାନାରେ ସେ ଦୁଇଘଣ୍ଟା ବିତାଇଥିଲେ ମଧ୍ୟ ତାଙ୍କୁ ପୋଲିସ ସୁରକ୍ଷା ଦେବାକୁ ମନା କରିଦେଲା। ଫଳରେ ବିନା ପୋଲିସ ସୁରକ୍ଷାରେ ସେ ଶୈଳଶ୍ରୀ ପ୍ୟାଲେସ୍ ଯାଇଥିଲେ। ପ୍ୟାଲେସ୍ ଗେଟ୍‌ରେ ତାଲା ପକାଯାଇଥିବାରୁ ସେ ଭିତରକୁ ଯାଇପାରିଲେ ନାହିଁ। ପୂର୍ବରୁ ବଲାଙ୍ଗୀର ଏସ୍‌ପିଙ୍କୁ ଇ-ମେଲ୍ ଯୋଗେ ସୁରକ୍ଷା ମାଗିଥିଲେ ବି କିଛି ବି ସହାୟତା ଦିଆଗଲାନାହିଁ। ସ୍ୱାମୀ ଅର୍କେଶ ନାରାୟଣ, ଶ୍ୱଶୁର ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଶାଶୁ ବିଜୟଲକ୍ଷ୍ମୀ ଦେବୀ, ଦେଢ଼ଶୁର ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଯା' ମେଘନା ରାଣା ସମସ୍ତେ ମିଶି ବହୁ ହଇରାଣ କରିଛନ୍ତି ଓ ତାଙ୍କ ବିରୋଧରେ ମିଥ୍ୟା ମାମଲା ଦାଏର କରିଛନ୍ତି ବୋଲି ସେ କହିଥିଲେ। ମାମଲା ବିଚାରାଧୀନ ରହିଥିବାରୁ କିଛି କହିବା ଠିକ୍ ହେବନାହିଁ ବୋଲି ଅଦ୍ରିଜା କହିଥିଲେ। ଶନିବାର ସେ ତାଙ୍କ ଜିନିଷପତ୍ର ନେବାକୁ ଆସିଥିଲେ, ଏଠାରେ ରହିବା ପାଇଁ ନୁହେଁ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଆଗକୁ ସେ ନ୍ୟାୟ ପାଇଁ ଆଇନର ଦ୍ୱାରସ୍ଥ ହେବେ ବୋଲି କହିଥିଲେ। ଅଦ୍ରିଜାଙ୍କ ଖବରଦାତା ସମ୍ମିଳନୀକୁ ନେଇ ଅର୍କେଶ (୮୦୦୭୭୫୫୫୭), ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ (୯୪୩୭୨୭୭୭୭୭) ଏବଂ ପୂର୍ବତନ ଏମ୍‌ପି ତଥା ଏବର ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ (୯୯୩୭୦୩୩୩୩୩)ଙ୍କୁ ଯୋଗାଯୋଗ ତଥା ହ୍ୱାଟସ ଆପ ମେସେଜ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ। ଏନେଇ ଏସ୍‌ଡିପିଓ ତୋଫାନ ବାଗ୍‌ଙ୍କୁ ପଚାରିବାରୁ ଅଦ୍ରିଜା ମଞ୍ଜରୀ ଶନିବାର ଟାଉନ୍ ଥାନାକୁ ଆସିଥିଲେ। ତାଙ୍କ ମାମଲାର ତଦନ୍ତ ଡେରାଡୁନ୍ ପୋଲିସ କରୁଥିବାରୁ ସେନେଇ ବଲାଙ୍ଗୀର ପୋଲିସକୁ କୌଣସି ସୂଚନା ଆସିନାହିଁ। ଡେରାଡୁନ୍ ପୋଲିସ ପାଖରୁ ସହାୟତା ପାଇଁ ଅନୁରୋଧ ଆସିଲେ ତାକୁ କାର୍ଯ୍ୟକାରୀ କରାଯିବ, ସୁରକ୍ଷା ମଧ୍ୟ ଯୋଗାଇ ଦିଆଯିବ ବୋଲି ବାଗ୍ କହିଥିଲେ।

# 'କାରିଗରି, ଦକ୍ଷତା ନେଇ ଆଗେଇ ଚାଲିଛନ୍ତି ମହିଳା'

## ମିଶନ ଶକ୍ତି କାର୍ଯ୍ୟକ୍ରମରେ ଭାବ ବିନିମୟ କଲେ ୫-ଟି ସଚିବ

ବାରିପଦା, ୧୨।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ମିଶନ ଶକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଙ୍କ ସହ ହାତ ମିଳାଉଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

ରାଜ୍ୟରେ ମହିଳା ସଶକ୍ତ ହେଲେ ଓଡିଶା ଆଗେଇବ। ମହିଳାମାନଙ୍କୁ ରୋଷେଇ ଘରୁ ବାହାର କରି ସିଙ୍ଗାପୁର, ଦୁବାଇ ଭଳି ଦେଶବିଦେଶରେ ପହଞ୍ଚାଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ନିମନ୍ତେ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ମା'ମାନେ ଆଗେଇ ଆସିଲେ ପରିବାର ସଶକ୍ତ ହେବ। ପରିବାର ସଶକ୍ତ ହେଲେ ରାଜ୍ୟ ସଶକ୍ତ ହେବା ସହ ଆଗକୁ ବଢିବ। ନିଜର ଦକ୍ଷତା ଓ କାରିଗରୀ ବଳରେ ମହିଳାମାନେ ଆଗେଇ ଚାଲିଛନ୍ତି ବୋଲି ଶନିବାର ଦୁଇଦିନିଆ ଗସ୍ତରେ ଆସିଥିବା ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଛନ୍ତି।

ମୟୂରଭଞ୍ଜ ଜିଲାର ସର୍ବାଙ୍ଗୀନ ବିକାଶ ଓ ମିଶନ ଶକ୍ତିର କାର୍ଯ୍ୟପନ୍ଥାକୁ ନେଇ ଦୁଇଦିନିଆ ଗସ୍ତରେ ଆସିଥିବା ୫-ଟି ସଚିବ ୯ଟି ବିଧାନସଭା କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ଗସ୍ତର ଦ୍ୱିତୀୟ ଦିବସରେ ବାରିପଦାସ୍ଥିତ ଛଉ ପଡିଆରେ ଅନୁଷ୍ଠିତ ବିଶାଳ ସମାବେଶରେ ପହଞ୍ଚି ମିଶନ ଶକ୍ତି କାର୍ଯ୍ୟକ୍ରମରେ ଭାବ ବିନିମୟ କରିଥିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ନବୀନ ପଟ୍ଟନାୟକ ପ୍ରଥମେ ମହିଳାଙ୍କୁ ପ୍ରାଧାନ୍ୟ ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ନେଇ ରାଜ୍ୟରେ ମିଶନଶକ୍ତି ଭଳି କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ରାଜ୍ୟରେ ୭୦ଲକ୍ଷ ମହିଳା ଏଥିରେ ସାମିଲ ହୋଇ ନିଜ ଗୋଡରେ ଛିଡା ହେବାରେ ସକ୍ଷମ ହୋଇପାରିଛନ୍ତି। ଗତବର୍ଷ ରାଜ୍ୟରେ ୩ଲକ୍ଷ ୫୦ହଜାର ଗ୍ରୁପ ଗଠନ କରାଯାଇ ସେମାନଙ୍କୁ ୧୧ହଜାର ୩ଶହ କୋଟି ଟଙ୍କା ଋଣ ଯୋଗାଇ ଦିଆଯାଇଛି। ଏହି କ୍ରମରେ ମୟୂରଭଞ୍ଜ ଜିଲାରେ ୨୬ହଜାର ୪ଶହ ସ୍ୱୟଂସହାୟିକା ଗୋଷ୍ଠୀକୁ ୭୫୦କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ଠିକ୍ ସମୟରେ କିସ୍ତି ପୈଠ କରିପାରିଲେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୌଣସି ସୁଧ ପଡିବ ନାହିଁ ବୋଲି କହିଥିଲେ। ଆଗାମୀ ଦିନରେ ପ୍ରତି ଗ୍ରୁପକୁ ୧୦ଲକ୍ଷ ଟଙ୍କା ଲେଖାଏଁ ଋଣ ପ୍ରଦାନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି କହିଛନ୍ତି। ସେହିପରି ପଞ୍ଚାୟତଗୁଡିକରେ କମ୍ ଋଣ ନେଇଥିବା ଏସଏଚଜିଗୁଡିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ସମ୍ପୂର୍ଣ୍ଣ ହୋଇଥିବା ମିଶନଶକ୍ତି ଗୃହକୁ ୩ଦିନ ମଧ୍ୟରେ ମା'ମାନଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅସମ୍ପୂର୍ଣ୍ଣ ଘରଗୁଡିକର ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଶେଷ କରି ଯୋଗାଇ ଦେବାକୁ କହିଥିଲେ। ଏପରିକି ଫେଡେରେଶନ ପାଇଁ ଚାରିଚକିଆ ଗାଡି ପ୍ରଦାନ କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ବାକି ରହିଛି। ସେହିପରି ନୂତନ ଭାବେ ଲକ୍ଷ୍ମୀ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଥିବା ବେଳେ ମିଶନ ଶକ୍ତିର ମା'ମାନଙ୍କୁ ଏଥିରେ ସାମିଲ କରାଯିବ। ବିଜୁ ସ୍ୱାସ୍ଥ୍ୟକାର୍ଡରୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିବା ସହ ମହିଳାମାନଙ୍କୁ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସମ୍ପର୍କରେ ଅବଗତ ହୋଇଥିଲେ। ୧୪ହଜାରରୁ ଊର୍ଦ୍ଧ୍ୱ ଉପସ୍ଥିତ ମହିଳାଙ୍କ ନିକଟକୁ ଯାଇ ଅଭିଯୋଗପତ୍ର ଗ୍ରହଣ କରିବା ସହିତ ହାତକୁ ହାତ ମିଳାଇଥିଲେ। ଏହି ଅବସରରେ ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ମିଶନ ଶକ୍ତି କାଫେକୁ ପରିଦର୍ଶନ ଯାଇ ଜଳଖିଆ କରିଥିଲେ। ସେଠାକାର ପରିବେଶକୁ ଦେଖି ସନ୍ତୋଷ ବ୍ୟକ୍ତ କରିବା ସହ ଆଗାମୀ ଦିନରେ ଏହାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ, ପୂର୍ବାଞ୍ଚଳ ଆଇଜି ଇଂ ହିମାଂଶୁ ଲାଲ, ଏସ୍‌ପି ବି. ଗଙ୍ଗାଧର, ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଜରୁରୀକାଳୀନ ଅଧିକାରୀ ସୁଜୟ ପତିଙ୍କ ସମେତ ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣ

## ସ୍ୱାଧୀନତା ଦିବସ ଉତ୍ସବରେ ଯୋଗଦେବେ

ସୋନପୁର, ୧୨।୮ (ମୃତ୍ୟୁଞ୍ଜୟ ଶତପଥୀ)


ସଫଳ ଜୈବିକ ଚାଷୀ ସୁରେଶ କୁମାର ମିଶ୍ର।

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଖଇରଟିକ୍ରା ଗାଁର ଚାଷୀ ସୁରେଶ କୁମାର ମିଶ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିମନ୍ତ୍ରଣ ଆସିଛି। ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଅନୁଷ୍ଠିତ ହେବାକୁ ଥିବା ୭୭ତମ ସ୍ୱାଧୀନତା ଦିବସ ଉତ୍ସବରେ ସେ ଯୋଗଦେବେ। ଏ ନେଇ ମିଶ୍ର ଶନିବାର ନୂଆଦିଲ୍ଲୀ ଅଭିମୁଖେ ଟ୍ରେନ୍ ଯୋଗେ ଯାତ୍ରା କରିଛନ୍ତି। ଏଭଳି ଖବର ମିଳିବା ପରେ ଜିଲାରେ ଖୁସିର ଲହରି ଖେଳିଯାଇଛି।

ଜଣେ ସଫଳ ଜୈବିକ ଚାଷୀ ଭାବେ ସୁରେଶ ସୁବର୍ଣ୍ଣପୁର ଜିଲାରେ ବେଶ୍ ପରିଚିତ। ଦୀର୍ଘ ୭ ବର୍ଷ ଧରି ସେ ନିଜର ୬ ଏକର ପରିମିତ ଚାଷଜମିରେ ଜୈବିକ ପ୍ରଣାଳୀରେ ସମନ୍ୱିତ ଚାଷ କରିଆସୁଛନ୍ତି। ନିଜ ଫସଲରେ ଜୀବାମୃତ ସହିତ ବୁନ୍ଦା ଜଳସେଚନର ବ୍ୟବସ୍ଥା କରି ସେ ପୋଟଳ, ବାଇଗଣ, ମକା ଓ ବନ୍ଧାକୋବି ଆଦି ଉତ୍ପାଦନ କରୁଛନ୍ତି। ଉଭୟ ଖରିଫ ଓ ରବି ଋତୁରେ ବିନା କୀଟନାଶକ, ରାସାୟନିକ ସାରରେ ଧାନ ଓ ପନିପରିବା ଚାଷ କରୁଛନ୍ତି। ଏଥିରେ ସେ ନିଜକୁ ଆତ୍ମନିର୍ଭରଶୀଳ ମଧ୍ୟ କରିପାରିଛନ୍ତି। ୨୦୨୧ ମସିହାରେ ନାବାର୍ଡ ଦ୍ୱାରା ସୁନ୍ଦରଗଡ଼ର ସେବକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୋତ୍ସାହନରେ କ୍ଷେତ୍ରପାଳ କୃଷକ ଉତ୍ପାଦକ କମ୍ପାନୀ ଗଠନ କରିଛନ୍ତି। ଏହି କମ୍ପାନୀକୁ କେନ୍ଦ୍ର ସରକାର ସହଯୋଗ କରୁଛନ୍ତି। କମ୍ପାନୀ ତଥା କୃଷକ ଉତ୍ପାଦକ ସଂଘରେ ଆଖପାଖ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ସଭ୍ୟ ଅଛନ୍ତି। ମିଶ୍ର ଏହାର ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। ନିଜ କ୍ଷେତରୁ ଉତ୍ପାଦିତ ଫସଲ ଓ ଅନ୍ୟ ଚାଷୀଙ୍କ ଉତ୍ପାଦିତ ଫସଲକୁ କ୍ଷେତ୍ରପାଳ କୃଷକ ଉତ୍ପାଦକ ସଂଘ ମାଧ୍ୟମରେ ବିକ୍ରୟ କରୁଛନ୍ତି। ଜୈବିକ ଚାଷ ଦ୍ୱାରା ଉତ୍ପାଦିତ ଚାଉଳ ଓ ମୁଗକୁ ସଂଘ ମାଧ୍ୟମରେ ମାର୍କେଟିଂ କରିଥାନ୍ତି। ସେହିପରି ଅନ୍ୟ ଚାଷୀଙ୍କୁ ବିଭିନ୍ନ ପ୍ରକାର ମଞ୍ଜି, କୀଟନାଶକ ଓ ସାର ସୁଲଭ ମୂଲ୍ୟରେ ପ୍ରଦାନ ସହିତ ଜୈବିକ ପ୍ରଣାଳୀରେ ଚାଷ ପାଇଁ ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କର ଏହି ଜୈବିକ ଚାଷ ଅଞ୍ଚଳର ଅନ୍ୟମାନଙ୍କୁ ପ୍ରେରଣା ଦେଉଛି। ଚଳିତବର୍ଷ ନୂଆଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ସ୍ୱାଧୀନତା ଦିବସ ଉତ୍ସବରେ ଅଂଶଗ୍ରହଣ ଲାଗି ସୁରେଶଙ୍କୁ ନିମନ୍ତ୍ରଣ ମିଳିଛି। ଜଣେ ସଫଳ ଚାଷୀ ଭାବେ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ଓ ନିମନ୍ତ୍ରଣ ଏକ ଗର୍ବ ଓ ଗୌରବର କଥା ବୋଲି କହିଛନ୍ତି ସୁରେଶ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନାବାର୍ଡକୁ କୃତଜ୍ଞତା ଜଣାଇଛନ୍ତି।

# ଭୁଲ୍ ଇଞ୍ଜେକ୍ସନ ଯୋଗୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ରାଇବଣିଆ, ୧୨।୮ (ନବୀନ ସାହୁ)


ମୃତଦେହ ରଖି ଡାକ୍ତରଖାନା ମୁଖ୍ୟ ଫାଟକ ସମ୍ମୁଖରେ ପରିବାର ଲୋକଙ୍କ ଧାରଣା।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ହାତୀଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭୁଲ ଇଞ୍ଜେକସନ ଯୋଗୁ ଶନିବାର ଭୋର ସମୟରେ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ଡାକ୍ତରଖାନାର ମୁଖ୍ୟ ଫାଟକରେ ମୃତଦେହ ରଖି ଧାରଣାରେ ବସିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଉତ୍ତେଜନା ପ୍ରଶମିତ ହୋଇ ନ ଥିଲା। ହସ୍ପିଟାଲ୍ ମୁଖ୍ୟ ପ୍ରଭାସ ଚନ୍ଦ୍ର ନାୟକ, ଜଳେଶ୍ୱର ବ୍ଲକ ବିଜେଡ଼ି ସଭାପତି ଦିଲୀପ ସାମଲ ଓ ରାଇବଣିଆ ସରପଞ୍ଚ ପହଞ୍ଚି ବୁଝାଶୁଝା କରି ମୃତଦେହକୁ ଘରକୁ ପଠାଇଥିଲେ।

ସର୍ଦ୍ଦାରବନ୍ଧ ପଞ୍ଚାୟତ ଶଙ୍ଖାଭଙ୍ଗା ଗ୍ରାମର ଗଙ୍ଗାଧର ମହାନ୍ତ (୪୫)ଙ୍କ ପେଟବ୍ୟଥା ହେଉଥିବାରୁ ଗୁରୁବାର ଅପରାହ୍ନ ସମୟରେ ଚିକିତ୍ସା ପାଇଁ ତାଙ୍କ ପରିବାର ଲୋକେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଆସିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ପେଟବ୍ୟଥା ବଢ଼ିଯିବାରୁ ଘର ଲୋକେ ଡାକ୍ତରଙ୍କୁ ଡାକିଥିଲେ। ହେଲେ ଡାକ୍ତର ଆସିବା ପରିବର୍ତ୍ତେ ନର୍ସଙ୍କ ହାତରେ ଇଞ୍ଜେକସନ ଦେଇ ରୋଗୀଙ୍କୁ ବିଶ୍ରାମ କରିବାକୁ କହିଥିଲେ। ଶନିବାର ଭୋର୍ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଭୁଲ୍ ଇଞ୍ଜେକନ ଯୋଗୁ ମୃତ୍ୟୁ

## ଡାକ୍ତରଖାନାରେ ଉତ୍ତେଜନା

ହୋଇଛି ଓ ହସ୍ପିଟାଲରେ ମୃତ୍ୟୁ ପରେ ରେଫର ପାଇଁ ଅନୁମତି ଦେଇଥିଲେ ବୋଲି ମୃତକଙ୍କ ସ୍ତ୍ରୀ ମାଳତୀ ମହାନ୍ତଙ୍କ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ କୌଣସି ମାମଲା ହୋଇନାହିଁ। ଏହାର ଠିକ୍ ତଦନ୍ତ ପାଇଁ ବିଜେଡି ସଭାପତି ଦିଲୀପ ସାମଲ ଦାବି କରିଛନ୍ତି। ଏ ସମ୍ପର୍କରେ ଡାକ୍ତର ଭବଶଙ୍କର ଗିରିଙ୍କୁ ପଚାରିବାରୁ ପେଟବ୍ୟଥା ପାଇଁ ମୁଁ ଇଞ୍ଜେକ୍ସନ ଦେଇଛି, ମୃତ୍ୟୁ କିପରି ହେଲା ମୁଁ ଜାଣି ନାହିଁ। ହାତୀଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଭାସ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଡାକ୍ତରଙ୍କ ବିରୋଧରେ ଆସୁଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ**

# 'ସ୍ୱୟଂ ନିର୍ଦ୍ଦେଶନାରେ ପରିଚାଳିତ ହୁଅନ୍ତୁ ଯୁବବର୍ଗ'






କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଆୟୋଜିତ 'ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି (ବାମ)। ପ୍ରତିଯୋଗିତାରେ ଉପସ୍ଥିତ ବିଚାରକ, ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର।

**କଟକ,୧୨।୮ (କାର୍ତ୍ତିକ ସାହୁ)**

ଦେଶର ଭବିଷ୍ୟତ ହେଉଛନ୍ତି ଯୁବବର୍ଗ। ତେଣୁ ସେମାନଙ୍କ ମାନସିକତାରେ ଦାୟବଦ୍ଧତା, ସମୟାନୁବର୍ତ୍ତିତା ରହିବା ଆବଶ୍ୟକ। ସ୍ୱୟଂ ନିର୍ଦ୍ଦେଶନାରେ ପରିଚାଳିତ ହୁଅନ୍ତୁ ଯୁବବର୍ଗ। ନିଜକୁ ନିର୍ଦ୍ଦେଶ ଦେଇ ନ ପାରିଲେ ଅନ୍ୟକୁ ମାର୍ଗଦର୍ଶନ କରାଇପାରିବେ ନାହିଁ ବୋଲି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବି. ଆର୍. ଶର୍ମା ମତବ୍ୟକ୍ତ କରିଛନ୍ତି। ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସହଯୋଗରେ ବିଶ୍ୱବିଦ୍ୟାଳୟରେ ଶନିବାର ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଶର୍ମା ଆହୁରି କହିଲେ, ଗଣତନ୍ତ୍ରକୁ ଗଣମାଧ୍ୟମ ଧରି ରଖିଛି। ନାଗରିକମାନଙ୍କୁ ବିଭିନ୍ନ ସୂଚନା ମାଧ୍ୟମରେ ସଦା ଜାଗ୍ରତ କରିବା ସହ ଜ୍ଞାନ ବିତରଣ କରୁଛି ଗଣମାଧ୍ୟମ। ବର୍ତ୍ତମାନ ସମୟରେ ଦାୟିତ୍ୱସମ୍ପନ୍ନ ଗଣମାଧ୍ୟମ ସଙ୍କଟ ମଧ୍ୟରେ ଗତି କରୁଛି। ଗଣମାଧ୍ୟମର ନିରପେକ୍ଷତା ଓ ନୈତିକତା ରହିବା ଦରକାର। ଏହି ବୃତ୍ତିରେ ଥିବା ବ୍ୟକ୍ତିବିଶେଷଙ୍କ ଦୃଢ଼ ମନୋବଳ ରହିଲେ ସେମାନେ ସମାଜକୁ ଆଗକୁ ନେଇପାରିବେ। ଯୁବବର୍ଗଙ୍କ ନିକଟରେ ସ୍ୱାଧ୍ୟାୟ ରହିବା ଉଚିତ୍। ପ୍ରତ୍ୟେକ ରାତିରେ ଶୋଇବା ପୂର୍ବରୁ ୨ମିନିଟ୍ ସେଦିନର କାର୍ଯ୍ୟ ସମ୍ପର୍କରେ ଚିନ୍ତା କରିବେ, ଯଦ୍ୱାରା ନିଜର ତଥା ସମାଜର ଉନ୍ନତି ସାଧିତ ହେବ। ଯୁବବର୍ଗ ଗଣତନ୍ତ୍ରର ସୁରକ୍ଷାରେ ବ୍ରତୀ ହୁଅନ୍ତୁ ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ଅପରେଶନ୍ ସ୍ୱାମୀ ସତ୍ୟ ଚୈତନ୍ୟ କହିଲେ, ବିଶ୍ୱର ଭବିଷ୍ୟତ ହେଉଛନ୍ତି ଯୁବବର୍ଗ। ଯୁବବର୍ଗଙ୍କ ନିକଟରେ ଥିବା ଜାଣିବାର ଇଚ୍ଛା ହିଁ ସେମାନଙ୍କର ସବୁଠୁ ବଡ଼ଶକ୍ତି। ସେମାନେ ହେଉଛନ୍ତି ଶକ୍ତିର ଉତ୍ସ। ସେମାନେ ସର୍ବଦା ନିଜ ପାଇଁ ସୁଯୋଗ ସୃଷ୍ଟି କରନ୍ତୁ। କୌଣସି ପ୍ରସଙ୍ଗରେ ତର୍କ ମାଧ୍ୟମରେ ନିଜର ଯୁକ୍ତି ପ୍ରମାଣିତ କରିବାର କଥା ଶାସ୍ତ୍ରରେ ରହିଛି। ଯୁବବର୍ଗ ଶାସ୍ତ୍ରରେ ନିଜର ରୁଚି ବଢ଼ାଇଲେ ତାହା ବ୍ୟକ୍ତିତ୍ୱ ବିକାଶରେ ବହୁ ଭାବେ ସହାୟକ ହୋଇଥାଏ। ଶାସ୍ତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରହିଛି ଯାହା ମଣିଷକୁ ସତ୍‌ମାର୍ଗରେ ପରିଚାଳିତ କରାଇବ। ଏହାଦ୍ୱାରା ସୁସ୍ଥ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ। ବରେଣ୍ୟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଆଦ୍ୟାଶା ସତପଥୀ କହିଲେ, ଆମ ଚତୁଃପାର୍ଶ୍ୱରେ ପ୍ରତ୍ୟହ ଅନେକ ଘଟଣା ଘଟିଚାଲିଛି। ଯୁବବର୍ଗଙ୍କ ନିକଟରେ ଦୃଢ଼ ଇଚ୍ଛାଶକ୍ତି, ନେତୃତ୍ୱ ନେବାର ଗୁଣ ସମାଜକୁ ପରିବର୍ତ୍ତନ କରାଇପାରିବ। ଏଭଳି କିଛି କାର୍ଯ୍ୟ କରିବା ନାହିଁ, ଯାହାଦ୍ୱାରା ରାଜ୍ୟ ଓ ରାଷ୍ଟ୍ରର କ୍ଷତି ହେବ, ସେଥିପ୍ରତି ଯୁବବର୍ଗ ସଚେତନ ରହନ୍ତୁ। ତେଣୁ ସେମାନେ ନିଜ ଇଚ୍ଛାଶକ୍ତି ଦ୍ୱାରା ସବୁକ୍ଷେତ୍ରରେ ପ୍ରବେଶ କରିବା ଉଚିତ୍। ଯାହା ହେବାର ହେଉଛି, ସେଥିରେ ମୋର କ'ଣ ଯାଏ ଆସେ– ଏଭଳି ମାନସିକତା ନ ରହିବାକୁ ସେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଛି। ଏହାବାଦ୍ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ନିକଟରେ ହୋଇପାରିଛି। ଛାତ୍ରୀଛାତ୍ରମାନେ କୌଣସି ସହାୟତା ଚାହିଁଲେ ତାଙ୍କୁ ଧରିତ୍ରୀ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବସ୍ତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ମୁଖ୍ୟ ଜନସମ୍ପର୍କ ଅଧିକାରୀ ଡ. ବିଜୟଲକ୍ଷ୍ମୀ ମହାନ୍ତି ପ୍ରତ୍ୟେକ କ୍ଷେତ୍ରରେ ଯୁବବର୍ଗ ସାମିଲ ହୋଇ ନିଜ ସାମର୍ଥ୍ୟର ଉପଯୋଗ ମାଧ୍ୟମରେ ଦେଶର ଗଠନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଡାଇରେକ୍ଟର ଷ୍ଟୁଡେଣ୍ଟ ଆଫାୟାର୍ସ୍ କ୍ୟାପଟେନ୍ ଚନ୍ଦ୍ରଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱାତୀ ମିଶ୍ର ଓ ଅଭ୍ୟୁଦୟ ଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ବକ୍ତୃତା ପ୍ରତିଯୋଗିତାରେ ୧୩ଜଣ ପ୍ରତିଯୋଗୀ ଭାଗ ନେଇଥିବାବେଳେ ଆଦ୍ୟା ରାଣୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଦିବ୍ୟା ସିଂହ ଦ୍ୱିତୀୟ ଏବଂ କ୍ରିତିକା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ପ୍ରଫେସର କମଳା ପ୍ରସାଦ ମହାପାତ୍ର, ଡ. ସୁରେଶ ସାହୁ ଓ ଡ. କିଶୋର ପ୍ରତାପ ସିଂହ ମୂଲ୍ୟାୟନ କରିଥିଲେ। ଧରିତ୍ରୀ ପକ୍ଷରୁ ପି. କେ. ରଥ, କାର୍ତ୍ତିକ ସାହୁ, ଶୁଭଜିତ ସାହୁ, ସୁପ୍ରିୟା ପ୍ରିୟଦର୍ଶିନୀ, ରାଜକିଶୋର ମହାନ୍ତି, ପ୍ରସନ୍ନ କୁମାର ପାଢ଼ୀ, ବିଶ୍ୱଜିତ୍ ନାୟକ, ଅରବିନ୍ଦ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।


ସୋନ୍ୟା ଏସ୍. ସାହୁ


ଉଜ୍ୱଳ କୁମାର


ଦେବରାଜ ପାଲ


ସୁମିତ ସୌରଭ ନନ୍ଦ


ଅଂଶୁମାନ ନାୟକ


ସ୍ମିତି ଚୌରାସିଆ


ବିଦ୍ଧି ବରାଇ


ସିମରନ୍ ପ୍ରିୟଦର୍ଶିନୀ


ସୁଭଦ୍ରା ଦାସ


ଈଶା ସାହୁ

## ବିଜେତାଙ୍କ ମୁହଁରୁ



"ଗଣତନ୍ତ୍ରର ଏକ ବୃହତ୍ ସ୍ତମ୍ଭ ହେଉଛି ଗଣମାଧ୍ୟମ। ସମୃଦ୍ଧ ରାଷ୍ଟ୍ର ଗଠନ କ୍ଷେତ୍ରରେ ସତ୍ୟ, ନିରପେକ୍ଷ ଖବରର ପ୍ରାସଙ୍ଗିକତା ଗୁରୁତ୍ୱ ବହନ କରେ। ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଖବରଗୁଡ଼ିକ ଭରସାଯୋଗ୍ୟ ହୋଇପାରୁନାହିଁ। ଯୁବବର୍ଗ ଏକ ଦୃଢ଼ ଗଣମାଧ୍ୟମ ଜରିଆରେ ସମାଜକୁ ଉଚିତ ମାର୍ଗରେ ପରିଚାଳିତ କରାଇପାରିବେ। ଗଣମାଧ୍ୟମ ସତ୍ୟ ଖବର ମାଧ୍ୟମରେ ଯୁବବର୍ଗଙ୍କୁ ଠିକ୍ ମାର୍ଗରେ ପରିଚାଳିତ କରାଇବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବା ଆବଶ୍ୟକ।

– ଆଦ୍ୟା ରାଣୀ, ପ୍ରଥମ



"ବର୍ତ୍ତମାନର ଯୁବବର୍ଗ ବହୁତ ସାହସୀ। ସେମାନେ ସ୍ପଷ୍ଟବାଦୀ, ସର୍ବଦା ଆଗକୁ ଆସି କିଛି କରିବାର ଅଦମ୍ୟ ଦକ୍ଷତା ସେମାନଙ୍କ ପାଖରେ ରହିଛି। ସେମାନେ କୌଣସିଥିରେ ଡରିଯାଉନାହାନ୍ତି। ସାମ୍ବାଦିକତାରେ ପ୍ରବେଶ କରୁଥିବା ଯୁବବର୍ଗଙ୍କ ନିକଟରେ ସତ୍ୟତା, ନେତୃତ୍ୱ ନେବାର ଗୁଣ ସହ ଉତ୍ତମ ମାନବିକ ଚରିତ୍ରବତ୍ତା ରହିବା ନିତାନ୍ତ ପ୍ରୟୋଜନ। ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ର ନିର୍ମାଣ ପାଇଁ ଖବରକାଗଜର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ, ଯୁବବର୍ଗଙ୍କ ଭୂମିକା ମଧ୍ୟ ଅନୁରୂପ ଭାବେ ଗୁରୁତ୍ୱ ବହନ କରେ।

– ଦିବ୍ୟା ସିଂହ, ଦ୍ୱିତୀୟ



"ଗଣମାଧ୍ୟମ ସମାଜର ଦର୍ପଣ ସଦୃଶ। ବସୁଧୈବ କୁଟୁମ୍ବକମ୍ ନ୍ୟାୟରେ ସବୁବର୍ଗର ଲୋକଙ୍କ ମୌଳିକ ସମସ୍ୟା ପୂରଣ ହେବା ଉଚିତ୍। ଗଣମାଧ୍ୟମ ଓ ଯୁବବର୍ଗ ହିଁ ଏହି କାର୍ଯ୍ୟ ସୁଚାରୁ ରୂପେ କରିପାରିବେ। ଆଧୁନିକ ସମାଜକୁ ପଥଭ୍ରଷ୍ଟ ହେବାରୁ ରକ୍ଷା କରିବାରେ ଗଣମାଧ୍ୟମ ଅମୋଘ ଅସ୍ତ୍ର ଭାବେ କାର୍ଯ୍ୟ କରୁଛି। ବିଭିନ୍ନ ସୂଚନା ଜରିଆରେ ସମାଜ ତଥା ଯୁବବର୍ଗଙ୍କୁ ବଳିଷ୍ଠ କରାଉଛି ଗଣମାଧ୍ୟମ। ଯୁବବର୍ଗ ରାଜନୀତି ଓ ଗଣମାଧ୍ୟମ କ୍ଷେତ୍ରରେ ପ୍ରବେଶ କରି ଦେଶ ଗଠନରେ ନିଜକୁ ସାମିଲ କରିବା ଉଚିତ।

– କ୍ରିତିକା ପଣ୍ଡା, ତୃତୀୟ

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

**ଆଦିକବି ସାରଳା ଦାସ ମହାବିଦ୍ୟାଳୟ, ତିର୍ତ୍ତୋଲ**

# ଯୁବପିଢ଼ି ଦମ୍ଭ ଦେଖାଇଲେ କ୍ରାନ୍ତି ଆଣିପାରିବେ






ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ପରିସରରେ ଶନିବାର ଆୟୋଜିତ 'ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କଲେଜ ଅଧ୍ୟକ୍ଷ ସଦାଶିବ ସାହୁ ଉଦ୍‌ବୋଧନ ଦେଉଛନ୍ତି (ବାମ)। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

**ଜଗତସିଂହପୁର, ୧୨।୮ (ପ୍ରମୋଦ କୁମାର ନାୟକ)**

ସମ୍ପ୍ରତି ଗଣତନ୍ତ୍ର ପ୍ରତି ଦେଖା ଦେଇଥିବା ବିପଦ ନିଶ୍ଚିତ ଭାବେ ଚିନ୍ତାର କାରଣ ହୋଇଛି। ଏଭଳି ସ୍ଥଳେ ଯୁବପିଢ଼ିଙ୍କୁ ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ସଚେତନ କରିବା ପାଇଁ ଧରିତ୍ରୀର ପ୍ରୟାସ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ଗଣତନ୍ତ୍ରର ସୁରକ୍ଷା ପାଇଁ ଗଣମାଧ୍ୟମ ଓ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ପ୍ରତ୍ୟେକେ ଆନ୍ତରିକତା ଓ ନିଷ୍ଠାର ସହ ନିଜ ନିଜର ଦାୟିତ୍ୱ ସମ୍ପାଦନ କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ଶନିବାର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ପରିସରରେ 'ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷ ସଦାଶିବ ସାହୁ ଏହା କହିଛନ୍ତି। ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଶ୍ୱ, ଦେଶକୁ ଏକ ପରିବାର ସହ ତୁଳନା କରି ଗଣତନ୍ତ୍ରକୁ ସଶକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଚାରକ ଭାବେ ଏହି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କ୍ୟାପଟେନ୍ ଜ୍ଞାନଜ କୁମାର ସାମନ୍ତରାୟ କହିଥିଲେ, ଯୁବଗୋଷ୍ଠୀ ହେଉଛନ୍ତି ଗଣତାନ୍ତ୍ରିକ ରାଷ୍ଟ୍ରର ଭବିଷ୍ୟତ। ଭାରତ ଭଳି ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରରେ ଯୁବଗୋଷ୍ଠୀ ଠିକ୍ ବାଟରେ ଯିବା ନିହାତି ଜରୁରୀ। ଶିକ୍ଷା ନ ରହିଲେ ଗଣତନ୍ତ୍ର ସଫଳ ହୋଇପାରିବ ନାହିଁ। ତେଣୁ ପିଲାମାନେ ବାସ୍ତବ ଶିକ୍ଷା ପ୍ରତି ଧ୍ୟାନଦେବାକୁ ହେବ। ନିକଟରେ ଅର୍ଥାତ୍ ଅଗଷ୍ଟ ୯ରେ କ୍ରାନ୍ତି ଦିବସ ପାଳନ ହୋଇଯାଇଛି। ଏ ମାସଟିକୁ କ୍ରାନ୍ତି ମାସ ଭାବେ ବିବେଚନା କରାଯାଉଛି। ତେଣୁ ଯୁବଗୋଷ୍ଠୀ ନିଜ ଭିତରେ ଦମ୍ଭ ଦେଖାଇଲେ କ୍ରାନ୍ତି, ପରିବର୍ତ୍ତନ, ସମ୍ଭାବନା ଓ ସମୃଦ୍ଧି ଆଣିପାରିବେ। ଗଣତନ୍ତ୍ରକୁ ଉଜ୍ୱଳ କରିପାରିବେ। ଗଣମାଧ୍ୟମର ପ୍ରମୁଖ ଅଂଶ ହେଉଛି ଛାପା ଗଣମାଧ୍ୟମ, ଯେଉଁଥିରେ ସାହିତ୍ୟ, ବିଜ୍ଞାନଠାରୁ ସବୁକିଛି ପରିପୂର୍ଣ୍ଣ ରହିଛି। ତେଣୁ ଖବରକାଗଜ ପ୍ରତି ଆକୃଷ୍ଟ ହେବା ଉଚିତ। ଧରିତ୍ରୀ ଏକ ନିରପେକ୍ଷ ଖବରକାଗଜ ହିସାବରେ କାମ କରି ଚାଲିଥିବାରୁ ତା'ର ଉତ୍ତରୋତ୍ତର ଉନ୍ନତି ହେଉ ବୋଲି କ୍ୟାପଟେନ୍ ସାମନ୍ତରାୟ କହିଥିଲେ। ଅନ୍ୟତମ ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବସନ୍ତ ମଞ୍ଜରୀ ଦାସ ନଅଙ୍କ ଦୁର୍ଭିକ୍ଷ କଥା ମନେପକାଇ ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ସେତେବେଳେ ଭୋକର ଯନ୍ତ୍ରଣା ସହି ନ ପାରି ମା ମଧ୍ୟ ଛୁଆକୁ ଖାଇଯିବାର ଦୃଷ୍ଟାନ୍ତ ଥିଲା। ପରିସ୍ଥିତି ଏତେ ଦୟନୀୟ ଥିଲା ଯାହା କଳ୍ପନା କରିବା କଷ୍ଟକର। ଗଣମାଧ୍ୟମ ଜନ୍ମନେଇ ଲୋକଙ୍କ ଭିତରେ ସଚେତନତାର ବାର୍ତ୍ତା ଦେଲା। ପ୍ରତ୍ୟେକେ ନିଜକୁ ବୁଝି ସମ୍ଭାବ୍ୟ ପରିସ୍ଥିତିକୁ ସାମ୍ନା କରିବାକୁ ସେ ପ୍ରେରଣା ଦେଇଥିଲେ। ଆମେ ବିଭିନ୍ନ ସମୟରେ ଭଲ ଓ ଖରାପ ସମୟ ଦେଇ ଗତି କରୁଛେ। କିନ୍ତୁ ପ୍ରତ୍ୟେକ କଥାକୁ ହୃଦୟ ଭିତରକୁ ନେଇ କାମ କଲେ ଠିକ୍ ସିଦ୍ଧାନ୍ତରେ ଉପନୀତ ହୋଇପାରିବା। ଧରିତ୍ରୀ ଗଣତନ୍ତ୍ରର ଖରାପ ସମୟକୁ ଟାଳିବା ପାଇଁ ଯେଉଁ ପ୍ରୟାସ କରୁଛି ତାହାକୁ ସେ ସାଧୁବାଦ ଦେଇଥିଲେ। ଏହାସହ ଯୁବଗୋଷ୍ଠୀ ସହଯୋଗର ହାତ ବଢ଼ାଇଲେ ଦେଶକୁ ରକ୍ଷା କରିପାରିବା ବୋଲି ଦାସ କହିଥିଲେ।

ମୋଟ ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ବହୁ ମୂଲ୍ୟବାନ୍ ତଥ୍ୟ ଉପସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରୁ ଯୁକ୍ତ୩ ତୃତୀୟ ବର୍ଷ ଛାତ୍ର ସୁବୋଧ ଭୋଳ ପ୍ରଥମ, ଯୁକ୍ତ୩ ତୃତୀୟ ବର୍ଷ ଛାତ୍ରୀ ବୈଶାଖୀ ରାଉତ ଦ୍ୱିତୀୟ ଓ ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀ ଯଶଶ୍ରୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଧରିତ୍ରୀର ଜଗତ୍‌ସିଂହପୁର ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇଥିଲେ। ତିର୍ତ୍ତୋଲ ପ୍ରତିନିଧି ଗୌରାଙ୍ଗ ଚରଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧରିତ୍ରୀ ବରିଷ୍ଠ ସହ ସମ୍ପାଦକ ଅରୁଣ ପ୍ରସାଦ କାନୁନ୍‌ଗୋ, ସହ ସମ୍ପାଦକ ଅରବିନ୍ଦ ମହାନ୍ତି, ପ୍ରସାରଣ ବିଭାଗର ବିଜୟ କୁମାର ମହାପାତ୍ର, ରାହାମା ପ୍ରତିନିଧି ଶ୍ରୀକାନ୍ତ ଦାସଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ସୁମନ୍ତ କୁମାର ଭୋଇ, ସାଗରିକା ପୃଷ୍ଟି ଓ ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଅମୀୟ ରଞ୍ଜନ ବେହେରା


ଆଶିଷ କୁମାର ଦଳାଇ


ବିଷ୍ଣୁପ୍ରିୟା ମାଣିକ


ଆଶୁତୋଷ ଦାସ


ଆକାଶ କୁମାର ନାଥଶର୍ମା


ବିଶ୍ୱରୂପା ଲେଙ୍କା


ସ୍ମୃତିରେଖା ଗୋଛାୟତ


ଲୋପିତା ଲଗ୍ନଜିତା ଦାସ


ଶର୍ମିଷ୍ଠା ଚୌଧୁରୀ


ଶ୍ରଦ୍ଧା ସୁମନ ସାହୁ


ପ୍ରଭାସ ସେଠୀ


ବିଶ୍ୱନାଥ ପଟ୍ଟନାୟକ


ଲିପ୍ସା ପ୍ରିୟଦର୍ଶିନୀ ପାଣି


ଶର୍ମିଷ୍ଠା ଦାସ


ସ୍ୱାତୀ ସ୍ୱାଗତିକା ରାୟ


ଜ୍ୟୋତିର୍ମୟୀ ପଲାଇ


ସୁଚିସ୍ମିତା ରାଉତ

## କ'ଣ କୁହନ୍ତି ବିଜେତା



"ଯାହା ଗୋଟିଏରେ କରିହୁଏ ନାହିଁ ତାହା ଅନେକରେ ସମ୍ଭବ। ତେଣୁ ଯୁବ ସମାଜକୁ ଏକ ହୋଇ ଅନେକ କାର୍ଯ୍ୟ କରିବାକୁ ପଡ଼ିବ। ସମସ୍ତେ ଏକାଠି ହେଲେ ଦେଶରେ ପରିବର୍ତ୍ତନ ଆସିପାରିବ। କାରଣ ଆମେ ପରିବର୍ତ୍ତିତ ହେଲେ ପ୍ରଥମେ ପରିବାର ଓ ପରେ ଗ୍ରାମ, ଦେଶ ତଥା ସମାଜରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ଏହାକୁ ଦୃଷ୍ଟିରେ ରଖି ଯୁବ ସମାଜ ଦୃଢ଼ ମନୋବଳ ନେଇ କାର୍ଯ୍ୟ କଲେ ଗଣତନ୍ତ୍ର ସଶକ୍ତ ହୋଇପାରିବ।

–ସୁବୋଧ ଭୋଳ, ପ୍ରଥମ ବିଜେତା ତଥା ଯୁକ୍ତ୩ ଶେଷ ବର୍ଷ କଳା ଛାତ୍ର



"ଧରିତ୍ରୀ ପକ୍ଷରୁ ପ୍ରତିଭା ଅନ୍ୱେଷଣ ପାଇଁ ଏଭଳି ଏକ ସୁନ୍ଦର କାର୍ଯ୍ୟକ୍ରମ କରାଯିବା ଖୁସି ଦେଇଛି। ବିଶେଷକରି ପ୍ରତିଯୋଗିତାର ଶୀର୍ଷକ ବୃହତ୍ତର ମୂଲ୍ୟବୋଧକୁ ନେଇ କରାଯାଇଛି। ଏହା ଯୁବଗୋଷ୍ଠୀଙ୍କ ଭିତରେ ଜାଗରଣ ସୃଷ୍ଟି କରୁଛି। ଯୁବପିଢ଼ି ନିଜେ ନିଜର କର୍ତ୍ତବ୍ୟ ପାଳନ ପାଇଁ ଆଗେଇ ଆସିଲେ ସୁସ୍ଥ ଓ ସମୃଦ୍ଧ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିବ। ତେଣୁ ଧରିତ୍ରୀ ପରିବାରକୁ ଅଶେଷ ଅଶେଷ ଧନ୍ୟବାଦ।

– ବୈଶାଖୀ ରାଉତ, ଦ୍ୱିତୀୟ ବିଜେତା ତଥା ଯୁକ୍ତ୩ ତୃତୀୟ ବର୍ଷ ବିଜ୍ଞାନ ଛାତ୍ରୀ



"ଧରିତ୍ରୀ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଭାଗନେବା ସହ ସଫଳତା ପାଇ ବହୁତ ଖୁସି ଅନୁଭବ କରୁଛି। ଆମକୁ ଏହା ଆଗକୁ ବିକାଶରେ ସହାୟତା କରିବ। ଯୁବପିଢ଼ି ଠିକ୍ ମାର୍ଗରେ ଗଲେ ଗଣତନ୍ତ୍ର ନିଶ୍ଚିତ ସୁଦୃଢ ହେବ। ତେଣୁ ପ୍ରତ୍ୟେକେ ନିଜ ନିଜର ଅଭାବ, ଅସୁବିଧା କଥା ସରକାରଙ୍କ ଦୃଷ୍ଟିକୁ ଆଣନ୍ତୁ, ଯଦ୍ୱାରା ଭବିଷ୍ୟତର ନାଗରିକ ଭାବେ ଆମେ ଅନେକ କିଛି କରିପାରିବା।

– ଯଶଶ୍ରୀ ବେହେରା, ତୃତୀୟ ବିଜେତା ତଥା ଯୁକ୍ତ୩ ପ୍ରଥମ ବର୍ଷ କଳା ଛାତ୍ରୀ



କୋଏମ୍ବାଟୁର ବିମାନ ବନ୍ଦରଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ତାମିଲନାଡୁର ଦଳୀୟ ନେତାମାନେ ସ୍ୱାଗତ ଜଣାଉଛନ୍ତି।

# ମୁଖ୍ୟମନ୍ତ୍ରୀ ପଦ ପ୍ରତି ଲୋଭ ନାହିଁ: ଅଜିତ ପାୱାର

ମୁମ୍ବାଇ,୧୨।୮

ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀ ପଦବୀ ସମ୍ପର୍କରେ ଆଲୋଚନା ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଶନିବାର ପୁଣେରେ ଦେଇଥିବା ବିବୃତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅଜିତ କହିଛନ୍ତି ଗୁଜବ ପ୍ରତି ଧ୍ୟାନ ଦେବା ଉଚିତ ନୁହେଁ। ରାଜ୍ୟର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ସେ ଏକ ଭଲ କାମ କରୁଛନ୍ତି। ମୁଁ ଏବଂ ଦେବେନ୍ଦ୍ର ଫଡନାଭିସ ଏହି ପଦବୀ ପ୍ରତି ଆଦୌ ଲାଳାୟିତ ନାହୁଁ। ଚାନ୍ଦନୀ ଚୌକରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଅଜିତ ଏହି ମନ୍ତବ୍ୟ ଦେଇଛନ୍ତି। ସରକାରରେ ସହଯୋଗୀଙ୍କ ମଧ୍ୟରେ ମତଭେଦ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦବୀ ପାଇଁ କେବଳ ଗୋଟିଏ ଆସନ ଅଛି। ଏହା ପୂର୍ବରୁ ଦଖଲ ହୋଇସାରିଛି, ତେବେ ଆମେ ନୁହେଁ କାହିଁକି ଏନେଇ ଲୋଭ କରିବୁ? ଆମେ ଦିନରାତି ବିକାଶ କାର୍ଯ୍ୟରେ ନିୟୋଜିତ ନେତା। ଆମକୁ ଯାହା ବଣ୍ଟନ କରାଯାଇଛି ସେଥିରେ ଆମେ ସନ୍ତୁଷ୍ଟ। ଏନେଇ କେହି ଚିନ୍ତା କରିବାର ଆବଶ୍ୟକତା ନାହିଁ। ବିଦର୍ଭ ପୂର୍ବରୁ ରାଜ୍ୟ କଂଗ୍ରେସ ସଭାପତି ନାନା ପାଟୋଲ ଦାବି କରିଥିଲେ ଉଭୟ ଉପମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ପଦବୀ ଉପରେ ନଜର ରଖିଛନ୍ତି। ଶାସକ ମିଳିତ ମେଣ୍ଟର ସମସ୍ତ ତିନୋଟି ଦଳ ଶିନ୍ଦେଙ୍କ ଶିବସେନା, ଭାଜପା ଏବଂ ଅଜିତଙ୍କ ଏନ୍‌ସିପି ରାଜ୍ୟ ରାଜକୋଷକୁ ଲୁଟିବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଶିନ୍ଦେ ସରକାରରେ ଜଣେ ମନ୍ତ୍ରୀ ୬ଟି ଜିଲାର ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟର ୩୬ ଟି ଜିଲା ପାଇଁ ୧୯ ଜଣ ମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ଏହାର ଅର୍ଥ ହେଉଛି ୧୭ଟି ଜିଲାରେ ଏପର୍ଯ୍ୟନ୍ତ ପୂର୍ଣ୍ଣକାଳୀନ ମନ୍ତ୍ରୀ ନାହାନ୍ତି ବୋଲି ସେ କହିଛନ୍ତି।

# ଆବଶ୍ୟକ ପଡ଼ିଲେ କୋର୍ଟକୁ ଯିବି: ଅଧୀର ରଞ୍ଜନ

ନୂଆଦିଲ୍ଲୀ,୧୨।୮



ଅସାମ୍ବିଧାନିକ ଆଚରଣ ଲାଗି ଲୋକସଭାରୁ ନିଲମ୍ବିତ ହେବାର ଦିନକ ପରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଶନିବାର କହିଛନ୍ତି, ତାଙ୍କ ମନ୍ତବ୍ୟ କାହାକୁ ଆଘାତ ଦେବା ପାଇଁ ଉଦ୍ଦିଷ୍ଟ ନୁହେଁ। ସେ ସ୍ୱଷ୍ଟ ଉପସ୍ଥାପନ କରିବାକୁ ଚେଷ୍ଟା କରିଥିଲେ। ଆବଶ୍ୟକ ହେଲେ ସେ ଏନେଇ ସୁପ୍ରିମକୋର୍ଟକୁ ଦ୍ୱାରସ୍ଥ ହେବେ। ସୂଚନାଯୋଗ୍ୟ ମଣିପୁର ହିଂସା ଉପରେ ଅନାସ୍ଥା ପ୍ରସ୍ତାବ ବିତର୍କ ବେଳେ ଅଧୀର ରଞ୍ଜନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୁଳନା ପଳାତକ ନିରବ ମୋଦି ଏବଂ ମହାଭାରତର ଧୃତରାଷ୍ଟ୍ରଙ୍କ ସହିତ କରିଥିଲେ। ଏନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ତାଙ୍କ ମନ୍ତବ୍ୟକୁ ଗୃହର ରେକର୍ଡରୁ ହଟାଇ ଦିଆଯାଇଥିଲା। ଅଧୀର ରଞ୍ଜନ କହିଛନ୍ତି ଏହା ବିରୋଧୀଦଳର ସ୍ୱରକୁ ଦମନ କରିବା ପାଇଁ ଏହା ଶାସକ ଦଳ ଦ୍ୱାରା ଏକ ସୁଚିନ୍ତିତ ଯୋଜନା। ଭାଜପାର ପ୍ରହ୍ଲାଦ ଯୋଶୀଙ୍କ ଦ୍ୱାରା ଏକ ସଂକଳ୍ପ ପାରିତ ହେବା ପରେ ଅଧୀର ରଞ୍ଜନଙ୍କୁ ନିଲମ୍ବିତ କରାଯାଇଥିଲା। ଅଧିକାର କମିଟି ଏହାର ରିପୋର୍ଟ ଦାଖଲ ନକରିବା ପର୍ଯ୍ୟନ୍ତ ସେ ନିଲମ୍ବିତ ରହିବେ। ଏହି ପ୍ରସଙ୍ଗରେ, ରାଜ୍ୟସଭାରେ ବିରୋଧୀଦଳ ନେତା ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି ଏଭଳି ନିଲମ୍ବନ ଯୁକ୍ତିଯୁକ୍ତ ନୁହେଁ। ତାଙ୍କୁ ସୁରକ୍ଷା ପ୍ରଦାନ କରି ଖାର୍ଗେ ଦାବି କରିଛନ୍ତି ଅଧୀର ରଞ୍ଜନ କେବଳ ନିରବ ମୋଦି କହିଛନ୍ତି। ନିରବ ଅର୍ଥ ହେଉଛି ଶାନ୍ତ। ଏହା ଦ୍ୱାରା ଗୃହର ମର୍ଯ୍ୟାଦା ହାନି ହୋଇ ନାହିଁ।

# ଓଡ଼ିଶାରେ ଏକାକୀ ଲଢ଼ିବ ଭାଜପା: ଭୂପେନ୍ଦର ଯାଦବ

ଭୁବନେଶ୍ୱର,୧୨।୮ (ଅନିଲ ଦାସ)

## ବିଜେଡି- ଭାଜପା ମେଣ୍ଟକୁ ନେଇ ଚର୍ଚ୍ଚା



କେନ୍ଦ୍ରମନ୍ତ୍ରୀ ଭୂପେନ୍ଦର ଯାଦବ

ଭାଜପା ସହ ରାଜ୍ୟରେ କ୍ଷମତାସୀନ ବିଜେଡିର ସମ୍ପର୍କ ଅଧିକ ନିବିଡ଼ ହେଉଥିବାରୁ ଆସନ୍ତା ସାଧାରଣ ନିର୍ବାଚନରେ ଉଭୟ ଦଳ ମଧ୍ୟରେ ମେଣ୍ଟ ହେବା ନେଇ ଚର୍ଚ୍ଚା ଜୋର ଧରିଛି। ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ଏହାକୁ ଆହୁରି ଖୋରାକ ଯୋଗାଇଛି। ତେବେ ଏହି ସବୁ ଆଲୋଚନାରେ ବ୍ରେକ୍ ଲଗାଇଛନ୍ତି ଓଡ଼ିଶା ଗସ୍ତରେ ଆସିଥିବା ଭାଜପାର ବରିଷ୍ଠ ନେତା ତଥା କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପେନ୍ଦର ଯାଦବ। ଶନିବାର ଗଣମାଧ୍ୟମକୁ କହିଛନ୍ତି, ଆଗାମୀ ସାଧାରଣ ନିର୍ବାଚନରେ ଭାଜପା ଓଡ଼ିଶାରେ କୌଣସି ମେଣ୍ଟ କରିବ ନାହିଁ। ତେବେ ଏନେଇ କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି ନେବେ। ସମୟ ଆସିଲେ ସବୁକିଛି ଜଣାପଡ଼ିବ। ରାଜ୍ୟରେ ଭାଜପା ଏକାକୀ ନିର୍ବାଚନ ଲଢ଼ିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ସହ କୌଣସି ପ୍ରକାର ମେଣ୍ଟକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି। ଆମେ ନିଜ ଦମ୍‌ରେ ରାଜ୍ୟରେ ସରକାର ଗଢିବାରେ ସକ୍ଷମ ହେବୁ ବୋଲି ସେ କହିଛନ୍ତି। ସେହିପରି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଓଡ଼ିଶାରେ କୌଣସି ମେଣ୍ଟ ହେବନାହିଁ। ଭାଜପା ଏକାକୀ ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନରେ ଲଢ଼ିବ। ଆଗୁଆ ନିର୍ବାଚନ ଘୋଷଣା ହେଲେ ଦଳ ସେଥିପାଇଁ ପ୍ରସ୍ତୁତ ଅଛି। ଭାଜପା ଏକ ଅନ୍ତରୀଣ ସର୍ଭେ କରିଥିଲା। ଏହି ଅନ୍ତରୀଣ ସର୍ଭେରେ ଜୁଲାଇ ମାସରେ ଭାଜପା ରାଜ୍ୟରେ ଆଗରେ ଥିଲା। ଅଗଷ୍ଟରେ ବି ଆଗରେ ରହିବୁ। ରାଜ୍ୟବାସୀଙ୍କ ମତ ଆମ ସପକ୍ଷରେ ଅଛି। ଦଳ ମଧ୍ୟ ନିଜର ନିର୍ବାଚନ ରଣନୀତି କରିଛି। ସମସ୍ତେ ପରିଶ୍ରମ କରିବୁ। ଅପ୍ରତ୍ୟାଶିତ ସିଟ୍ ମିଳିବ ଓ ଓଡ଼ିଶାରେ ଭାଜପା ସରକାର ଗଢିବ ବୋଲି ମନମୋହନ କହିଛନ୍ତି। ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ନେତା ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ଭାଜପା ଦିନରେ ଶୋଇକି ସ୍ୱପ୍ନ ଦେଖୁଛି। ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ। ତାଙ୍କ ନେତୃତ୍ୱ ପ୍ରତି ରାଜ୍ୟବାସୀଙ୍କ ସମର୍ଥନ ରହିଛି।

ଅନ୍ୟପକ୍ଷରେ ବିଜେଡି-ଭାଜପା ସମ୍ପର୍କକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା ହେଉଛି। ଦୁଇ ଦଳ ମଧ୍ୟରେ ଭିତିରି ବୁଝାମଣା ହୋଇଥିବା ନେଇ ଆଲୋଚନା ହେଉଛି। ଅମିତ ଶାହାଙ୍କ ଓଡ଼ିଶା ଗସ୍ତ, ସଂସଦରେ ଦିଲ୍ଲୀ ବିଲ୍‌କୁ ବିଜେଡିର ସମର୍ଥନ ଓ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ବିଜେଡିର ବିରୋଧ ପରେ ୨ ଦଳ ମଧ୍ୟରେ ଭିତିରିଆ ବୁଝାମଣା ହୋଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏଠାରେ ସୂଚନାଯୋଗ୍ୟ, ଗତ ସପ୍ତାହରେ ବିଜେଡି ଖୋଲାଖୋଲି ଭାବେ କେନ୍ଦ୍ରରେ କ୍ଷମତାସୀନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ଦିଲ୍ଲୀ ସର୍ଭିସ ବିଲ୍‌ରେ ସମର୍ଥନ ଦେବା ସହ ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବକୁ ବିରୋଧ କରିଥିଲା। ଓଡ଼ିଶାକୁ କେନ୍ଦ୍ର ସରକାର ବହୁ ସହଯୋଗ ଦେଉଛନ୍ତି ବୋଲି କହି ବିଜେଡି ଏମ୍‌ପିମାନେ ମୋଦି ସରକାରଙ୍କୁ କୃତଜ୍ଞତା ଜଣାଇବାକୁ ବି ପଛାଇ ନ ଥିଲେ।

ଏସବୁ ଘଟଣାକୁ ନେଇ ଜାତୀୟସ୍ତରରେ ବିଜେଡିକୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏହାକୁ ନେଇ ରାଜ୍ୟରେ ଉଭୟ ବିଜେଡି ଓ ଭାଜପାର କର୍ମୀମାନେ ମଧ୍ୟ ଦ୍ୱନ୍ଦ୍ୱରେ ରହିଛନ୍ତି। ତେବେ ଭାଜପା ପକ୍ଷରୁ ରାଜ୍ୟରେ କୌଣସି ମେଣ୍ଟ ସମ୍ଭାବନାକୁ ପ୍ରତ୍ୟାଖ୍ୟାନ କରାଯିବା ପରେ ଆଗୁଆ ନିର୍ବାଚନକୁ ନେଇ ବିଜେଡି ରଣନୀତି କ'ଣ ରହୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ମିଥ୍ୟା ପ୍ରତିଶ୍ରୁତିର ଶିକାର ହେଉଛନ୍ତି ଚାଷୀ: ଭାଜପା

ଭୁବନେଶ୍ୱର,୧୨।୮ (ଅନିଲ ଦାସ)

ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ କେନ୍ଦ୍ରରେ ମୋଦି ସରକାର ଚାଷୀମାନଙ୍କୁ ବିହନ, ସାର, କୀଟନାଶକଠାରୁ ଆରମ୍ଭ କରି ବୈଷୟିକ ଓ ଆର୍ଥିକ ସହାୟତା ଯୋଗାଇ ଦେବା ସତ୍ତ୍ୱେ ଆଜି ବି ଓଡ଼ିଶାରେ କୃଷକମାନଙ୍କ ସମସ୍ୟାର ଅନ୍ତ ଘଟୁନାହିଁ। ଓଡ଼ିଶାର ଚାଷୀକୁଳ ବିଜେଡି ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରତାରଣାର ଶିକାର ହେଉଛନ୍ତି। ଚାଷୀଙ୍କ ପାଇଁ ଫସଲ ବୀମା ଟଙ୍କା ରାଜ୍ୟ ସରକାର ବହନ କରିବେ ବୋଲି ଘୋଷଣା କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଦେଇ ନାହାନ୍ତି। ବିହନ, ୟୁରିଆ ସାର କଳାବଜାରକୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏପରି କି ଦୀର୍ଘ ୨୩ ବର୍ଷର ଶାସନ ପରେ ମଧ୍ୟ ବିଜେଡି ସରକାର ଚାଷ ପାଇଁ ଆବଶ୍ୟକ ହେଉଥିବା ଜଳସେଚନ ବ୍ୟବସ୍ଥାକୁ ସୁଧାରି ପାରିଲେ ନାହିଁ। ରାଜ୍ୟର ଅଗଣିତ ଚାଷୀ ଭାଇଭଉଣୀଙ୍କ ସମସ୍ୟାକୁ ନେଇ ଭାରତୀୟ ଜନତା ପାର୍ଟି ସବୁବେଳେ ଲଢ଼େଇ କରୁଛି। ଆଗାମୀ ଦିନରେ ଏହି ଲଢ଼େଇକୁ ଆହୁରି ଜୋରଦାର କରାଯିବ ବୋଲି କୃଷକ ମୋର୍ଚ୍ଚାର ନୂତନ ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ଶନିବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ କୃଷକ ମୋର୍ଚ୍ଚା ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସଜ୍ଜନ ଶର୍ମାଙ୍କ ସମେତ ଅନ୍ୟମାନେ କୃଷକମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ।

# ରେଙ୍ଗାଲିରେ ମହିଳା, ଅନ୍ୟଠି ନୂଆ ମୁହଁ ଚର୍ଚ୍ଚା

ସମ୍ବଲପୁର,୧୨।୮ (ଶୁଭାଶିଷ ପାଢ଼ୀ)

## ବିଜେଡିର ରଣନୀତି, ମହିଳାଙ୍କୁ ଅଗ୍ରାଧିକାର

୨୦୨୪ ସାଧାରଣ ନିର୍ବାଚନ ଶୀଘ୍ର ହେବା ନେଇ ସମ୍ବଲପୁର ଜିଲାର ସମସ୍ତ ରାଜନୈତିକ ଦଳ ସକ୍ରିୟ ହୋଇପଡିଛନ୍ତି। ବିଜେଡି ମଧ୍ୟ ତା'ର ରଣନୀତି ପ୍ରସ୍ତୁତ କରୁଛି। ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ପର୍ଯ୍ୟବେକ୍ଷକ ଭାବେ ଜିଲା ସଙ୍ଗଠନ ଦାୟିତ୍ୱ ନେଇଛନ୍ତି। ତାଙ୍କ ସହ ପୂର୍ବତନ ମନ୍ତ୍ରୀ ଭର୍ତ୍ତ୍ଲି ବିଧାୟକ ସୁଶାନ୍ତ ସିଂ ଜିଲା ଗସ୍ତ କରି ନେତୃବୃନ୍ଦଙ୍କ ସହ ଆଲୋଚନା କରୁଛନ୍ତି। ଏପରି କି ଜିଲାର ସମ୍ବଲପୁର, ରେଙ୍ଗାଲି, କୁଚିଣ୍ଡା, ରେଢାଖୋଲ ନିର୍ବାଚନମଣ୍ଡଳୀର ଆଗଧାଡିର ନେତାମାନଙ୍କୁ ଭୁବନେଶ୍ୱର ଶଙ୍ଖ ଭବନକୁ ଡାକି ପରାମର୍ଶ ଦେବା ସହ ସେମାନଙ୍କ ମତ ସଂଗ୍ରହ କରିଛନ୍ତି। ମନୋମାଳିନ୍ୟ, ମତାନ୍ତର ଛାଡି ଏକାଠି ହୋଇ ଦଳ ପାଇଁ କାମ କରିବାକୁ ତାଗିଦ ମଧ୍ୟ କରିଛନ୍ତି।

ଏହା ଭିତରେ ୪ ନିର୍ବାଚନମଣ୍ଡଳୀରେ ଅନେକ ବିଧାୟକ ପ୍ରାର୍ଥୀ ଆଶାୟୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ମହିଳା, ଯୁବ, ବରିଷ୍ଠ ନେତା, ନବାଗତ ଓ ଦଳରେ ଯୋଗ ଦେଇ ନ ଥିବା ଉଚ୍ଚଶିକ୍ଷିତ ଯୁବକ ମଧ୍ୟ ରହିଛନ୍ତି। ଦଳ କାହାକୁ ପ୍ରାର୍ଥୀ କରିବ ତାହା ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରେ ବୋଲି ଜିଲା ସ୍ତରରେ ନେତାମାନେ ମତ ଦେଉଛନ୍ତି। ହେଲେ ବିଜେଡି ମହିଳାମାନଙ୍କୁ ଅଗ୍ରାଧିକାର ଦେଇ ଜିଲାରେ ଗୋଟିଏ କିମ୍ବା ଦୁଇଟି ବିଧାନସଭାରେ ଆଗାମୀ ନିର୍ବାଚନରେ ମହିଳା ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଛି। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ସମ୍ବଲପୁର ବିଧାନସଭା ଆସନ ଲାଗି ମହିଳା କାର୍ଡରେ ୨୦୧୪ରେ ବିଜୟୀ ହୋଇଥିବା ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିଥିଲା। ହେଲେ ସେ ପରାଜିତ ହୋଇଥିଲେ। ସେହିପରି ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ମହିଳାଙ୍କୁ ପ୍ରାର୍ଥୀ କରି ଇଂ. ରିନା ତନ୍ତୀଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲା। ହେଲେ ସେ ପରାଜୟର ସମ୍ମୁଖୀନ ହୋଇଥିଲେ। କୁଚିଣ୍ଡାରେ କିଶୋର ନାଏକ ଓ ରେଢାଖୋଲରେ ଇଂ ରୋହିତ ପୂଜାରୀଙ୍କୁ ଦଳ ପ୍ରାର୍ଥୀ କରିଥିବାବେଳେ ସେମାନେ ବିଜୟୀ ହୋଇଥିଲେ। ମହିଳାଙ୍କୁ ଅଗ୍ରାଧିକାର ଦେଇ ଦଳର ଦୁଇଟି ସିଟ୍ ହାତରୁ ଚାଲିଯାଇଥିଲା। ସମ୍ବଲପୁରରେ ନେତାଙ୍କ ତୁଳନାରେ ନେତ୍ରୀ ସଂଖ୍ୟା କମ୍ ରହିଛି। ନେତାମାନେ ମହିଳା ସିଟ୍‌ରେ ନିଜ ସମ୍ପର୍କୀୟ କିମ୍ବା ସ୍ତ୍ରୀଙ୍କୁ ଛିଡା କରି ନିଜେ ପରିଚାଳନା କରିପାରନ୍ତି। କିନ୍ତୁ ନେତାଙ୍କ ସମ୍ପର୍କୀୟଙ୍କୁ ଦଳ ମହିଳା ପ୍ରାର୍ଥୀ ଭାବେ ଠିଆ କରି ନ ପାରେ ବୋଲି କୁହାଯାଉଛି। ରାଜନୈତିକ ପରିବାର କିମ୍ବା ନେତ୍ରୀ ହୋଇ ନ ଥିଲେ ମଧ୍ୟ ଜଣେ ଦକ୍ଷ, ପରିଚିତ, ସଙ୍ଗଠକ ଥିବା ମହିଳାଙ୍କୁ ଟିକେଟ ଦେବ ବୋଲି ଆଲୋଚନା ହେଉଛି। ରେଙ୍ଗାଲି ସିଟରେ ପୁଣି ଥରେ ମହିଳାଙ୍କୁ ଟିକେଟ ଦେବା ଏକପ୍ରକାର ନିଶ୍ଚିତ ହୋଇଥିବା କର୍ମୀଙ୍କଠାରୁ ଶୁଣିବାକୁ ମିଳୁଛି। ତେଣୁ ଏହି ନିର୍ବାଚନମଣ୍ଡଳୀ ପାଇଁ ଯେଉଁ ନେତାମାନେ ଆଶାୟୀ ଅଛନ୍ତି ସେମାନଙ୍କୁ ନିରାଶ ହେବାକୁ ପଡିବ। ସମ୍ବଲପୁର ବିଧାନସଭାରେ ପୁଣିଥରେ ଦଳ ଡାକ୍ତର ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିବ ନା ନୂଆ ପ୍ରାର୍ଥୀ ଦେବ ତାକୁ ନେଇ ଚର୍ଚ୍ଚା ଚାଲିଛି। ଏହି ବିଧାନସଭା ପାଇଁ ଅନେକ ଯୁବ, ବରିଷ୍ଠ ନେତା ଆଶାୟୀ ଅଛନ୍ତି। ସେହିପରି ରେଢାଖୋଲ ନିର୍ବାଚନମଣ୍ଡଳୀରେ ବିଧାୟକ ପୂଜାରୀ ୨୦୧୪ ନିର୍ବାଚନ ଅପେକ୍ଷା ୨୦୧୯ରେ ଭୋଟ ବ୍ୟବଧାନ ପ୍ରାୟ ୮ ହଜାର ବୃଦ୍ଧି ପାଇଥିଲା। ହେଲେ ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ସଂଗଠନ ଦୁର୍ବଳ ଥିବା ଗତ ପଞ୍ଚାୟତ ନିର୍ବାଚନରୁ ଜଣାପଡିଥିଲା। ରେଢାଖୋଲରେ ଗୋଟିଏ ଜିଲାପରିଷଦ ଆସନ ଓ ରେଢାଖୋଲ ଏନ୍‌ଏସି ଅଧ୍ୟକ୍ଷ ବିଜେଡି ହାତରୁ ଚାଲିଯାଇଥିଲା। ସେହିପରି କୁଚିଣ୍ଡାରେ ବିଧାୟକ ନାଏକଙ୍କ ଲୋକପ୍ରିୟତା ମଧ୍ୟ କମିଯାଇଛି। ଦଳୀୟ ସଭାସମିତିରେ ଗୋଷ୍ଠୀ ବିବାଦ ନଜରକୁ ଆସୁଛି। କେବଳ ରେଢାଖୋଲ କି କୁଚିଣ୍ଡା ନୁହେଁ, ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା କ୍ଷେତ୍ରରେ ମଧ୍ୟ ଗୋଷ୍ଠୀ ବିବାଦ କାରଣରୁ ନେତାମାନେ ସମାନ୍ତରାଳ କର୍ଯ୍ୟକ୍ରମ କରିଆସୁଛନ୍ତି, ଯାହାକୁ ନେଇ ଜିଲା ପର୍ଯ୍ୟବେକ୍ଷକ ଦାସ ସମ୍ବଲପୁର ସର୍କିଟ ହାଉସରେ କଡା ତାଗିଦ କରିଥିଲେ। ତେଣୁ ପୁଣି ଥରେ ରେଙ୍ଗାଲିରେ ମହିଳା ପ୍ରାର୍ଥୀ ଓ ଅନ୍ୟ ନିର୍ବାଚନ ମଣ୍ଡଳୀରେ ନୂଆ ଚେହେରାକୁ ଅଗ୍ରାଧିକାର ଦିଆଯାଇପାରେ ବୋଲି ଆଲୋଚନା ହେଉଛି।

# କଂଗ୍ରେସରେ ଯୋଗଦେଲେ ଭାଜପା, ବିଜେଡି କର୍ମୀ

ଚଣ୍ଡିଖୋଲ,୧୨।୮ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ କଂଗ୍ରେସ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଏହି ବ୍ଲକ ଅନ୍ତର୍ଗତ ବାଲିକୁଦା ହାଟପଡ଼ିଆରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ସମ୍ପାଦକ ତଥା ବଡ଼ଚଣା କଂଗ୍ରେସ ନେତା କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ୧୬ ପଞ୍ଚାୟତର ହଜାରହଜାର କର୍ମୀ ଭାଜପା ଓ ବିଜେଡି ଛାଡ଼ି କଂଗ୍ରେସରେ ସାମିଲ ହୋଇଛନ୍ତି। ପୂର୍ବତନ ଯୁବକଂଗ୍ରେସ ସଭାପତି ନିରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଟକ ଜିଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀ, ଯାଜପୁର ଜିଲା ସଭାପତି ମନୋଜ କୁମାର ରାଉତ, ପିସିସି ଉପସଭାପତି ରଜତ ଚୌଧୁରୀ, ପିସିସି ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଟ୍ଟନାୟକ ଓ ବ୍ଲକ ପର୍ଯ୍ୟବେକ୍ଷକ ଅଜୟ କୁମାର ସାହୁ ଯୋଗଦେଇ ଆଗାମୀ ଦିନରେ ବଡ଼ଚଣାରେ କଂଗ୍ରେସ ସଫଳତା ହାସଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କ୍ୟାପ୍‌ଟେନ ମହାପାତ୍ର ନବାଗତ ସମସ୍ତ କର୍ମୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେ କହିଥିଲେ, ଧୀରେଧୀରେ କଂଗ୍ରେସ ପ୍ରତି ଲୋକେ ଆସ୍ଥା ପ୍ରକଟ କରି ପ୍ରତ୍ୟାବର୍ତ୍ତନ କରୁଛନ୍ତି। ବଡ଼ଚଣାର ଏହି ବାର୍ତ୍ତା ଆଗାମୀ ଦିନରେ ଓଡ଼ିଶାର ସମସ୍ତ ନିର୍ବାଚନମଣ୍ଡଳୀରେ ପ୍ରତିଫଳିତ ହେବ। କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁ, ଶୁକ୍ରମଣି ପୁର୍ତ୍ତି, ବ୍ଲକ ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ବରଦା ପ୍ରସନ୍ନ ରାୟ, ଜିଲା ଛାତ୍ର କଂଗ୍ରେସ ସଭାପତି ସଞ୍ଜୀବ କୁମାର ସାମଲ, ଜିଲା ସଂଖ୍ୟାଲଘୁ ସେଲର ସଭାପତି ସୁଲତାନ ସୈଫୁଲ୍ଲା ଖାଁ, ଜିଲା ସାଧାରଣ ସମ୍ପାଦକ ଅଶୋକ ସାମଲ, ବ୍ଲକ ସଂଖ୍ୟାଲଘୁ ସେଲ ସଭାପତି ଅକ୍ତର ଅଲାମ ଖାଁ, ବ୍ଲକ ଯୁବ କଂଗ୍ରେସ ସଭାପତି ଜୟ ପ୍ରକାଶ ବିଶ୍ୱାଳ, ମହିଳା ସଭାନେତ୍ରୀ ନିରୁପମା ସାହୁ ଓ ସମିତିସଭ୍ୟ କୁଳମଣି ବାରିକଙ୍କ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ।

**GOVERNMENT OF ODISHA** No.B-678
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID:- sepwdsbp@rediffmail.com
**e-Procurement**
**BID IDENTIFICATION No. CCENC (R AND B)/10/2023-24**
No.4116 Dtd. 11.08.2023

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Building works** as detailed in the DTCN from the eligible class of contractors.
2. No. of works: **07 (Seven)**
3. Tender Cost: **Rs.10,000/-**
4. Class of contractor: **"B" Class and "A" Class**
5. Date & Time of available in website & receipt of Bids From **14.08.2023** to **17.00 Hours of 28.08.2023**.
6. Date of opening of Technical Bid: **29.08.2023 at 11.00 Hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in
8. Any corrigendum / Addendum will be displayed in the website **www.tendersodisha.gov.in**

Sd./- Chief Construction Engineer,
Northern (R&B) Circle, Sambalpur
OIPR-34035/11/0011/2324

**OFFICE OF THE MUNICIPAL COUNCIL: BRAJRAJNAGAR**
No.4355/ Dt.10.08.2023
**QUOTATION CALL NOTICE**

**No.C-1036:** Sealed Quotations are invited in the prescribed proforma from the persons / farms deals with manufacturing & installation of hoardings for supply and installation of hoardings within different locations of Brajrajnagar Municipality area. The detail description of the hoardings to be installed is provided in the quotation paper. Bidders are requested to go through the quotation paper prior to submission of their bidding. Further the bidder should have to submit the GST, PAN and experience if any in support of their technical bid document. Bidders also have to submit the financial bidding document as per the given proforma. Interested bidders can download the quotation from the district web portal www.jharsuguda.nic.in from 11.08.2023 to 18.08.2023 up to 1.00 PM and submit their quotation supporting with a D.D amounting to Rs. 6000/- drawn in favour of the Executive Officer, Brajrajnagar Municipality, payable at Brajrajnagar towards the paper cost (non-refundable) along with other documents to the office of the undersigned. The envelope should be **superscripted** with the letters **"Quotation for Hoardings"** and can only be submitted through by person in the tender drop box of the office of the undersigned within 3.00PM of 18.08.2023. The quotation will be open by the Undersigned on dt. 18.08.2023 at 4.00 PM in presence of the quotationer or their authorized representatives. The authority reserves all rights to reject /accept whole or part of the quotation without assigning any reason thereof.

Sd./- Executive Officer
Brajrajnagar Municipality
OIPR-13099/11/0013/2324

**GOVERNMENT OF ODISHA** No. O-643
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK**
email: serw_ctc@yahoo.com
**No.:- Tender Online RWC - 17/23** **Letter No.-2698** **Date:- 09.08.2023**
**e-Procurement NOTICE**

1. **Name of the work** : **Construction of Road works.**
2. Class of contractor
   a) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   b) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-6 of the Annuexure.**
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engieer, Rural Works Circle, Cuttack | Tender Online RWC - 17/23 | 14.08.2023 at 11.30 A.M. | 28.08.2023 upto 05.00 P.M. | 25.08.2023 up to 02.00 P.M. | 28.08.2023 at 05.30 P.M. | Will be intimated later |

Further details can be seen from the website **www.tendersodisha.gov.in**
OIPR-25097/11/0018/2324 Sd./- Chief Construction Engineer, Rural Works Circle, Cuttack

**OFFICE OF THE SUPERINTENDENT**
**PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ - 757001**
E-mail: superintendentprmmch@gmail.com
No. 2989//PRMMCH-Est.// Date: 11.08.2023
**ADVERTISEMENT**
**Contractual Engagement of Retired Govt. Employees under the establishment of Superintendent, PRMMCH, Baripada, Mayurbhanj**

No. E-: Applications are invited by the undersigned from the interested retired employees those have worked under Health Department/Other Government or Private Offices for reemployment as officer on Special Duty against the following posts as per term & conditions stipulated in the GA & PG Department Resolution No. 23750/Gen. Dt.27.08.2014 on consolidated remuneration as admissible in Finance Department O.M. No. 24533/F Dt.29.09.2022. The re-engagement shall be made for one year or till the vacancies are filled up on regular basis whichever is earlier.

| Name of the Vacant Posts | No. of Vacancy |
|---|---|
| Nursing Officers | 65 |
| Pharmacist | 06 |
| Lab. Technician | 03 |
| Jr. Radiographer | 07 |
| Ophthalmic Asst. | 01 |
| Speech Pathologist | 01 |
| Dietician | 01 |
| Clinical Psychologist | 01 |

The eligibility criteria and the detail terms & conditions can be downloaded from the district website i.e. **www.mayurbhanj.nic.in**. Eligible and interested candidates may submit their applications in the prescribed proforma with copies of testimonials in support of their service records by Registered Post/Speed Post superscribing "Application for engagement as ____________" so as to reach the Office of the Superintendent, PRM Medical College & Hospital, At/P.O.: Baripada, PIN - 757001, Dist.: Mayurbhanj latest by **02.09.2023**. The undersigned will not be held responsible for any postal delay and reserves the right to reject the candidature or the complete recruitment process without assigning reason thereof.

Sd./- Superintendent
PRMMCH, Baripada, Mayurbhanj
OIPR-10120/11/0004/2324

**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)**
Letter No.10876 Date:08.08.23
**Invitation for Bids**
**NATIONAL COMPETATIVE BIDDING THROUGH E-PROCUREMENT**
No.C-1041:
**Bid Identification No BMC(BAM):- 277/2023-2024**

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A". | |
| 2 | Nature of Work | Civil |
| 3 | No. of Work | Nos. 10 |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 1 % of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit on-line 2% of the amount put to tender as Bid Security. Exemption from EMD is permis-sible as per codal provisions of Govt. Of Odisha .as per Annexure "A |
| 6 | Class of Contractor | As per the Annexure "A" |
| 7 | Availability of Bid docu-ments in the website | From 10.00 hrs. of 11.08.23 to 17.00 hrs. of 02.09.23 |
| 8 | Date & Time of Open-ing of Technical Bids | 11.30 hrs. onwards on Dt.04.09.23 |
| 9 | Date & Time of open-ing of financial bids | Shall be intimated to the responsive Tech-nically qualified bidder after evolution of Technical Bids. |
| 10 | Mode of Submission of tender | Tender should submitted online in www. tendersorissa.gov.in. |
| 11 | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./-Commissioner
Berhampur Municipal Corporation
Berhampur, Odisha
OIPR-13035/11/0018/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଧୁନିକ ଚିକିତ୍ସାରେ ଅଙ୍ଗଦାନର ଆବଶ୍ୟକତା ବଢ଼ୁଛି

## ବିଶ୍ୱ ଅଙ୍ଗଦାନ ଦିବସ

ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖରେ ବିଶ୍ୱ ଅଙ୍ଗ ଦାନ ଦିବସ ପାଳନ କରାଯାଇଥାଏ । ଅଙ୍ଗ ଦାନର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ମୃତ୍ୟୁ ପରେ ଲୋକଙ୍କୁ ଅଙ୍ଗ ଦାନ କରିବାକୁ ଉତ୍ସାହିତ କରିବା ପାଇଁ ଏହି ଦିନ ପ୍ରତିବର୍ଷ ପାଳନ କରାଯାଏ । ଅଙ୍ଗଦାନ ଗ୍ରହଣକାରୀଙ୍କ ଜୀବନ ବଞ୍ଚାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ବର୍ଷ ବର୍ଷ ଧରି ଆଧୁନିକ ଚିକିତ୍ସାର ଅଗ୍ରଗତି ତଥା ଅଗଣିତ ଜୀବନ ରକ୍ଷା କରିବାରେ ଅଙ୍ଗ ଦାନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସମ୍ପ୍ରତି ଜନସଂଖ୍ୟା ବୃଦ୍‌ଧି ସହିତ ଅଙ୍ଗ ଦାନର ଆବଶ୍ୟକତା ବଢ଼ିବାରେ ଲାଗିଛି। ବିଶେଷକରି ଭାରତରେ, କାରଣ ୨୦୧୯ ରେ ମୃତ୍ୟୁଘଟିଥିବା ଲୋକଙ୍କ ମଧ୍ୟରୁ ୦.୯ ପ୍ରତିଶତ ଅଙ୍ଗ ଦାତା ଥିଲେ । ଆମ ଦେଶରେ ପ୍ରତିବର୍ଷ ପ୍ରାୟ ୨ ଲକ୍ଷ କିଡନୀ, ୫୦,୦୦୦ ହାର୍ଟ ଏବଂ ୫୦୦୦ ଲିଭରର ଆବଶ୍ୟକତା ରହିଛି ।

ମୃତ୍ୟୁକୁ ଆମେ ଅଟକାଇ ପାରିବା ନାହିଁ ମାତ୍ର କାହାର ଜୀବନ ବଞ୍ଚାଇବା ଆମ ହାତରେ ରହିଛି। ଲୋକଙ୍କ ମଧ୍ୟରେ ଅଙ୍ଗ ଦାନ ନେଇ ସଚେତନତା ସୃଷ୍ଟି ଲାଗି ଏହି ଦିବସ ପାଳନ କରାଯାଇଥାଏ। ଜୀବିତ ବ୍ୟକ୍ତି କିଡନୀ, ଲିଭର, ଲି ଫୁସଫୁସ, ପାନକ୍ରିୟାଜ, ଇଣ୍ଟେନଷ୍ଟାଇନ, ରକ୍ତ ଦାନ କରି ଅନ୍ୟଙ୍କର ଜୀବନ ବଞ୍ଚାଇପାରିବେ। ଆଇନ ଅନୁଯାୟୀ , ମୃତ ବ୍ୟକ୍ତିଙ୍କ ଅଙ୍ଗଦାନ ତାଙ୍କ ପରିବାର ଲୋକଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ । ହୃତଘାତରେ ମୃତ୍ୟୁ ହେଉଥିବା ବ୍ୟକ୍ତିଙ୍କର କର୍ନିଆ, ହାଡ, ଚର୍ମ ଓ ରକ୍ତବାହୀ ନଳୀ ଦାନ କରାଯାଇ ପାରିବ । ହେଲେ ବ୍ରେନ ଡେଥ୍ ହେଲେ ୩୭ଟି ଅଙ୍ଗ ଦାନ କରାଯାଇ ପାରିବ। ଯେଉଁଥିରେ କିଡନୀ, ହୃତପିଣ୍ଡ, ଲିଭର ଓ ଫୁସଫୁସ ଭଳି ଗୁରୁତ୍ୱପୂର୍ଣ୍ଣ। ୧୮ ଶହ ଶତାବ୍ଦୀରେ ପ୍ରଥମ ଥର ପରୀକ୍ଷାମୂଳକ ଭାବେ ଗବେଷକ ର ପ୍ରାଣୀ ଓ ମଣିଷଙ୍କ ଠାରେ ଟ୍ରା ଅଙ୍ଗ ପ୍ରତିରୋପଣ କରିଥିଲେ । ଏହି ପରୀକ୍ଷଣ ଦୀର୍ଘ ବର୍ଷ ଧରି ବିଫଳ ହେଉଥିଲା, କିନ୍ତୁ ବିଂଶ ଶତାବ୍ଦୀର ମଧ୍ୟ ଭାଗ ବେଳକୁ ବୈଜ୍ଞାନିକନିମାନେ ସଫଳତା ପୂର୍ବକ ଅଙ୍ଗ ପ୍ରତିରୋପଣ କରିବାରେ ସଫଳ ହୋଇଥିଲେ । ଚିକିତ୍ସା ପଦ୍ଧତିରେ କିଡନୀ, ଲିଭର, ହୃତପିଣ୍ଡ, ପାନକ୍ରିୟାଜ, ଇନଷ୍ଟେଷ୍ଟାଇନ, ଫୁସଫୁସ ପ୍ରତିରେପଣ ସଫଳ ହୋଇଥିଲା ।

୧୯୫୪ ମସିହାରେ ବୈଜ୍ଞାନିକ ଡ. ନି ଜୋଶେଫ ଇ.ମୁରେୟଙ୍କ ଦ୍ୱାରା କିଡନୀ ପ୍ରତିରୋପଣ ସଫଳ ହୋଇଥିଲା। ହ୍ରାସ ଘଟିଛିଟି। ଛି ଯାହା କିଡନୀ ପ୍ରତିରୋ ତି ପଣ ଦ୍ୱା ରା ପରିଚାଳିତ । ସମସ୍ତ ଅଙ୍ଗ ପ୍ରତିରୋ ତି ପଣର ମୋଟ ପରିମାଣ ନେଦରଲ୍ୟାଣ୍ଡରେ

ମାନବ ଶରୀରର ଯକୃତ, କିଡନୀ, ଅଗ୍ନାଶୟ, ହୃଦୟ, ଫୁସଫୁସ, ଅନ୍ତନଳୀ, କର୍ନିଆ, ଅସ୍ଥି ମଜ୍ଜା ଏବଂ ଭାସ୍କୁଲାରାଇଜଡ କମ୍ପୋଜିଟ ଆଲୋଗ୍ରାଫ୍ଟ ଯଥା ଚର୍ମ, ଗର୍ଭାଶୟ, ହାଡ, ମାଂସପେଶୀ, ସ୍ନାୟୁ ଏବଂ ସଂଯୋଜକ ଟିସୁ ଆଦି ଦାନ କରାଯାଇ ପାରିବ। ତେବେ କିଛି ଲୋକ ସେମାନଙ୍କର ଅଙ୍ଗ ଦାନ କରିପାରିବେ ନାହିଁ, ଯେଉଁମାନେ କେତେକ ରୋଗରେ ଆକ୍ରାନ୍ତ, ଯେପରିକି କର୍କଟ, ଏଚ.ଆଇ.ଭି, ସଂକ୍ରମଣ, ତଥା କେତେକ ଔଷଧ ସେବନ କରୁଥିବା ବ୍ୟକ୍ତିମାନେ ସେମାନଙ୍କର ଅଙ୍ଗ ଦାନ କରିପାରିବେ ନାହିଁ । ତଥାପି, ଦାତା ଭାବରେ ପଞ୍ଜୀକରଣ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ, କାରଣ ମୃତ୍ୟୁ ସମୟରେ ଅଙ୍ଗ ପ୍ରତିରୋପଣ ପାଇଁ ଉପଯୁକ୍ତ କି ନୁହେଁ ତାହା ପରେ ବିସ୍ତୃତ ଭାବେ ମୂଲ୍ୟାଙ୍କନ କରାଯାଇ ଥାଏ । ଏହି ଦିବସ ପାଳନ ଅବସରରେ ବିଶ୍ୱବ୍ୟାପୀବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।




## ସୁହାନାଙ୍କ ଉଦାରତାକୁ ପ୍ରଶଂସା

ମୁମ୍ବାଇ



ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହରୁଖ ଖାନ୍‌ଙ୍କ ଝିଅ ସୁହାନା ଖାନ୍ ଫିଲ୍ମ ଡେବ୍ୟୁ ପୂର୍ବରୁ ଅନେକ ସମୟରେ ଚର୍ଚ୍ଚାକୁ ଆସିଛନ୍ତି। ନିକଟରେ ସୁହାନା ତାଙ୍କ କାମ ପାଇଁ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଏକ ରେଷ୍ଟୁରାଣ୍ଟ ବାହାରେ ଜଣେ ଗରିବ ମହିଳାଙ୍କୁ ସେ କିଛି ଟଙ୍କା ଦେଉଥିବା ନଜରକୁ ଆସିଛନ୍ତି, ଯାହାର ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ପ୍ରକୃତରେ ସୁହାନା ମା' ଗୌରୀ ଖାନ୍‌ଙ୍କ ସହ ଏକ ରେଷ୍ଟୁରାଣ୍ଟକୁ ରାତ୍ରିଭୋଜନ ପାଇଁ ଯାଇଥିଲେ। ସେ ସେଠାରୁ ବାହାରକୁ ଆସିବାବେଳେ ଜଣେ ମହିଳା ସୁହାନାଙ୍କ ନିକଟକୁ ଆସି ତାଙ୍କ ପିଲା ଭୋକିଲା ଅଛି କହି କିଛି ସାହାଯ୍ୟ ମାଗିଥିଲେ। ଏହାପରେ ସୁହାନା ତାଙ୍କ ପର୍ସରୁ କିଛି ଟଙ୍କା କାଢି ମହିଳା ଜଣଙ୍କୁ ଧରାଇଦେଇଥିଲେ, ଯେଉଁଥିପାଇଁ ମହିଳା ଜଣଙ୍କ ବେଶ୍ ଖୁସି ହୋଇଯାଇଥିଲେ। ସୁହାନାଙ୍କ ଏପରି କାର୍ଯ୍ୟକୁ ଲୋକେ ବହୁତ ପ୍ରଶଂସା କରିଛନ୍ତି। ତେବେ ସୁହାନା ଜୋୟା ଅଖତରଙ୍କ ଫିଲ୍ମ 'ଦି ଆର୍ଚିଜ୍'ରେ ବଲିଉଡ୍ ଡେବ୍ୟୁ କରିବାକୁ ଯାଉଛନ୍ତି। ତାଙ୍କ ସହିତ ସିନେମାରେ ମିହିର ଆହୁଜା, ଖୁସି କପୁର, ଅଗସ୍ତ୍ୟା ନନ୍ଦ ଏବଂ ଆଦିତି ପ୍ରମୁଖ ନଜରକୁ ଆସିବେ। ଏହା ପୂର୍ବରୁ ସୁହାନା କସ୍‌ମେଟିକ୍ ବ୍ରାଣ୍ଡ 'ମେବଲିନ୍ୟୁୟର୍କ'ର ବ୍ରାଣ୍ଡ ଆମ୍ବାସାଡର ହୋଇ ଲୋକଙ୍କ ପ୍ରିୟ ହୋଇସାରିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
For Booking Contact 0674-2580385, 8637280816, 7894447167, 9338296625

SOCIAL SERVICE for JOB ASPIRANTS
Through Pre-Recruitment Training
GOVT. , PUBLIC & PRIVATE SECTORS
OUR ASSISTENCE, TILL APPOINTMENT,
NO TRAINING FEE
For Details, Contact
MAJOR DEFENCE ACADEMY
Dhauli Chhak, Bhubaneswar
Id : majorcdr@rediffmail.com
rautcdr@gmail.com
9938238840, 9938650175


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସର୍ବପ୍ରଥମ ପାଣିତଳ ହୋଟେଲ

ମେଲ



ସମୟ ଆଗକୁ ବଢୁଥିବାବେଳେ ବେଳକୁ ବେଳ ପରିବେଶରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ସହରରେ ଅନେକ ଆରାମଦାୟକ ହୋଟେଲମାନ ଖୋଲୁଛି। ତେବେ ସର୍ବପ୍ରଥମ ପାଣିତଳ ହୋଟେଲ ବାବଦରେ ମହିନ୍ଦ୍ରା ଗ୍ରୁପ୍‌ର ଚେୟାରମ୍ୟାନ୍ ଆନନ୍ଦ ମହିନ୍ଦ୍ରା ଏହି ହୋଟେଲର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହି ହୋଟେଲକୁ ଅନେକ ନାମୀଦାମୀ ଅଭିନେତ୍ରୀ,ଅଭିନେତା ଆସି ସମୟ ବିତାଉଛନ୍ତି। ଏହାର ଭଡ଼ା ଏତେ ଅଧିକ ଯେ, ଯାହା ଶୁଣି ଆଶ୍ଚର୍ଯ୍ୟ ଲାଗିବ। ନିକଟରେ ଆନନ୍ଦ ମହିନ୍ଦ୍ରାଙ୍କୁ କେହି ଜଣେ ଏହି ହୋଟେଲରେ ରହିବାକୁ ପ୍ରସ୍ତାବ ଦେଇଥିଲେ। ହେଲେ ସେ ହୋଟେଲର ଫଟୋ ଦେଖି ଡରିଯାଇଥିବା କହିଛନ୍ତି। ଭିଡିଓ ଶେୟାର କରି ସେ କ୍ୟାପ୍ସନରେ ଲେଖିଛନ୍ତି, ଅନେକଙ୍କ ମତରେ ଏହା ସବୁଠୁ ଭଲ ଆରାମଦାୟକ ହୋଇଥିଲେ ମଧ୍ୟ ଏତେ ବଡ଼ ବଡ଼ ସାମୁଦ୍ରିକ ଜୀବଙ୍କ ଗହଣରେ ତାଙ୍କର ଆଖିର ପଲକ ପଡ଼ିବା ସମ୍ଭବ ନୁହେଁ। ସେ ଏହା ମଧ୍ୟରେ ନ ଶୋଇ ସମସ୍ତ ସମୟ ଚାହିଁ ରହିବେ। ରିପୋର୍ଟ ମୁତାବକ, ୨୦୧୮ରେ ମାଳଦ୍ୱୀପରେ ପ୍ରଥମ ପାଣିତଳ ହୋଟେଲ 'ଦି ମୁରାକା' ଖୋଲିଥିଲା। ସମୁଦ୍ର ପତ୍ତନଠାରୁ ପ୍ରାୟ ୧୬ ଫୁଟ ତଳେ ଏହି ହୋଟେଲ ରହିଛି। ଏହାକୁ ୧୫ ବିଲିୟନ୍ ଡଲାରରେ ତିଆରି କରାଯାଇଥିଲା। ଏଠାରେ ଗୋଟିଏ ରାତି ରହିବାକୁ ଅନୁମତି ନାହିଁ। ଯିଏ ବି ଏଠାରେ ରହିବ ତାଙ୍କୁ ହୋଟେଲର ପୂରା ପ୍ୟାକେଜ୍ ନେବାକୁ ପଡ଼ିବ। ସେହି ପ୍ୟାକେଜ୍‌ର ମୂଲ୍ୟ ୨ ଲକ୍ଷ ଡଲାର ଅର୍ଥାତ୍ ୧.୫ କୋଟି ଟଙ୍କା। ଏହି ହିସାବରେ ଗୋଟିଏ ରାତିର ମୂଲ୍ୟ ୩୭ ଲକ୍ଷ। ଏହି ହୋଟେଲରେ ୧୮୦ ଡିଗ୍ରୀର ସାମୁଦ୍ରିକ ଜୀବଙ୍କ ଦୃଶ୍ୟ ଦେଖିବାକୁ ମିଳିବ। ହୋଟେଲରେ ୨ଟି ବେଡ୍ ରୁମ୍, ଗୋଟିଏ ଜିମ୍ ଏବଂ ଗୋଟେ ବାଥ୍‌ରୁମ୍ ରହିଛି। ଏଥିସହ ବାର୍, ରୋଷେଇ ଘର ମଧ୍ୟ ରହିଛି।

## ବାମହାତୀ ବ୍ୟକ୍ତି ଅଧିକ ସଫଳ

### ଅନ୍ତର୍ଜାତୀୟ ବାମହାତୀ ଦିବସ



ଅଧିକାଂଶ ଲୋକ ଡାହାଣ ହାତରେ ସବୁ କାର୍ଯ୍ୟ କରୁଥିବା ବେଳେ କିଛି ଲୋକ ବାମହାତରେ ମଧ୍ୟ ସେଇ ସମାନ କାର୍ଯ୍ୟ କରିଥା'ନ୍ତି। ସେମାନଙ୍କୁ ଲେଫ୍ଟି (ବାମହାତୀ )ବୋଲି କୁହାଯାଇଥାଏ। ପୃଥିବୀରେ ବାମହାତୀ ଲୋକଙ୍କ ସଂଖ୍ୟା ୭ରୁ ୧୦% । ଏଭଳି ବ୍ୟକ୍ତିଙ୍କ ସମ୍ମାନାର୍ଥେ ୧୩ ଅଗଷ୍ଟକୁ ଅନ୍ତର୍ଜାତୀୟ ବାମହାତୀ ଦିବସ ଭାବେ ପାଳନ କରାଯାଇଥାଏ।

ପୃଥିବୀରେ ପାଖାପାଖି ୭୦ କୋଟି ୮୦ଲକ୍ଷରୁ ଅଧିକ ବାମହାତୀ ଅଛନ୍ତି । ମହିଳା ବାମହାତୀଙ୍କ ଅପେକ୍ଷା ପୁରୁଷ ବାମହାତୀଙ୍କ ସଂଖ୍ୟା ଅଧିକ। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କ ଦକ୍ଷତା ପୃଥିବୀକୁ ପ୍ରଭାବିତ କରିପାରିଛି। ଆରିଷ୍ଟଟଲଙ୍କଠାରୁ ଆରମ୍ଭ କରି ଲିଓନାର୍ଡୋ ଦା ଭିନ୍ସି, ନେପୋଲିଅନ ବୋନାପାର୍ଟ ଏବଂ ଓବାମାଙ୍କ ଭଳି ଅନେକ ପ୍ରଭାବଶାଳୀ ବାମହାତୀ ବ୍ୟକ୍ତି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି । ସେହିଭଳି କେତେକ ସଫଳ ବାମହାତୀ ବ୍ୟକ୍ତିଙ୍କ ସମ୍ପର୍କରେ... ମହାତ୍ମା ଗାନ୍ଧୀ, ଆଇନଷ୍ଟାଇନ, ନରେନ୍ଦ୍ର ମୋଦି, ନବୀନ ପଟ୍ଟନାୟକ, ଅମିତାଭ ବଚ୍ଚନ, ରଜନୀକାନ୍ତ, ସଚିନ ତେନ୍ଦୁଲକର, ସିକ୍ସର କିଙ୍ଗ ଯୁବରାଜ ସିଂ, ସୌରଭ ଗାଙ୍ଗୁଲି, ଶିଖର ଧାୱନ, ଓପ୍ରା ୱିନ୍‌ଫ୍ରେ, ରତନ ଟାଟା, ବାରାକ୍ ଓବାମା, ମାର୍କ ଜୁକରବର୍ଗ, ବିଲ୍ କ୍ଲିଣ୍ଟନ, ବିଲ୍ ଗେଟ୍‌ସ,ଆଞ୍ଜେଲିନା ଜୋଲି ପ୍ରମୁଖ ।


# Classified Everyday
0674-2580101, 2549949


MATRIMONIAL

BRIDE WANTED

Retired Govt. ଚାକିରିଆ ବିଧବା ନିଃସନ୍ତାନ 60 ବୟସ୍କା ପୁଅଙ୍କୁ ଯେକୌଣସି ଜାତିର ଝିଅ ଦରକାର। 6371298869. D-1047


REAL ESTATE

SALE

BDA Approved 3BHK Duplex/ Villa At Patia-Raghunathpur, Land Area-1172 Sft.Built-up 1700 Sft @99 lakhs. Contact Direct Owner -9438419823, 9337086655 D-73396

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

ଭୁବନେଶ୍ୱର ହଂସପାଳ ଛକରୁ 8K.M. ଦୂରତାରେ ଭିଙ୍ଗାରପୁର ପାଖରେ ଘରବାରି ବାଉଣ୍ଡାରୀ ପ୍ଲଟ୍ ମିଳୁଛି। 8093465134, 9668194157. D-75201

ଭୁବନେଶ୍ୱର-ଖୋର୍ଦ୍ଧା। ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

Ready to Move 3BHK Apartment/ Flat at Sahid Nagar, Bhubaneswar. 6370281072. D-1042

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

3BHK Apartment Rasulgarh-89,00,000/-, 3BHK Duplex near Tankapani-79,00,000/-, 4BHK Duplex Balianta- 89,00,000/-, 3BHK Duplex near Nandankanan-89,00,000/-, Gangapada 11Acre, Pitapalli 2Acre. Residential Land Patia-2890, Tankapani-2650, Patrapada- 2200, Tamando-1500, Hanspal-2500, Mancheswar-1650, Pitapalli- 1650, Balianta-1200, Baranga-1200, Sundarpada-900, Jaanla-900,DPSback-900. 8984071303, 8249630501. D-1040

**Flat for sale 3BHK Deluxe with parking, price 1.5 cr, Near Kalinga Hospital, Bhubaneswar, New Jivan Bima Nagar. Contact: 9337469627, 6371761144.** D-74560

New cancer hospital ନାଇଜର, ଜଟଣୀରେ ବର୍ଗଫୁଟ ୩୫୦/- ଜାଗା ବିକ୍ରି ହେଉଛି। 9938086025. D-75142

BDA TP SC Plot 7500Sqft Shyamsundarpur, General Plot 3000Sqft at Chakeisihani, Patia, Satyavihar, Rokata. 7008711445, 6372801963. D-1039

୩୨୬୭ ସ୍କୋୟାରଫୁଟର ସ୍ଥିତିବାନ୍ ପ୍ଲଟ୍ @ ଟ୪୪୫୦/-ଙ୍କାରେ ଭୁବନେଶ୍ୱର ଜୟଦୁର୍ଗା ନଗରରେ ତୁରନ୍ତ ବିକ୍ରୟ କରାଯିବ। 9853376326. D-0998

**Residential cum commercial plot 6KM. from Phulnakhara, from Bhubaneswar 11KM. 3500sqft. 7809525452.** D-75022

Ready to move 2BHK and 3BHK flat for sale near to TATA Ariana and Sum Hospital at Kalinga Vihar. Contact: 9437309741. D-0993




Newly opened (one 8 SPA) / (Salon Service) with expert therapist. 9938843929. D-75143

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74562

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75023

Spa Kerala body Massage only best Therapist @699/- Bhubaneswar. 9337672475. D-1033

Newly open SPA positively health benefits with expert therapist. 7849011931. D-75141

All types of professional body massage by professional therapy, contact 7077933109/ 9556924059/ 8658803018. D-1000

Newly healthcare benefited SPA experience therapist Bhubaneswar. Please visit this SPA. 7749034655. D-75139

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

LOST

All Property Documents Missing: (Original Sale Deed No.- 222/1033, 82/2049, 863/3416, 863/3415, 442/3053, 384/1666, 480/3094). Also misplaced Two LIC Policy Bonds No.- 572336706, 571695081, Pan Card No.- AKTPM3205E, SBI Passbook Account No.- 10134527316. If found kindly contact B.Mira at 7978519022. D-1050

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



⁴ମଞ୍ଜୁଲତା ବେହେରା
ସ୍ୱାମୀ: ଗୌରାଙ୍ଗ ଚରଣ ବେହେରା
ସାଇଗୋଡା, ମନୋହରପୁର, ସାଲେପୁର, କଟକ
ଆବିର୍ଭାବ: ତା୨୧।୦୨।୧୯୭୩ରିଖ
ତିରୋଧାନ: ତା୧୩।୦୮।୨୦୨୨ରିଖ
ଚାହୁଁ ଚାହୁଁ ଏକବର୍ଷ ବିତିଗଲା । ଏବେବି ତୁମ କଥା ସବୁ ସମୟରେ ମନେପଡ଼େ। ତୁମ ସ୍ଥାନ ଅପୂରଣୀୟ। ତୁମ ସ୍ନେହ, ଆଦର୍ଶ, ଦିଗ୍‌ଦର୍ଶନ, କର୍ତ୍ତବ୍ୟନିଷ୍ଠା ଓ ଭଲପାଇବା ସଦାସର୍ବଦା ମନେରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ: ସ୍ୱାମୀ, ପୁଅ: ନୀହାର, ଟିଣ୍ଟୁ, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ଝିଆରୀ, ଦେଢ଼ଶୁର, ଦିଅର, ଭାଇ, ଭାଉଜ, ବାପା, ମାଆ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୧୦୩୧


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧– ପୃଥିବୀର ଦ୍ୱିତୀୟ ବୃହତ୍ ରେନ୍‌ଫରେଷ୍ଟ (ବୃଷ୍ଟିଜଙ୍ଗଲ) ....... ?
୨– ଦିବ୍ୟ କଳା ମେଳା ............ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ କରାଯାଇଛି ?
୩– ଡୁରାଣ୍ଡ କପ୍ ........... କ୍ରୀଡ଼ାରେ ଦିଆଯାଏ ?
୪– ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ହେଡ୍‌କ୍ୱାର୍ଟର .......... ଠାରେ ଅବସ୍ଥିତ ?
୫– ଇରାକ୍‌ର ମୁଦ୍ରାକୁ ............. କୁହାଯାଏ ?

## ଗତ ଥରର ଉତ୍ତର

୧ ବ୍ୟୁରୋ ଅଫ୍ ସିଭିଲ୍ ଆଭିଏସନ୍ ସିକ୍ୟୁରିଟି
୨ ଫେବୃୟାରୀ ୧୩
୩ ରୋମ
୪ ଭିନେସ୍ ଫୋଗଟ୍
୫ ୨୫ଟି

## ଉତ୍ତରଦାତା


ସମୀର ରଞ୍ଜନ ମିଶ୍ର, ଝାରସୁଗଡ଼ା


ଶେଖ୍ ୟାକୁବ୍, ଗୋପ


ସୁନୀଲ କୁମାର ରାଓ, ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ ମୋବାଇଲ୍ ବ୍ରାଣ୍ଡ– ୨୦୨୩



୧.......... ଆପଲ୍
୨.......... ଏଚ୍‌ପି
୩.......... ଲେନୋଭୋ
୪.......... ଡେଲ୍
୫.......... ଆସର୍
୬.......... ଆସସ୍
୭.......... ଏମ୍‌ଏସ୍‌ଆଇ
୮.......... ମାଇକ୍ରୋସଫ୍ଟ ସର୍‌ଫେସ୍
୯.......... ରେଜର୍
୧୦.......... ସାମ୍‌ସଙ୍ଗ୍

### ଯୁବ ପ୍ରତିଭା

# ପରିଚୟ ଦେଉଛି ବାଲୁକା କଳା

ପଢ଼ାବେଳେ ଛୁଟିଦିନମାନଙ୍କରେ ପୁରୀ ବେଳାଭୂମିରେ ସେ ସମୟ କାଟୁଥିଲେ। ସାଙ୍ଗସାଥୀଙ୍କ ସହ ମିଶି ସମୁଦ୍ର ପାଣିରେ ଗାଧୋଇବା ଓ ବାଲିରେ ଘର ତୋଳିବା ତାଙ୍କୁ ଆନନ୍ଦ ଦେଉଥିଲା। ହେଲେ କୌଣସି ବାଲୁକା ଶିଳ୍ପୀଙ୍କ ଦ୍ୱାରା ବେଳାଭୂମିରେ ନିର୍ମିତ ବାଲୁକା କଳା ଥିଲା ତାଙ୍କ ପାଇଁ ମୁଖ୍ୟ ଆକର୍ଷଣ। ଯାହାକୁ ଦେଖି ସେ ନା କେବଳ ବିମୋହିତ ହେଉଥିଲେ ବରଂ ନିଜେ ମଧ୍ୟ ସେହିପରି ବାଲୁକା କଳା ନିର୍ମାଣ କରିବା ପାଇଁ ସ୍ୱପ୍ନ ଦେଖୁଥିଲେ। ଯୁକ୍ତ ୨ ପଢ଼ା ଶେଷ ହେବା ପରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସଂସ୍ପର୍ଶରେ ଆସିଥିଲେ। ସେହିଠାରୁ ତାଙ୍କର ବାଲୁକା କଳା ଶିଖିବା ଆରମ୍ଭ ହୋଇଥିଲା। ଆଉ ବର୍ତ୍ତମାନ ନିଜ ଉଦ୍ୟମ ବଳରେ ଜଣେ ଜାତୀୟସ୍ତରୀୟ ବାଲୁକା ଶିଳ୍ପୀ ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ହେଉଛନ୍ତି ପୁରୀରେ ଥିବା ମେଡିକାଲ୍ ସ୍କୋୟାର୍ ନିକଟସ୍ଥ ତଳମାଳି ସାହିରେ ରହୁଥିବା ମିତାଲି ଏବଂ ଲୋକନାଥ ମହାନ୍ତିଙ୍କ ପୁଅ ଚିତ୍ତ ରଞ୍ଜନ। ସେ କୁହନ୍ତି, ''ବାଲୁକା କଳା ପ୍ରତି ପିଲାବେଳୁ ଦୁର୍ବଳତା ରହିଥିଲା। ୨୦୦୯ରେ ଯେବେ ପ୍ରଥମ ଥର ପାଇଁ ବାଲୁକା କଳା ନିର୍ମାଣ ଆରମ୍ଭ କରିଥିଲି, ତାହା ଏକ ସୁଖଦ ଅନୁଭୂତି ଥିଲା। ପର୍ଯ୍ୟଟକମାନେ ଯେତେବେଳେ ମୋ ବାଲୁକା କଳାର ପ୍ରଶଂସା କରୁଥିଲେ, ଯେଉଁ ଆନନ୍ଦ ମିଳୁଥିଲା ତାହା ଅବର୍ଣ୍ଣନୀୟ।'' ଦୀର୍ଘ ୧୫ ବର୍ଷ ହେବ


ଚିତ୍ତ ରଞ୍ଜନ

କେବଳ ପୁରୀ କିମ୍ବା ଓଡ଼ିଶାର ବିଭିନ୍ନ ସ୍ଥାନରେ ନୁହେଁ ବରଂ ମୁମ୍ବାଇ, ଦିଲ୍ଲୀ, ନାଗାଲାଣ୍ଡ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ରାଜସ୍ଥାନ ଆଦି ରାଜ୍ୟରେ ବାଲୁକା କଳା ନିର୍ମାଣ କରି ସେ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି। ଇଣ୍ଟରନ୍ୟାଶନାଲ ସି ବିଚ୍ ଫେଷ୍ଟିଭାଲ୍ ୨୦୧୫, ରଥଯାତ୍ରା ସ୍ୟାଣ୍ଡ ଆର୍ଟ ଫେଷ୍ଟିଭାଲ–୨୦୧୮, ଇଣ୍ଟରନ୍ୟାଶନାଲ ହ୍ୟୁମାନ୍ ରାଇଟ୍ସ ଡେ' ଫେଷ୍ଟିଭାଲ୍ ୨୦୨୨, କୋଣାର୍କ ସ୍ୟାଣ୍ଡ ଆର୍ଟ ଫେଷ୍ଟିଭାଲ, ଇଣ୍ଟରନ୍ୟାଶନାଲ ନର୍ସିଂ ଡେ' ୨୦୨୩ ଆଦିରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଭବିଷ୍ୟତରେ ନିଜ ଗୁରୁ ମାନସ ସାହୁଙ୍କ ପରି ଏକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ହେବାର ଲକ୍ଷ୍ୟ ରଖିଥିବା ଚିତ୍ତରଞ୍ଜନ ଟେରାକୋଟା ଭଳି ଅନ୍ୟାନ୍ୟ ହସ୍ତକଳାରେ ମଧ୍ୟ ବେଶ୍ ନିପୁଣ।

– ଅଜିତ ମହାନ୍ତି




# ମନ ବଦଳାଏ ରଙ୍ଗ



**ନିଜ ଆଉଟ୍‌ଫିଟ୍ ସିଲେକ୍ସନକୁ ନେଇ ଯୁବପିଢ଼ିଙ୍କ ପସନ୍ଦ ଭିନ୍ନ ଭିନ୍ନ। ଅବସର ଅନୁଯାୟୀ କେବଳ ଡିଜାଇନ୍ ନୁହେଁ, କିଭଳି ରଙ୍ଗର ଡ୍ରେସ୍ ପିନ୍ଧିଲେ ପ୍ରେଜେଣ୍ଟେବଲ୍ ଲୁକ୍ ମିଳିବା ସହ ପର୍ସନାଲିଟି ଅଧିକ ଆକର୍ଷଣୀୟ ଲାଗିବ, ସେଥିପ୍ରତି ସେମାନେ ଭାରି ସଜାଗ। କାରଣ ରଙ୍ଗ କେବଳ ସେମାନଙ୍କ ଲୁକ୍ ନୁହେଁ, ମୁଡ୍‌କୁ ମଧ୍ୟ ପ୍ରଭାବିତ କରିଥାଏ...**

ରଙ୍ଗର ଅନେକ ପ୍ରଭାବ ରହିଛି। ଯେଉଁଥିପାଇଁ ପ୍ରତ୍ୟେକ ଦେଶର ଜାତୀୟ ପତାକାରେ ବି ଭିନ୍ନ ଭିନ୍ନ ରଙ୍ଗକୁ କେତେକ ପ୍ରତୀକ ଭାବେ ବ୍ୟବହାର କରାଯାଇଥାଏ। କେତେକ ପେସାରେ ମଧ୍ୟ ନିର୍ଦ୍ଦିଷ୍ଟ ରଙ୍ଗର ଡ୍ରେସ୍‌କୋଡ୍ ବ୍ୟବହାର କରାଯାଏ। ସେହିପରି ପରମ୍ପରାକୁ ନେଇ ବିଭିନ୍ନ ରଙ୍ଗର ମହତ୍ତ୍ୱ ରହିଛି। ତେଣୁ ପୂଜାପର୍ବ, ବିବାହ, ବ୍ରତଠୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ଅଲଗା ଅଲଗା ରଙ୍ଗକୁ ଗୁରୁତ୍ୱ ଦିଆଯାଇଥାଏ। କାରଣ ପୋଷାକ ରଙ୍ଗର ମଧ୍ୟ ମୁଡ୍ ଉପରେ ବିଶେଷ ପ୍ରଭାବ ପଡ଼ିଥାଏ। ଆଉଟ୍‌ଫିଟ୍‌ର ରଙ୍ଗ ଭଲ ହୋଇଥିଲେ ଏହା ପର୍ସନାଲିଟିକୁ ଆହୁରି ଆକର୍ଷଣୀୟ କରିଥାଏ ଏବଂ ମନରେ ଏକ ସକାରାତ୍ମକ ଭାବନା ସୃଷ୍ଟି କରିଥାଏ। ତେବେ ଜାଣିବା କେଉଁ ରଙ୍ଗର ପୋଷାକ ମନ ଉପରେ କ'ଣ ପ୍ରଭାବ ପକାଇଥାଏ...

**ହ୍ୱାଇଟ୍:** ଧଳା ରଙ୍ଗ ଏକ ପରିଷ୍କାର, ଶାନ୍ତ ଏବଂ ସରଳ ମାନସିକତା ସୃଷ୍ଟି କରିଥାଏ। ଏହି ରଙ୍ଗର ପୋଷାକ ଶରୀରକୁ ଶୀତଳତା ପ୍ରଦାନ କରିବା ସହ ପ୍ରତ୍ୟେକ ସ୍କିନ୍‌ଟୋନ୍‌କୁ ଭଲ ଲାଗିଥାଏ। ତା'ଛଡ଼ା ଯେକୌଣସି କଲର ସହ ଏହି ଆଉଟ୍‌ଫିଟ୍‌କୁ ମିକ୍ସ ମ୍ୟାଚ୍ କରି ହେଉଥିବାରୁ ଏହାକୁ ପିନ୍ଧିଲେ ସ୍ମାର୍ଟ ତଥା ପ୍ରେଜେଣ୍ଟେବଲ୍ ଲାଗିଥାଏ। ଏହା ମଧ୍ୟ କଳାତ୍ମକ ଭାବନା ସୃଷ୍ଟି କରିଥାଏ ଏବଂ ପ୍ରତ୍ୟେକ କାର୍ଯ୍ୟକୁ ନିଜର ଭାବେ କରିବାର ସାହସ ଯୋଗାଇଥାଏ।





**ରେଡ୍:** ଲାଲ୍ ରଙ୍ଗ ସବୁବେଳେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ତେଣୁ ଏହି ରଙ୍ଗର ପୋଷାକ ପିନ୍ଧିବା ଦ୍ୱାରା ଆତ୍ମବିଶ୍ୱାସ ବଢ଼ିଥାଏ। ତା'ଛଡା ଏହା ଏକ ପାରମ୍ପରିକ ରଙ୍ଗ ହୋଇଥିବାରୁ ବିବାହ ବେଳେ ବୋହୂକୁ ମଧ୍ୟ ଏହି ରଙ୍ଗର ପୋଷାକ ପିନ୍ଧିବାକୁ ଦିଆଯାଏ। ତେଣୁ କୌଣସି ବିଶେଷ ଅବସରରେ ନିଜକୁ ହାଇଲାଇଟ୍ କରିବା ଲାଗି ଏହି କଲର ଡ୍ରେସ୍ ବେଷ୍ଟ ଅପ୍ସନ। ଏହା କନ୍‌ଫିଡେନ୍ସ ଲେଭଲକୁ ବଢ଼ାଇଥାଏ।

**ବ୍ଲୁ:** ମନକୁ ଶାନ୍ତ ଏବଂ ସ୍ଥିର ରଖିବାରେ ଏହି ରଙ୍ଗର ପୋଷାକ ମଧ୍ୟ କାମରେ ଆସିଥାଏ। ଏକ ସଫା ବ୍ଲୁ ରଙ୍ଗ ପୋଷାକ ପିନ୍ଧିବା ଦ୍ୱାରା ମନ ଚିନ୍ତାମୁକ୍ତ ଲାଗିବା ସହ ଅଧିକ ରଚନାତ୍ମକ ଭାବନା ବୃଦ୍ଧି ପାଇଥାଏ।

**ଅରେଞ୍ଜ:** ଏହି ରଙ୍ଗର ପୋଷାକ ପିନ୍ଧିବା ଦ୍ୱାରା ମୁଡ୍ ପଜିଟିଭ୍ ଏବଂ ଏନ୍‌ର୍ଜେଟିକ ରହିଥାଏ। ହେଲେ ଏହି ରଙ୍ଗସବୁ ସ୍କିନ୍ ଟୋନ୍‌କୁ ମ୍ୟାଚ୍ କରି ନ ଥାଏ। ତେଣୁ ଅରେଞ୍ଜ ଆଉଟ୍‌ଫିଟ୍ ବାଛିବା ବେଳେ ନିଜ ସ୍କିନ୍ ଟୋନ୍ ପ୍ରତି ଧ୍ୟାନ ଦିଅନ୍ତୁ। ତା'ଛଡ଼ା ଲାଲ୍ ଭଳି ଏହି ରଙ୍ଗ ମଧ୍ୟ ଦୃଷ୍ଟି ଆକର୍ଷଣ କରୁଥିବାରୁ ଏହା ଆପଣଙ୍କ ସ୍କିନ୍‌ଟୋନ୍ ପାଇଁ ପର୍‌ଫେକ୍ଟ କି ନୁହେଁ ଦେଖି ନିଅନ୍ତୁ। ନହେଲେ ପରବର୍ତ୍ତୀ ସମୟରେ ଏହାକୁ ପିନ୍ଧିବା ବେଳେ କାହାର ନେଗେଟିଭ୍ କମେଣ୍ଟ ଆପଣଙ୍କ ମୁଡ୍ ଖରାପ କରିପାରେ।



**ୟେଲୋ:** ପ୍ରାୟତଃ ପୂଜା, ପର୍ବ ଆଦିରେ ହଳଦିଆ ରଙ୍ଗର ପୋଷାକକୁ ବ୍ୟବହାର କରାଯାଏ। କାରଣ ଏହି ରଙ୍ଗର ପୋଷାକ ପିନ୍ଧିଲେ ମନରେ ଏକ ସକାରାତ୍ମକ ଉର୍ଜା ଜାଗ୍ରତ ହୋଇଥାଏ। ତେଣୁ ବୋର୍, ମାନ୍ଦା ବା ଅଳସୁଆ ଲାଗୁଥିଲେ ୟେଲୋ କଲର ପୋଷାକ ପିନ୍ଧିବା ଦ୍ୱାରା ଏହା ମୁଡ୍ ଫ୍ରେଶ୍ କରିବାରେ ସାହାଯ୍ୟ କରେ। ଏମିତିକି ଏହି ରଙ୍ଗର ପୋଷାକ ପିନ୍ଧି ପରୀକ୍ଷା କିମ୍ବା ଇଣ୍ଟରଭ୍ୟୁକୁ ଗଲେ ଅବା କୌଣସି ସ୍ଥାନରେ ଉଦ୍‌ବୋଧନ ଦେବାରେ ଥିଲେ କନ୍‌ଫିଡେନ୍ସ ବଢ଼ିଥାଏ।

**ଗ୍ରୀନ୍:** ଏହି ରଙ୍ଗ ମଧ୍ୟ ମନକୁ ଆନନ୍ଦିତ କରିବା ସହ ଏକ ସକାରାତ୍ମକ ପ୍ରଭାବ ପକାଇଥାଏ। ଆଉଟ୍‌ଫିଟ୍ ସାଧାରଣତଃ ଏକ ନିଶ୍ଚଳ ଓ ସ୍ଥିର ମାନସିକତା ପ୍ରଦାନ କରିଥାଏ। ଏହାକୁ ପିନ୍ଧିବା ଦ୍ୱାରା କୌଣସି ପ୍ରକାର ଷ୍ଟ୍ରେସ୍ ଥିଲେ ତାହା ଦୂର ହୋଇ ରିଲାକ୍ସ ଲାଗିଥାଏ।



**ପର୍‌ପଲ୍:** ଏହି ରଙ୍ଗର ଆଉଟ୍‌ଫିଟ୍ ଏକ ବିଳାସପୂର୍ଣ୍ଣ ମନୋଭାବ ସୃଷ୍ଟି କରିଥାଏ। ତେଣୁ ପୁରାତନ ଯୁଗରେ ରାଜ ପରିବାରର ଲୋକେ ନିଜ ଧନ ଓ ବିଭବ ଦେଖାଇବା ପାଇଁ ଏହି ରଙ୍ଗର ପୋଷାକ ପରିଧାନ କରୁଥିଲେ। ତେଣୁ ନିଜକୁ ଅନ୍ୟଠୁ ୟୁନିକ୍ ଲୁକ୍ ଦେବାକୁ ଚାହୁଁଥିଲେ ଏହି ରଙ୍ଗ ବେଷ୍ଟ ଅପ୍ସନ। କୌଣସି ପ୍ରକାର ଦ୍ୱନ୍ଦ୍ୱରେ ଥିଲେ ଏହି ରଙ୍ଗର ଆଉଟଫିଟ୍ ପିନ୍ଧିବା ଦ୍ୱାରା ମନକୁ ସଠିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ। କେବଳ ଏତିକି ନୁହେଁ, ଏହି ରଙ୍ଗ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିଥାଏ।

**ପିଙ୍କ୍:** ପିଙ୍କ୍ ଅଧିକାଂଶ ଝିଅଙ୍କର ଫେଭରେଟ୍ କଲର। ଏହାକୁ ପିନ୍ଧିବା ଦ୍ୱାରା ମନ ଖୁସି ଏବଂ ଶାନ୍ତ ରହିଥାଏ। ତା' ଛଡା ମୁଡ୍‌କୁ ରୋମାଣ୍ଟିକ କରିବାରେ ବି ସାହାଯ୍ୟ କରିଥାଏ। କେବଳ ଏତିକି ନୁହେଁ, କନ୍‌ଫିଡେନ୍ସ ଲେଭଲ୍ ବଢ଼ାଇବାରେ ବି ଏହି ରଙ୍ଗ ବେଶ୍ କାମରେ ଆସିଥାଏ।

**ବ୍ଲାକ୍:** ଏହା ଏମିତି ଏକ ରଙ୍ଗ, ଯାହା ସମସ୍ତଙ୍କ ପର୍ସନାଲିଟିକୁ ସୁଟ୍ କରିଥାଏ। ଏହି ରଙ୍ଗର ଆଉଟ୍‌ଫିଟ୍ ବ୍ୟବହାର କରିବା ଦ୍ୱାରା ଦାୟିତ୍ୱବୋଧ, ଆତ୍ମବିଶ୍ୱାସ ଭଳି ମାନସିକତା ବୃଦ୍ଧି ପାଇଥାଏ।



### ଜାଣନ୍ତୁ ଦୁନିଆ

# ରହସ୍ୟମୟୀ ପୃଥିବୀ



**ପୃଥିବୀର କେତେକ ସ୍ଥାନରେ ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳେ, ଯାହାକୁ ବିଶ୍ୱାସ କରିବା କାହାପାଇଁ ସହଜ ନୁହେଁ। ଜାଣିବା ଏଭଳି କିଛି ରହସ୍ୟପୂର୍ଣ୍ଣ ଘଟଣା ସମ୍ପର୍କରେ...**

**ଆପେ ଆପେ ଚାଲେ ପଥର:** ସତରେ କ'ଣ ପଥରଟିଏ ଚାଲି ପାରିବ ଏକଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବା ସ୍ୱାଭାବିକ। ହେଲେ ଆପଣ ଜାଣନ୍ତି କି, କାଲିଫର୍ନିଆ ଏବଂ ନେଭାଡା ସୀମାରେଖାକୁ ଲାଗି ରହିଥିବା ଡେଥ୍ ଭ୍ୟାଲି ନ୍ୟାଶନାଲ୍ ପାର୍କରେ ରହିଛି ଏକ ଶୁଖିଲା ହ୍ରଦ। ଏହାକୁ କୁହାଯାଏ ରେସ୍‌ଟ୍ରାକ୍ ପ୍ଲାୟା। ଏଠାରେ ଛୋଟ ଛୋଟ ପଥରରୁ ଆରମ୍ଭ କରି ପ୍ରାୟ ୧୦୦ ପାଉଣ୍ଡରୁ ଅଧିକ ଓଜନ ବିଶିଷ୍ଟ ପଥର ହ୍ରଦର ଏକ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ଶହ ଶହ ମିଟର ଦୂର ଆପେ ଆପେ ଘୁଞ୍ଚି ଘୁଞ୍ଚି ଯାଉଥିବା ଦେଖିବାକୁ ମିଳେ। ତେବେ କେତେକ ବୈଜ୍ଞାନିକ ସେଠାରେ ଅଧିକ ପବନ ବହିବା ଫଳରେ ଏପରି ହେଉଛି ବୋଲି ଅନୁମାନ କରୁଥିବା ବେଳେ ଏହା ପଛର ପ୍ରକୃତ ତଥ୍ୟ ଏଯାଏଁ ଜଣାପଡ଼ିନାହିଁ। ଯଦିଓ ପଥର ଘୁଞ୍ଚୁଥିବା ବେଳେ କେହି ଏହାକୁ ଦେଖିନାହାନ୍ତି, ହେଲେ ଘୁଞ୍ଚିବା ଦ୍ୱାରା ମାଟିରେ ହେଉଥିବା ଦାଗରୁ ଏହା ଜଣାଯାଏ।

**ନାଚି ନାଚି ଚାଲିଗଲା ଅନେକଙ୍କ ଜୀବନ:** ନୃତ୍ୟ କରିବା ଦ୍ୱାରା ଶରୀରର ଭଲ ବ୍ୟାୟାମ ହୋଇଥାଏ ଏବଂ ଏହା ମଣିଷକୁ ଫିଟ୍ ରଖିବାରେ ସାହାଯ୍ୟ କରେ। ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ନାଚିବା ବି ଜୀବନ ନେଇପାରେ। ଯଦିଓ ବରଯାତ୍ରୀରେ ହେଉ କିମ୍ବା କୌଣସି କାର୍ଯ୍ୟକ୍ରମରେ ନାଚିବା ବେଳେ କେହି କେହି ହୃଦ୍‌ଘାତ ଯୋଗୁ ମୃତ୍ୟୁମୁଖରେ ପଡୁଥିବା ଭଳି ଘଟଣା ଏବେ ଦେଖିବାକୁ ମିଳୁଛି, କିନ୍ତୁ ୧୫୧୮ରେ ରୋମାନ ସହରରେ ଡାନ୍ସିଙ୍ଗ୍ ପ୍ଲେଗ୍ ନାମକ ଏକ ଅଜବ ରୋଗ ବ୍ୟାପିଥିଲା। ଏଠାରେ ହଠାତ୍ ୪୦୦ରୁ ଊର୍ଦ୍ଧ୍ୱ ଲୋକ ଏକ ସଙ୍ଗେ ନାଚିବାକୁ ଲାଗିଲେ ଏବଂ ଏହି ନାଚ ମାସ ମାସ ଧରି ବନ୍ଦ ହୋଇ ନ ଥିଲା। ଫଳରେ ଅନେକ ଲୋକ ଥକା ହେବା ଯୋଗୁ, ଆଉ କେତେଜଣ ହୃଦ୍‌ଘାତ ଏବଂ ସ୍ନାୟୁ ଫାଟିଯିବା ଯୋଗୁ ମୃତ୍ୟୁମୁଖରେ ପଡ଼ିଥିଲେ। ତେବେ ଆଜି ପର୍ଯ୍ୟନ୍ତ ବି ଏହି ରୋଗର କାରଣ ଜଣାପଡ଼ିନାହିଁ।



# ସୋସିଆଲ ମିଡିଆ ଆୟ ଉପରେ କୋହଲିଙ୍କ ସ୍ପଷ୍ଟୀକରଣ

ନୂଆଦିଲ୍ଲୀ,୧୨।୮(ପି.ଟି.)

ଭାରତୀୟ କ୍ରିକେଟର ସୁପରଷ୍ଟାର ବିରାଟ କୋହଲି ନିଜ ସୋସିଆଲ ମିଡିଆ ଆୟ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ବିରାଟ ବାର୍ଷିକ ୭ କୋଟି ଟଙ୍କା ପାଉଥିବା ବେଳେ ଗୋଟିଏ ଇନଷ୍ଟାଗ୍ରାମ ପୋଷ୍ଟରୁ ୧୧.୪ କୋଟି ଟଙ୍କା ଆୟ କରୁଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଶନିବାର ବିରାଟ ଏହି ଖବର କପୋଳ କଳ୍ପିତ ବୋଲି କହିବା ସହିତ ଏହାକୁ ଖାରଜ କରିଛନ୍ତି। ଫ୍ୟାନ୍ ମାନଙ୍କ ପକ୍ଷରୁ ମିଳୁଥିବା ଭଲପାଇବାକୁ ନେଇ ମୁଁ ଅତ୍ୟନ୍ତ ଆନନ୍ଦିତ ତେବେ ଇନଷ୍ଟାଗ୍ରାମରୁ ଯେଉଁ ପରିମାଣର ଅର୍ଥ ମିଳୁଥିବା ନେଇ ଖବର ପ୍ରସାରିତ ହେଉଛି ତାହା ସତ୍ୟ ନୁହେଁ ବୋଲି ଏକ ଟୁଇଟ୍ କରିଛନ୍ତି କୋହଲି। ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ପ୍ରତି ପୋଷ୍ଟ ପିଛା ୨୬ କୋଟି ଟଙ୍କା ନେଇ ପ୍ରଥମ ସ୍ଥାନରେ ରହିଥିବା ବେଳେ ଲିଓନେଲ ମେସି ୨୧ କୋଟି ଟଙ୍କା ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପ୍ରକାଶିତ ରିପୋର୍ଟରେ କୋହଲିଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କ ନାମ ମଧ୍ୟ ରହିଥିଲା। ଇନଷ୍ଟାଗ୍ରାମରେ କୋହଲିଙ୍କ ୨୫୬ ମିଲିୟନ ଫଲୋଅର ଥିବା ବେଳେ ସେ ୧୪ତମ ସ୍ଥାନରେ ରହିଛନ୍ତି। ଫଲୋଅର ସଂଖ୍ୟାରେ ପ୍ରିୟଙ୍କା ବିଶ୍ୱର ୨୯ତମ ସ୍ଥାନରେ ରହିଛନ୍ତି। ଏହା ପୂର୍ବରୁ ୨୦୧୯ ଓ ୨୦୨୧ରେ କୋହଲି ଇନଷ୍ଟାଗ୍ରାମର ଧନୀ ଖେଳାଳି ତାଲିକାରେ ରହିଥିଲେ।

# ମାଲେସିଆକୁ ହରାଇ ଭାରତ ଚାମ୍ପିୟନ

## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ଚେନ୍ନାଇ, ୧୨।୮

ଭାରତ ଚତୁର୍ଥଥରପାଇଁ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଭାରତୀୟ ଦଳ ୪-୩ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ଭାରତ ୨୦୧୧, ୨୦୧୬ ଓ ୨୦୧୮ରେ ପୂର୍ବରୁ ଚାମ୍ପିୟନ ହୋଇଥିଲା। ୪ର୍ଥ ଥରପାଇଁ ଚାମ୍ପିୟନ ହୋଇ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ହୋଇଯାଇଛି। ପାକିସ୍ତାନ ୩ ଥର ଚାମ୍ପିୟନ ହୋଇଥିବାରୁ ଭାରତ ସହ ଯୁଗ୍ମ ସଫଳ ଦଳର ମାନ୍ୟତା ପାଉଥିଲା।

ମ୍ୟାଚର ୯ମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଯୁଗରାଜ ସିଂ ଭାରତକୁ ଅଗ୍ରଣୀ କରିଥିଲେ। ମାତ୍ର ସେହି ପ୍ରଥମ କ୍ୱାର୍ଟରରେ ୧୪ତମ ମିନିଟରେ ଗୋଲ ପରିଶୋଧ କରି ଦେଇଥିଲେ ମାଲେସିଆର ଅଜରାଇ ଅବୁ କମଲ। ପ୍ରଥମ କ୍ୱାର୍ଟର ଶେଷରେ ଗେମ୍ ୧-୧ ସ୍ଥିତିରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଭାରତ ସୁଯୋଗ ହାତଛଡ଼ା କରିଥିବାବେଳେ ମାଲେସିଆ ୨ଟି ଗୋଲ ଦେଇ ଚାପ ସୃଷ୍ଟି କରିଥିଲା। ୧୮ତମ ମିନିଟରେ ରହିମ ରାଜେ ଓ ୨୮ତମ ମିନିଟରେ ମହମ୍ମଦ ଅମିନୁଦିନ ଗୋଲ ସ୍କୋର କରିଥିଲେ। ଉଭୟ ଗୋଲ ପେନାଲ୍ଟି କର୍ନରରୁ ଆସିଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ମାଲେସିଆ ୩-୧ ଗୋଲରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟରରେ କିନ୍ତୁ ଦମ୍ ଦେଖାଇଥିଲା ଭାରତ। ଗୋଲ କରିଶୋଧ ପାଇଁ ଖେଳାଳିମାନେ ଆପ୍ରାଣ ଉଦ୍ୟମ କରିଥିଲେ। ମାଲେସିଆ ଖେଳାଳିଙ୍କ ବିପଜ୍ଜନକ ଖେଳ ପ୍ରଦର୍ଶନ ପାଇଁ ଭାରତକୁ ୪୫ତମ ମିନିଟରେ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା। ଅଧିନାୟକ ହରମନପ୍ରୀତ ସିଂ ଏହାକୁ ଗୋଲରେ ପରିଣତ କରିଥିଲେ। ଏହାର ଅଳ୍ପ କିଛି ସେକେଣ୍ଡ ପରେ ଅର୍ଥାତ୍ ସେହି ୪୫ତମ ମିନିଟରେ ଗୁରଜାନ୍ତ ସିଂ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ରୋମାଞ୍ଚ ଖେଳାଇ ଦେଇଥିଲେ। ତୃତୀୟ କ୍ୱାର୍ଟର ଶେଷ ବେଳକୁ ମ୍ୟାଚ ୩-୩ ସ୍ଥିତିରେ ପହଞ୍ଚି ଯାଇଥିଲା। ୪ର୍ଥ କ୍ୱାର୍ଟରରେ ସ୍ୱାଭାବିକଭାବେ କଡ଼ା ଟକ୍କର ହୋଇଥିଲା। ୫୬ତମ ମିନିଟରେ ଆକାଶଦୀପ ସିଂ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ମୂଲ୍ୟବାନ ଅଗ୍ରଣୀ ଦେଇଥିଲେ। ୫୮ତମ ମିନିଟରେ ମାଲେସିଆର ଅଜୁଆନ ହାସନଙ୍କୁ ୟେଲୋ କାର୍ଡ ମିଳିଥିଲା। ଫଳରେ ମାଲେସିଆ ୧୦ ଦଳ ବିଶିଷ୍ଟ ହୋଇ ଯାଇଥିଲା।



ଗୋଲ୍ ସ୍କୋର ପରେ ଭାରତୀୟ ଖେଳାଳିମାନେ ଖୁସି ମନାଉଛନ୍ତି।

# ହେଟମେୟରଙ୍କ ଅର୍ଦ୍ଧଶତକ

ଫ୍ଲୋରିଡା,୧୨।୮

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଚତୁର୍ଥ ଟି୨୦ ମ୍ୟାଚ୍‌ରେ ଅର୍ଶଦୀପ ସିଂଙ୍କ ଘାତକ ବୋଲିଂ ସତ୍ତ୍ୱେ ୱେଷ୍ଟଇଣ୍ଡିଜର ସମ୍ମାନ ଜନକ ସ୍କୋର। ଅର୍ଶଦୀପ ୩ ଉଇକେଟ ନେବାରୁ ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୭୮ ରନ୍ ସଂଗ୍ରହ କରିଥିଲା। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଶିମରନ୍ ହେଟମେୟର ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ୱେଷ୍ଟଇଣ୍ଡିଜ୍। ୭ ବଲ୍‌ରୁ ୧୭ ରନ୍ କରି କାଇଲ ମେୟର୍ସ ଦ୍ୱିତୀୟ ଓଭରରେ ପ୍ୟାଭିଲିୟନ୍ ଫେରିଥିଲେ। ଅନ୍ୟତମ ଓପନର ବ୍ରାଣ୍ଡନ କିଙ୍ଗ ମଧ୍ୟ ୧୮ ରନ୍ ସ୍କୋର କରିଥିଲେ। ଉଭୟ ଓପନରଙ୍କୁ ଆଉଟ କରିଥିଲେ ଅର୍ଶଦୀପ ସିଂ। ଶାଇ ହୋପ୍ ୪୫ ରନ୍ ସହିତ ଗୋଟିଏ ପାର୍ଶ୍ୱରୁ ଦୃଢ଼ ବ୍ୟାଟିଂ କରିଥିବା ବେଳେ ନିକୋଲାସ୍ ପୁରନ୍ ଓ ରୋଭମାନ୍ ପାୱେଲ ୧ ରନ୍ ଲେଖାଏ କରି ଆଉଟ ହୋଇଥିଲେ। ସପ୍ତମ ଓଭର ବୋଲିଂ କରୁଥିବା ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବ ୩ ବଲ୍ ବ୍ୟବଧାନରେ ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ। ୫୭ ରନ୍‌ରେ ଦଳ ୪ ଉଇକେଟ ହରାଇ ସଙ୍କଟରେ ଥିବାବେଳେ ହୋପ୍ ଓ ହେଟମେୟର ଇନିଂସ ସମ୍ଭାଳିଥିଲେ। ଉଭୟ ୪୯ ରନ୍ ଯୋଡ଼ିବା ପରେ ହୋପ୍ ୨୯ ବଲ୍‌ରୁ ୪୫ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଏହି ଇନିଂସରେ ୩ ଚୌକା ଓ ୨ ଛକା ସାମିଲ ଥିଲା। ପରବର୍ତ୍ତୀ ଦୁଇ ବ୍ୟାଟର ରୋମାରିଓ ଶେଫର୍ଡ ୯ ରନ୍ ଓ ଜାସନ୍ ହୋଲ୍ଡର ୩ ରନ୍ କରି ବିଫଳ ହୋଇଥିବା ବେଳେ ହେଟମେୟର ଟି୨୦ରେ ପଞ୍ଚମ ଅର୍ଦ୍ଧଶତକ ହାସଲ କରିଥିଲେ। ୩୯ ବଲ୍ ଖେଳି ୩ ଚୌକା ଓ ୪ ଛକା ସହ ସେ ୬୧ ରନ୍ ସ୍କୋର କରିଥିଲେ। ଶେଷଆଡ଼କୁ ଓଡ଼ିନ୍ ସ୍ମିଥ୍ ୧୫ ରନ୍ କରିବାରୁ ୱେଷ୍ଟଇଣ୍ଡିଜ୍ ୧୭୮ ରନ୍‌ରେ ପହଞ୍ଚିଥିଲା। ଭାରତ ପକ୍ଷରୁ ଅର୍ଶଦୀପ ସିଂ ୩, କୁଲଦୀପ ଯାଦବ ୨ ଉଇକେଟ ନେଇଥିବା ବେଳେ ଅକ୍ଷର ପଟେଲ, ମୁକେଶ କୁମାର ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୭୮/୮ (ଶିମରନ୍ ହେଟମେୟର-୬୧, ଶାଇ ହୋପ-୪୫, ବ୍ରାଣ୍ଡନ୍ କିଙ୍ଗ-୧୮, ଅର୍ଶଦୀପ ସିଂ-୩/୩୮, କୁଲଦୀପ ଯାଦବ-୨/୨୬, ମୁକେଶ କୁମାର-୧/୨୫)।

# ବାଂଲାଦେଶ ଟିମ୍‌ରେ ଓପନର ତାନ୍‌ଜିଦ୍

## ଏସିଆ କପ୍ କ୍ରିକେଟ

ଢକା, ୧୨।୮ (ଏପି)

ଏସିଆ କପ୍ ପାଇଁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ୧୭ ଜଣିଆ ଦଳ ଘୋଷଣା କରିଛି। ଓପନର ତାନ୍‌ଜିଦ୍ ହସନ ପ୍ରଥମ ଥର ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ପିଠିରେ ଇଞ୍ଜୁରି ଯୋଗୁ ତମିମ ଇକବାଲ ଏସିଆ କପ୍‌ରୁ ଓହରିଯିବା ପରେ ଖାଲିପଡ଼ିଥିବା ଓପନିଂ ସ୍ଥାନ ପାଇଁ ମହମ୍ମଦ ନଇମଙ୍କ ସହ ତାଙ୍କ ନାମ ବିଚାରକୁ ନିଆଯିବ। ଗତ ଦୁଇ ବର୍ଷ ହେଲା ତାନଜିଦ୍‌ଙ୍କ ପ୍ରଦର୍ଶନ ଭଲ ରହିଛି। ନିକଟରେ ଅନୁଷ୍ଠିତ ଏମର୍ଜିଂ ଏସିଆ କପ୍‌ରେ ତାଙ୍କ ପ୍ରଦର୍ଶନ ପ୍ରଭାବୀ ଥିଲା। ସେ ଜଣେ ଆଟାକିଂ ଓପନର। ସେ ଦ୍ରୁତ ହାରରେ ରନ ସଂଗ୍ରହ କରିପାରନ୍ତି। ତାଙ୍କଠାରୁ ଆମେ ବଡ଼ ଆଶା ରଖିଛୁ ବୋଲି ବିସିବି ମୁଖ୍ୟ ଚୟନକର୍ତ୍ତା ମିନ୍‌ହାଜୁଏ ଆବେଦିନ ପ୍ରକାଶ କରିଛନ୍ତି। ଏସିଆ କପ୍ ଅଗଷ୍ଟ ୩୦ରୁ ଆରମ୍ଭ ହେବ। ବାଂଲାଦେଶ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି।

# ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଉଦ୍‌ଘାଟିତ



ବାଳିକା ବିଭାଗ ମ୍ୟାଚରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ମୁକାବିଲା।

ଭୁବନେଶ୍ୱର,୧୨।୮(ସରୋଜ ଜେନା)

ଆନ୍ତଃରାଜ୍ୟ ଆନ୍ତଃସ୍କୁଲ ଓ ୨୮ ତମ ୱାଇଜିଜିଟିଏ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ୍ ଚାମ୍ପିୟନଶିପ୍ ୨୦୨୩ କଟକ ସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ୍ ସଂଘର ସଭାପତି ସଞ୍ଜୟ ସିଂ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୬୯ ସ୍କୁଲର ୨୨୬ ଛାତ୍ରୀ ଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଆନ୍ତଃସ୍କୁଲ ଟୁର୍ନାମେଣ୍ଟ ୧୨ ଓ ୧୩ ତାରିଖ ହେବାକୁ ଥିବା ବେଳେ ୱାଇଜିଜିଟିଏ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ୍ ଚାମ୍ପିୟନଶିପ ଅନ୍ତିମ ଦୁଇ ଦିନରେ ଅନୁଷ୍ଠିତ ହେବ।

ପ୍ରଥମ ଦିନରେ ଜୁନିୟର ଓ ସିନିୟର ବର୍ଗରେ ଉଭୟ ବାଳକ ଓ ବାଳିକା ଦଳଙ୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜୁନିୟର ବାଳିକା ଟିମ୍ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ କଟକର ସେଣ୍ଟ ଯୋଶେଫ୍ ହାଇସ୍କୁଲ ୩-୦ରେ ସନତ ନଳିନୀ ଗାର୍ଲ୍ସ ହାଇସ୍କୁଲକୁ ପରାସ୍ତ କରିଥିଲା। ଭୁବନେଶ୍ୱରର କିସ୍ ସ୍କୁଲ ୩-୧ରେ କଟକ ଡିଏଭିକୁ ପରାସ୍ତ କରିଥିଲା। କଟକର ଷ୍ଟିୱାର୍ଟ ସ୍କୁଲ ୩-୦ରେ ପୁରୀ ଜିଲା ସ୍କୁଲକୁ ପରାସ୍ତ କରିଛି।

ସିନିୟର ବାଳିକା ବର୍ଗର ରାଉଣ୍ଡ ରବିନ୍ ଇଭେଣ୍ଟରେ ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୩-୦ରେ କିସ୍ ଭୁବନେଶ୍ୱରକୁ ପରାସ୍ତ କରିଛି। ମଡେଲ୍ ପବ୍ଲିକ୍ ସ୍କୁଲ ୩-୦ରେ ବକ୍‌ଲେ ଗାର୍ଲସ ହାଇସ୍କୁଲକୁ ପରାସ୍ତ କରିଛି। ଏମ୍‌ବିଏସ୍ ପବ୍ଲିକ୍ ସ୍କୁଲ ୩-୦ରେ କିସ୍‌କୁ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୩-୦ରେ ମଡେଲ ପବ୍ଲିକ୍ ସ୍କୁଲ, ଏମ୍‌ବିଏସ୍ ପବ୍ଲିକ୍ ସ୍କୁଲ ୩-୨ରେ ବକ୍‌ଲେ ଗାର୍ଲ୍ସ ହାଇସ୍କୁଲକୁ ପରାସ୍ତ କରିଥିଲା।

ଜୁନିୟର ବାଳକ ବର୍ଗର କ୍ୱାର୍ଟର ଫାଇନାଲରେ ଡିପିଏସ୍ କଳିଙ୍ଗ ୩-୦ରେ କେଭି-୧କୁ, ଭୁବନେଶ୍ୱର ସରକାରୀ ହାଇସ୍କୁଲ ୩-୧ରେ ପ୍ୟାରେ ମୋହନ ଏକାଡେମୀ ସ୍କୁଲକୁ, କିସ୍ ୩-୦ରେ କେମ୍ବ୍ରିଜ୍‌କୁ ଏବଂ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ୩-୦ରେ ସେଣ୍ଟ ଜାଭିୟର୍ସ ସ୍କୁଲକୁ ପରାସ୍ତ କରି ସେମି ଫାଇନାଲରେ ପହଞ୍ଚିଛି। ସିନିୟର ବାଳକ ବର୍ଗର କ୍ୱାର୍ଟର ଫାଇନାଲରେ କେଭି-୧ ୩-୦ରେ ବେଦିକ୍ ଇଣ୍ଟର ନ୍ୟାଶନାଲ ସ୍କୁଲକୁ, ଡିଏଭି ପୋଖରୀପୁଟ ୩-୦ରେ କିସ୍, କ୍ରିଷ୍ଟ ହାୟର ସେକେଣ୍ଡାରୀ ସ୍କୁଲ ୩-୦ରେ ଲୟୋଲା ସ୍କୁଲ ଓ ଡିଏଭି କଟକ ୩-୧ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ପରାସ୍ତ କରିଛି। ଉଭୟ ଆନ୍ତଃସ୍କୁଲ ଏବଂ ୱାଇଜିଜିଟିଏ ର୍‍ୟାଙ୍କିଙ୍ଗକୁ ମିଶାଇ ୪୦୦ରୁ ଅଧିକ ଛାତ୍ରୀଛାତ୍ର ଏହି ଟୁର୍ନାମେଣ୍ଟରେ ଭାଗ ନେବେ। ଅନ୍ୟ ଅତିଥିଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ପରିଡା, ଚିତ୍ତ ରଞ୍ଜନ ମହାନ୍ତି, ନିହାର ରଞ୍ଜନ ମିଶ୍ର, ଜୟଦିଥ୍ ଦେବତା ଏବଂ କ୍ରିଷ୍ଣ କାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏକମାତ୍ର ଅଫିସିଆଲ ଭାବରେ ହାଙ୍ଗଝୌ ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରୁଥିବା ଟିଟି ଅମ୍ପାୟାର କ୍ରିଶନ୍ କୁମାରଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

## ଏସିଆନ ଗେମ୍ସ ମହିଳା ହକି

# ସମ୍ଭାବ୍ୟ ଭାରତୀୟ ଦଳରେ ଓଡ଼ିଶାର ୫

ବେଙ୍ଗାଲୁରୁ, ୧୨।୮

ହାଙ୍ଗଝୋଉରେ ସେପ୍ଟେମ୍ବର ୨୩ରୁ ଆରମ୍ଭ ହେବାକୁ ଯାଉଥିବା ଏସିଆନ ଗେମ୍ସ ପାଇଁ ଶନିବାର ୩୪ ଜଣିଆ ସମ୍ଭାବ୍ୟ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୫ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଦୀପ୍ ଗ୍ରେସ୍ ଏକ୍କା, ଜ୍ୟୋତି ଛତ୍ରୀ, ମିଡ୍‌ଫିଲ୍ଡର ମାରିଆନା କୁଜୁର, ଆଜମିନା କୁଜୁର ଓ ଫରୱାର୍ଡ ସୁନେଲିତା ଟପ୍ପୋ। ତେବେ ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନ ହାସଲ କରିଥିବା ଭାରତୀୟ ଦଳର ଅଧିନାୟିକା ରାଣୀ ରାମପାଲ ଏସିଆନ ଗେମ୍ସ ପାଇଁ ସମ୍ଭାବ୍ୟ ଦଳରେ ସ୍ଥାନ ପାଇ ନାହାନ୍ତି। ହକି ଇଣ୍ଡିଆ ପକ୍ଷରୁ ରାଣୀଙ୍କୁ ନିକଟରେ ୧୭ ବର୍ଷରୁ କମ୍ ଭାରତୀୟ ମହିଳା ହକି ଦଳର କୋଚ୍ ନିଯୁକ୍ତ କରାଯାଇଛି।

## ସମ୍ଭାବ୍ୟ ଦଳ

**ଗୋଲକିପର୍ସ:** ସବିତା, ରଜନୀ ଇଟିମାରପୁ, ବିଚୁ ଦେବୀ ଖାରିବାମ୍, ବନସାରି ସୋଲାଙ୍କି।
**ଡିଫେଣ୍ଡର୍ସ:** ଦୀପ୍ ଗ୍ରେସ୍ ଏକ୍କା, ଗୁଜରଜିତ କୌର, ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ, ଅକ୍ଷତା ଆବାସୋ ଧେକାଲେ, ଜ୍ୟୋତି ଛତ୍ରୀ, ମହିମା ଚୌଧାରୀ।
**ମିଡ୍‌ଫିଲ୍ଡର୍ସ:** ନିଶା, ସଲିମା ଟେଟେ, ସୁଶୀଳା ଚାନୁ ପୁଖରାମବାମ, ଜ୍ୟୋତି, ନବଜୋତ କୌର, ମୋନିକା, ମାରିଆନା କୁଜୁର, ସୋନିକା, ନେହା, ବଲଜିତ କୌର, ରୀନା ଖୋଖର, ବୈଷ୍ଣବୀ ଭିଥାଲ ଫାଲକେ, ଆଜମିନା କୁଜୁର।
**ଫରୱାର୍ଡ୍ସ:** ଲାଲରେମସିଆମି, ନବନୀତ କୌର, ବନ୍ଦନା କାଟରିୟା, ଶର୍ମିଳା ଦେବୀ, ଦୀପିକା, ସଙ୍ଗୀତା କୁମାରୀ, ମୁମତାଜ ଖାଁ, ସୁନେଲିତା ଟପ୍ପୋ, ବିୟୁଟି ଡୁଙ୍ଗଡୁଙ୍ଗ।

# ମୋହନବାଗାନକୁ ହରାଇଲା ଇଷ୍ଟବେଙ୍ଗଲ

କୋଲକାତା, ୧୨।୮ (ପି.ଟି.)

ଡୁରାଣ୍ଡକପ୍ ଫୁଟ୍‌ବଲର ଗ୍ରୁପ୍ 'ଏ'ର ଏକ ମ୍ୟାଚରେ ଇଷ୍ଟ ବେଙ୍ଗଲ ୧-୦ ଗୋଲ୍‌ରେ ମୋହନବାଗାନକୁ ପରାସ୍ତ କରିଛି। ଦଳ ପକ୍ଷରୁ ବିଜୟ ସୂଚକ ଗୋଲ୍ ଖେଳର ୬୦ତମ ମିନିଟ୍‌ରେ ନନ୍ଦକୁମାର ସେକର ସ୍କୋର କରିଥିଲେ। ଦୀର୍ଘ ୧୬୫୮ ଦିନ ପରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମୋହନାବାଗାନ ବିପକ୍ଷରେ ଇଷ୍ଟବେଙ୍ଗଲର ଏହା ପ୍ରଥମ ବିଜୟ। ଏହି ପରାଜୟ ଦ୍ୱାରା ମୋହନବାଗାନ ଦଳର କ୍ୱାର୍ଟରଫାଇନାଲରେ ପ୍ରବେଶ ରାସ୍ତା ଆଉ ସହଜ ନାହିଁ।

କୋଷ୍ଠକାଠିନ୍ୟର ସମାଧାନ
9119788888




# ରାଜ୍ୟସ୍ତରୀୟ ସିନିୟର ପୁରୁଷ ହ୍ୟାଣ୍ଡବଲ ଆରମ୍ଭ



ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ।

କେନ୍ଦୁଝର, ୧୨।୮
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ ୩୬ ତମ ରାଜ୍ୟସ୍ତରୀୟ ସିନିୟର ପୁରୁଷ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହୋଇଛି। ୨ ଦିନିଆ ଟୁର୍ନାମେଣ୍ଟରେ ରାଜ୍ୟର ୧୯ଟି ଜିଲ୍ଲା ଭାଗ ନେଉଛନ୍ତି। ପ୍ରତ୍ୟେକ ଦଳରେ ୧୬ ଜଣ ଖେଳାଳି ଓ ୨ ଜଣ ଟିମ ଅଫିସିଆଲ ଅଛନ୍ତି। ଏହି ଦଳ ମାନଙ୍କୁ ୪ଟି ଗ୍ରୁପରେ ଭାଗ କରି ଲିଗ ମ୍ୟାଚ ଖେଳାଯିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଟିମ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ରବିବାର ସଂଧ୍ୟାରେ ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସମାରୋହରେ କେନ୍ଦୁଝରଗଡ଼ ମ୍ୟୁନିସିପାଲଟି ଚେୟାରମ୍ୟାନ ନିକୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ ଓ ସମ୍ପାଦକ ମାନସ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିନର ମ୍ୟାଚରେ ଯାଜପୁର ୨୪ -୬ ଗୋଲରେ ଭୁବନେଶରକୁ, କେନ୍ଦୁଝର ୨୦ - ୭ ବ୍ୟବଧାନରେ ନୁଆପଡ଼ାକୁ, ଗଞ୍ଜାମ ୧୫-୩ରେ ଢେଙ୍କାନାଳକୁ, କେନ୍ଦ୍ରାପଡ଼ା ୨୨ - ୩ ଗୋଲରେ ରାୟଗଡ଼ାକୁ ପରାସ୍ତ କରିଛି। ଅନ୍ୟ ପକ୍ଷରେ ଦେବଗଡ଼ ଓ ପାରାଦୀପ ମ୍ୟାଚଟି ୧୨ - ୧୨ରେ ଅମୀମାଂସିତ ରହିଛି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ